


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR

♦VOLUME- 42 ♦ISSUE-343 ♦BHUBANESWAR ♦WEDNESDAY ♦11 JUNE 2025 ♦PAGE-12 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୩୪୩ ♦ଭୁବନେଶ୍ୱର ♦ବୁଧବାର ♦୧୧ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

## ଜନଜାଗରଣ ଅଭିଯାନରେ ବର୍ଷିଲେ ନବୀନ

# ଲମ୍ବାଲମ୍ବା ଭାଷଣ, ବଡ଼ବଡ଼ ବିଜ୍ଞାପନରେ ବିକାଶ ହୁଏନି



- ଲୋକଙ୍କ ସରକାରରେ ଲୋକେ ବେଶି ହଇରାଣ
- ବିନା ଟଙ୍କାରେ ମିଳୁନାହିଁ ଡାକ୍ତରଖାନାରେ ଚିକିତ୍ସା
- ଭାଙ୍ଗି ଯାଇଛି ମିଶନ ଶକ୍ତି ମା'ଙ୍କ ଆତ୍ମବିଶ୍ୱାସ
- ମିଲରଙ୍କ ଦୟା ଉପରେ ଚାଷୀ ନିର୍ଭର କରୁଛି
- ରେକର୍ଡ ପରିମାଣ ଋଣରେ ଚାଲିଛି ସରକାର

■ **ଭୁବନେଶ୍ୱର, ୧୦।୬ (ସମିସ):** ଲମ୍ବାଲମ୍ବା ଭାଷଣ ଓ ବଡ଼ବଡ଼ ବିଜ୍ଞାପନରେ ରାଜ୍ୟର ବିକାଶ ହୁଏ ନାହିଁ। ରାଜ୍ୟ ବିଜେପି ସରକାର ନିଜକୁ ଲୋକଙ୍କ ସରକାର କହୁଛି; ମାତ୍ର ସମାଜର ପ୍ରତିଟି ବର୍ଗର ଲୋକେ ଏହି ସରକାରରେ ହଇରାଣ ହେଉଛନ୍ତି। ରାଜ୍ୟରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ଭୁଷୁଡ଼ି ପଡ଼ିଛି, ମିଶନ ଶକ୍ତି ମାମାନଙ୍କର ଆତ୍ମବିଶ୍ୱାସ ଭାଙ୍ଗି ଯାଇଛି, ରାଜ୍ୟର ଚାଷୀ ମିଲରଙ୍କ ଦୟା ଉପରେ ନିର୍ଭର କରୁଛି ଓ ବିକାଶ ମୂଳକ କାର୍ଯ୍ୟକ୍ରମ ଏକପ୍ରକାର ଠପ୍ ହୋଇପଡ଼ିଛି। ରାଜ୍ୟ ସରକାର ଏବେ ରେକର୍ଡ ପରିମାଣର ଋଣରେ କରି ଚାଲିଛନ୍ତି। ସରକାର କେବଳ ଘୋଷଣା ଓ ପ୍ରତିଶ୍ରୁତିରେ ସୀମିତ ରହିଛି ବୋଲି ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ମଙ୍ଗଳବାର ▶ପୃଷ୍ଠା-୭

## ଆଜି ଦେବସ୍ନାନ ପୂର୍ଣ୍ଣିମା

# ପ୍ରତ୍ୟକ୍ଷ ସ୍ନାନ କରିବେ ଦାରୁଦିଅଁ

■ **ପୁରୀ, ୧୦।୬ (ସମିସ):** ବୁଧବାର ଦେବସ୍ନାନ ପୂର୍ଣ୍ଣିମା। ଏହି ପବିତ୍ର ତିଥିରେ ରତ୍ନବେଦୀରୁ ସ୍ନାନମଣ୍ଡପକୁ ଓହ୍ଲାଇ ଆସିବେ ବିଶ୍ୱନିୟନ୍ତା। ପ୍ରତିଦିନ ବିମ୍ବ (ଦର୍ପଣ) ସ୍ନାନ କରୁଥିବା ଦାରୁଦିଅଁ ଭକ୍ତଙ୍କ ସମ୍ମୁଖରେ କରିବେ ପ୍ରତ୍ୟକ୍ଷ ସ୍ନାନ। ପୁଣି ହାତୀବେଶରେ ସଜେଇ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ଏଥିପାଇଁ ସ୍ନାନବେଦୀ ପ୍ରସ୍ତୁତ ଥିବାବେଳେ ସେହି ଦିବ୍ୟ ମୁହୂର୍ତ୍ତକୁ ଅପେକ୍ଷା କରିଛନ୍ତି ଲକ୍ଷ ଲକ୍ଷ ଭକ୍ତ। ଆଉ ସ୍ନାନଯାତ୍ରା ପାଇଁ ଚଳଚଞ୍ଚଳ ହୋଇପଡ଼ିଛି ଶ୍ରୀକ୍ଷେତ୍ର ପୁରୀ।

ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ମଙ୍ଗଳବାର ସେନାପଟା ଲାଗି ଶେଷ ହୋଇଛି। ରତ୍ନସିଂହାସନରେ ଚାରବାଡ଼ ବନ୍ଧା ସରିଥିବାବେଳେ ଭୋର୍ ୫ଟାରୁ ସକାଳ ୭ଟା ମଧ୍ୟରେ ପହଣ୍ଡି ଲାଗି ନୀତି ନିର୍ଘଣ୍ଟ ହୋଇଛି। ପ୍ରଥମେ ଶ୍ରୀସୁଦର୍ଶନ ପରେ ବଡ଼ଠାକୁର ▶ପୃଷ୍ଠା-୭

# ଜିଡିପିରେ ଆଗୁଆ, ଆୟରେ ପଛୁଆ

## ଅର୍ଥବ୍ୟବସ୍ଥାକୁ ନେଇ ଡବ୍ଲ୍ୟୁଇଏଫ୍‌ର ପୂର୍ବତନ ମହାନିର୍ଦ୍ଦେଶକଙ୍କ ଚେତାବନୀ

■ **ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି):** ଭାରତ ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି ପାଲଟିଛି। ଜାପାନକୁ ପଛରେ ପକାଇ ଭାରତ ଏହି କୃତିତ୍ୱ ହାସଲ କରିଛି। ଏହି ସଫଳତାକୁ ନେଇ କେନ୍ଦ୍ର ସରକାର ଆତ୍ମତୃପ୍ତି ଲାଭ କରୁଛନ୍ତି। ଏହି ସମୟରେ ଅର୍ଥନୀତିଜ୍ଞମାନେ ଭାରତକୁ ସତର୍କ କରାଇବା ସହ ଆତ୍ମସନ୍ତୋଷରେ ହର୍ଷୋତ୍‌ଫୁଲ୍ଲ ନ ହେବାକୁ ପରାମର୍ଶ ଦେଇଛନ୍ତି। ବିଶ୍ୱ ଅର୍ଥନୈତିକ ଫୋରମ୍‌ର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ କ୍ଲାଉଡ଼େ ସମଦ୍‌ଜା କହିଛନ୍ତି ଯେ ଭାରତ ଅର୍ଥନୀତିରେ ଜାପାନଠୁ ସାମାନ୍ୟ ଆଗରେ ରହିଛି। ଭାରତର ମୋଟ ଘରୋଇ ଉତ୍ପାଦ

**ଆତ୍ମସନ୍ତୋଷ ଲାଭ କଲେ ଭାରତକୁ ବହୁମୂଲ୍ୟ ଦେବାକୁ ପଡ଼ିବ**

(ଜିଡିପି) ୪୧୮୭ ବିଲିୟନ ଡଲାର ଥିବାବେଳେ ଜାପାନର ଜିଡିପି ୪୧୮୬ ବିଲିୟନ ଡଲାର ରହିଛି; କିନ୍ତୁ ମୁଣ୍ଡପିଛା ଆୟରେ ଭାରତ ଜାପାନଠୁ ବହୁତ ପଛରେ। ଭାରତର ଆର୍ଥିକ ▶ପୃଷ୍ଠା-୭

# ମୋହନଙ୍କ ବର୍ଷେ; ଆହ୍ୱାନ ଅନେକ



■ **ଭୁବନେଶ୍ୱର, ୧୦।୬ (ସମିସ):** ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ବିଜେପି ସରକାର ଆସନ୍ତାକାଲି ୧ ବର୍ଷ ପୂରଣ କରିବ। ଘଟଣାବହୁଳ ଏହି ପ୍ରଥମ ବର୍ଷରେ ସରକାରଙ୍କ ପ୍ରଦର୍ଶନ, ଶାସନକୁ ନେଇ ବିରୋଧୀଙ୍କ କଡ଼ା ସମାଲୋଚନା ମଧ୍ୟରେ ରାଜ୍ୟର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ମୋହନଙ୍କ କାର୍ଯ୍ୟଶୈଳି ଓ ଦକ୍ଷତାକୁ ମଧ୍ୟ ରାଜ୍ୟବାସୀ ତଉଲୁଛନ୍ତି।

ଏହି ଏକ ବର୍ଷର ଶାସନଯାତ୍ରାରେ ନିର୍ବାଚନୀ ଇସ୍ତାହାର ଓ ସଂକଳ୍ପପତ୍ରକୁ ଯୋଜନାରେ ରୂପାୟଣ ନେଇ ରାଜ୍ୟ ସରକାରଙ୍କ କାର୍ଯ୍ୟ ପ୍ରଶଂସା ଓ ସମାଲୋଚନାର ଶରବ୍ୟ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିକାଶ, ସୁଶାସନକୁ ନେଇ ରାଜ୍ୟବାସୀଙ୍କ ଆଗରେ ଯେଉଁ ମଡେଲ ଉପସ୍ଥାପନ କରିଛନ୍ତି, ତାହାକୁ ଏବର ପିଢ଼ି ମୋହନଙ୍କ କାର୍ଯ୍ୟଶୈଳୀ ସହ ତଉଲିବେ ନିଶ୍ଚୟ।

ସରସ୍ୱତୀ ଶିଶୁ ମନ୍ଦିରରୁ ଅକସ୍ମାତ ରାଜନୀତିରେ ପ୍ରବେଶ। ତୃଣମୂଳ ରାଜନୀତିରେ ପ୍ରଥମେ ସରପଞ୍ଚ ଏବଂ ପରେ ୪ ଥରର ବିଧାୟକ। ଏହାପରେ ରାଜ୍ୟରେ ବିଜେପିର ପ୍ରଥମ ଥର ସରକାରରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ। ମୋହନଙ୍କର ଏହି ରାଜନୈତିକ ଯାତ୍ରା ଯେତିକି ଘଟଣାବହୁଳ, ସେତିକି ଆହ୍ୱାନପୂର୍ଣ୍ଣ କହିଲେ ▶ପୃଷ୍ଠା-୭

# ବୋଲେରୋ ଧକ୍କାରେ ବାପ-ଝିଅ ସମେତ ୩ ମୃତ

■ **ବ୍ରହ୍ମପୁର, ୧୦।୬ (ସମିସ):** ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ ଜିଲ୍ଲା ଅନ୍ତର୍ଗତ କୋଟାବୋମାଲି ମଣ୍ଡଳ ଅଞ୍ଚଳରେ ସୋମବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଓଡ଼ିଶାର ତିନିଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏହି ମଣ୍ଡଳ ଅନ୍ତର୍ଗତ କୋଟାବୋମାଲି-ଶ୍ରୀକାକୁଲମ ଜାତୀୟ ରାଜପଥ ଉଡ୍ଡାଲାପାଡୁରେ ହୋଇଥିବା ଏହି ଦୁର୍ଘଟଣାରେ କେ.ନୂଆଗାଁ ଥାନା ଅନ୍ତର୍ଗତ ମୈସାନପୁରର ବାପ-ଝିଅ ଏବଂ କୋଲଥିଆର ଜଣେ ଏହିପରି ତିନି ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ମୈସାନପୁର ଗ୍ରାମର ସୁଶାନ୍ତ ସାବତ (୫୨), ତାଙ୍କ ଝିଅ ସନ୍ତୋଷୀ (୩) ଓ କୋଲଥିଆ ଗ୍ରାମର ଗୋକୁଳ ପଣ୍ଡା (୩୩) ବୋଲି ଚିହ୍ନଟ କରାଯାଇଛି। ଦୁଇ ପରିବାର ମାନସିକ ପୂରଣ ପାଇଁ ଆନ୍ଧ୍ରର ସୀମାଞ୍ଚଳମ ଯାଉଥିଲେ। ଉଡ୍ଡାଲାପାଡୁ ମୁଖ୍ୟ ରାସ୍ତାରେ ଗାଡ଼ି ରଖି ପରିସ୍ରା ପାଇଁ ଏହି ୩ଜଣ ଓହ୍ଲାଇବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ପିକ୍‌ଅପ୍ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଆହତ ହୋଇଥିବା ତିନି ଜଣଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣାପଡ଼ିଛି। ଶ୍ରୀକାକୁଲମ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରି ଶବ ବ୍ୟବଚ୍ଛେଦ ପରେ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଚଳାଇଛି। ଖବର ଲେଖା ହେବା ସୁଦ୍ଧା ମୃତଦେହ ଗାଁକୁ ଆସିନଥିବା ଜଣାପଡ଼ିଛି।

# 'ସେକ୍ସ କ୍ୱିନ୍' ଶ୍ୱେତାଙ୍କ ସହ ଓଡ଼ିଆ ବ୍ୟବସାୟୀଙ୍କ ସମ୍ପର୍କ

## ପୁରୀରେ ଅଶ୍ଳୀଳ ଭିଡ଼ିଓ ସୁଟିଂ ପାଇଁ ଯୋଗାଇଛନ୍ତି ସହାୟତା

■ **ଭୁବନେଶ୍ୱର ୧୦।୬, (ସମିସ):** 'ସେକ୍ସ କ୍ୱିନ୍' ଭାବରେ ପରିଚିତ କୋଲକାତାର ଶ୍ୱେତା ଖାତୁନ ଓରଫ୍ ଶ୍ୱେତା ଖାନ ଓରଫ୍ ମୋହସିନା ବେଗମ୍ ଓରଫ ଫୁଲତୁସୀଙ୍କ ସହ ଜଣେ ବିଶିଷ୍ଟ ଓଡ଼ିଆ ବ୍ୟବସାୟୀଙ୍କ ସମ୍ପର୍କ ଚର୍ଚ୍ଚା ପଶ୍ଚିମବଙ୍ଗରେ ହଲଚଲ ସୃଷ୍ଟି କରିଛି । ଶ୍ୱେତା ଖାନ୍‌ଙ୍କ ପୂର୍ବତନ ସ୍ୱାମୀ ଓ ଅନ୍ୟ କିଛି ବ୍ୟକ୍ତିଙ୍କ ଅଭିଯୋଗକ୍ରମେ ପଶ୍ଚିମବଙ୍ଗ ପୁଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରିଛି। ପଶ୍ଚିମବଙ୍ଗରେ କ୍ଷମତାସୀନ ତୃଣମୂଳ କଂଗ୍ରେସର କିଛି ନେତାଙ୍କ ସହ ସମ୍ପର୍କ ଦୃଷ୍ଟିରୁ ଶ୍ୱେତା ଓ ତାଙ୍କ ପୁଅ ଆର୍ଯ୍ୟନ୍ ଖାନ୍‌ଙ୍କୁ ଗିରଫ କରାଯାଉ ନାହିଁ ବୋଲି ମଧ୍ୟ ଅଭିଯୋଗ ହୋଇଛି।

ଶ୍ୱେତା ଓ ତାଙ୍କ ପୁଅ ଜଣେ ଯୁବତୀଙ୍କୁ ଚାକିରି ଦେବା ନାମରେ ଦୀର୍ଘଦିନ ଧରି ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏପରିକି ଅଶ୍ଳୀଳ ଭିଡ଼ିଓରେ ଅଭିନୟ କରିବା ପାଇଁ ଅରାଜି ହେବାରୁ ସମ୍ପୃକ୍ତ ଯୁବତୀଙ୍କୁ ଅକଥନୀୟ ନିର୍ଯାତନା ଦିଆଯାଇଥିବା ପୀଡ଼ିତାଙ୍କ ପରିବାର ଶ୍ୱେତା ଓ ତାଙ୍କ ପୁଅ ବିରୋଧରେ ଶୁକ୍ରବାର ମାମଲା ରୁଜୁ କରିଛନ୍ତି। ଏହାପରେ ଉଭୟ ମା' ଓ ପୁଅଙ୍କର ପତ୍ତା ମିଳୁନାହିଁ। ଆଜି ବାଙ୍କୁରାରେ ଶ୍ୱେତାଙ୍କ ଫ୍ଲାଟ ପଛପଟରୁ କିଛି କଟା କେଶ ପୁଲିସ ଉଦ୍ଧାର କରିଛି ଓ ଏହି କେଶଗୁଡ଼ିକ ପୀଡ଼ିତାଙ୍କର ବୋଲି ତାଙ୍କ ପରିବାର ଦାବି କରିଛନ୍ତି ।

ବିଜ୍ଞାପନ ଏଜେନ୍ସି ଉହାଡ଼ରେ ଶ୍ୱେତା ଅଶ୍ଳୀଳ ଭିଡ଼ିଓ ପ୍ରସ୍ତୁତ କରୁଥିଲେ ଓ ଓଡ଼ିଶାର ଜଣେ ବଡ଼ ବ୍ୟବସାୟୀଙ୍କ ସହ ତାଙ୍କର ଘନିଷ୍ଠ ସଂପୃକ୍ତି ଥିବା କୁହାଯାଉଛି। ବିଭିନ୍ନ ବଙ୍ଗଳା ସମ୍ବାଦପତ୍ରରେ ପ୍ରକାଶିତ ଖବର ଅନୁସାରେ ସମ୍ପୃକ୍ତ ବ୍ୟବସାୟୀଙ୍କର ଦୀର୍ଘଦିନ ହେଲା ଶ୍ୱେତାଙ୍କ ସହ ସମ୍ପର୍କ ▶ପୃଷ୍ଠା-୭



# ହରିୟାଣାରେ ନକଲି ଡାକ୍ତରଖାନା, ଡାକ୍ତର ବି ନକଲି

ପାନିପଥ, ୧୦।୬ (ଏଜେନ୍ସି): ରୋଗଯନ୍ତ୍ରଣାରୁ ମୁକ୍ତି ପାଇଁ ଲୋକେ ବହୁ ଆଶା ନେଇ ଡାକ୍ତରଖାନାକୁ ଆସିଥାନ୍ତି। ଯନ୍ତ୍ରଣାରୁ ଉପଶମ ମିଳିବ ବୋଲି ଭାବିଥାନ୍ତି। କିନ୍ତୁ ଅନେକ ସମୟରେ ଏହି ବିଶ୍ୱାସ ତୁଟି ଯାଉଛି। ରୋଗ ଭଲ ହେବା ପରିବର୍ତ୍ତେ ଭୟଙ୍କର ହେଇଯାଉଛି। ଶେଷରେ ଯନ୍ତ୍ରଣାରେ କଲବଲ ହୋଇ ରୋଗୀଙ୍କ ଜୀବନ ଯାଉଛି। ଜାଲ୍ ଡାକ୍ତର ଏବଂ ଡାକ୍ତରଖାନା ପାଇଁ ଏଭଳି ହେଉଛି। ଗୁଜରାଟ ପରେ ହରିୟାଣାରୁ ଏଭଳି ଏକ ମାମଲା ସାମ୍ନାକୁ ଆସିଛି। କେବଳ ଡାକ୍ତର ନୁହଁନ୍ତି, ଦୁଇଟି ହସ୍ପିଟାଲ ମଧ୍ୟ ଜାଲ୍ ବୋଲି ଜଣାପଡ଼ିଛି। ଏଠାରେ କାମ କରୁଥିବା ଡାକ୍ତର ଏବଂ କର୍ମଚାରୀଙ୍କ ଡିଗ୍ରୀ ମଧ୍ୟ ନକଲି। କେବଳ ସେତିକି ନୁହେଁ, ଏଠାରେ ମେଡିକାଲ ଇନଷ୍ଟିଚ୍ୟୁଟ ମଧ୍ୟ ଚାଲିଥିଲା। ଏଠାରେ ମୋଟା ଅଙ୍କର ଅର୍ଥ ନେଇ ପିଲାଙ୍କ ନାମ ଲେଖା ଯାଉଥିଲା। ଗୋଟିଏ ହସ୍ପିଟାଲରେ ଶିଶୁଙ୍କ ଚିକିତ୍ସା ହେଉଥିବାବେଳେ ଅନ୍ୟଟିରେ ସମସ୍ତଙ୍କ ଚିକିତ୍ସା କରାଯାଉଥିଲା। ପାନିପଥରେ ଥିବା ଏହି ୨ ହସ୍ପିଟାଲରେ ମଙ୍ଗଳବାର ସିଏମ୍ ଫ୍ଲାଇଂ ଟିମ୍ ଏବଂ ସ୍ୱାସ୍ଥ୍ୟ ବିଭାଗ ଟିମ୍‌ର ଚଢ଼ଉ କରିବା ପରେ ଏହା ସର୍ବସମ୍ମୁଖକୁ ଆସିଥିଲା।

- ରୋଗୀଙ୍କ ଜୀବନ ବଞ୍ଚିବ ତ !
- କର୍ମଚାରୀ ବି ନକଲି
- ଚିକିତ୍ସିତ ହେଉଥିଲେ ଅନେକ ରୋଗୀ
- ଚଲାଇଥିଲେ ମେଡିକାଲ ଇନ୍‌ଷ୍ଟିଚ୍ୟୁଟ୍

ତଦନ୍ତରୁ ଜଣାପଡ଼ିଛି ଯେ ଦୀର୍ଘ ମାସ ହେଲା ଏହି ହସ୍ପିଟାଲ ଚାଲିଥିଲା। ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ବଡ଼ ବଡ଼ ଡାକ୍ତରଙ୍କ ପୋଷ୍ଟର ଲଗା ଯାଇଥିଲା। ଅନେକ ରୋଗୀ ମଧ୍ୟ ଚିକିତ୍ସିତ ହେଉଥିଲେ। ଏହି ହସ୍ପିଟାଲରୁ ଜାଲ୍ ଡାକ୍ତର ଏବଂ କର୍ମଚାରୀଙ୍କୁ ଗିରଫ କରାଯାଇଛି। ଔଷଧ ଏବଂ ଅନ୍ୟ ସାମଗ୍ରୀ ବି ଜବତ




କରାଯାଇଛି। ସୂଚନା ଅନୁଯାୟୀ ଜାଟଲ ରୋଡ ସ୍ଥିତ 'ଦେବ ଇ.ଏଚ୍ କ୍ଲିନିକ' ନାମରେ ଜାଲ୍ ହସ୍ପିଟାଲ ଚାଲିଥିଲା। ଏହା ଏକ ଶିଶୁ ହସ୍ପିଟାଲ ଥିଲା। ମାତ୍ର ସମସ୍ତଙ୍କର ଚିକିତ୍ସା ଚାଲିଥିଲା। ବୋର୍ଡ ମରାଯାଇ ଶିଶୁ ଏବଂ ବୟସ୍କଙ୍କ ସବୁ ରୋଗର ଚିକିତ୍ସା କରାଯାଏ ବୋଲି ଲେଖା ଯାଇଥିଲା। ଏଠାକୁ ପିଜିଆଇର ପୂର୍ବତନ ରେଜିଷ୍ଟ୍ରାର ତଥା ଶିଶୁ ରୋଗ ବିଶେଷଜ୍ଞ ଡ. ଅରୁଣ ମହଲା ଆସୁଥିବା ଲେଖା ଯାଇଥିଲା। ଏହା ବ୍ୟତୀତ ଅନ୍ୟ ୪ ବିଶେଷଜ୍ଞ ଡାକ୍ତର ହସ୍ପିଟାଲ ସହ ଜଡ଼ିତ ଥିବା ଦାବି କରାଯାଇଥିଲା। କିନ୍ତୁ ଚଢ଼ଉ ସମୟରେ କେହି ଏମ୍‌ବିବିଏସ ଡାକ୍ତର ନ ଥିବା ଜଣାପଡ଼ିଥିଲା। ମେଡିକାଲ ଇନ୍‌ଷ୍ଟିଚ୍ୟୁଟ ନାମରେ ମଧ୍ୟ ଏହା ଚାଲିଥିଲା। ଏଠାରେ ବିଭିଏମଏସ, ବିଏଏମଏସ, ଏମଡି ଇଏଚ ସମେତ ଅଲଗା ଅଲଗା କୋର୍ସରେ ନାମ ଲେଖା ଯାଉଥିଲା। ୫୦ ଗଜରୁ କମ୍ ସ୍ଥାନରେ ଚାଲିଥିବା ଏହି ହସ୍ପିଟାଲରେ ନାମ ଲେଖାଇବା ପାଇଁ ବିପୁଳ ଟଙ୍କା ନିଆଯାଉଥିଲା।

ସେହିପରି ୮ ମରଲା ସ୍ଥିତ ଏସ୍‌କେ କ୍ଲିନିକ୍‌ରେ ମଧ୍ୟ ଏପରି ଗୋଲକ ଧନ୍ଦା ଚାଲିଥିଲା। ଜାଲ୍ ଡିଗ୍ରୀର ଆଧାରରେ ରୋଗୀଙ୍କ ଚିକିତ୍ସା କରାଯାଉଥିଲା। ଡାକ୍ତର ନକଲି ଥିବା ଜଣାପଡ଼ିଥିଲା ବୋଲି ସିଏମ୍ ଫ୍ଲାଇଙ୍ଗ ସ୍କ୍ୱାଡ୍ ଡିଏସପି ସୁଶୀଲ କୁମାର କହିଛନ୍ତି। ଚଢ଼ଉ ପରେ ରୋଗୀଙ୍କୁ ଅନ୍ୟ ହସ୍ପିଟାଲକୁ ପଠାଇ ଦିଆଯାଇଛି। ଏବେ ଯାଞ୍ଚ ଜାରି ରହିଛି। ପୂର୍ବରୁ ଏ ନେଇ ଅନେକ ଅଭିଯୋଗ ମିଳିଥିଲା। ଏସ୍‌କେ କ୍ଲିନିକର ମାଲିକ ସାହିଲ କହିଛନ୍ତି ଯେ ତାଙ୍କ ବାପା ପୂର୍ବରୁ ଏଠାରେ ପ୍ରାକ୍ଟିସ କରୁଥିଲେ। କିନ୍ତୁ ଏବେ ସେ ତାଙ୍କ ପ୍ରମାଣପତ୍ର ନବୀକରଣ କରିନାହାନ୍ତି। ସେ ନିଜେ ପଞ୍ଚକୁଲାରେ ପଞ୍ଜୀକରଣ କରି ଏଠାରେ ପ୍ରାକ୍ଟିସ କରୁଥିବା କହିଛନ୍ତି।

## ଲୋକସଭା ଉପବାଚସ୍ପତି ନିର୍ବାଚନ ପାଇଁ ଖଡ୍‌ଗେଙ୍କ ଦାବି

ନୂଆଦିଲ୍ଲୀ, ୧୦।୬(ଏଜେନ୍ସି): କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଲୋକସଭା ଉପବାଚସ୍ପତି ପଦ ପାଇଁ ନିର୍ବାଚନ କରାଇବାକୁ ଦାବି କରିଛନ୍ତି। ଦେଶରେ ଏପର୍ଯ୍ୟନ୍ତ ୧୪ ଜଣ ଲୋକସଭା ଉପବାଚସ୍ପତି ରହିଆସିଛନ୍ତି। ବିରୋଧୀ ଦଳକୁ ଉପବାଚସ୍ପତି ପଦ ପ୍ରଦାନ କରାଯିବାର ପରମ୍ପରା ତଥା ଇତିହାସ ରହିଛି। ଏହ ଦ୍ୱାରା ସଂସଦରେ ସନ୍ତୁଳନ ଓ ନିରପେକ୍ଷତା ବଜାୟ ରହିଥାଏ। ତେବେ ସାମ୍ବିଧାନିକ ଭାବେ ଏହା ବାଧ୍ୟତାମୂଳକ ନୁହଁ। ସଂସଦର କ୍ରମାଗତ ଦୁଇଟି ୨୦୧୯ ଓ ୨୦୨୪ କାର୍ଯ୍ୟକାଳରେ କାହକୁ ଉପବାଚସ୍ପତି ପଦରେ ଅଧିଷ୍ଠିତ କରାଯାଇନାହିଁ। ଯେତେଶୀଘ୍ର ସମ୍ଭବ ଉପବାଚସ୍ପତି ନିର୍ବାଚନ କରାଯାଉ ବୋଲି ଖଡ୍‌ଗେ ଦାବି କରିଛନ୍ତି। ସେ ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖିଛନ୍ତି। ଭାରତୀୟ ସମ୍ବିଧାନର ଧାରା ୯୩ ଅନୁସାରେ ଲୋକସଭାର ବାଚସ୍ପତି ଓ ଉପବାଚସ୍ପତି ଦୁଇଟି ପଦ ପାଇଁ ନିର୍ବାଚନ କରାଇବାର ଆବଶ୍ୟକତା ରହିଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ଗତ ୧୮ତମ ଲୋକସଭା ନିର୍ବାଚନରେ କଂଗ୍ରେସ୍ ୯୯ଟି ସିଟ୍ ହାସଲ କରି ଦ୍ୱିତୀୟ ସର୍ବବୃହତ୍ ପାର୍ଟି ତଥା ମୁଖ୍ୟ ବିରୋଧୀ ଦଳ ବିବେଚିତ ହେଉଛି। କିନ୍ତୁ ୨୦୧୯ରେ ଅନୁଷ୍ଠିତ ୧୭ତମ ଲୋକସଭା ନିର୍ବାଚନରେ କଂଗ୍ରେସ ୫୫ଟି ସିଟ୍ ଜିତିଥିଲା। ଉପବାଚସ୍ପତିଙ୍କର ମଧ୍ୟ ସଂସଦ ପରିଚାଳନାରେ ଉଲ୍ଲେଖନୀୟ ଭୂମିକା ରହିଛି। ଓମ୍ ବିର୍ଲା ଲୋକସଭାର ବାଚସ୍ପତି ଭାବେ ଦାୟିତ୍ୱ ସମ୍ପାଦନ କରୁଛନ୍ତି।

## ଅପରେସନ ହନିମୁନ୍ | ବିବାହ ପରେ ସ୍ୱାମୀଙ୍କୁ ହତ୍ୟା ପାଇଁ କରିଥିଲା ଷଡ଼ଯନ୍ତ୍ର

ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି): ହନିମୁନ ବେଳେ ମେଘାଳୟରେ ନିଜର ପତିଙ୍କୁ ହତ୍ୟା କରିଥିବା ପତ୍ନୀ ସୋନମ ରଘୁବଂଶୀ ଏବଂ ଅନ୍ୟ ଚାରି ଜଣ ଗିରଫ ହେବାପରେ ହତ୍ୟାକାଣ୍ଡ ସଂପର୍କରେ ଅନେକ ଚାଞ୍ଚଲ୍ୟକର ତଥ୍ୟ ମିଳିବାରେ ଲାଗିଛି। ପତି ରାଜାଙ୍କୁ ହତ୍ୟା କରିବା ଲାଗି ହନିମୁନ ପୂର୍ବରୁ ଯୋଜନା ହୋଇଥିଲା ଏବଂ ଏଥିପାଇଁ ସୁପାରିକିଲରଙ୍କୁ ୨୦ ଲକ୍ଷ ଟଙ୍କା ଦେବାଲାଗି ମୁଲଚାଲ ହୋଇଥିଲା। ହତ୍ୟାକାଣ୍ଡ ପରେ ସୋନମ ଇନ୍ଦୋର ଫେରି ସେଠାରେ ନିଜର ପ୍ରେମିକ ସହିତ ରହିଥିଲା। ଏହାପରେ ପ୍ରେମିକ ତାକୁ ଉତ୍ତର ପ୍ରଦେଶକୁ ନେଇ ସେଠାରେ ଛାଡ଼ିଦେଇଥିଲା।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମେ ମାସ ୧୧ ତାରିଖରେ ବିବାହ ପରେ ପତି ରାଜାଙ୍କୁ କେମିତି ହତ୍ୟା କରାଯିବ ସେଥିପାଇଁ ସୋନମ ତାର ପ୍ରେମିକ ରାଜ କୁଶୱାହା ସହିତ ମିଶି ଯୋଜନା ପ୍ରସ୍ତୁତ କରିଥିଲା। ରାଜାଙ୍କୁ ହତ୍ୟା କରିବା ଲାଗି ତିନି ଜଣ ସୁପାରି କିଲରଙ୍କୁ ଯୋଗାଡ଼ କରାଯାଇଥିଲା। ହନିମୁନରେ ମେଘାଳୟ ଯିବାଲାଗି ରାଜା ଓ ସୋନମଙ୍କ ଟିକଟ ହୋଇଥିଲା। ଯୋଜନା ଅନୁଯାୟୀ ହତ୍ୟା ଅଭିଯୁକ୍ତ ସିଲଂ ଯାଇଥିଲେ। କିନ୍ତୁ ସୋନମଙ୍କ ପ୍ରେମିକା ରାଜ ଇନ୍ଦୋରରେ ରହି ହତ୍ୟା ଅଭିଯୁକ୍ତମାନଙ୍କ ସହ ସଂପର୍କରେ ରହିଥିଲା।

ନବ ବିବାହିତ ଦଂପତି ରାଜା ଓ ସୋନମ ଇନ୍ଦୋରରୁ ଯାଇ ୨୧ ତାରିଖରେ ଗୌହାଟିରେ ପହଞ୍ଚିଥିଲେ। ସେମାନଙ୍କର ପିଛା କରି ତିନି ହତ୍ୟା ଅଭିଯୁକ୍ତ ମଧ୍ୟ ଗୌହାଟୀ ଯାଇଥିଲେ। ସେମାନେ ରାଜା ଓ ସୋନମ ରହୁଥିବା ହୋଟେଲ ପାଖରେ ରହୁଥିଲେ। ପରବର୍ତ୍ତୀ ଦିନ ଅର୍ଥାତ୍ ୨୨ ତାରିଖରେ ସେମାନେ ସିଲଂ ଯାଇଥିଲେ। ହତ୍ୟା ଅଭିଯୁକ୍ତ ମଧ୍ୟ ସେମାନଙ୍କର ପିଛା କରି ସିଲଂ ଯାଇଥିଲେ। ୨୩ ତାରିଖରେ ଝରଣା ଦେଖିବା ଲାଗି ନବ ବିବାହିତ ଦଂପତି ଜଙ୍ଗଲ ଭିତରକୁ ଯାଇଥିଲେ। ଯୋଜନା ମୁତାବକ ହତ୍ୟା ଅଭିଯୁକ୍ତ ମଧ୍ୟ ସେମାନଙ୍କର ପିଛା କରୁଥିଲେ। ରାଜା ଆଗରେ ଯାଉଥିବା ବେଳେ ତାଙ୍କ ପଛରେ ରହିଥିଲା ସୋନମ। ଏହି ସମୟରେ ସେଠାରେ ହତ୍ୟା ଅଭିଯୁକ୍ତ ପହଞ୍ଚିଥିଲେ। ସୋନମର ନିର୍ଦ୍ଦେଶ ମୁତାବକ ଅଭିଯୁକ୍ତମାନେ ରାଜାଙ୍କୁ ଆକ୍ରମଣ କରିଥଲେ। ହତ୍ୟା କରିବା ପରେ ରାଜାଙ୍କର ମୃତଦେହକୁ ଏକ ଗଭୀର ଖାତ ଭିତରକୁ ପକାଇ ଦେଇଥିଲେ। ଏଥିରେ ହତ୍ୟା ଅଭିଯୁକ୍ତଙ୍କୁ ସାହାଯ୍ୟ କରିଥିଲା ସୋନମ।



- ମେଘାଳୟରେ ହତ୍ୟା ପରେ ଇନ୍ଦୋର ଫେରିଥିଲା ସୋନମ
- ପ୍ରେମିକା ସହିତ ଭଡ଼ା ଘରେ ରହୁଥିଲା

ହତ୍ୟାର ଦୁଇ ଦିନ ପରେ ସୋନମ ସିଲିଗୁଡ଼ି ଦେଇ ୨୫ ତାରିଖରେ ଇନ୍ଦୋର ଫେରି ଆସିଥିଲା। ସେଠାରେ ସୋନମ ତାର ପ୍ରେମିକ ରାଜ ସହିତ ଏକ ଭଡ଼ା ଘରେ ରହିଥିଲା। ଜୁନ ୮ ତାରିଖରେ ସୋନମ ଉତ୍ତର ପ୍ରଦେଶ ଯାଇ ଗାଜିଆବାଦରେ ପହଞ୍ଚିଥିଲା। ସେଠାରେ ପୁଲିସ ତାକୁ ଗିରଫ କରିଥିଲା।

ତେବେ ଜୁନ ୨ ତାରିଖରେ ରାଜାଙ୍କର ମୃତଦେହ ମିଳିବା ପରେ ତିନି ତାରିଖରେ ମେଘାଳୟ ପୁଲିସକୁ ସୁରାକ୍ ମିଳିଥିଲା ଯେ ଏହି ହତ୍ୟାକାଣ୍ଡ ପଛରେ ସୋନମର ହାତ ରହିଛି। ମେଘାଳୟ ପୁଲିସ ପକ୍ଷରୁ କୁହାଯାଇଛି ଯେ ସୁରାକ ମିଳିବା ପରେ ରାଜ କୁସୱାହା ସମେତ ଅନ୍ୟ ତିନି ଜଣ ହତ୍ୟା ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏଥିପାଇଁ ମେଘାଳୟ ପୁଲିସ ପକ୍ଷରୁ ଯେଉଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା, ତାର ନାମ ଦିଆଯାଇଥିଲା 'ଅପରେସନ୍ ହନିମୁନ୍।' ଏମାନେ ଧରାପଡ଼ିବା ପରେ ସୋନମ୍ ଉତ୍ତର ପ୍ରଦେଶ ଯାଇ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିଲା। ୨୩ ତାରିଖ ହତ୍ୟାକାଣ୍ଡ ପରେ ସୋନମ ଫେରାର ଥିଲା।

ସୋନମ ଓ ଅନ୍ୟ ହତ୍ୟା ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ରାଜାଙ୍କ ପରିବାର ଦାବି କରିଥିବା ବେଳେ ସୋନମର ପିତା ନିଜ ଝିଅ ସପକ୍ଷରେ ଓକିଲାତି କରିଛନ୍ତି। ସେ କହିଛନ୍ତି ଯେ ତାଙ୍କ ଝିଅ ନିର୍ଦ୍ଦୋଷ ଏବଂ ପୁଲିସ ମନଗଢ଼ା କାହାଣୀ ଶୁଣାଉଛି। ସୋନମର ପ୍ରେମିକ ରାଜର ମା' ମଧ୍ୟ ନିଜ ପୁଅକୁ ନିର୍ଦ୍ଦୋଷ ବୋଲି କହିଛନ୍ତି। ଏଭଳି ଅପରାଧ କରିବାକୁ ତାଙ୍କ ପୁଅ ଅସମର୍ଥ ବୋଲି ସେ କହିଛନ୍ତି।

### ୬୮୦୦ରେ ପହଞ୍ଚିଲା କରୋନା ସଂକ୍ରମଣ

## ୨୪ ଘଣ୍ଟାରେ ୩୦୦ରୁ ଊର୍ଦ୍ଧ୍ୱ ମାମଲା

ନୂଆଦିଲ୍ଲୀ, ୧୦।୬(ଏଜେନ୍ସି): ଦେଶରେ କରୋନା ସ୍ଥିତି ଉତ୍କଟ ହେବାରେ ଲାଗିଛି ଓ ଏଥିରେ ଅହେତୁକ ବୃଦ୍ଧି ଘଟିଛି। କରୋନାର ସକ୍ରିୟ ମାମଲା ସଂଖ୍ୟା ଏବେ ୬୮୦୦ରେ ପହଞ୍ଚିଛି। ଗତ ୨୪ ଘଣ୍ଟା ମଧ୍ୟରେ ୩୨୪ଟି ନୂଆ ମାମଲା ସାମ୍ନାକୁ ଆସିଛି। କେରଳରେ ସର୍ବାଧିକ ୨୦୫୩ ରହିଛି। କରୋନା ନୂଆ ଭେରିଏଣ୍ଟ ଦ୍ୱାରା ସଂକ୍ରମିତ ହୋଇ ୧୨ଟି ରାଜ୍ୟରେ ମୋଟ୍ ୬୮ ଜଣ ରୋଗୀ ମୃତ୍ୟୁବରଣ କରିଛନ୍ତି। ସୋମବାର କେରଳ, ଦିଲ୍ଲୀ ଓ ଝାଡଖଣ୍ଡରେ ଜଣେ ଲେଖାଏ ରୋଗୀ ମୃତ୍ୟୁ ବରଣ କରିଛନ୍ତି। ମହାରାଷ୍ଟ୍ରରେ ସର୍ବାଧିକ ୧୮ଜଣ ରୋଗୀ ପ୍ରାଣ ହରାଇଛନ୍ତି। ମଧ୍ୟପ୍ରଦେଶର ଗ୍ୱାଲିୟରରେ ସୋମବାର ୩ ଜଣ ଡାକ୍ତରଙ୍କ ସମେତ ୬ଟି ନୂଆ ମାମଲା ସାମ୍ନାକୁ ଆସିଛି। ସେହିପରି ମଧ୍ୟପ୍ରଦେଶରେ ଏପର୍ଯ୍ୟନ୍ତ ୪୩ଟି ଆକ୍ଟିଭ କେସ୍ ଦେଖିବାକୁ ମିଳିଛି। ଉଲ୍ଲେଖଥାଉ କି, ଦେଶରେ କୋଭିଡ-୧୯ ର ୪ଟି ନୂଆ ଭ୍ୟାରିଏଣ୍ଟ ଦ୍ୱାରା ସଂକ୍ରମଣ ବ୍ୟାପୁଛି ବୋଲି ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ଦିଆଯାଇଛି।

## ଏନ୍‌ସିପି ଭାଙ୍ଗିବ ବୋଲି ଭାବି ନ ଥିଲି: ପାୱାର

ନୂଆଦିଲ୍ଲୀ, ୧୦।୬(ଏଜେନ୍ସି): ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି) ଭାଙ୍ଗିବ ବୋଲି କେବେ ଭାବି ନ ଥିଲି। ଦଳର ୨୬ତମ ସ୍ଥାପନା ଦିବସରେ ମଙ୍ଗଳବାର ପୁଣେରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସୁପ୍ରିମୋ ଶରଦ ପାୱାର ଏହି ମନ୍ତବ୍ୟ ଦେଇଛନ୍ତି। ଗତ ୨୬ ବର୍ଷ ମଧ୍ୟରେ ପାର୍ଟି ଏକାଧିକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛି ବୋଲି ସେ ଏହି ଅବସରରେ ସ୍ୱୀକାର କରିଛନ୍ତି। କିନ୍ତୁ ଆପଣମାନେ ଧୈର୍ଯ୍ୟ ଓ ଉତ୍ସାହ ନ ହରାଇ ପାର୍ଟିକୁ ଆଗକୁ ବଢ଼ାଇବକୁ ପ୍ରୟାସ ଜାରି ରଖନ୍ତୁ ବୋଲି ପାୱାର ପାର୍ଟିର କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇ କହିଛନ୍ତି। କିଛି ଲୋକ ଅନ୍ୟ ବିଚାରଧାରାକୁ ନେଇ ଦଳ ଛାଡି ଚାଲିଯାଇଛନ୍ତି। କିନ୍ତୁ ଯେଉଁମାନେ ପାର୍ଟି ପ୍ରତି ନିଜର ନିଷ୍ଠା ବଜାୟ ରଖିଛନ୍ତି, ସେମାନ ଦଳରେ ଏବେ ରହିଛନ୍ତି। ଦଳ ଭାଙ୍ଗି ଯାଇଥିବା କଥା ଓ ଯାହା ଅତୀତ ସେ ବିଷୟରେ ଚିନ୍ତା ନ କରିବାକୁ ସେ ସମସ୍ତଙ୍କୁ କହିଛନ୍ତି। ଅନ୍ୟପଟେ ପୁଣେରେ ଏହି କାର୍ଯ୍ୟକ୍ରମରେ ଏନ୍‌ସିପି-ଏସ୍‌ପି ମହାରାଷ୍ଟ୍ର ଅଧ୍ୟକ୍ଷ ଜୟନ୍ତ ପାଟିଲ ପଦ ଛାଡିବା ନେଇ ସୂଚନା ଦେଇଛନ୍ତି। ଗତ ୭ ବର୍ଷ ହେବ ସେ ଏହି ଦାୟିତ୍ୱ ସମ୍ଭାଳୁଛନ୍ତି। କିନ୍ତୁ ଏବେ ଜଣେ ନୂଆ ବ୍ୟକ୍ତିଙ୍କୁ ସୁଯୋଗ ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

## ଗ୍ରେଟାଙ୍କୁ ସ୍ୱିଡେନ ଫେରାଇଲା ଇସ୍ରାଏଲ୍

ତେଲ ଅଭିଭ୍, ୧୦।୬(ଏଜେନ୍ସି): ପର୍ଯ୍ୟାବରଣ କାର୍ଯ୍ୟକର୍ତ୍ତା ଗ୍ରେଟା ଥନ୍‌ବର୍ଗଙ୍କୁ ଇସ୍ରାଏଲ୍ ପୁଣି ତାଙ୍କ ଦେଶ ସ୍ୱିଡେନ୍‌କୁ ପଠାଇଛି। ତାଙ୍କୁ ଫ୍ରାନ୍ସକୁ ଯାଉଥିବା ଏକ ବିମାନରେ ବସାଇ ସ୍ୱିଡେନ ପଠାଇବାକୁ ଇସ୍ରାଏଲ ତରଫରୁ ବ୍ୟବସ୍ଥା କରାଯାଇଛି। ଏ ନେଇ ଇସ୍ରାଏଲ ବୈଦେଶିକ ମନ୍ତ୍ରଣାଳୟ ତରଫରୁ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ସୂଚନା ଦିଆଯାଇଛି। ସୋମବାର ଇସ୍ରାଏଲ ସେନା ଗ୍ରେଟା ଓ ତାଙ୍କ ୧୧ ସହଯୋଗୀଙ୍କ ସମେତ ଜାହାଜ ମେଡଲିନ୍‌କୁ ଅଟକ ରଖିଥିଲା। ମେଡଲିନ୍‌କୁ ଇସ୍ରାଏଲ୍‌ର ଅଶଦୋଦ ବନ୍ଦରକୁ ନିଆଯାଇଥିଲା। ଗ୍ରେଟା ଜୁନ୍ ୧ରେ ଗାଜାର ଲୋକଙ୍କ ପାଇଁ ସହାୟ୍ୟ ସାମଗ୍ରୀ ନେଇ ଯାତ୍ରା ଆରମ୍ଭ କରିଥିଲା। ବିମାନରେ ଗ୍ରେଟା ବସିଥିବାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ଗ୍ରେଟା ଓ ତାଙ୍କ ସହଯୋଗୀଙ୍କୁ ହମାସର ବର୍ବରତା ନେଇ ବିଭିନ୍ନ ଭିଡିଓ ଦେଖିବାକୁ ଦିଆଯାଇଥିଲା।

## ଅଷ୍ଟ୍ରିଆ ହାଇସ୍କୁଲ୍‌ରେ ଗୁଳିମାଡ଼; ୧୧ ଛାତ୍ର ମୃତ


ଭିଏନା, ୧୦।୬(ଏଜେନ୍ସି): ୟୁରୋପୀୟ ଦେଶ ଅଷ୍ଟ୍ରିଆର ଦ୍ୱିତୀୟ ବୃହତ୍ତମ ସହର ଗ୍ରାଜ୍‌ରେ ଏକ ଅଭାବନୀୟ ଘଟଣା ଘଟିଛି। ମଙ୍ଗଳବାର ସକାଳେ ଏହି ସହରର ଏକ ହାଇସ୍କୁଲରେ ଗୁଳିମାଡ଼ ଘଟଣା ହୋଇଛି। ଏଥିରେ ୧୧ଜଣ ଛାତ୍ର ମୃତ୍ୟୁବରଣ କରିଥିବା ବେଳେ ୨୮ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪ଜଣଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ରହିଛି। କେତେ ଲୋକଙ୍କର ମୁଣ୍ଡରେ ଗୁଳି ବାଜିଛି। ପୁଲିସ ଏହି ଅଞ୍ଚଳରେ ଏକ ବଡ଼ ଧରଣର ଅପରେସନ ଆରମ୍ଭ କରିଛି ଓ ଏହି ସ୍ଥାନଠାରୁ ଦୂରେଇ ରହିବାକୁ ସମସ୍ତଙ୍କୁ କହିଛି। ସକାଳ ୧୦ଟାରେ ବୋର୍ଗ ଡ୍ରେୟର୍ସଚୁଟଜେନଗେସ୍ ହାଇସ୍କୁଲ୍‌ର ଭିତରେ ଗୁଳିର



ଶବ୍ଦ ଶୁଣିବାକୁ ମିଳିଥିଲା। ଏହାପରେ ପୁଲିସ ସେଠାରେ ପହଞ୍ଚିଥିଲା। ଆକ୍ରମଣକାରୀ ସେହି ସ୍କୁଲର ଛାତ୍ର ବୋଲି ପୁଲିସ ଜାଣିବାକୁ ପାଇଛି। ଆକ୍ରମଣ କରିବା ପରେ ସେ ନିଜକୁ ଗୁଳିମାରି ଆତ୍ମହତ୍ୟା କରିଛି। ସ୍କୁଲର ବାଥରୁମ୍‌ରେ ଆକ୍ରମଣକାରୀ ଛାତ୍ରର ମୃତଦେହ ପଡ଼ିଛି ବୋଲି ସୂଚନା ମିଳିଛି। ଏହି ଘଟଣା ଘଟିବା ପରେ ପୁଲିସ ସାରା ଇଲାକାକୁ ଘେରାଉ କରିଥିଲା। ଲୋକଙ୍କୁ ଶାନ୍ତି ବଜାୟ ରଖିବା ସହ ଗୁଜବକୁ ବିଶ୍ୱାସ ନ କରିବାକୁ ପୁଲିସ ନିବେଦନ କରିଛି। ୧୧ଜଣ ଛାତ୍ର ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଉଥିଲେ ମଧ୍ୟ ମୃତକଙ୍କ ସଂଖ୍ୟା ଆହୁରି ବଢ଼ିବ ବୋଲି ଆଶା କରାଯାଉଛି।

## ଦିଲ୍ଲୀ ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ | ସପ୍ତମ ମହଲାରୁ ଡେଇଁ ୨ ପିଲାଙ୍କ ସହ ପିତା ମୃତ

ନୂଆଦିଲ୍ଲୀ, ୧୦।୬(ଏଜେନ୍ସି): ଦିଲ୍ଲୀର ଦ୍ୱାରକା ସେକ୍ଟର-୧୩ସ୍ଥିତ ଶବ୍ଦ ଆପାର୍ଟମେଣ୍ଟରେ ସପ୍ତମ ମହଲାରେ ମଙ୍ଗଳବାର ସକାଳେ ନିଆଁ ଲାଗିଛି। ଫ୍ଲାଟ୍‌ରେ ଜଣେ ପିତା ନିଜର ଦୁଇ ପିଲାଙ୍କ ସେଠାରେ ଫସି ରହିଛନ୍ତି। ଏଥିରୁ ବର୍ତ୍ତିବା ପାଇଁ ୧୦ ବର୍ଷର ଦୁଇଟି ପିଲା ସହ ବାପା ଜୀବନ ବିକଳରେ ବାଲକୋନୀରୁ ଡେଇଁ ପଡ଼ିଛନ୍ତି। ଏଥିରେ ୩ଜଣଙ୍କ ମୃତ୍ୟୁ ହୋଇଛି। ନିଆଁ ଲାଗିବା ଖବର ପାଇବା ପରେ ତୁରନ୍ତ ୮ଟି ଦମକଳ ଗାଡି ସେଠାରେ ପହଞ୍ଚିଥିଲେ। ଆପାର୍ଟମେଣ୍ଟର ରହୁଥିବା ଲୋକଙ୍କୁ ସେଠାରୁ ବାହାର କରାଯାଇଛି। ସକାଳ ୧୦.୦୧ରେ ଦିଲ୍ଲୀ ଫାୟାର ସର୍ଭିସକୁ ଏ ନେଇ ସୂଚନା ମିଳିଥିଲା। ଏହି ଘଟଣାରେ ଦୁଇଜଣ ଆହତ ହୋଇଛନ୍ତି। ଉଲ୍ଲେଖଥାଉ କି, ଦିଲ୍ଲୀର ଆପାର୍ଟମେଣ୍ଟରେ ନିଆଁ ଲାଗିବା ଘଟଣା ଆଦୌ ନୂଆ ନୁହଁ। ଗତ ଫେବୃଆରୀ ମାସରେ ଦିଲ୍ଲୀର ନାଙ୍ଗଲୋଇରେ ଏକ ଦୁଇତାଲା ଘରେ ନିଆଁ ଲାଗିଥିଲା। ଦ୍ୱିତୀୟ ମହଲାରୁ ଡେଇଁ ୬ ଜଣ ଲୋକ ଜୀବନ ବଞ୍ଚାଇଥିଲେ। ଦିଲ୍ଲୀ ଡେଭଲପମେଣ୍ଟ ଅଥରିଟୀ (ଡିଡିଏ) ଓ ମ୍ୟୁନିସପାଲ କର୍ପୋରେସନ ଅଫ୍ ଦିଲ୍ଲୀ (ଏମ୍‌ସିଡି) ଏହି ଆପାର୍ଟମେଣ୍ଟର ଦୃଢ଼ତା ନେଇ ଆକଳନ କରିବାକୁ ନୋଟିସ୍ ଦିଆଯାଇଛି ବୋଲି ପୁଲିସ୍ ତରଫରୁ କୁହାଯାଇଛି।



## ୫ ଦେଶର ଯାତ୍ରାରୁ ଫେରିଲା ଥରୁରଙ୍କ ପ୍ରତିନିଧିମଣ୍ଡଳ

ନୂଆଦିଲ୍ଲୀ, ୧୦।୬(ଏଜେନ୍ସି): ଅପରେସନ ସିନ୍ଦୂର ଓ ଆତଙ୍କବାଦ୍ ନେଇ ଭାରତର ଅଭିମୁଖ୍ୟକୁ ସ୍ପଷ୍ଟ କରିବା ସହ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ବିଦେଶ ଯାଇଥିବା କଂଗ୍ରେସ ସାଂସଦ ଶଶି ଥରୁରଙ୍କ ପ୍ରତିନିଧିମଣ୍ଡଳୀ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛି। ଏହି ଗସ୍ତରେ ଥରୁରଙ୍କ ନେତୃତ୍ୱରେ ଏହି ପ୍ରତିନିଧିମଣ୍ଡଳ ୫ଟି ଦେଶ ଯାତ୍ରା କରିଥିଲା। ଆମେରିକାର, ପାନାମା, ଗୁଏନା, ବ୍ରାଜିଲ ଓ କଲମ୍ବିଆରେ ଏହି ପ୍ରତିନିଧିମଣ୍ଡଳକୁ ଅତି ସୁନ୍ଦରଭାବେ ସ୍ୱାଗତ କରାଯାଇଥିଲା ବୋଲି ଥରୁର କହିଛନ୍ତି। ଏହି ଦେଶଗୁଡିକରେ ଆମେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଉପ-ରାଷ୍ଟ୍ରପତି ଓ ଅନ୍ୟ ବରିଷ୍ଠ ନେତାମାନଙ୍କ ସହ ଉଚ୍ଚସ୍ତରୀୟ ବୈଠକରେ ମିଳିତ ହୋଇଥିଲୁ। ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଅପରେସନ ସିନ୍ଦୂର କାହିଁକି କରିଥିଲା ସେ ନେଇ ସମସ୍ତଙ୍କୁ ଅବଗତ କରାଇଥିଲୁ ଓ ସେମାନେ ମଧ୍ୟ ଏହାକୁ ବେଶ୍ ଭଲଭାବେ ବୁଝିବାରେ ସଫଳ ହୋଇଥିଲେ ବୋଲି ଫେରିବା ପରେ ଦିଲ୍ଲୀ ବିମାନବନ୍ଦରରେ ଥରୁର ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ। ରାଜନୈତିକ ସଂକୀର୍ଣ୍ଣତାକୁ ପଛରେ ପକାଇ କେନ୍ଦ୍ର ସରକାର ଭାରତର ଏକତାର ବାର୍ତ୍ତା ଦେବାକୁ ସବୁ ଦଳର ସାଂସଦଙ୍କୁ ବିଦେଶ ପଠାଇଥିଲା। ଆମକୁ ଯାହା କରିବାକୁ କୁହାଯାଇଥିଲା, ଆମେ ତାହା ସଫଳଭାବେ ସମ୍ପାଦନ କରିଛୁ। ବହୁତ୍ ସନ୍ତୋଷ ଓ ଆନନ୍ଦର ସହ ଆମେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆମେ ଭେଟିଛୁ। ଏହା ଆମପାଇଁ ଏକ ଖୁସିର କଥା। ମୋଦୀ ସନ୍ଧ୍ୟା ୭ଟାରେ ଅଲପାର୍ଟି ଡେଲିଗେସନଙ୍କୁ ସାକ୍ଷାତ କରିଛନ୍ତି। ଉଲ୍ଲେଖଥାଉ କି, ବିଭିନ୍ନ ଦଳର ୫୯ ସାଂସଦ ୭ଟି ପ୍ରତିନିଧିମଣ୍ଡଳରେ ବିଭକ୍ତ ହୋଇ ୩୩ଟି ଦେଶ ଯାତ୍ରା କରିଥିଲେ।

## କେନ୍ଦ୍ରର ଅସାବଧାନତା ଯୋଗୁଁ ପହଲଗାମ୍ ଆକ୍ରମଣ ହୋଇଥିଲା: ମମତା

କୋଲକାତା, ୧୦।୬(ଏଜେନ୍ସି): ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପୁଣି ଟାର୍ଗେଟ କରିଛନ୍ତି। କେନ୍ଦ୍ର ସରକାରଙ୍କ ଅସାବଧାନତା ଯୋଗୁଁ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ହୋଇଛି ବୋଲି ସେ ବିଧାନସଭାରେ ମଙ୍ଗଳବାର କହିଛନ୍ତି। ଆକ୍ରମଣ ହୋଇଥିବା ସ୍ଥାନରେ ସୁରକ୍ଷାକର୍ମୀ କାହିଁକି ନଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଭାରତୀୟ ସେନାବାହିନୀର ବିରତା ଓ ପରାକାଷ୍ଠାକୁ ନେଇ କେନ୍ଦ୍ର ରାଜନୀତି କରୁଛି। ନାଗରିକଙ୍କୁ ସୁରକ୍ଷା ଦେବାରେ କେନ୍ଦ୍ର ବିଫଳ ହୋଇଛି। ତେଣୁ ବିଜେପି ସରକାରକୁ ଇସ୍ତଫା ଦେବା ଉଚିତ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେବଳ ନିଜ ବିଷୟରେ ବିଜ୍ଞାପନ ଦେବାରେ ବ୍ୟସ୍ତ ରହୁଛନ୍ତି। ଅପରେସନ ସିନ୍ଦୂର ମାଧ୍ୟମରେ ଆମ ପାଖରେ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)କୁ ପୁଣି ଫେରାଇ ନେବାର ସୁଯୋଗ ରହିଥିଲା। ଯେତେବେଳେ ନିର୍ବାଚନ ସମୟ ପାଖେଇଆସେ, ସେତେବେଳେ ବିଜେପି ପୁଲୱାମା ଭଳି ଘଟଣା ଘଟାଇବାକୁ ଷଡ଼ଯନ୍ତ୍ର କରିଥାଏ। ତେଣୁ ଦେଶବାସୀ ଏ ନେଇ ସତର୍କ ରହିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

## କ୍ୟାଟ୍ରିନା ମାଳଦୀପ ପର୍ଯ୍ୟଟନର ଗ୍ଲୋବାଲ୍ ଆମ୍ବାସାଡର

ନୂଆଦିଲ୍ଲୀ, ୧୦।୬(ଏଜେନ୍ସି): ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ଏବେ ମାଳଦୀପ ପର୍ଯ୍ୟଟନର ଗ୍ଲୋବାଲ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। ଭାରତୀୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାକୁ ମାଳଦୀପ ସରକାର ଏହି ନିଷ୍ପତ୍ତି ନେଇଛନ୍ତି ବୋଲି କୁହାଯାଇଛି। ଏ ନେଇ ସାମାଜିକ ଗଣମାଧ୍ୟମରେ 'ଭିଜିଟ୍ ମାଳଦୀପ' ଘୋଷଣା କରିଛି। କ୍ୟାଟ୍ରିନା ଭାରତୀୟ ବିଜ୍ଞାପନ ଜଗତରେ ଏକ ବଡ଼ ଚେହେରା ବିବେଚିତ ହେଉଛନ୍ତି। ତାଙ୍କୁ ଗ୍ଲୋବାଲ ଆମ୍ବାସାଡର



ରୂପେ ପାଇଁ ଆମେ ବେଶ୍ ଆନନ୍ଦିତ ବୋଲି 'ଭିଜିଟ୍ ମାଳଦୀପ' ତରଫରୁ କୁହାଯାଇଛି। ମାଳଦୀପ ହେଉଛି ବିଶ୍ୱ ପର୍ଯ୍ୟଟନର ଅନ୍ୟତମ ଶ୍ରେଷ୍ଠ କେନ୍ଦ୍ରସ୍ଥଳୀ। ଏଠାରେ ଆଡମ୍ବରପୂର୍ଣ୍ଣ ସୁବିଧା ସୁଯୋଗ ସହ ଶାନ୍ତ ପରିବେଶ ଉପଲବ୍ଧ। ଆମ୍ବାସାଡର ନିଯୁକ୍ତ ପାଇଥିବାରୁ ଗର୍ବ ଅନୁଭବ କରୁଛି ବୋଲି କ୍ୟାଟ୍ରିନା କହିଛନ୍ତି। ଗତବର୍ଷ ଜାନୁଆରୀ ପରେ ଭାରତ ଓ ମାଳଦୀପ ମଧ୍ୟରେ କୂଟନୈତିକ ସମ୍ପର୍କ ସେତେଟା ଭଲ ନଥିବା ବେଳେ କ୍ୟାଟ୍ରିନାକୁ ଆମ୍ବାସାଡର ନିଯୁକ୍ତ କରିବା ସମସ୍ତଙ୍କ ହଜମ ହେବ ନାହିଁ। ୨୦୨୪ ଜାନୁଆରୀ ୭ରେ ବଏକଟ୍ ମାଳଦୀପ ଟ୍ରେଣ୍ଡ ହୋଇଥିଲା।

## ପତ୍ନୀ ସହ ଝଗଡ଼ା; ଲାଞ୍ଚ ମାଗିଲା ପୁଲିସ୍: ୫ ହଜାର ଦେଇ ନ ପାରି ଯୁବକଙ୍କ ଆତ୍ମହତ୍ୟା

କାନପୁର, ୧୦।୬ (ଏଜେନ୍ସି): ଉତ୍ତର ପ୍ରଦେଶ କାନପୁର କୋଟରା ଗ୍ରାମରୁ ପୁଲିସ ନିର୍ଯାତନାର କରୁଣ ଦୃଶ୍ୟ ସାମ୍ନାକୁ ଆସିଛି। ଆଇନ ଶୃଙ୍ଖଳା ନେଇ ଡିଣ୍ଡିମ ପିଟୁଥିବା ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ରାଜ୍ୟରେ ପୁଲିସ ପାଇଁ ଜଣେ ଯୁବକଙ୍କ ଜୀବନ ଚାଲି ଯାଇଛି। ମାମଲାର ସମାଧାନ ପାଇଁ ପୁଲିସର ଥାର୍ଡ ଡିଗ୍ରୀ ଏବଂ ଲାଞ୍ଚକୁ ନେଇ ଚିନ୍ତିତ ଜିତୁ ନିଶାଦ ଶେଷରେ ଘରେ ଫାଶୀ ଲଗାଇ ଜୀବନ ହାରି ଦେଇଛନ୍ତି। ବିଧାୟକଙ୍କ ହସ୍ତକ୍ଷେପ ପରେ ଥାନା ପ୍ରଭାରୀ ଏବଂ ହେଡ୍ କନଷ୍ଟେବଲଙ୍କୁ ନିଲମ୍ବନ କରାଯାଇଛି। ଏକ ନୂଆ ପୁଲିସ ଟିମ୍ ମାମଲାର ତଦନ୍ତ କରୁଛି।

ସୂଚନା ଅନୁଯାୟୀ ତିନି ମାସ ତଳେ ଜିତୁ ଏବଂ ତାଙ୍କ ପତ୍ନୀ ସୁମନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଗାଁରେ ବିବାଦର ସମାଧାନ ସତ୍ତ୍ୱେ ପତ୍ନୀ ପିଲାଛୁଆଙ୍କୁ ଧରି ବାପ ଘରକୁ ପଳାଇ ଥିଲେ। ସେଠାରେ ପତ୍ନୀଙ୍କ ଅଭିଯୋଗ ଏବଂ ଶ୍ୱଶୁରଙ୍କ ଚାପରେ ସଜେତି ଥାନା ପୁଲିସ ଜିତୁଙ୍କୁ ଉଠାଇ ନେଇ ପ୍ରବଳ ମାଡ଼ ମାରିଥିଲେ ଏବଂ ପରେ ଛାଡ଼ି ଥିଲା। ଏପରି ଭାବେ ଅନେକ ଥର ଥାନାକୁ ନେଇ ପୁଲିସ ତାଙ୍କୁ ମାଡ଼ ମାରିଥିଲା। ଛାଡ଼ିବା ପାଇଁ ପୁଲିସ ୫୦ ହଜାର ଟଙ୍କା ଲାଞ୍ଚ ମାଗିଥିଲା। ଶେଷରେ ୨୫ ହଜାର ଟଙ୍କାରେ କଥା ଛିଣ୍ଡିଥିଲା। ଏହି ଟଙ୍କା ଦେବା ପାଇଁ ଜିତୁ ଘରେ ଥିବା ଗହମ ବିକି ଦେଇଥିଲେ। ଏଥିରୁ ମିଳିଥିବା ୨୦ ହଜାର ଟଙ୍କା ପୁଲିସକୁ ଦେଇଥିଲେ। ଏହା ସତ୍ତ୍ୱେ ବାକି ୫ ହଜାର ଟଙ୍କା ପାଇଁ ଥାନା ବାଲା ବାରମ୍ବାର ଚାପ ପକାଇ ଚାଲିଥିଲେ। ଟଙ୍କା ଦେବା ପାଇଁ ଜିଦ୍ ଧରିଥିଲେ। ଏହି ଜିଦ୍ ଆଗରେ ଜିତୁ ହାରି ଯାଇଥିଲେ। ଶେଷରେ ୫ ହଜାର ଟଙ୍କା ଏବଂ ପତ୍ନୀଙ୍କଠାରୁ ଅଲଗା ହେବାର ଦୁଃଖରେ ଜିତୁ ସୋମବାର ଜୀବନ ହାରି ଦେଇଥିଲେ। ଏହି ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି। ଏବେ ପୁଲିସ ଅଭିଯୁକ୍ତ ପତ୍ନୀ ସୁମନ ଏବଂ ଶଶୁର ରାମକିଶୋରଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ କରୁଛି।









ମଙ୍ଗଳବାର ଶଙ୍ଖ ଭବନରେ ବିଜୁ ଜନତା ଦଳର ଜନଜାଗରଣ ଅଭିଯାନ କାର୍ଯ୍ୟକ୍ରମରେ ସଭାପତି ନବୀନ ପଟ୍ଟନାୟକଙ୍କ ସହ ଦଳୀୟ କାର୍ଯ୍ୟକର୍ତ୍ତାଗଣ

# ପ୍ରକାଶ ପାଇଲା ଓଜେଇଇ ପରୀକ୍ଷାଫଳ

## ଏମ୍‌ଟେକ୍‌ରେ ମନ୍ମଥ, ଏମ୍‌ଫାର୍ମରେ ହିତେଶ ଟପ୍ପର




ଭୁବନେଶ୍ୱର,୧୦।୬(ସମିସ): ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ଫଳ ମଙ୍ଗଳବାର ପ୍ରକାଶ ପାଇଛି। ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୫,୩୬୨ ଜଣଙ୍କୁ ର୍‍ୟାଙ୍କ ପ୍ରଦାନ କରାଯାଇଛି। ବି-ଫାର୍ମାରେ ଯତିନ୍ ମେହେର ଟପ୍ପର ହୋଇଥିବା ବେଳେ ଏଲଇଟେକ୍‌ରେ ସାକ୍ଷୀ କୁମାରୀ, ଏଲଇଫାର୍ମରେ ସାଗରିକା ଦାଶ, ଏମ୍‌ବିଏରେ ଅନୁରାଗ ମିଶ୍ର, ଏମ୍‌ସିଏ/ଏମ୍‌ଏସ୍‌ସିରେ ଏସ୍ ସିଶେନ୍ଦ୍ରୀ, ଇଣ୍ଟିଗ୍ରେଟେଡ୍ ଏମ୍‌ବିଏରେ ଅଂଶୁମାନ ପତି, ବିକ୍ୟାଟ୍ (ସିନେମାଟୋଗ୍ରାଫି)ରେ ନେହା ପ୍ରିୟଦର୍ଶିନୀ, ବିକ୍ୟାଟ୍ (ଫିଲ୍ମ ଏଡିଟିଂ)ରେ ସାନିଧ୍ୟା ନାୟକ, ଏମ୍‌ଫାର୍ମରେ ହିତେଶ କୁମାର ଧଳ, ଏମ୍‌ଆର୍କିଟେକ୍‌ରେ ଅସ୍ମିତା ସୁବୁଦ୍ଧି ଏବଂ ଏମ୍‌ପ୍ଲାନ୍‌ରେ ଉର୍ମିକାନ୍ତ ମାନିନନ୍ଦନ ସାହୁ ପ୍ରମୁଖ ଟପ୍ପର ହୋଇଛନ୍ତି। ସେହିପରି ଏମ୍‌ଟେକ୍‌ରେ ମନ୍ମଥ ବେହେରା ସମସ୍ତ ବିଭାଗ ମଧ୍ୟରୁ ଟପ୍ପର ହୋଇଛନ୍ତି। ସେହିପରି ସିଭିଲ୍ ଇଞ୍ଜିନିୟରିଂରେ ସୂରଜ କୁମାର ଦାଶ ଟପ୍ପର ହୋଇଥିବାବେଳେ, ମେକାନିକାଲରେ ଶୁଭଙ୍କର ଜେଠୀ, କମ୍ପ୍ୟୁଟର ସାଇନ୍ସରେ ପ୍ରାଚୀ ପ୍ରଜ୍ଞା, ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ୍ ଇଞ୍ଜିନିୟରିଂରେ କୃଷ୍ଣଚନ୍ଦ୍ର ନାୟକ, କେମିକାଲ୍ ଇଞ୍ଜିନିୟରିଂରେ ଜିତୁ ପାତ୍ର, ମେଟାଲୁର୍ଜିକାଲ୍‌ରେ ତ୍ରିଲୋଚନ ପ୍ରଧାନ, ଏନ୍‌ଭାଇରମେଣ୍ଟାଲ୍‌ରେ ଅଶ୍ୱିନୀ କୁମାର ପାଣିଗ୍ରାହୀ, ବାୟୋଟେକ୍ନୋଲୋଜିରେ ଦେବୋପ୍ରିୟ ପାଲ୍, ପ୍ଲାଷ୍ଟିକ୍ ଇଞ୍ଜିନିୟରିଂରେ ସର୍ବଜିତ୍ ଦାସ୍ ଏବଂ ଟେକ୍ସଟାଇଲ୍ ଇଞ୍ଜିନିୟରିଂରେ ମନିଷା ରାଉଳ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଚଳିତବର୍ଷ ୯୨,୪୮୮ ଜଣ ଛାତ୍ରଛାତ୍ରୀ ପଞ୍ଜିକରଣ କରିଥିବାବେଳେ ୮୦,୩୨୪ ଜଣ ଅର୍ଥାତ ୮୬.୮୪% ପିଲା ପରୀକ୍ଷା ଦେଇଥିଲେ। ର୍‍ୟାଙ୍କ ପାଇଥିବା ପିଲାମାନେ ଚଳିତ ଶିକ୍ଷାବର୍ଷରେ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ୧୭ ଗୋଟି ବୈଷୟିକ ଏବଂ ବୃତ୍ତିଗତ ପାଠ୍ୟକ୍ରମରେ ନାମଲେଖାଇବା ପାଇଁ ଓଜେଇଇ କାଉନସେଲିଂରେ ଅଂଶଗ୍ରହଣ କରିପାରିବେ। ଫଳାଫଳ ପୁସ୍ତିକାକୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉନ୍ମୋଚନ କରି ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବୈଷୟିକ ଶିକ୍ଷା ଏବଂ ତାଲିମ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ସମର୍ଥ ବର୍ମା, ଅତିରିକ୍ତ ଶାସନ ସଚିବ ସୁକାନ୍ତ କୁମାର ପ୍ରଧାନ, ଓଜେଇଇ ଅଧ୍ୟକ୍ଷ ଦେବ ପ୍ରକାଶ ଶତପଥି ଓ ସମ୍ପାଦକ ରଞ୍ଜନ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ କାଉଁସେଲିଂ ସରିବା ପରେ ବଳକା ସିଟ୍‌ରେ ନାମଲେଖା ପାଇଁ ଜୁଲାଇ ୧୫ ଓ ୧୬ ତାରିଖରେ ସ୍ୱତନ୍ତ୍ର ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ଅନୁଷ୍ଠିତ ହେବ।

## ରେମୁଣାରେ ବାଲି ମାଫିଆଙ୍କ ଆତଙ୍କରାଜ

# ଖଣି ଅଧିକାରୀଙ୍କୁ ଗାଡ଼ିରୁ ଟାଣିଆଣି ପିଟିଲେ





ବାଲେଶ୍ୱର,୧୦।୬(ସମିସ): ବାଲେଶ୍ୱର ଜିଲ୍ଲାରେ ଦିନକୁ ଦିନ ବାଲି ମାଫିଆଙ୍କ ଆତଙ୍କରାଜ୍ ବଢ଼ିଚାଲିଛି। ଏପରିକି ଚଢ଼ଉବେଳେ ପ୍ରଶାସନିକ ଅଧିକାରୀ ମଧ୍ୟ ବାଲି ମାଫିଆଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ବିଗତ ଦିନରେ ଜିଲ୍ଲାର ଜଳେଶ୍ୱର ଅଞ୍ଚଳରେ ଖଣି ଅଧିକାରୀ ଚଢ଼ଉ ପାଇଁ ଯାଇ

**ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି**

ବାଲି ମାଫିଆଙ୍କ ଆକ୍ରମଣରେ ଲହୁଲୁହାଣ ହେବାର ନଜିର ରହିଛି। ମଙ୍ଗଳବାର ରେମୁଣା ଅଞ୍ଚଳରେ ମଧ୍ୟ ସମାନ ଏକ ଘଟଣା ଘଟିଛି। ରେମୁଣା ବ୍ଲକ୍‌ର ବୁଢ଼ାବଳଙ୍ଗ ନଦୀ କାଠସଙ୍ଗଡ଼ାଠାରେ ବେଆଇନ ବାଲି ଉତ୍ତୋଳନ ହେଉଥିବାବେଳେ ଚଢ଼ଉ କରିବାକୁ ଯାଇଥିବା କନିଷ୍ଠ ଖଣି ଅଧିକାରୀଙ୍କ ସମେତ ଅନ୍ୟମାନଙ୍କୁ ବାଲି ମାଫିଆମାନେ ଗାଡ଼ିରୁ ଟାଣି ଆଣି ମାଡ଼ ମାରିଛନ୍ତି। ଏଥିରେ ଗୁରୁତର ଆହତ କନିଷ୍ଠ ଖଣି ଅଧିକାରୀ ତାପସ ବେହେରା ଏବଂ ଗାଡ଼ି ଚାଳକ ଦେବାଶିଷ ମହାନ୍ତିଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣା ବାବଦରେ ଖଣି ଅଧିକାରୀ ରେମୁଣା ଥାନାରେ ଅଭିଯୋଗ କରିଛନ୍ତି।

କାଠସଙ୍ଗଡ଼ା ନିକଟରେ ଥିବା ୧୨୩ ଏବଂ ୧୪୫ ନମ୍ବର ପ୍ଲଟ୍‌ରେ ବାଲି ଉତ୍ତୋଳନ ପାଇଁ ସରକାର ଲିଜ୍ ପ୍ରଦାନ କରିଛନ୍ତି। ମାତ୍ର ୬୮ ନମ୍ବର ପ୍ଲଟ୍‌ରେ ବେଆଇନ ଭାବେ ବାଲି ଉତ୍ତୋଳନ ହେବା ନେଇ ଅଭିଯୋଗ ହେଉଥିଲା। ଏହି ଅଭିଯୋଗକୁ ଆଧାର କରି ମଙ୍ଗଳବାର ଜିଲ୍ଲା ଖଣି ବିଭାଗ ପକ୍ଷରୁ କନିଷ୍ଠ ଖଣି ଅଧିକାରୀ ଶ୍ରୀ ବେହେରାଙ୍କ ନେତୃତ୍ୱରେ ଏକ ୭ଜଣିଆ ଟିମ୍ ରେମୁଣା ବ୍ଲକ୍ ଅନ୍ତର୍ଗତ ବୁଢ଼ାବଳଙ୍ଗ ନଦୀପଠାସ୍ଥିତ କାଠସଙ୍ଗଡ଼ାକୁ ଯାଞ୍ଚ ପାଇଁ ଯାଇଥିଲେ। ହେଲେ ସେଠାରେ କିଛି ବାଲି ମାଫିଆ ପ୍ରଥମେ ସେମାନଙ୍କୁ ରାସ୍ତାରେ ଅଟକାଇବା ସହ ଗାଡ଼ିରୁ ଟାଣି ଆଣି ଗୋଡ଼ାଇ ଗୋଡ଼ାଇ ମାଡ଼ ମାରିଥିଲେ। ଯାହାଫଳରେ ଶ୍ରୀ ବେହେରା ଏବଂ ତାଙ୍କ ଡ୍ରାଇଭର ଶ୍ରୀ ମହାନ୍ତି ଗୁରୁତର ଆହତ ହୋଇଥିଲେ। ଖବରପାଇ ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଡାକ୍ତରଖାନାରେ ପହଞ୍ଚି ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଯେଉଁଠାରେ ବାଲି ଉଠାଇବା ପାଇଁ ଟେଣ୍ଡର ହୋଇଛି ସେଠାରେ ଅନ୍ୟ ଲୋକ ବାଲି ଉଠାଇବାରୁ ସମସ୍ୟା ଉପୁଜୁଛି। ଅପରପକ୍ଷେ ଚଢ଼ଉ ସମୟରେ ପୁଲିସର ସହଯୋଗ ନେବା ଜରୁରୀ। ତେବେ ଅଭିଯୁକ୍ତମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ଶ୍ରୀ ରାଜଶିର୍କେ କହିଛନ୍ତି। ଆକ୍ରମଣକାରୀଙ୍କ ବିରୋଧରେ ରେମୁଣା ଥାନାରେ ଅଭିଯୋଗ ହୋଇଥିବା ଜିଲ୍ଲା ଖଣି ଅଧିକାରୀ ସନ୍ତୋଷୀପ୍ରଭା ସେଠୀ କହିଛନ୍ତି।

# ୧୨ ଜିଲ୍ଲାକୁ ବ୍ୟାପିଲାଣି କରୋନା: ୫୬ ଆକ୍ରାନ୍ତ

ଭୁବନେଶ୍ୱର, ୧୦।୬(ସମିସ): ମେ' ପ୍ରଥମ ସପ୍ତାହରେ ରାଜଧାନୀ ଭୁବନେଶ୍ୱରରେ ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲା। ମାସକ ଭିତରେ ଏବେ ଏହା ୧୨ଟି ଜିଲ୍ଲାକୁ ବ୍ୟାପିଗଲାଣି। ସୋମବାର ଅନୁଗୁଳ, ବରଗଡ଼, କନ୍ଧମାଳ, ଗଞ୍ଜାମ ଓ ସୁବର୍ଣ୍ଣପୁର ଆଦି ଜିଲ୍ଲାରୁ ସଂକ୍ରମଣ ଚିହ୍ନଟ ହୋଛନ୍ତି। ସୋମବାର ସୁଦ୍ଧା ରାଜ୍ୟରୁ ଚିହ୍ନଟ ହୋଇଥିବା ମୋଟ ୫୬ କରୋନା ରୋଗୀଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୩ ଜଣ ଚିହ୍ନଟ ହୋଇଛନ୍ତି। ସେହିପରି କଟକରୁ ୧୮ ଜଣ ଚିହ୍ନଟ ହୋଇଥିବାବେଳେ ପୁରୀରୁ ୩ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ବାଲେଶ୍ୱର, ଜଗତସିଂହପୁର ଓ ସୁନ୍ଦରଗଡ଼ ଜିଲ୍ଲାରୁ ୨ଜଣ ଲେଖାଏଁ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ସେହିଭଳି କେନ୍ଦୁଝର, ଅନୁଗୁଳ, ବରଗଡ଼, କନ୍ଧମାଳ, ଗଞ୍ଜାମ ଓ ସୁବର୍ଣ୍ଣପୁର ଜିଲ୍ଲାରୁ ଜଣେ ଲେଖାଏଁ କୋଭିଡରେ ଆକ୍ରାନ୍ତ ହୋଇଛନ୍ତି। ଚଳିତ ବର୍ଷ ରାଜ୍ୟର ମୋଟ୍ କୋଭିଡ୍ ରୋଗୀଙ୍କ ସଂଖ୍ୟା ୫୬ରେ ପହଞ୍ଚିଛି। ସାମବାର ୫ ଜଣ ରୋଗୀ ସୁସ୍ଥ ହେବା ସହ ବର୍ତ୍ତମାନ ସୁଦ୍ଧା ମୋଟ ୨୦ ଜଣ ସୁସ୍ଥ ହୋଇଥିବା ଜଣାପଡ଼ିଛି। ଫଳରେ ରାଜ୍ୟରେ ଏବେ ୩୬ଜଣ ସକ୍ରିୟ ରୋଗୀ ଅଛନ୍ତି। କରୋନା କିମ୍ବା ଥଣ୍ଡା, କାଶ ଭଳି ରୋଗର ଲକ୍ଷଣ ଥିଲେ, ଘରେ ରୁହନ୍ତୁ। ଲକ୍ଷଣ ଅନୁଭବ କଲେ, ବିଭିନ୍ନ ସମାବେଶରୁ ଦୂରେଇ ରହିବା ସହ ନିଜକୁ ଅଲଗା ରଖିବା ଉଚିତ୍ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ନୂତନ ଷ୍ଟ୍ରେନ ଅଧିକ ବିପଦପୂର୍ଣ୍ଣ ହୋଇ ନଥିଲେ ବି ସତର୍କ ରହିବା ସମସ୍ତଙ୍କ ପାଇଁ ଭଲ ବୋଲି ବିଭାଗ କହିଛି।

# ଏଆଇ କ୍ୟାମେରାରେ ପୁଣି ଧରାପଡ଼ିଲେ ୨ ଶିକାରୀ




ବାରିପଦା,୧୦।୬(ସମିସ): ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ଶିକାର ନିମନ୍ତେ ଅନୁପ୍ରବେଶ କରିଥିବା ୨ଜଣ ଶିକାରୀଙ୍କୁ ବନ ବିଭାଗ ଧରିବାରେ ସଫଳ ହୋଇଛି। ଶିକାରୀ ଦାଉରୁ ବନ୍ୟଜନ୍ତୁଙ୍କୁ ସୁରକ୍ଷା ନିମନ୍ତେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଖଞ୍ଜା ଯାଇଥିବା ଏଆଇ କ୍ୟାମେରାରେ ଉଭୟ ଶିକାରୀ ଧରାପଡ଼ିଛନ୍ତି। ଗିରଫ ଶିକାରୀଦ୍ୱୟ ହେଲେ ଶରତ ଥାନା ଅନ୍ତର୍ଗତ କାଶୀଝରଣ ଗ୍ରାମର ଜାନଡୋକ ସିଂ(୩୩) ଓ ଲାଦୁରା ସିଂ(୪୫)। ସେମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ, ୧ଟି ଧନୁ, ୨ଟି ତୀର ଓ ଅନ୍ୟାନ୍ୟ ସରଞ୍ଜାମ ଜବତ କରାଯାଇଛି। ବନ୍ୟଜନ୍ତୁ ଶିକାର କରିବା ଉଦ୍ଦେଶ୍ୟରେ ୫/୬ ଜଣ ଦଳବଦ୍ଧ ହୋଇ ମାରଣାସ୍ତ୍ର ଧରି ଶିମିଳିପାଳ ଅଭୟାରଣ୍ୟର କୋର୍ ଅଞ୍ଚଳକୁ ପ୍ରବେଶ କରିଥିଲେ। ଯାହାକୁ ନେଇ ଏଆଇ କ୍ୟାମେରା ଯାଞ୍ଚ କରି ୨ ଜଣଙ୍କୁ ଧରିଛନ୍ତି। ଶିକାରୀଦ୍ୱୟଙ୍କୁ ଗିରଫ କରି ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି।

# ପୁରୀରେ ପଶିଲା କରୋନା

ପୁରୀ,୧୦।୬(ସମିସ): ରାଜ୍ୟରେ କାୟା ମେଲାଉଛି କରୋନା। ଧୀରେ ଧୀରେ ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ଡେଉଁଛି କୋଭିଡ୍ ଭୂତାଣୁ। ଦୀର୍ଘ ଦୁଇରୁ ଅଢ଼େଇ ବର୍ଷ ପରେ ପୁରୀ ଜିଲ୍ଲାରେ ପ୍ରବେଶ କରିଛି କରୋନା। ବୁଧବାର ସ୍ନାନଯାତ୍ରା। ପୁରୀରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେବ। ଏହାର ଅବ୍ୟବହିତ ପୂର୍ବରୁ ଜିଲ୍ଲାରୁ ୩ ଜଣ ଆକ୍ରାନ୍ତ ଚିହ୍ନଟ ହେବା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି। କାରଣ ଆଗକୁ ରଥଯାତ୍ରା, ବାହୁଡ଼ା, ସୁନାବେଶ ଭଳି ପର୍ବପର୍ବାଣି ରହିଛି। ରଥଯାତ୍ରାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ଼ ହେବ। ଦେଶ ବିଦେଶରୁ ଭକ୍ତ ସାମିଲ ହେବେ। ହେଲେ ପୁରୀ ଜିଲ୍ଲା ସମେତ ପଡ଼ୋଶୀ ଖୋର୍ଦ୍ଧା ଏବଂ ଗଞ୍ଜାମ ଜିଲ୍ଲାରେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାରୁ ଏହା ଏବେ ଚିନ୍ତାର ବିଷୟ ହୋଇଛି।

**ରଥଯାତ୍ରା ପାଇଁ ଚିନ୍ତା ବଢ଼ିଲା**



କରୋନା ପାଇଁ ୨୦୨୦ ଓ ୨୦୨୧ ରଥଯାତ୍ରା କାଣ୍ଟଛାଣ୍ଟ ହୋଇଥିଲା। ୨୦୨୦ ମସିହାର ରଥଯାତ୍ରା ଇତିହାସ ରଚିଥିଲା। କରୋନାର ଭୟାବହତା ଭିତରେ ରଥଯାତ୍ରା ହେବ କି ନାହିଁ ସେ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ଆଇନଗତ ଲଢ଼େଇ ବି ଚାଲିଥିଲା। ଶେଷ ମୁହୂର୍ତ୍ତରେ କେବଳ ପୁରୀ ରଥଯାତ୍ରାକୁ ସର୍ତ୍ତମୂଳକ ଅନୁମତି ଦେଇଥିଲେ ସୁପ୍ରିମ୍‌କୋର୍ଟ। ବିନା ଭକ୍ତରେ ଏବଂ ସମସ୍ତଙ୍କ ସହଯୋଗରେ ବଡ଼ଦାଣ୍ଡରେ ଗଡ଼ିଥିଲା ତିନିରଥ। ଉହଡହ ଖରାରେ ସେବାୟତମାନେ ଖାଲି ପାଦରେ ରଥ ଟାଣିଥିଲେ। ୨୦୨୧ରେ ମଧ୍ୟ ବିନା ଭକ୍ତରେ ବଡ଼ଦାଣ୍ଡରେ ଗଡ଼ିଥିଲା ତିନିରଥ। କେବଳ ସେବାୟତମାନେ ହିଁ ରଥ ଟାଣିଥିଲେ। ଏହାପରେ ୩ ବର୍ଷ ସ୍ୱାଭାବିକ ରଥଯାତ୍ରା ଅନୁଷ୍ଠିତ ହୋଇଥିଲାବେଳେ ଏବେ ପୁଣି ଡରାଇଲାଣି କରୋନା। ସୂଚନାଥାଉ କି, ସୋମବାର ଅନୁଷ୍ଠିତ ରଥଯାତ୍ରା ସମନ୍ୱୟ କମିଟି ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ ଯେଉଁମାନଙ୍କର କୋଭିଡ୍ ଲକ୍ଷଣ ରହୁଛି ସେମାନେ ରଥଯାତ୍ରାକୁ ନ ଆସନ୍ତୁ।

# ଦାଦନଗଡ଼ରେ ବିଧାୟକଙ୍କ ଭାଇଙ୍କ ଦାଦାଗିରି

## ଶ୍ରମିକଙ୍କୁ ଅପହରଣ କରି ମାଡ଼ ମାରିଲେ

ବଲାଙ୍ଗୀର/କଣ୍ଟାବାଞ୍ଜି,୧୦।୬(ସମିସ): ବଲାଙ୍ଗିର ଜିଲ୍ଲାର ଦାଦନଗଡ଼ରେ କମୁନାହିଁ ଦାଦନ ଶ୍ରମିକଙ୍କ ଦୁଃଖ। ରାଜ୍ୟ ବାହାରକୁ ଗଲେ ଇଟାଭାଟି ମାଲିକ ନିର୍ଯାନତା ଦେଉଥିବା ବେଳେ ଭିଟାମାଟିରେ ରହିଲେ ଦାଦା ସର୍ଦ୍ଦାର ନିର୍ଯାତନା କରୁଥିବା ଅଭିଯୋଗ ହେଉଛି। ବଲାଙ୍ଗିର ଜିଲ୍ଲା ଦାଦନ ପ୍ରବଣ ପଛୁଆ ଅଞ୍ଚଳ ଦାଦନଗଡ ତୁରେକେଲା ବ୍ଲକ୍ ଅଞ୍ଚଳରୁ। ଗୌତମ ବାଗ ପୁଲିସ ଚାକିରିରୁ ଅବସର ନେବା ପରେ ଏବେ ପାଲଟିଛନ୍ତି ଅଞ୍ଚଳର ପ୍ରଭାବଶାଳି ଦାଦନ ସର୍ଦ୍ଦାର ପାଲଟିଛନ୍ତି। ସଂପୃକ୍ତ ଦାଦନ ସର୍ଦ୍ଦାର ଗୌତମ ବାଗ କଣ୍ଟାବାଞ୍ଜି ବିଜେପି ବିଧାୟକ ଲକ୍ଷ୍ମଣ ବାଗଙ୍କ ବଡ ଭାଇ। ମଙ୍ଗଳବାର ତୁରେକେଲା ଥାନା ଅନ୍ତର୍ଗତ ଗୁର୍ଲାଉଡା ଗାଁର ଦାଦନ ଶ୍ରମିକ ଦେବଙ୍ଗ ପୋଢ କଣ୍ଟାବାଞ୍ଜି ଆସିଥିବା ବେଳେ ସେହି ସମୟରେ ଖୁଟୁଲୁମୁଣ୍ଡା ଗାଁର ଦାଦନ ସର୍ଦ୍ଦାର ଗୌତମ ବାଗ ଦାଦନ ଶ୍ରମିକ ଦେବଙ୍ଗଙ୍କୁ ଉଠାଇ ନେଇ ତାଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ରଖି ନିର୍ମମ ଭାବରେ ମାଡ ମାରିବା ପରେ ଶ୍ରମିକ ଜଣକ ତାଙ୍କ ପୁଅ ଜିତେନ୍ ପୋଢକୁ ଫୋନ କରିଥିଲେ। ଏହା ପରେ ଦାଦନ ସର୍ଦ୍ଦାର ଗୌତମ ବାଗ ନିର୍ଦ୍ଦିଷ୍ଟ ସ୍ଥାନକୁ ଦାଦନ ଶ୍ରମିକଙ୍କୁ ଛଡ଼ାଇବାକୁ ତାଙ୍କ ସ୍ତ୍ରୀ ଓ ପୁଅ ଯିବାରୁ ଦାଦନ ସର୍ଦ୍ଦାର ଗୌତମ ବାଗ ଦାଦନ ଶ୍ରମିକଙ୍କ ସ୍ତ୍ରୀଙ୍କୁ ମଧ୍ୟ ଏକ ଘରେ ତାଲା ପକାଇ ରଖି ଗାଳିଗୁଲଜ କରିଥିଲେ। ଦାଦନ ଶ୍ରମିକଙ୍କୁ ବାଡିରେ ମାଡ୍ ମାରିବା ସହ ଗୋଇଠା ମାରିବା ଯୋଗୁଁ ଦାଦନ ଶ୍ରମିକଙ୍କ ନାକରୁ ରକ୍ତ ସ୍ରାବ ହେବା ସହ ଗୋଟିଏ ହାତରେ ମଧ୍ୟ ଆଘାତ ଲାଗିଛି। ବାପା ମାଆଙ୍କୁ ଉଦ୍ଧାର କରିବାକୁ ପୁଅ ଜିତେନ ପୋଢ ତୁରେକେଲା ଥାନାରେ ଲିଖିତ ଅଭିଯୋଗ ଥିଲେ। ଏତଲାକୁ ଆଧାର କରି ତୁରେକେଲା ପୁଲିସ ଖୁଟୁଲୁମୁଣ୍ଡା ଗାଁର ଦାଦନ ସର୍ଦ୍ଦାର ଗୌତମ ବାଗଙ୍କ ନିର୍ଦ୍ଦିଷ୍ଟ ସ୍ଥାନରୁ ଦାଦନ ଶ୍ରମିକ ଦେବଙ୍ଗ ପୋଢ ଓ ତାଙ୍କ ସ୍ତ୍ରୀକୁ ଉଦ୍ଧାର କରି ସମ୍ପୃକ୍ତ ଦାଦନ ସର୍ଦ୍ଦାର ତଥା ବିଧାୟକଙ୍କ ଭାଇଙ୍କ ବଡ଼ଭାଇ ଗୌତମ ବାଗଙ୍କୁ ତୁରେକେଲା ଥାନାକୁ ଆଣି ଅଟକ ରଖିଥିଲେ। ତୁରେକେଲା ପୁଲିସ ଶ୍ରମିକଙ୍କ ଡାକ୍ତରୀ ମାଇନା କରିଛନ୍ତି। ଦାଦନ ଚାଲାଣର ଅଗ୍ରୀମ ଟଙ୍କା କାରବାରକୁ ନେଇ ଶ୍ରମିକଙ୍କୁ ଦାଦନ ସର୍ଦ୍ଦାର ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଯେଉଁ ଦାଦନ ପ୍ରବଣ ଅଞ୍ଚଳ ଶ୍ରମିକଙ୍କ ଦୁଃଖ ଦୂର କରିବାକୁ ଲୋକେ ଜନ ପ୍ରତିନିଧି ଭାବରେ ତାଙ୍କ ଭାଇଙ୍କୁ ଭୋଟ ଦେଇ ନିର୍ବାଚିତ କରୁଛନ୍ତି ତାଙ୍କ ଭାଇ ଶ୍ରମିକଙ୍କୁ ମାଡ଼ ମାରିବା ଘଟଣାକୁ ସବୁ ମହଲରେ ନିନ୍ଦା କରାଯାଉଛି। ଏବେ ଦାଦନଗଡ଼ରେ ବିଧାୟକଙ୍କ ଭାଇଙ୍କ ଦାଦାଗିରି ବୋଲି ଚର୍ଚ୍ଚା ହେଉଛି।

# ଯବାନଙ୍କ ଜୀବନ ନେଲା ଅନ୍‌ଲାଇନ୍ ଗେମ୍

ଗରଦପୁର,୧୦।୬(ସମିସ): ଅନ୍‌ଲାଇନ୍ ଗେମ୍‌ରେ ଲକ୍ଷ ଲକ୍ଷ ଟଙ୍କା ହରାଇ ଆତ୍ମହତ୍ୟା କରିଛନ୍ତି ଜଣେ ବିଏସ୍‌ଏଫ୍ ଯବାନ। ଯବାନ ଜଣକ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ୍ ରାମଚନ୍ଦ୍ରପୁର ପଞ୍ଚାୟତ ପହଣା ଗ୍ରାମର ଅଭିରାମ ଦାଶଙ୍କ ପୁଅ ସୂର୍ଯ୍ୟକାନ୍ତ ଦାଶ(୩୬)। ସେ ବିଏସ୍‌ଏଫ୍‌ର କୋଲକାତା ହେଡ୍‌କ୍ୱାର୍ଟରରେ କାର୍ଯ୍ୟରତ ଥିଲେ। ଗତ କିଛିଦିନ ଧରି ସେ ଅନ୍‌ଲାଇନ୍ ଗେମ୍ ମାୟାଜାଲରେ ପଡ଼ିଯାଇଥିଲେ ବୋଲି ଅଞ୍ଚଳବାସୀ କହିଛନ୍ତି। ଲକ୍ଷ ଲକ୍ଷ ଟଙ୍କା ହରାଇବା ପରେ ମାନସିକ ଭାରସାମ୍ୟ ହରାଇ ବସିଥିଲେ। ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଛନ୍ତି। ଖବର ପ୍ରଚାରିତ ହେବା ପରେ ସମଗ୍ର ଗରଦପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମଙ୍ଗଳବାର କୋଲକାତାରୁ ତାଙ୍କ ମରଶରୀର ଆସିବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।


# ନିଲମ୍ବିତ ହେଲେ ଆଇଏଏସ୍ ଚକ୍‌ମା, ଜେଲ୍‌ରେ ଅସୁସ୍ଥ

ଭୁବନେଶ୍ୱର,୧୦।୬(ସମିସ): ୧୦ଲକ୍ଷ ଲାଞ୍ଚ ନେଇ ଗିରଫ ହୋଇ ଜେଲ ଯାଇଥିବା ଆଇଏଏସ୍ ଅଫିସର ତଥା ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକମାଙ୍କୁ ରାଜ୍ୟ ସରକାର ଆଜି ନିଲମ୍ବିତ କରିଛନ୍ତି। ଇତିମଧ୍ୟରେ ଜେଲରେ ଥିବା ଚକମାଙ୍କ ସ୍ୱାସ୍ଥ୍ୟ ବିଗିଡ଼ି ଯାଇଛି। ତାଙ୍କୁ ଜେଲରେ ଚିକିତ୍ସା ଦେଉଛନ୍ତି ଡାକ୍ତରୀ ଟିମ୍। ଏହି ଟିମ୍ ତାଙ୍କ ସ୍ୱାସ୍ଥ୍ୟ ଉପରେ କଡ଼ା ନଜର ରଖିଛନ୍ତି। ଗତକାଲି ଜାମିନ ନାମଞ୍ଜୁର ହବାପରେ ତାଙ୍କୁ ଭବାନୀପାଟଣା ଜିଲ୍ଲା କାରାଗାରକୁ ପଠାଇ ଦିଆଯାଇଥିଲା। ଆଜି ତାଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଥିବା ସୂଚନା ମିଳିଛି। ଜଣେ ବ୍ୟବସାୟୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ୍ ଚକମା ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏହାପରେ ତାଙ୍କ ସରକାରୀ ବାସଭବନରୁ ୪୭ଲକ୍ଷ ୪୭ ହଜାର ୬୦୦ ଟଙ୍କା ଜବତ ହୋଇଥିଲା। ଏକାଧିକ ସ୍ଥାନରେ ଚଢାଉ ବେଳେ ସମୁଦାୟ ୫୭ ଲକ୍ଷ ୪୬ ହଜାର ୬୦୦ ଟଙ୍କା ଜବତ ହୋଇଥିଲା।

୨୦୨୧ ବ୍ୟାଚର ଆଇଏଏସ୍ ଧୀମାନ ତ୍ରିପୁରାର ଏକ ଆଭ୍ୟନ୍ତରୀଣ ଅଞ୍ଚଳ କାଞ୍ଚନପୁରର ବାସିନ୍ଦା। ତାଙ୍କ ବାପା ଜଣେ ସ୍କୁଲ ଶିକ୍ଷକ। ଅଗରତାଲା ଏନ୍‌ଆଇଟିରୁ କମ୍ପ୍ୟୁଟର ସାଇନ୍ସରେ ଡିଗ୍ରି ହାସଲ କରିବା ପରେ ସେ ୟୁପିଏସି ପରିଚାଳିତ ଭାରତୀୟ ପ୍ରାଶାସନିକ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଲାଞ୍ଚ ନେବା ମାମଲାରେ ଗତକାଲି ପୁଣି ଭିଜିଲାନ୍ସର ଏକ ଟିମ୍ ଧର୍ମଗଡ଼ ଯାଇ ଉପଜିଲ୍ଲାପାଳଙ୍କ ଅଫିସରେ ଛାନଭିନ୍ କରିଥିଲେ। ଯାହାଫଳରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରି ତଦନ୍ତ କରିଥିବା ଜଣା ପଡ଼ିଛି।

# ଭିଜିଲାନ୍ସ ପଞ୍ଝାରେ ଲମତାପୁଟ ବ୍ଲକ୍ ସହକାରୀ ଯନ୍ତ୍ରୀ

କୋରାପୁଟ/ଲମତାପୁଟ,୧୦।୬(ସମିସ): ମଙ୍ଗଳବାର ଅପରାହ୍ଣରେ ଲମତାପୁଟ ବ୍ଲକ୍‌ର ସହକାରୀ ଯନ୍ତ୍ରୀ ସୁଚିସ୍ମିତା ପରିଜା 'ମନରେଗା' ବିଲ୍ ପାସ୍ କରିବାକୁ ଜଣେ ଠିକାଦାରଙ୍କଠାରୁ ୮ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଭିଜିଲାନ୍ସ ଟିମ୍ ସହକାରୀ ଯନ୍ତ୍ରୀଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିଛନ୍ତି।



ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ ତାଙ୍କ ବାସଗୃହ, ସେମିଳିଗୁଡ଼ା ଏବଂ ଭୁବନେଶ୍ୱରରେ ଥିବା ଘରେ ମଧ୍ୟ ଚଢ଼ଉ ଜାରି ରହିଥିବା ଜଣାପଡ଼ିଛି। କୋରାପୁଟ ଭିଜିଲାନ୍ସ ଥାନା କେସ୍ ନଂ ୨୨/୨୦୨୫, ଦୁର୍ନୀତି ନିବାରଣ ଆଇନ ପ୍ରକାରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଭିଜିଲାନ୍ସ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଚଢ଼ଉରେ ୩ ଜଣ ଡିଏସ୍‌ପି, ୨ ଜଣ ଇନ୍ସପେକ୍ଟର ସାମିଲ ଥିଲେ। ସୂଚନା ମୁତାବକ, ଲମତାପୁଟ ବ୍ଲକ୍ ନନ୍ଦପୁର ଥାନା ଅଧୀନରେ ଥିବା ଉମ୍ବେଲ ପଞ୍ଚାୟତର ଜନୈକ ବ୍ୟକ୍ତି କରିଥିବା 'ମନରେଗା' ଯୋଜନାର ଘାଟ କଟିଙ୍ଗ୍ କାର୍ଯ୍ୟର ବିଲ୍ କରିବାକୁ ସହକାରୀ ଯନ୍ତ୍ରୀ ସୁଚିସ୍ମିତା

**'ମନରେଗା' ବିଲ୍ ପାସ୍ ପାଇଁ ୮ ହଜାର ଟଙ୍କା ଲାଞ୍ଚ ନେଉଥିଲେ**

ପରିଜା ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ବ୍ୟକ୍ତି ଜଣକ ପ୍ରଥମେ ୫ ହଜାର ଟଙ୍କା ଦେଇ ବଳକା ୧୦ ହଜାର ପରେ ଦେବାକୁ କହି ସୋମବାର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ମଙ୍ଗଳବାର ଉକ୍ତ ୧୦ ହଜାର ଟଙ୍କା ମଧ୍ୟରୁ ୮ ହଜାର ଟଙ୍କା ଦେବାବେଳେ ଭିଜିଲାନ୍ସ ଟିମ୍ ଚଢ଼ଉ କରି ରାସାୟନିକ ରଙ୍ଗ ଦିଆଯାଇଥିବା ୮ ହଜାର ଟଙ୍କା ଜବତ କରିବା ସହ ଯନ୍ତ୍ରୀଙ୍କୁ ଗିରଫ କରିଛନ୍ତି।

# ଭିଜିଲାନ୍ସ ଜାଲରେ ମହିଳା କନିଷ୍ଠ ଯନ୍ତ୍ରୀ

ଗାଇସିଲେଟ,୧୦।୬(ସମିସ): ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଛନ୍ତି ବରଗଡ଼ ଜିଲ୍ଲା ଗାଇସିଲେଟ୍ ବ୍ଲକ୍ ଡାଙ୍ଗବାହାଲ ପଞ୍ଚାୟତର ମହିଳା କନିଷ୍ଠ ଯନ୍ତ୍ରୀ ସସ୍ମିତା ଓରାମ। ମଙ୍ଗଳବାର ସେ ଜଣେ ପୂର୍ବତନ ସରପଞ୍ଚଠାରୁ ୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ସସ୍ମିତା ଗତ ୧ ବର୍ଷ ହେବ ଗାଇସିଲେଟ ବ୍ଲକ୍



ଡାଙ୍ଗବାହାଲ ପଞ୍ଚାୟତରେ ଚାକିରିରେ ଯୋଗଦେଇଥିଲେ। ସେ 'ମନରେଗା' କାର୍ଯ୍ୟର ଏକ ରାସ୍ତା କାମ ପାଇଁ ପୂର୍ବତନ ସରପଞ୍ଚ ପ୍ରଦୀପ ସାହୁଙ୍କୁ ୮ ହଜାର ଟଙ୍କା ଲାଞ୍ଚ ଦେବାକୁ ଦାବି କରିଥିଲେ। ଏନେଇ ଅଭିଯୋଗକାରୀ ପୂର୍ବତନ ସରପଞ୍ଚ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ଟିମ୍ ଲାଞ୍ଚ ଟଙ୍କା ଗ୍ରହଣବେଳେ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଲାଞ୍ଚ ଟଙ୍କା ସହ ତାଙ୍କୁ କାବୁ କରିଥିଲେ।

# ଆଜି ସ୍ନାନ ପୂର୍ଣ୍ଣିମା

ସମ୍ବଲପୁର, ୧୦।୬ (ସମିସ): ଜ୍ୟେଷ୍ଠ ଶୁକ୍ଳ ପକ୍ଷ ପୂର୍ଣ୍ଣିମା ତିଥିରେ ସାରା ରାଜ୍ୟ ସହିତ ସମ୍ବଲପୁରରେ ଭାବଗ୍ରାହୀ ମହାପ୍ରଭୁ ଜଗନ୍ନାଥଙ୍କ ସ୍ନାନ ଯାତ୍ରା ଅନୁଷ୍ଠିତ ହେବ। ବିଧି ଓ ପରମ୍ପରା ଅନୁଯାୟୀ ଭୋର ସମୟରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରାଙ୍କ ସ୍ନାନ କରାଯିବାପରେ ଚତୁର୍ଦ୍ଧାମୂର୍ତ୍ତି ସ୍ନାନବେଦୀରେ ଦର୍ଶନ ଦେବେ।

ସମ୍ବଲପୁରର ସର୍ବପୁରାତନ ବ୍ରହ୍ମପୁରା ମନ୍ଦିରରେ ପରଂପରା ଅନୁଯାୟୀ ରୀତିନୀତି ମଧ୍ୟରେ ସ୍ନାନ ପୂର୍ଣ୍ଣିମା ଆୟୋଜନ କରାଯିବ। ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର ଏବଂ ଦେବୀ ସୁଭଦ୍ରା ସେନାପଟା ଲାଗି ହେବା ଉତାରୁ ଧାଡ଼ି ପହଣ୍ଡିରେ ଗମ୍ଭୀରାରୁ ସ୍ନାନ ମଣ୍ଡପକୁ ନିଆଯିବ। ସେଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହିତ ପରମ୍ପରା ଅନୁସାରେ ଝାଡୁଆପଡ଼ାର ଏକ ପୁରାତନ କୂଅରୁ ଅଣା ଯାଇଥିବା ୧୦୮ ଗରିଆ ଜଳରେ ଅଗୁର, ସର୍ବୌଷଧୀ, ଚନ୍ଦନ, କର୍ପୁର, ଗୋଲାପ ଜଳ, ବିଭିନ୍ନ ତୀର୍ଥ କ୍ଷେତ୍ରରୁ ସଂଗୃହୀତ ଜଳ ମିଶ୍ରଣ କରାଯାଇ ସୁବାସିତ ଜଳରେ ବିଗ୍ରହ ମାନଙ୍କୁ ସ୍ନାନ କରାଯିବ।

ଝାଡୁଆପଡ଼ାର ବ୍ରହ୍ମପୁରା ସହିତ ମହାନ୍ତିପଡ଼ାର ଦଧିବାମନ, କୁଞ୍ଜେଲପଡ଼ାର ହୋତାପଡ଼ା, ହାଟପଡ଼ାର ସତ୍ୟବାଦୀ, ଦଲେଇପଡ଼ାର ମଦନମୋହନ ଓ ଲିଆଖାଇ, ନନ୍ଦପଡ଼ାର ଯଜ୍ଞବରାହ, ଗୁରୁପଡ଼ାର ଟିମିନି, ବାଲିବନ୍ଧାର କୋଠା ମହାପ୍ରଭୁ, ମୁଦିପଡ଼ାର ଜଗନ୍ନାଥ, ମଠପାଲିର ରାନିମଠ, ଭତରାର ରାମଜୀ ମଠ, ଧନୁପାଲିର ଗୋପାଳଜୀ, କମଲିବଜାରର ଗୋପାଳଜୀମଠର ଜଗନ୍ନାଥ, ବାଲିବନ୍ଧାର ରଘୁନାଥଜୀଉ ମନ୍ଦିର, ସାକ୍ଷୀପଡ଼ାର ରାଧାମଦନଗୋପାଳ ମନ୍ଦିରରେ ଶ୍ରୀ ଜଗନ୍ନାଥଙ୍କ ସ୍ନାନ ଯାତ୍ରା ଅନୁଷ୍ଠିତ ହେବ। ସ୍ନାନବେଦୀରେ ଦର୍ଶନ ଦେବାପରେ ସନ୍ଧ୍ୟାରେ ବିଗ୍ରହମାନଙ୍କୁ ଅଣସର ଘରକୁ ନିଆଯିବ।

# ଧନୁପାଲି ରଥଯାତ୍ରା ପ୍ରସ୍ତୁତି



ସମ୍ବଲପୁର, ୧୦।୬ (ସମିସ): ମଙ୍ଗଳବାର ସନ୍ଧ୍ୟାରେ ଧନୁପାଲି ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଅଧକ୍ଷ ତଥା ଆରଏସ୍ଏସ୍‌ର ପୂର୍ବତନ ସଂଘ ଚାଳକ ବିପିନ ବିହାରୀ ନନ୍ଦଙ୍କୁ ଚଳିତ ବର୍ଷ ଧନୁପାଲି ରଥଯାତ୍ରା ସମୟରେ ମହାପ୍ରଭୁ ଜଗନ୍ନାଥଙ୍କ ଛେରାପହଁରା ସେବା କାର୍ଯ୍ୟ ସମ୍ପାଦନ କରିବା ପାଇଁ ଅନୁରୋଧ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହାପରେ କମିଟିର କାର୍ଯ୍ୟକାରିଣୀ ସଦସ୍ୟ ଓ ମନ୍ଦିର ପୂଜକ ସମସ୍ତେ ଶ୍ରୀ ନନ୍ଦଙ୍କ ଗୋବିନ୍ଦଟୋଲାସ୍ଥିତ ବାସଭବନକୁ ଯାଇ ରଥ ଯାତ୍ରା ସମୟରେ ଛେରାପହଁରା କାର୍ଯ୍ୟ ତୁଲେଇବାକୁ ଅନୁରୋଧ କରିଥିଲେ। କମିଟିର ନିଷ୍ପତ୍ତିକୁ ସମ୍ମାନ ଜଣାଇ ଶ୍ରୀ ନନ୍ଦ ମହୋଦୟ ସମ୍ମତି ପ୍ରଦାନ କରିଥିଲେ। ଏହା ପରେ ମନ୍ଦିର ପୂଜକ ତଥା ପଣ୍ଡିତ ମନମୋହନ ପାଣିଗ୍ରାହୀ, ପଣ୍ଡିତ ସୁବ୍ରତ ପୁରୋହିତ ବିଧିପୂର୍ବକ ମଙ୍ଗଳାଚରଣ କରି ବରଣ କରିଥିଲେ। ପରେ ଶ୍ରୀ ଶ୍ରୀ ଗୋପାଳଜୀ ମହାପ୍ରଭୁଙ୍କ ମନ୍ଦିରରେ ଆଗାମୀ କାଲି ଦେବସ୍ନାନ ପୂର୍ଣ୍ଣିମା ପାଇଁ ନିମନ୍ତ୍ରଣ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ କମିଟିର ମୁଖ୍ୟ ସଂଯୋଜକ ଶରତ ଚନ୍ଦ୍ର ପାଢ଼ୀ, ସଭାପତି ବିଦେଶୀ ସାନବଡ଼, କାର୍ଯ୍ୟକାରୀ ସଭାପତି ଦେବାଶିଷ ପୁରୋହିତ, ଉପସଭାପତି ସୌରଭ ରଞ୍ଜନ ମହାପାତ୍ର, କୋଷାଧ୍ୟକ୍ଷ ଚୈତନ୍ୟ ନାୟକ, ଉପଦେଷ୍ଟା ବିଷ୍ଣୁ ଗୁରୁ, ରାମ ନାୟକ, ସନ୍ତୋଷ ଗୁରୁ, ନେପାଳ ମିଶ୍ର, ଗଜେନ୍ଦ୍ର ପୂଜାରୀ, ବିପିନ ଗଡ଼ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ଅଟକି ରହୁଛି ଧାନଗାଡ଼ି

# ଆଗରୁ ସମସ୍ୟା ଥିଲା 'ଟୋକନ୍', ଏବେ 'ଟାର୍ଗେଟ୍'

ସମ୍ବଲପୁର,୧୦।୬(ସମିସ)



ଟାର୍ଗେଟ୍‌କୁ ନେଇ ଚାଷୀ ମୁଣ୍ଡରେ ଚଡ଼କ। ଗୋଟିଏପଟେ ଅଦିନିଆ ବର୍ଷା ଅନ୍ୟପଟେ ମଣ୍ଡିରେ ପଡ଼ିରହିଛି ଧାନ। ମଣ୍ଡିକୁ ଧାନ ଆଣିଲେ ଟୋକନ ଥାଇ ବି ଚାଷୀ ଧାନ ବିକ୍ରୀ କରିପାରୁନାହିଁ। ମିଲର୍‌ଙ୍କୁ ସରକାର ଟାର୍ଗେଟ ଦେବାରେ ଜାଣିଶୁଣି ବିଳମ୍ବ କରୁଛନ୍ତି। ଜିଲ୍ଲାର ବିଭିନ୍ନ ମଣ୍ଡିରେ ଦିନରାତି ଧାନ ଜଗିରହୁଛି ଚାଷୀ। ଏହାକୁ ପ୍ରତିବାଦ କରି ସୋମବାର ଚାଷୀମାନେ ୫୩ ନମ୍ବର ଜାତୀୟ ରାଜପଥ ପାଞ୍ଚଘଣ୍ଟା ଧରି ଅବରୋଧ କରିଥିଲେ। ଅନ୍ୟପକ୍ଷରେ ଆଜି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମ୍ବଲପୁର ଗସ୍ତରେ ଆସି କହିଛନ୍ତି ଯେତେ ମାଗିବେ ଟାର୍ଗେଟ୍ ଦେବୁ। ଏଭଳି କ୍ଷେତ୍ରରେ ଚଳିତ ରବି ଋତୁରେ ବମ୍ପର କ୍ରପ୍ ହୋଇଥିବାବେଳେ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଯେତିକି ଟାର୍ଗେଟ୍ ଦରକାର ଆମେ ଦେବୁ। ଅନ୍‌ଲାଇନ୍‌ରେ କାମ ଚାଲିଛି ଘଣ୍ଟେ ଦି'ଘଣ୍ଟା ଭିତରେ ଏଠାକୁ ପଳେଇଆସିବ। ଗୋଟିଏ ବି ଟୋକନ୍ ଲାପ୍ସ ହେବନାହିଁ ଯଦି ଗୋଟିଏ ବି ଟୋକନ୍ ଲାପ୍ସ ହେଲା, ତାହେଲେ ଜିଲ୍ଲାପାଳ ମାନଙ୍କ ହାତରେ ୧୫ ଦିନ ଅବଧି ଅଛି, ସେହି ସମୟ ମଧ୍ୟରେ ସେମାନେ ତାହାକୁ ସମାପ୍ତ କରିବେ। ହୀରାକୁଦ ବୁଡ଼ି ଅଞ୍ଚଳ ସମ୍ବଲପୁରର ବସନ୍ତପୁର, ଝାରସୁଗୁଡ଼ାର ଲଖନପୁର ଚାଷ କରିବାକୁ ଯୋଗାଣ ବିଭାଗ ମନାକରିଛି, ଏହି ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ବସନ୍ତପୁର ଅଞ୍ଚଳର ଚାଷୀମାନଙ୍କୁ ଆମେ ଅନୁମତି ଦେଇଛୁ, ତାଙ୍କ ଧାନ କିଣା ହେବ ବୋଲି କହିଛୁ। ସେଥିରେ କିଛି ଅସୁବିଧା ନାହିଁ। ଏନେଇ ସଚିବ କିପରି ଚିଠିଲେଖିଲେ ବୋଲି ପ୍ରଶ୍ନକୁ ମନ୍ତ୍ରୀ ଏଡ଼ାଇ ଯାଇଥିଲେ। ସେହିପରି ଡିଏଲ୍‌ପିସିର କ୍ଷମତା ନାହିଁ ବୋଲି ଚାଷୀମାନେ ବାରମ୍ବାର ଅଭିଯୋଗ କରି ଆସିଛନ୍ତି ବୋଲି ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଲେ ଯେ, ଡିଏଲ୍‌ପିସିର ପୁରା କ୍ଷମତା ଅଛି। ଯଦି କେଉଁଠି ଅସୁବିଧା ଅଛି ମୁଁ ଜିଲ୍ଲାପାଳଙ୍କୁ କହିଛି ଡିଏଲ୍‌ପିସିକୁ ପୁରା କ୍ଷମତା ଦିଆଯାଉ ତାହାକୁ ପାୱାରଲେସ୍ ନକରାଯାଉ। ହୀରାକୁଦ ବୁଡ଼ି ଅଞ୍ଚଳରେ ଚାଷକୁ ନେଇ ସଚିବ ଓ ମନ୍ତ୍ରୀଙ୍କ ମଧ୍ୟରେ ତାଳମେଳ ନଥିବା ଚାଷୀ ଅଭିଯୋଗ କରୁଛନ୍ତି।

ମଙ୍ଗଳବାର ଚାଷୀମାନେ ସର୍କିଟ୍ ହାଉସ୍‌ଠାରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଭେଟି ଟାର୍ଗେଟ୍ ସମସ୍ୟା ନେଇ ଅବଗତ କରିଥିଲେ। ଚାଷୀମାନେ କହିଛନ୍ତି ପୂର୍ବବର୍ଷ ଗୁଡ଼ିକରେ ଟୋକନ ସମସ୍ୟା ଥିଲା। ଟୋକନ୍ ନଆସିବା, ଅମଳ ପୂର୍ବରୁ ଆସିଗଲେ ଲ୍ୟାପ୍ସ ହେବା ସମସ୍ୟା କିମ୍ବା ପରେ ଆସିଲେ ଅମଳ ଧାନକୁ ସୁରକ୍ଷିତ ରଖିବା ସମସ୍ୟା ଥିଲା। ଏବେ କିନ୍ତୁ ସମସ୍ୟା ହେଉଛି 'ଟାର୍ଗେଟ୍'। ଚାଷ କରିବା ଜୀବଦ୍ଦଶାରେ କେବେ ଟାର୍ଗେଟ୍ ସମସ୍ୟା ହୋଇନଥିଲା ବୋଲି ଚାଷୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ କହିଛନ୍ତି, ଧାନ ଗାଡ଼ି ଗୁଡ଼ିକ ଟାର୍ଗେଟ୍ ନାହିଁ ବୋଲି ମଣ୍ଡି ମାନଙ୍କରେ ଛିଡ଼ା ହୋଇଛି। ଆଜି ଟାର୍ଗେଟ୍ ଆସିଲା, କାଲି ଆସିଲା ବୋଲି ଚାଷୀ ଅପେକ୍ଷା କରିଛି। ଟାର୍ଗେଟ୍ ଆସିବା ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା। ଅଫ୍‌ଲାଇନ୍‌ରେ ଗୋଟିଏ ହିସାବ ଆସୁଛି, ଅନ୍‌ଲାଇନ୍‌ରେ ଗୋଟିଏ ହିସାବ ଆସୁଛି। ପଚାରିଲେ କହୁଛନ୍ତି ଘଣ୍ଟାକରେ ଦୁଇଘଣ୍ଟାରେ ଆସିଯିବ ବୋଲି କହୁଛନ୍ତି। ଏହି ସମସ୍ୟା ସମାଧାନ ନହେଲେ ଚାଷୀ କାହା କଥା ଶୁଣିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସଭାପତି ଉମେଶ ଚନ୍ଦ୍ର ମିଶ୍ର କହିଛନ୍ତି, ଗୋଟିଏ ମାସ ଅବଧି ରବି ଧାନକ୍ରୟ ସମୟରେ କିଭଳି ସୁରଖୁରୁରେ ହେବ ବୋଲି ଚିନ୍ତା କଲାବେଳକୁ ଗୋଟିଏ ପଟେ ଅଦିନିଆ ବର୍ଷା ଅନ୍ୟପଟେ ଧାନବୋଝେଇ ଗାଡ଼ି ଛିଡ଼ା ହୋଇରହୁଛି। ପ୍ରଶାସନିକ ଅଧିକାରୀ କିଛି ଶୁଣୁନାହାନ୍ତି। ଧାନକିଣା ଆରମ୍ଭର ପ୍ରାୟ ୧୦ ଦିନ ପରଠୁ ଟାର୍ଗେଟ୍ ସମସ୍ୟା ଆରମ୍ଭ ହୋଇଛି। ଅଧିକ ଟାର୍ଗେଟ୍‌କୁ ନେଇ ମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଥିବା ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ଜିଲ୍ଲା ସମ୍ପାଦକ ଦେବେନ୍ଦ ପ୍ରଧାନ କହିଛନ୍ତି, ଚାଷୀକୁ ଟୋକନ ଦେଇଦିଅନ୍ତୁ ଓ ଟାର୍ଗେଟ୍ ଦେଇଦିଅନ୍ତୁ, ଚାଷୀ ମଣ୍ଡିକୁ ନେଇ ତା'ର ଧାନ ବିକ୍ରୟ କରିବ। ଚାଷୀ ମଣ୍ଡିକୁ ନେଇ ଦୁଇତିନି ଦିନ ଧରି ଜଗିରହୁଛି। ତାହା କଷ୍ଟକର ହେଉଛି। ଗତକାଲି ଆନ୍ଦୋଳନ ପରେ ବି ଏପର୍ଯ୍ୟନ୍ତ ଧାନ କିଣା ଟାର୍ଗେଟ୍ ଆସିନାହିଁ, ଆଜି ମନ୍ତ୍ରୀ ଆସିଛନ୍ତି କହୁଛନ୍ତି ଆସିଯିବ। ଶୀଘ୍ର ଟାର୍ଗେଟ୍ ନ ଆସିଲେ ଚାଷୀ କ୍ଷତିଗ୍ରସ୍ତ ହେବ।

ଉଲ୍ଲେଖଯୋଗ୍ୟ ଯେ, ଗତ ମେ ୧୪ ତାରିଖରୁ ସମ୍ବଲପୁର ଜିଲ୍ଲାରେ ରବି ଧାନକ୍ରୟ ଆରମ୍ଭ ହୋଇଛି। ଆଉ ମାତ୍ର ୪ ଦିନରେ ଧାନକିଣା ସରିବ। ଚାଷୀମାନେ ମଣ୍ଡିକୁ ଦୈନିକ ପ୍ରାୟ ୭ରୁ ୧୦ ହଜାର ପ୍ୟାକେଟ୍ ଧାନ ନେଉଥିବାବେଳେ ଟାର୍ଗେଟ୍ ନଥିବାରୁ ମଣ୍ଡିମାନଙ୍କରେ ଧାନ ଗାଡ଼ି ପଡ଼ିରହୁଛି। ଚାଷୀମାନେ ନିଜ ଧାନକୁ ଜଗି ରହୁଛନ୍ତି। ଏପରିସ୍ଥଳେ ଟୋକନ୍ ଲ୍ୟାପ୍ସ ହୋଇଯିବା ଆଶଙ୍କା ମଧ୍ୟ ରହିଛି।

# ଚାଉଁରପୁର ପୋଲ ଉପରେ ଦୁର୍ଘଟଣା

ସମ୍ବଲପୁର, ୧୦।୬(ସମିସ): ମଙ୍ଗଳବାର ରାତି ୭ଟା ସମୟରେ ଚାଉଁରପୁର ପୋଲ ଉପରେ ଏକ କାର୍‌କୁ ବୁଲେଟ ପଛପଟେ ଧକ୍କା ଦେବାରୁ କାର୍‌ର ପଛପଟୁ କିଛି ଅଂଶ ଭାଙ୍ଗି ଯାଇଥିଲା। ଏନେଇ କାର୍ ଚାଳକ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତୁରନ୍ତ ବୁଲେଟ୍ ଚାଳକଙ୍କୁ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି।

# ସଡ଼କ ଦୁର୍ଘଟଣା, ଜଣେ ଆହତ

ସମ୍ବଲପୁର, ୧୦।୬(ସମିସ):ଟାଉନ ଥାନା ଅନ୍ତର୍ଗତ ଚର୍ଚ୍ଚ ଛକ ନିକଟରେ ଦୁଇ ବାଇକ୍ ଧକ୍କାରେ ଜଣେ ବାଇକ୍ ଚାଳକ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ରାତି ପ୍ରାୟ ୭ଟାରେ ଜଣେ ଯୁବକ ସମ୍ବଲପୁର ସଦର ମେଡିକାଲରେ ଜଣଙ୍କୁ ସାକ୍ଷାତକରି କୁଲୁଣ୍ଡିସ୍ଥିତ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ଚର୍ଚ୍ଚ ଛକରେ ଏକ ବାଇକ୍ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡ଼ି ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ସଦର ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲେ। ଏନେଇ କୌଣସି ମାମଲା ରୁଜୁ ହୋଇନଥିବା ଜଣାପଡ଼ିଛି।

## ସମ୍ବଲପୁର ଜିଲ୍ଲାରେ ବିକାଶମୂଳକ କାର୍ଯ୍ୟ ସମୀକ୍ଷା

# 'ଚାଲିଥିବା କାମ ତ୍ୱରାନ୍ୱିତ କରି ଶୀଘ୍ର ଶେଷ କର'



ସମ୍ବଲପୁର, ୧୦।୬ (ସମିସ) : ସମ୍ବଲପୁରରେ ଜିଲ୍ଲାରେ ବିଭିନ୍ନ ବିଭାଗର ଚାଲିଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉ ଏବଂ ଯେଉଁ ଯେଉଁ ସ୍ଥାନରେ ବାଧକ ରହିଛି ତାହାକୁ ଗୁରୁତ୍ୱ ଦେଇ ଯୋଜନା ଓ ସମୟ ଅବଧି ଅନୁଯାୟୀ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ସମଗ୍ର ଶିକ୍ଷା ଅଭିଯାନ ସଭାକକ୍ଷରେ ଆଜି ପୂର୍ବାହ୍ଣରେ ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ଅଧ୍ୟକ୍ଷତାରେ ସମ୍ବଲପୁର ଜିଲ୍ଲାରେ ଚାଲିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓ କାର୍ଯ୍ୟକ୍ରମ ଗୁଡ଼ିକର ସମୀକ୍ଷା ହୋଇଥିଲା। ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଗାମୀ ୧୭ରୁ ବିକାଶ ମେଳା ଆୟୋଜନ ହେବାନେଇ ନିଷ୍ପତ୍ତି ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ଅବସରରେ ଏକ ସାଧାରଣ ସଭା ସହ ରାଲି ହେବ। ବୈଠକରେ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ନାଉରୀ ନାଏକ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ମନ୍ତ୍ରୀଙ୍କ ପ୍ରତିନିଧି ଦୁଷ୍ମନ୍ତ ରାୟ, ସମ୍ବଲପୁର ବିଧାୟକଙ୍କ ପ୍ରତିନିଧି ସମୀର ରଞ୍ଜନ ବାବୁ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ, ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିସ ଶୁଭ୍ରା ପଣ୍ଡାଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ବୈଠକରେ ସ୍ୱାସ୍ଥ୍ୟ, ପାନୀୟଜଳ, ଶିକ୍ଷା, ମହିଳା ଓ ଶିଶୁ ସୁରକ୍ଷା, ଏମ୍ଏସ୍ଏମ୍‌ଇ, ଶକ୍ତି, ବନ୍ୟଜନ୍ତୁ ଓ ପରିବେଶ, ଗ୍ରାମୀଣ ବିକାଶ, ଉଦ୍ୟୋଗ ଓ ମାଇନିଂ, ବୈଜ୍ଞାନିକ ଉନ୍ନତି ଆଦି ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଯୋଜନା ବିଷୟରେ ଅଧିକାରୀମାନେ ବିବରଣୀ ଉପସ୍ଥାପନ କରିଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ ପାତ୍ର ସମସ୍ତ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଯଥାଶୀଘ୍ର ନିଷ୍ପତ୍ତି ନେଇ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜମି ଓ ବନଭୂମି ସମ୍ପର୍କିତ କାର୍ଯ୍ୟ ଚାଲିଥିବା କ୍ଷେତ୍ର ମନ୍ତ୍ରୀ ପରିଦର୍ଶନ କରିବେ ବୋଲି ଜଣାପଡ଼ିଛି।

# ୧୦୦ ଫୁଟ୍ ଗଭୀରତାକୁ ଡାଇଭ୍ କରି ରେକର୍ଡ କଲେ ତିସ୍ୟା



ସମ୍ବଲପୁର, ୧୦।୬(ସମିସ): ସମ୍ବଲପୁରର ସ୍କୁବା ଡାଇଭର୍ ତିସ୍ୟା ପାଣିଗ୍ରାହୀ ୮ ଜୁନ ୨୦୨୫ରେ ୧୦୦ ଫୁଟ୍ (୩୦ ମିଟରରୁ ଅଧିକ) ଗଭୀରତାକୁ ଡାଇଭ୍ କରି ନିଜ ୧୫ତମ ଜନ୍ମଦିନ ପାଳନ କରିଛନ୍ତି। ଏହାସହ ଏହି ଉପଲବ୍ଧ ହାସଲ କରିବାରେ ସେ ସବୁଠାରୁ କନିଷ୍ଠ ଓଡ଼ିଆ ହୋଇଛନ୍ତି। ବ୍ୟକ୍ତିଗତ ଆକାଂକ୍ଷା, ସାହସିକତା ଓ ସମୁଦ୍ର ପ୍ରତି ଭଲପାଇବା ଯୋଗୁଁ ଏହା ସମ୍ଭବ ହୋଇପାରିଛି। ସଲ୍‌ତନତ୍ ଅଫ୍ ଓମାନର ସୁନ୍ଦର ଡେମାନିୟାତ୍ ଦ୍ୱୀପପୁଞ୍ଜର ଗାର୍ଡେନ ଅଫ୍ ଇଡେନ ଡାଇଭ୍ ସାଇଟ୍‌ରେ ଏହି ରେକର୍ଡ ସୃଷ୍ଟିକାରୀ ଡାଇଭ୍ କରିଛନ୍ତି ତିସ୍ୟା। ଏହି ଦ୍ୱୀପଗୁଡ଼ିକ ମସ୍କଟର ସାମୁଦ୍ରିକ ସୀମାରେ ଗଲ୍ଫ ଅଫ୍ ଓମାନରେ ଅବସ୍ଥିତ। ଏହି ଡାଇଭ୍ ତିସ୍ୟାଙ୍କୁ ଓଡ଼ିଶାର ସବୁଠାରୁ କନିଷ୍ଠ ୧୦୦ ଫୁଟ ଗଭୀରତାକୁ ଡାଇଭ୍ କରିଥିବା ସ୍କୁବା ଡ୍ରାଇଭର ବନାଇଦେଇଛି। ଏହି ଗଭୀରତାକୁ ପହଞ୍ଚିଥିବା କନିଷ୍ଠ ଡାଇଭରମାନଙ୍କ ମଧ୍ୟରେ ଅନ୍ୟତମ ହୋଇଛନ୍ତି ତିସ୍ୟା। ସେ ତାଙ୍କ ବାପା ପ୍ରିୟଦର୍ଶୀ ପାଣିଗ୍ରାହୀଙ୍କ ସହ ଏହି ଡାଇଭ୍ କରିଥିଲେ। ପ୍ରିୟଦର୍ଶୀ ନିଜେ ମଧ୍ୟ ଜଣେ ଆଡ଼ଭାନସ୍‌ଡ ସ୍କୁବା ଡାଇଭର। ତିସ୍ୟା ଅଗଷ୍ଟ ୨୦୨୦ରେ ୧୦ ବର୍ଷ ବୟସରେ ଓଡ଼ିଶାର ସବୁଠାରୁ କନିଷ୍ଠ ସ୍କୁବା ଡାଇଭର ହୋଇଥିଲେ, ଏବଂ ୧୨ ବର୍ଷ ବୟସରେ ଓଡ଼ିଶାର କନିଷ୍ଠ ଆଡ଼ଭାନସ୍‌ଡ ଓପନ୍ ୱାଟର ଡାଇଭର ହୋଇଥିଲେ। ସେ ପୂର୍ବରୁ ୨୧ ମିଟର (୭୦ ଫୁଟ) ପର୍ଯ୍ୟନ୍ତ ଡ୍ରାଇଭ୍ କରିପାରୁଥିଲେ। ତେବେ ତାଙ୍କୁ ୧୫ ବର୍ଷ ହେବା ସହିତ ସେ ପାଇଁ ୩୦ ମିଟର (୧୦୦ ଫୁଟ) ଡାଇଭ୍ କରିବାକୁ ଅନୁମତି ପାଇଥିଲେ, ଯେଉଁଥିପାଇଁ ସେ ଅନେକ ଦିନରୁ ଅପେକ୍ଷା କରି ରହିଥିଲେ। ଏହି ସମୟରେ ଓମାନ ନାଗରିକ ତଥା ଓମାନ୍ତା ସ୍କୁବା ଡାଇଭିଂ ଏକାଡେମୀ ମାଲିକ ନାସିର ଅଲ୍ ଖଞ୍ଜାରିଙ୍କ ମଧ୍ୟ ତିସ୍ୟା ଓ ପ୍ରିୟଦର୍ଶୀଙ୍କ ସହ ରହିଥିଲେ।

ତିସ୍ୟା କହିଛନ୍ତି, ମୁଁ ବହୁଦିନ ଧରି ଏହି ଦିନର ଅପେକ୍ଷା କରୁଥିଲି ଯେ ମୁଁ ୩୦ ମିଟର ଯାଏଁ ଡାଇଭ୍ କରିପାରିବି ଓ ନିଜର ଏହି ବ୍ୟକ୍ତିଗତ ଲକ୍ଷ୍ୟ ସାଧନ କରିପାରିବି। ଏହା 'ୱାର୍ଲଡ ଓସନ୍‌ସ ଡେ'ରେ ହୋଇଥିବାରୁ ମୁଁ ବେଶ୍ ଖୁସି। ଆମେ ଡାଇଭର୍‌ମାନେ ସମୁଦ୍ରର ଅତି ଗଭୀରରେ ଡାଇଭ୍ କରୁଥିବାରୁ ଆମେ ନିକଟରୁ ସାମୁଦ୍ରିକ ଜୀବନକୁ ଦେଖିପାରୁ। ତିସ୍ୟାଙ୍କ ବାପା ପ୍ରିୟଦର୍ଶୀ କହିଛନ୍ତି, ତିସ୍ୟା ଏହି ମୁହୂର୍ତ୍ତ ପାଇଁ ଦୀର୍ଘ ବର୍ଷ ଧରି ଅପେକ୍ଷା କରି ରହିଥିଲେ। ତାଙ୍କ ଏକ ସ୍ୱପ୍ନ ପୂରଣ ହେଲା ପରି। ଏହା କେବଳ ଏକ ଡାଇଭ ନୁହେ ଏହା ତିସ୍ୟାଙ୍କ ପ୍ରତିବଦ୍ଧତା, ସାହସ ଓ ସାଗର ପ୍ରତି ଗଭୀର ଭଲ ପାଇବାର ଏକ ଝଲକ। ସମ୍ବଲପୁରରେ ଜନ୍ମଗ୍ରହଣ କରିଥିବା ତିସ୍ୟା, ପୂର୍ବତନ ମନ୍ତ୍ରୀ ଓ ସାଂସଦ ଶ୍ରୀବଲ୍ଲଭ ପାଣିଗ୍ରାହୀ ଓ ଶିକ୍ଷାବିତ୍ ସୁନନ୍ଦା ପାଣିଗ୍ରାହୀ ଏବଂ ପୂର୍ବତନ ସମ୍ବଲପୁର ବିଧାୟିକା ଡା. ରସେଶ୍ୱରୀ ପାଣିଗ୍ରାହୀଙ୍କ ନାତୁଣୀ। ମାଲଦ୍ୱିପ, ଜୋର୍ଡାନ, ସେଶେଲସ୍, ୟୁଏଇ ଓ ଓମାନ ଭଳି ସ୍ଥାନଗୁଡ଼ିକରେ ଡାଇଭ୍ କରିଥିବା ତିସ୍ୟା ପ୍ରମାଣିତ କରିଦେଇଛନ୍ତି ଯେ ବୟସ କେବେ ବି ବାଧକ ସାଜିପାରିବ ନାହିଁ।

# ପୁରାତନ ଛାତ୍ରଙ୍କ ବିୟୋଗରେ ଶୋକସଭା



ସମ୍ବଲପୁର, ୧୦।୬ (ସମିସ):ଟାଉନ ହାଇସ୍କୁଲଠାରେ ପୁରାତନ ଛାତ୍ର ପ୍ରଫୁଲ୍ଲ ପ୍ରଧାନ ଓ ମଙ୍ଗଳ ମହାକୁଡ଼ଙ୍କ ବିୟୋଗରେ ଶୋକସଭା କୈଳାଶ ଚନ୍ଦ୍ର ମିସ୍ତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଦୀନବନ୍ଧୁ ପଣ୍ଡା ସେମାନଙ୍କ ବିଷୟରେ କହିବା ପୂର୍ବରୁ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଗୋରେଖ ଲାଲ ଦାଶ, ପ୍ରମୋଦ ମିଶ୍ର, ସୁରେନ୍ଦ୍ର ମୋହନ ନାଥ ପ୍ରମୁଖ ଉଭୟଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଭାରେ କୈଳାସ ପଣ୍ଡା, ଅଶ୍ୱିନୀ ମହାପାତ୍ର, ଅଭେଦାନନ୍ଦ ପାଣିଗ୍ରାହୀ, ବଳରାମ ମଟାରୀ, ସୁରେନ୍ଦ୍ର ନାଏକ, ବିବେକାନନ୍ଦ ଗୁରୁ, ଲକ୍ଷ୍ମଣ ସଲିମା, ହିମାଂଶୁ ବିଶ୍ୱାଳ, ସଦାନନ୍ଦ ଭାଇସଲ ପ୍ରମୁଖ ଉପସ୍ଥିତ ଥିଲେ।

# ଜବରଦଖଲ ଉଚ୍ଛେଦ ନକରି ନାଳ ତିଆରିରୁ ନେଇ ଉତ୍ତେଜନା



ସମ୍ବଲପୁର, ୧୦।୬ (ସମିସ) : ସମ୍ବଲପୁର ମହାନଗର ଅଞ୍ଚଳରେ ବର୍ଷାଜଳ ନିଷ୍କାସନ ପାଇଁ ବିଭିନ୍ନ ଅଞ୍ଚଳରେ ନାଳ ତିଆରି କରାଯାଉଛି। ତେବେ, ଏହାର କୌଣସି ଦିଗକୁ ନଜର ନରଖି କାମ କରାଯାଉଛି। ଆଜି ଏ.ଏନ୍. ଗୁହା ଲେନ୍‌ର ମୁଖ୍ୟରାସ୍ତାରୁ ଆର୍ଯ୍ୟ ସମାଜକୁ ସଂଯୋଗ କରୁଥିବା ରାସ୍ତାରେ ଥିବା ଇଶାନ୍ ନାଏକ ଗଳିରେ ଏକ ନାଳ ତିଆରି ପାଇଁ ମହାନଗର ନିଗମର ପ୍ରବର୍ତ୍ତନ ଅଧିକାରୀଙ୍କଠାରୁ ଆରମ୍ଭ କରି ରାଜସ୍ୱ ବିଭାଗ ଅମିନ, ଏନ୍‌ଫୋର୍ସମେଣ୍ଟ ଟିମ୍, ଠିକାଦାର ସମସ୍ତେ ପହଞ୍ଚିଥିଲେ। ଏହି ଲେନ୍‌ର ପ୍ରବେଶ ଦ୍ୱାରରେ ଜନୈକ ବ୍ୟକ୍ତି ରାସ୍ତାକୁ ୫ ଫୁଟ୍ ମାଡ଼ି ବସିଛନ୍ତି। ଫଳରେ ଏହି ରାସ୍ତାରେ ଆମ୍ବୁଲାନ୍ସ ଓ ଅନ୍ୟ ଅତ୍ୟାବଶ୍ୟକ ଗାଡ଼ି ଯାଇପାରୁନାହିଁ। ପୁଣି ସଂକୁଚିତ ରାସ୍ତାକୁ ଖୋଳି ନାଳ ତିଆରିକୁ ଅଞ୍ଚଳବାସୀ ବିରୋଧ କରିଥିଲେ। ଏହାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରବର୍ତ୍ତନ ଅଧିକାରୀ ସୁଶାନ୍ତ କୁମାର ସାହୁ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ବଚସା ମଧ୍ୟ ହୋଇଥିଲା। ପ୍ରଥମେ ଗଳି ପ୍ରବେଶ ପଥର ଉକ୍ତ ବ୍ୟକ୍ତିଙ୍କ ୫ ଫୁଟ ଜବରଦଖଲ ପାଚେରୀ ଭଙ୍ଗାଯାଉ ତା'ପରେ ନାଳ କଥା ବିଚାର କରାଯିବ ବୋଲି ଅଞ୍ଚଳବାସୀ ଅଡ଼ି ବସିଥିଲେ। ଅନ୍ୟ ପାଖ ଗଳିରେ ରହୁଥିବା କିଛି ବ୍ୟକ୍ତି ଉଚ୍ଛେଦ ପ୍ରତି ଧ୍ୟାନ ନଦେଇ ନାଳ ତିଆରି କଥା କହିବାରୁ ଅଞ୍ଚଳବାସୀଙ୍କ ସହ ତାଙ୍କ ଯୁକ୍ତିତର୍କ ମଧ୍ୟ ହୋଇଥିଲା। ଏହି ଇସାନ ନାଏକ ଗଳିରେ ଜଣେ ପୂର୍ବତନ ଏସ୍‌ଡିଓଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ରହୁଥିବାବେଳେ ଏହି ବ୍ୟକ୍ତିଙ୍କ ଜବରଦଖଲକୁ ନେଇ ବର୍ଷବର୍ଷ ଧରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏହାପରେ ପ୍ରବର୍ତ୍ତନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ମାପଚୁପ ହେବାରୁ ଉକ୍ତ ବ୍ୟକ୍ତି ଗଳି ରାସ୍ତା ଉପରକୁ ୫ରୁ ୬ ଫୁଟ୍ ଏବଂ ଗୁହା ଲେନ୍‌ର ମୁଖ୍ୟରାସ୍ତାରୁ ଆର୍ଯ୍ୟ ସମାଜକୁ ସଂଯୋଗ କରୁଥିବା ରାସ୍ତାର ଉପରକୁ ୨ ଫୁଟ୍ ମାଡ଼ି ବସିଥିବା ଜଣାପଡ଼ିଥିଲା। ଉକ୍ତ ବ୍ୟକ୍ତିଙ୍କ ୬.୨୩ ଡେସିମିଲ ଜମି ଥିବାବେଳେ ମାପଚୁପରୁ ତାହା ୭ ଡେସିମିଲରୁ ଅଧିକ ଥିବା ମଧ୍ୟ ପ୍ରବର୍ତ୍ତନ ଅଧିକାରୀ କହିଛନ୍ତି। ପ୍ରବର୍ତ୍ତନ ବିଭାଗ ପକ୍ଷରୁ ଉକ୍ତ ବ୍ୟକ୍ତିଙ୍କ ପାଚେରୀ ଉପରେ ଚିହ୍ନ ଦେବାସହ ନୋଟିସ ଜାରି କରାଯାଇଥିବା ସେ ସୂଚନା ଦେଇଛନ୍ତି। ତିନିଦିନ ମଧ୍ୟରେ ଜବରଦଖଲ ପାଚେରୀ ନ ଭାଙ୍ଗିଲେ ବିଭାଗ ପକ୍ଷରୁ ଭାଙ୍ଗି ଦିଆଯିବ ବୋଲି କୁହାଯାଇଛି।

## ୪୦ ଲକ୍ଷର ରାସ୍ତାକାମ ଯୋଜନା ବିହୀନ

ଏ.ଏନ୍. ଗୁହା ଲେନ୍‌ର ମୁଖ୍ୟରାସ୍ତାରେ ମୋହନ ପାନଦୋକାନଠାରୁ ଆର୍ଯ୍ୟ ସମାଜକୁ ସଂଯୋଗ କରୁଥିବା ରାସ୍ତାକାମ ପାଇଁ ଟେଣ୍ଡର ପ୍ରକ୍ରିୟ ସରିଛି। ଏଥିପାଇଁ ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। ଏହି ରାସ୍ତାରେ ପେଭର୍ ବ୍ଲକ ପକାଇବା ସହ ନାଳ ତିଆରି କରି ବର୍ଷା ଜଳସ୍ରୋତକୁ ପ୍ରବାହ କରାଯିବାକୁ ତିନୋଟି ସ୍ଥାନରେ ତଳପଟ ଟାଙ୍ଗନା ନାଳାକୁ ନାଳ ସଂଯୋଗ କରାଯିବ। କିନ୍ତୁ ଯୋଜନା ବିହୀନ ଭାବରେ କାର୍ଯ୍ୟ କରାଯାଉଥିବାରୁ ଏହା ବାଟମାରଣା ହେବା ଆଶଙ୍କା ରହିଛି। ଏବେ ଏହି ରାସ୍ତାରେ ୨ଟି ଗାଡ଼ି ଯା'ଆସ କରିବାରେ ଅସୁବିଧା ହେଉଛି। ୧୨ ଫୁଟ ରାସ୍ତାରେ ଦେଢ଼ ଫୁଟ ନାଳ, ଭବିଷ୍ୟତ ସକାଶେ ସ୍ଥାୟୀ ସମାଧାନ ହେବ ନାହିଁ। ମହାନଗର ନିଗମ ଯେଉଁଠି ବି ରାସ୍ତା କରୁଛି, ଆଖିକାନ ବନ୍ଦ ନକରି ଭଲ ଭାବରେ ଯୋଜନା କରି ସଠିକ୍ ବ୍ୟୟ ଅଟକଳ ପ୍ରସ୍ତୁତ କରି କରିବା କଥା। ଏହି ରାସ୍ତାରେ ବହୁତ ଜବରଦଖଲ ରହିଛି, ତାହାକୁ ମାପଚୁପ କରାଗଲେ ଏକ ପ୍ରଶସ୍ତ ରାସ୍ତା ବାହାରିବ। ମହାନଗରର ଇଞ୍ଜିନିୟରିଂ ଟିମ୍ ଦକ୍ଷ ଓ ପାରଦର୍ଶୀ ହେବା କଥା। ଏଣୁ ମୁଖ୍ୟରାସ୍ତାରୁ ଆର୍ଯ୍ୟ ସମାଜକୁ ସଂଯୋଗ କରୁଥିବା ରାସ୍ତା ମାପଚୁପ କରି ଚଉଡ଼ା କଲାପରେ ଯାଇ କାମ ହେବା କଥା, ଅନ୍ୟଥା ପଡ଼ାବାସୀ ବିରୋଧ କରିବାସହ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ସଂସ୍କାର ଜ୍ୟୋତି ଅନୁଷ୍ଠାନର ବାର୍ଷିକ ଉତ୍ସବ



ସମ୍ବଲପୁର, ୧୦।୬ (ସମିସ) : ସମ୍ବଲପୁର ସଂସ୍କାର ଜ୍ୟୋତି ଅନୁଷ୍ଠାନର ବାର୍ଷିକ ଉତ୍ସବ ଝୁଡ଼ିଆପଡା ଠାରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ସୁକାନ୍ତ ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିବେଶ ବିଜ୍ଞାନବିଭାଗ ଅବସରପ୍ରାପ୍ତ ପ୍ରଫେସର ସଞ୍ଜିତ କୁମାର ସାହୁ, ଆଲୋକ ଅନୁଷ୍ଠାନର ସମ୍ପାଦକ ମନୋଜ କୁମାର ସାହୁ, ସମାଜସେବୀ ସମରେନ୍ଦ୍ର ବେହେରା, ଓଡ଼ିଆ ବିଭାଗର ଯୁବ ଗବେଷକ ପବିତ୍ର ବାଗ ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ଡାକ୍ତର ଓରାମଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଆଲୋକ ଅନୁଷ୍ଠାନ ପକ୍ଷରୁ ଶିଶୁ ଶ୍ରମିକ ବିରୋଧ ବିଷୟରେ ଜନସଚେତନତା ସୃଷ୍ଟି କରିବା ସହିତ ଉପସ୍ଥିତ ସମସ୍ତ ପଡାବାସୀ ଶିଶୁ ଶ୍ରମିକକୁ ବିରୋଧ କରିବାପାଇଁ ଶପଥ ନେଇଥିଲେ। ପିକେ ଉତ୍ତମ ତାଣ୍ଡି ଶିଶୁମାନଙ୍କ ମନୋରଞ୍ଜନ କରିଥିଲେ, ଅନୁଷ୍ଠାନର ଛାତ୍ରଛାତ୍ରୀ ସେବକ ମେହେର, ରୁଦ୍ରପ୍ରତାପ ଓ ସମରେନ୍ଦ୍ରଙ୍କ ନିର୍ଦ୍ଦେଶନାରେ "ପହେଲଗାମ ଆକ୍ରମଣ' ଶୀର୍ଷକ ନାଟକ ପରିବେଷଣ କରିଥିଲେ। ହରିହର ବେହେରା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅନୁଷ୍ଠାନର ଜନନୀ ଓରାମ, ଦୀପିକା ଓରାମ ଓ ସୁକାନ୍ତି ଓରାମ ସହଯୋଗ କରିଥିଲେ।

**ଲୁପ୍ତପ୍ରାୟ ବୁଢାସମ୍ବରିଆ ଘୋଡ଼ା ନାଚ**

# ପୁନର୍ଜୀବିତ କରିବାକୁ ଅଣ୍ଟା ଭିଡ଼ିଲେ ରାଜକୁମାର




**ପଦ୍ମପୁର, ୧୦।୬ (ସମିସ):**

ପଦ୍ମପୁର ଉପଖଣ୍ଡ ଅଞ୍ଚଳର ବହୁ ପ୍ରଚୀନ ପାରମ୍ପରିକ ଲୋକନାଟ୍ୟ ଶୈଳୀ ବୁଢାସମରିଆ ଘୋଡାନାଚ ଦିନକୁ ଲୁପ୍ତ ହେବାରେ ଲାଗିଛି। ଏହାକୁ ପୁର୍ନଜୀବିତ କରିବାକୁ ଢୋଲବନ୍ଧ ଗ୍ରାମରେ ଥିବା ସଚେତନ ହେମା କଳାକାର ରାଜକୁମାର ସାହୁ ଅଣ୍ଟା ଭିଡିଛନ୍ତି। ବୁଢାସମରିଆ ଘୋଡାନାଚକୁ ପୁନର୍ଜୀବିତ କରିବା ଓ ନୂଆ ଆକୃତି ଦେଇ ପୁନର୍ଗଠନ କରିବା ପାଇଁ ସେ ଆଗେଇ ଆସିଛନ୍ତି।

ଲୁପ୍ତପ୍ରାୟ ଏହି ବୁଢାସମ୍ବର ସାଂସ୍କୃତିକ ପରମ୍ପରାକୁ ଆଗାମୀ ପିଢି ପାଇଁ ସୁରକ୍ଷିତ କରିବା ଓ ପ୍ରଚାର କରିବା ଉଦ୍ଦେଶ୍ୟରେ ତାଙ୍କର ଏହି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି। ପୂର୍ବ କାଳରେ ବୁଢାସମ୍ବର ଅଞ୍ଚଳରେ ଘୋଡାନାଚ ଦେଖାଯାଉଥିଲେ କିନ୍ତୁ ସଂଗଠିତ ଭାବେ ପ୍ରସ୍ତୁତ ହୋଇନଥିଲେ। ନାଟ୍ୟକାର ଶ୍ରୀ ସାହୁ ଏହି ଶୈଳୀକୁ ଏକ ବହୁମାତ୍ରିକ ଲୋକନାଟ୍ୟ ଅନୁଭବ ଭାବରେ ପୁନର୍ନିର୍ମାଣ କରୁଛନ୍ତି। ଏହାର ଉପଦେଷ୍ଟା ଗୁରୁ ଆନନ୍ଦ ବାଗ ଥିବା ବେଳେ ବୁଢାସମ୍ବରର ଗାଥା, ଲୋକକଥା ଓ ପୌରାଣିକ ବିଷୟକୁ ଆଧାର କରି ଏହି ପ୍ରୟାସ କେବଳ ଏକ ନାଟ୍ୟ ଅଭିନୟ ନୁହେଁ, ବରଂ ଏହା ବୁଢାସମ୍ବରର ଅସ୍ତିତ୍ୱ, ସ୍ମୃତି, ସଂସ୍କୃତିର ଏକ ଉତ୍ସବ ଓ ଏକ ଆନୁଷ୍ଠାନିକ ଲୋକନାଟ୍ୟ, ନୃତ୍ୟ ଶୈଳୀ; ଯେଉଁଥିରେ କାଠର ଘୋଡା ପୁତୁଳି, ପୌରାଣିକ ଗାଥା ଓ ବୀରତା ରସରେ ଭରିଥିବା ତାଳମୟ ଅଭିନୟ ଦେଖିବାକୁ ପାଇବେ ବୋଲି ରାଜକୁମାର ସୂଚାଇଛନ୍ତି। ବହୁ ପୁରୁଣା କଳାକାରଙ୍କ ଠାରୁ ଜ୍ଞାନ ଆହରଣ କରି ସଚେତନ ହେମା କଳାକାରଙ୍କ ଦ୍ୱାରା ଏହା ପୁର୍ନଜୀବିତ କରାଯିବ ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି।

**● ଗାଇସିଲେଟ୍‌ରେ କିଡ଼ନୀ ରୋଗ ବ୍ୟାପିବା ଘଟଣା**

# ଆକ୍ରାନ୍ତଙ୍କ ଗାଁରେ ପହଞ୍ଚିଲେ ଡାକ୍ତରୀ ଟିମ୍



**ପଦ୍ମପୁର, ୧୦।୬ (ସମିସ):** ପଦ୍ମପୁର ଉପଖଣ୍ଡ ଗାଇସିଲେଟ ଅଞ୍ଚଳରେ ଦିନକୁ ଦିନ କିଡ଼ନୀ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାର କାରଣ ଏବଂ ପ୍ରତିଷେଧକ ବ୍ୟବସ୍ଥାର ଅନୁଧ୍ୟାନ କରିବାକୁ ମଙ୍ଗଳବାର ଗାଇସିଲେଟ୍‌ର ବିଭିନ୍ନ ଗ୍ରାମରେ ପହଞ୍ଚିଛନ୍ତି। ଆଜି ଭୀମସାର ବୁର୍ଲାରୁ ଏକ ଡାକ୍ତରୀ ଟିମ୍ ସହ ଗାଇସିଲେଟର ଡାକ୍ତରୀ ଟିମ୍, ଗୋଷ୍ଠୀ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ସାମିଲ ଥିଲେ। ଗାଇସିଲେଟର ସ୍ୱେଚ୍ଛାସେବୀ ଅନୁଷ୍ଠାନ ୟୁଥ କ୍ଲବ ସଭାପତି ରଞ୍ଜନ ପଣ୍ଡା ଏହି ଟିମ୍ ସହ ଗାଇସିଲେଟ ଅଞ୍ଚଳର ବିଭିନ୍ନ ଗ୍ରାମକୁ ପରିଦର୍ଶନ କରି ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କିଡ୍‌ନୀ ରୋଗ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆଲୋଚନା କରିଥିଲେ। ଲୋକଙ୍କୁ ସଚେତନ କରିବା ସହ ଫୁଟା ପାନୀୟ ଜଳ ବ୍ୟବହାର କରିବାକୁ ସଚେତନ କରିଥିଲେ।

# ରଥଯାତ୍ରା ପରିଚାଳନା କମିଟି କାର୍ଯ୍ୟାଳୟ ଉଦ୍‌ଘାଟିତ



**ଭଟଲି, ୧୦।୬(ସମିସ):** ପଶ୍ଚିମ ଓଡ଼ିଶାର ଶ୍ରୀକ୍ଷେତ୍ର ଭାବେ ଅଭିହିତ ପୂଣ୍ୟ ପବିତ୍ର ଭଟଲିର ଦଧିବାମନଙ୍କ ରଥଯାତ୍ରା ଆସନ୍ତା ଜୁନ୍ ୨୭ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ମଙ୍ଗଳବାର ସଂଧ୍ୟାରେ ରଥଦାଣ୍ଡ ପଡ଼ିଆରେ ଅବସ୍ଥାପିତ ମାଉସୀ ମା' ମନ୍ଦିର ପରିସରରେ ରଥଯାତ୍ରା ପରିଚାଳନା କମିଟିର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଭଟଲି ବିଧାୟକ ଇରାସୀସ ଆଚାର୍ଯ୍ୟ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ପରିଚାଳନା କମିଟିର ସଭାପତି ମୋତିଲାଲ ବନଛୋର, ପ୍ରହଲ୍ଲାଦ ପଧାନ, ଶ୍ୟାମସୁନ୍ଦର ସାହୁ, ଦୁଷ୍ମନ୍ତ ସାହୁ, ସନ୍ତୋଷ ସାହୁ, ବଳରାମ ସାହୁ, ସାମ୍ବାଦିକ ଅର୍ଜୁନ ସାହୁ, ନରସିଂହ ସାହୁ, ମାଧବ ସାହୁ, ସଞ୍ଜୀବ କୁମାର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ପଶ୍ଚିମ ଓଡ଼ିଶା ତେଲି ସମାଜର ବୈଠକ

**ପାଇକମାଲ, ୧୦।୬(ସମିସ):** ପାଇକମାଲ ବ୍ଲକ ମାଣ୍ଡୋସିଲ ମାଉସୀ ମନ୍ଦିର ପରିସରରେ ରାଜୀବ ସାହୁଙ୍କ ସଭାପତିତ୍ୱରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓବିସି ଆକ୍ଟ ଉପରେ ଆଲୋଚନା କରାଯାଇ ତାହାକୁ ଓଡ଼ିଶାରେ ଲାଗୁ କରାଯିବାକୁ ଦାବି କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବରେ ରଙ୍କମଣୀ ସାହୁ, ଉପସଭାପତି ଭାବେ ମାଧବ ସାହୁ ଓ ହରିଶ୍ଚନ୍ଦ୍ର ସାହୁ, ସମ୍ପାଦକ ଭାବେ ଦିଲ୍ଲୀପ ସାହୁ, କୋଷାଧ୍ୟକ୍ଷ ଭା।ବେ ଭରତ ସାହୁଙ୍କୁ ମନୋନୀତ କରାଯାଇଛି। ହେମନ୍ତ ସାହୁ ଧନ୍ୟବାଦ ଦେଇଥିଲେ।



# ରାଇ ଦାମୋଦର ମନ୍ଦିରର ରତ୍ନ ମୁଦ ଉତ୍ସବ

**ବରଗଡ଼, ୧୦।୬(ସମିସ):** ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ବଗେଇବିରା ଗ୍ରାମରେ ନବ ନିର୍ମିତ ରାଇ ଦାମୋଦର ମନ୍ଦିରର ରତ୍ନ ମୁଦ ଉତ୍ସବ ସମ୍ପନ୍ନ ହୋଇଛି। ତିନିଦିନ ଧରି ଆୟୋଜିତ ହୋଇଥିବା ଏହି ଉତ୍ସବରେ ଆଖପାଖ ଅଞ୍ଚଳର ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଅନୁଷ୍ଠିତ ନାମ ଯଜ୍ଞରେ ଆଖପାଖ ଅଞ୍ଚଳର ସଙ୍କୀର୍ତ୍ତନ ମଣ୍ଡଳୀ ସାମିଲ ହୋଇ ରାଇ ଦାମୋଦରଙ୍କ କୀର୍ତ୍ତନ ପରିବେଷଣ କରିଥିଲେ।



ଉଦ୍‌ଯାପନୀ ଦିବସରେ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଭାସିନୀ ପ୍ରଧାନ ଓ ପୁଷ୍ପା ଭୋଇ, ରୋହିତ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ନାମ ଯଜ୍ଞ କମିଟି ଓ ରାଇ ଦାମୋଦର କମିଟି ମନୋହର ବିଭାର, ରଞ୍ଜିତ ତାଣ୍ଡି, ଅଶୋକ ମୁଗ୍ରୀ, ଶଙ୍କର ନାଗ, ନିଗମାନନ୍ଦ ବିଭାର, ରୋହିତ ଦୀପ୍, ତପନ ଦରଦ ମେଘ, ରାଜୀବ କୁଅଁର, ସୁନ୍ଦର ଭୋସାଗର, ସଚିନ ତାଣ୍ଡି, ନିଲୁ ତାଣ୍ଡି, ମନବୋଧ ଭୋସାଗର, ସଚିତ୍ର ଦୀପ, ରାଜକୁମାର ମଲ୍ଲିକ, ସଦାନନ୍ଦ ତାଣ୍ଡି, ଗଜେନ୍ଦ୍ର କୁଅଁର, ସୁଧିର ଭୋସାଗର, ଗୋପାଳ ଦୀପ୍, ଡାକ୍ତର ଦୀପ୍, ସଚିତ୍ର ଦୀପ୍, ଈଶ୍ୱର କୁଅଁର, ଶ୍ରୀକାନ୍ତ ବିଭାର, ସତ୍ୟ ଦରଦ ମେଘ, ଚନ୍ଦନ ଦରଦ ମେଘ, ବିନୋଦ କୁଅଁର ଓ ପୁରନ୍ଦର ଭୋସାଗରଙ୍କର ସହଯୋଗ କରିଥିଲେ।

# ଗଣ୍ଡା ସମାଜର ସଚେତନତା ବୈଠକ



**ବରଗଡ଼, ୧୦।୬(ସମିସ):** ଲକ୍ଷେଘର ଗଣ୍ଡା ସମାଜ ଝାରବନ୍ଧ ବ୍ଲକ କମିଟି ପକ୍ଷରୁ ଏକ ସଚେତନତା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଚଣ୍ଡୀଭଟା ଗ୍ରାମ ପଞ୍ଚାୟତର ବେହେରା ପଡ଼ାଠାରେ ଅନୁଷ୍ଠିତ ବୈଠକରେ ସମାଜର ଯୁବ ବର୍ଗ ଉଚ୍ଚ ଶିକ୍ଷା ଗ୍ରହଣ କରି କିପରି ମୁଖ୍ୟ ସ୍ରୋତରେ ସାମିଲ ହୋଇ ଏକ ସୁସ୍ଥ ସମାଜ ଗଠନ କରିବେ ଓ ନିଶାରୁ ଦୂରରେ ରହିବେ ସେ ଉପରେ ଆଲୋଚନା କରାଯାଇଥିଲା। ସଭାପତି ଭୋଜରାଜ ବାଗଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବ୍ଲକ ସମ୍ପାଦକ ରସିକ କୁମ୍ଭାର, ଉପଦେଷ୍ଟା ଭରତ ମହାନନ୍ଦ, ଅଙ୍ଗଦ ମୁଙ୍ଗରି ପ୍ରମୁଖ ଯୋଗଦେଇଥିଲେ। ଗଣ୍ଡା ସମାଜର ସାମାଜିକ, ଆର୍ଥିକ ତଥା ଶିକ୍ଷା କ୍ଷେତ୍ରରେ କିପରି ଉନ୍ନତି ହେବ ଏବଂ ମହିଳାମାନଙ୍କୁ କିପରି ଶିକ୍ଷିତ କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା। ଚଣ୍ଡୀଭଟା ଓ ଲୌଡିଦର୍ହା ଗ୍ରାମପଞ୍ଚାୟତର କମିଟି ଗଠନ ହୋଇଥିଲା। ଚଣ୍ଡୀଭଟା ପଞ୍ଚାୟତର ସଭାପତି ଭାବେ ଚନ୍ଦ୍ର ମଣି ସୁନା, ଉପସଭାପତି ଭାବେ ଅଭିମନ୍ୟୁ ଛତର, ସମ୍ପାଦକ ଭାବେ ମୋହନ ତାଣ୍ଡି, ସହସମ୍ପାଦକ ଭାବେ ଲୋକନାଥ ଛତର ଏବଂ କୋଷାଧ୍ୟକ୍ଷ ଭାବେ ବୃନ୍ଦାବନ ତାଣ୍ଡି ମନୋନୀତ ହୋଇଛନ୍ତି। ସେହିପରି ଲୌଡିଦର୍ହା ପଞ୍ଚାୟତର ସଭାପତି ଭାବେ ସୁବାଷ ସୁନା, ଉପସଭାପତି ଭାବେ ସବିତ ମହାନନ୍ଦ, ସମ୍ପାଦକ ଭାବେ କୃଷ୍ଣ ଚରଣ ସାଗର, ସହ ସମ୍ପାଦକ ଭାବେ ଅମୃତ ଲୁହାର ମନୋନୀତ ହୋଇଛନ୍ତି। ଉଭୟ ପଞ୍ଚାୟତର ପ୍ରତ୍ୟେକ ଗ୍ରାମର ଦୁଇ ଜଣଙ୍କୁ ସଦସ୍ୟ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି।

# ଭତ୍ତାରୁ ବଞ୍ଚିତ ବର୍ଷୀୟାନ କଳାକାର

**ଦହିତା, ୧୦।୬ (ସମିସ):** ପଦ୍ମପୁର ବ୍ଲକ ଅଧୀନ ବୁଡେନ ଗ୍ରାମର ବର୍ଷିଆନ୍ ଦଣ୍ଡ କଳାକାର ରଣଜିତ ନାଗ (୬୫) କଳାକାର ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ସେ ମାତ୍ର ୧୫ ବର୍ଷ ବୟସରୁ ଦଣ୍ଡ କଳା ଜଗତରେ ପାଦ ଦେଇଥିଲେ। ଦୀର୍ଘ ୫୦ ବର୍ଷର କଳାକାର ଜୀବନ ଯାତ୍ରାରେ ବର୍ତ୍ତମାନ ସୁଦ୍ଧା ପାଦ ଥକି ନାହିଁ। ବିଭିନ୍ନ ପର୍ବ ପର୍ବାଣୀରେ ଏବେ ବି ସେ କଳା ପ୍ରଦର୍ଶନ କରୁଛନ୍ତି। ସେ ଅନେକ ସରକାରୀ କାର୍ଯ୍ୟକ୍ରମରେ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରିଥିବା ସତ୍ତ୍ୱେ ଭତ୍ତା ପାଇବାରୁ ବଞ୍ଚିତ ରହିଥିବା ସେ ଅଭିଯୋଗ କରିଛନ୍ତି। ଯଥାଶୀଘ୍ର ଏପରି ଯୋଗ୍ୟ କଳାକାରଙ୍କୁ କଳାକାର ଭତ୍ତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।



# ହୋଟେଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବରଗଡ଼, ୧୦।୬(ସମିସ): ବରଗଡ଼ର ହୋଟେଲ ଶ୍ରୀୟାରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ଟାଉନ ପୁଲିସ। ମୃତକ ଜଣକ ବଲାଙ୍ଗିର ଜିଲ୍ଲା ବୁଢ଼ି ସିଣ୍ଡୋଲ ଗ୍ରାମର ରୁଜୁ ସେଠ୍(୨୧) ବୋଲି ଜଣାପଡ଼ିଛି। ଯୁବକ ଜଣକ ଆର୍‌ଟିଓ ଅଫିସ ପାଖରେ ଥିବା ଶ୍ରୀୟା ହୋଟେଲରେ କାର୍ଯ୍ୟ କରୁଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ରୁଜୁଙ୍କ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇ ନଥିବା ବେଳେ ତିନିଦିନ ତଳେ ପରିବାରରେ ଅସୁବିଧା ଥିବା ନେଇ ହୋଟେଲ ମାଲିକ ବିନାୟକ କୁମାର ମେହେରଙ୍କୁ ଜଣାଇଥିବା ଜଣାପଡ଼ିଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ଗାଁ ବଲାଙ୍ଗୀର ଜିଲ୍ଲା ସିନ୍ଦୋଲ ଗ୍ରାମକୁ ପଠାଇଥିବା ଜଣାପଡ଼ିଛି।

# ବ୍ଲକସ୍ତରୀୟ ବିକଶିତ କୃଷି ସଂକଳ୍ପ ଅଭିଯାନ



**ବରଗଡ଼, ୧୦।୬(ସମିସ):** ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକସ୍ତରୀୟ ବିକଶିତ କୃଷିକ ସଂକଳ୍ପ ଅଭିଯାନ ତୁର୍ଲା ଏବଂ ଅମଠି ପଞ୍ଚାୟତର ବୈତାଳିଠାରେ ଅନୁଷ୍ଠିତ ହୋଇଛି। ଜିଲ୍ଲା କୃଷି ଅଧିକାରୀ ପ୍ରଭାସ ଚନ୍ଦ୍ର ପଣ୍ଡା, କେଭିକେ ବୈଜ୍ଞାନିକ ସଂଘମିତ୍ରା ବିଶ୍ୱାଳ, ବ୍ଲକ କୃଷି ଅଧିକାରୀ ନୀତା ଶବର, ଅମଠି ସରପଞ୍ଚ ଶାନ୍ତି ଥପା, ସହକାରୀ କୃଷି ଅଧିକାରୀ ପୁଷ୍ପକ ନାଏକ, ସହକାରୀ ମତ୍ସ୍ୟ ଅଧିକାରୀ ସମୀର କୁମାର ଚାନ୍ଦ, ଏସ୍‌ସିଇଡବ୍ଲ୍ୟୁ ବିକାଶ ଜେନା, ଉଦ୍ୟାନ ପରିଦର୍ଶକ ପ୍ରଦୀପ ପଟ୍ଟନାୟକ ମଞ୍ଚାସୀନ ଥିଲେ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅନ୍ତର୍ଗତ ଏଗ୍ରୋ ସର୍ଭିସ ସେଣ୍ଟର ତଥା ଅନ୍ୟାନ୍ୟ ବ୍ୟବସ୍ଥା ଏବଂ ସୁବିଧା, ଧାନର ପରବର୍ତ୍ତୀ ଫସଲ, କ୍ଲଷ୍ଟର ବୋରୱେଲ, ସମନ୍ୱିତ କୃଷି ପ୍ରଣାଳୀ, ଜୈବିକ ଚାଷ, ମାଟିର ଯତ୍ନ ଓ ପରୀକ୍ଷଣ, ଉନ୍ନତ ବିହନ ପ୍ରୟୋଗ, ଉନ୍ନତମାନର କୃଷି ପ୍ରଣାଳୀ, ସାର ଓ କୀଟନାଶକ ଦ୍ରବ୍ୟର ସଠିକ ପ୍ରୟୋଗ, ସିଏମ୍ କିଷାନ, ପିଏମ କିଷାନ ଯୋଜନା, କୃଷକ ପଞ୍ଜୀକରଣ, ଡିବିଟି ଆଇଡି, ଖେତ ପୋଖରୀ ଯୋଜନା, ବୟୋ ଫ୍ଲକ୍ସ, ମୃତ୍ତିକା ସଂରକ୍ଷଣ, ଜଳଧାରା ଯୋଜନା, ବୁନ୍ଦା ଜଳସେଚନ ପ୍ରଣାଳୀ ପ୍ରମୁଖ ଯୋଜନା ବିଷୟରେ ଚାଷୀଙ୍କୁ ବୁଝାଯାଇଥିଲା। ମଞ୍ଚ ପରିଚାଳନା ବ୍ଲକ କୃଷି ଅଧିକାରୀ ନୀତା ଶବର କରିଥିଲେ। କୃଷି ଅଧୀଦର୍ଶକ ବିକ୍ରମ ଭୋଇ ସହଯୋଗ କରିଥିଲେ। ଏଥିରେ ୨୫୦ରୁ ଉର୍ଦ୍ଧ୍ୱ ଚାଷୀ ସାମିଲ ହୋଇଥିଲେ।

# ଅଘୋଷିତ ବିଦ୍ୟୁତ କାଟ୍; ଲୋକେ ହନ୍ତସନ୍ତ

ଅମ୍ବାଭୋନା, ୧୦।୬(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ଅଞ୍ଚଳରେ ଦିନକୁ ଦିନ ଅଘୋଷିତ ବିଦ୍ୟୁତ କାଟ୍ ବଢ଼ିବାରେ ଲାଗିଛି। ଫଳରେ ଅସହ୍ୟ ଗୁଳୁଗୁଳି ସହ ପ୍ରଚଣ୍ଡ ଗ୍ରୀଷ୍ମ ତାପରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଅସହ୍ୟ ଗରମ ସମୟରେ ଏଭଳି ବିଦ୍ୟୁତ ବିଭାଗର ଅଘୋଷିତ ବିଦ୍ୟୁତ କାଟ୍ ଲୋକଙ୍କୁ ଅତିଷ୍ଠ କରିଛି। ସରକାର ଓ ବିଦ୍ୟୁତ ବିଭାଗୀୟ ଉଚ୍ଚ ପଦାଧିକାରୀ ବିଦ୍ୟୁତ କାଟ ହେବ ନାହିଁ ବୋଲି ବିଭିନ୍ନ ଜନସଭାରେ ଘୋଷଣା କରିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉନାହିଁ ବୋଲି ଅଞ୍ଚଳବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ପାଗ ଭଲ ଥିଲେ ସୁଦ୍ଧା ରକ୍ଷଣାବେକ୍ଷଣ, ଗଛ ଡାଳ ସଫା ଓ ୩୩ କେଭିର ମରାମତି ଆଳ ଦେଖାଇ ଅଘୋଷିତ ବିଦ୍ୟୁତ କାଟ୍ କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀ ତୁରନ୍ତ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

**ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତି ପୂରଣଦାବି**

# ଅତିରିକ୍ତ ଜିଲ୍ଲାପାଳଙ୍କୁ କୃଷକ ସଂଗଠନର ଦାବିପତ୍ର

**ବରଗଡ଼, ୧୦।୬(ସମିସ):**



ବରପାଲି ସଂଯୁକ୍ତ କୃଷକ ସଂଗଠନ ପକ୍ଷରୁ ଅଦିନ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରି ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଚଳିତ ରବି ଋତୁ ତଥା ମେ ମାସରେ କାଳ ବୈଶାଖୀର ପ୍ରଭାବରେ ହୋଇଥିବା ଲଘୁଚାପ ଜନିତ ଅଦିନିଆ ବର୍ଷା ଯୋଗୁଁ ବରଗଡ଼ ଜିଲ୍ଲାରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। ସଂଗଠନ ତରଫରୁ କ୍ଷୟକ୍ଷତି ଆକଳନ ପାଇଁ ଲିଖିତ ଭାବେ ଜଣାଯିବା ପରେ ସ୍ଥାନୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ଦେଇଛନ୍ତି। ହେଲେ ଗତ କିଛି ଦିନ ତଳେ ରାଜ୍ୟ ସରକାରଙ୍କ ତରଫରୁ ମେ ୨୩ ରୁ ୩୦ ପର୍ଯ୍ୟନ୍ତ ହୋଇଥିବା ମୌସୁମୀ ବର୍ଷା ଯୋଗୁଁ ୩୩ ପ୍ରତିଶତରୁ ଅଧିକ ଫସଲ ନଷ୍ଟ ହୋଇଥିବା କ୍ଷତିଗ୍ରସ୍ତ ଚାଷୀଙ୍କୁ କୃଷି ଇନପୁଟ ସବ୍‌ସିଡି ବଣ୍ଟନ ପାଇଁ ବରଗଡ଼ ଜିଲ୍ଲାକୁ ୭ କୋଟି ୫୫ ଲକ୍ଷ ୪୪ ହଜାର ୮୫୫ ଟଙ୍କା ମିଳିଥିବା ସୂଚନା ରହିଛି। ହେଲେ ବରପାଲି ବ୍ଲକର୍ କ୍ଷତିଗ୍ରସ୍ତ ଚାଷୀ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଥିବା ସଂଗଠନ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଗତ ମେ ମାସରେ ବରଗଡ଼ ଜିଲ୍ଲାରେ ୧୨୨ ମିଲିମିଟର ବର୍ଷା ହୋଇଛି। ବରଗଡ଼ ବ୍ଲକରେ ୧୦୨ ମିଲିମିଟର, ଅତାବିରା ବ୍ଲକରେ ୬୭ ମିଲିମିଟର, ୫୨ ମିଲିମିଟର ବର୍ଷା ଗୋଟିଏ ଦିନରେ ହୋଇଥିଲା। ବହୁ ଚାଷୀଙ୍କ ଫସଲ ନଷ୍ଟ ହୋଇଥିଲା। କିନ୍ତୁ କ୍ଷତିପୂରଣ ରାଶି ପାଇବାରୁ ପଦ୍ମପୁର, ଗାଇସିଲଟ, ଅମ୍ବାଭାନା, ବିଜେପୁର ଏବଂ ବରପାଲି ବ୍ଲକର ଚାଷୀ ବଞ୍ଚିତ ହୋଇଛନ୍ତି। ଜିଲ୍ଲାର ଭେଡେନ ବ୍ଲକର୍ ୨୫୮୪ ହେକ୍ଟର, ଅତାବିରା ୮୫୭, ବରଗଡ଼ ୫୫୫, ଝାରବନ୍ଧ ୨୯୩, ଭଟଲି ୨୫୭, ସୋହେଲା ୧୪, ପାଇକମାଲ ୧.୯୧ ହେକ୍ଟରକୁ ମିଶାଇ ମୋଟ ୪୩୦୯ ହେକ୍ଟର ଜମିର କ୍ଷତିପୂରଣ ସହାୟତା ରାଶି କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରଦାନ କରାଯାଇଛି। ତେବେ ବରପାଲି ବ୍ଲକର ଚାଷୀମାନେ କାହିଁକି କ୍ଷତିପୂରଣ ପାଇବାରୁ ବଞ୍ଚିତ ହେଲେ ବୋଲି ସଂଗଠନ ପ୍ରଶ୍ନ କରିଛି। ତୁରନ୍ତ ପୁନଃ ବିଚାର କରାଯାଇ ବରପାଲି ବ୍ଲକର କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯିବାକୁ ସଂଗଠନ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ସଂଗଠନ ସଭାପତି ତପନ ମିଶ୍ର, ସଭାପତି କାରଣ ସାହୁ, ଟେକରାଜ ପଧାନ, ଟିକେଶ୍ୱର ଦେହେରୀ, ସୁରେଶ ବିଶି, ଯୋଗେଶ ବିଶି ଏବଂ ରମେଶ ମହାପାତ୍ର ଓ ସୁରେଶ ନିକେଣ୍ଟି ଥିଲେ।



ଲୋକମାନେ ଯାହା ଶୁଣିବାକୁ ଚାହାନ୍ତି ନାହିଁ, ତାହା ସେମାନେ ପରିପ୍ରକାଶ କରିବାର ଅଧିକାର ହିଁ ସ୍ୱାଧୀନତା
-ଜର୍ଜ ଅରୱେଲ୍

ସକାଳ THE SAKALA

# ଦାରିଦ୍ର୍ୟର ଗାର

ସାମ୍ପ୍ରତିକ ପ୍ରଦର୍ଶନ-ଉପସ୍ଥାପନ ଭିତ୍ତିକ ତୀବ୍ର ପ୍ରତିଯୋଗିତାମୂଳକ ସମୟରେ ପରିଚାଳନା ବିଶାରଦଙ୍କ ତର୍କ ହେଉଛି ଟଣା ହୋଇସାରିଥିବା କୌଣସି ଗାର ବା ରେଖାକୁ ପୁନଃଅଙ୍କନ ନ କରି ତାକୁ ଯଦି ଛୋଟ କରିବାକୁ ଚାହୁଁଛ ତେବେ ତା' ପାଖରେ ବଡ଼ ଗାରଟିଏ ଟାଣିଦିଅ, ଦେଖଣାହାରୀଙ୍କ ଦୃଷ୍ଟିରେ ପୂର୍ବାଙ୍କିତ ରେଖାଟି ଆପେ ଆପେ ଛୋଟ ହୋଇଯିବ। ଠିକ୍ ବିପରୀତ ଭାବେ ପୂର୍ବାଙ୍କିତ ରେଖାକୁ ବଡ଼ କରିବାକୁ ହେଲେ, ତା'ପାଖରେ ଛୋଟ ରେଖାଟିଏ ଆଙ୍କିଦେଲେ ଲକ୍ଷ୍ୟ ହାସଲ ହୋଇଯିବ। ବିଶ୍ୱବ୍ୟାଙ୍କର ସଦ୍ୟତମ ପ୍ରକାଶିତ ଦାରିଦ୍ର୍ୟ ସୀମାରେଖା ମାନଦଣ୍ଡ ସେହିଭଳି କେତେକ ଜଟିଳ ପରିସଂଖ୍ୟାନ ଆଧାରିତ, ଯାହାର ତାର୍କିକ ସଠିକତା ନିଷ୍ଠୁର ବାସ୍ତବତା ଠାରୁ ଅନେକ ଭିନ୍ନ।

ବିଶ୍ୱବ୍ୟାଙ୍କର ସଦ୍ୟତମ ଦାରିଦ୍ର୍ୟ ନିର୍ଦ୍ଧାରଣ ମାପଦଣ୍ଡ ପାଇଁ ଧାର୍ଯ୍ୟ ସୀମାରେଖାକୁ ବଢ଼ାଇ ଦେଇ ୩ ଡଲାର କରିଛି। ଅର୍ଥାତ୍ ଦୈନିକ ୩ ଡଲାର(ଦୈନିକ ପାଖାପାଖି ୨୫୦ ଟଙ୍କା)ରୁ କମ୍ ରୋଜଗାର କରୁଥିବା ବ୍ୟକ୍ତିକୁ ଅତିଦରିଦ୍ର ବୋଲି ଧରାଯିବ ବା ତାଲିକାଭୁକ୍ତ କରାଯିବ। ପୂର୍ବରୁ ଏହି ସୀମାରେଖାର ମାନଦଣ୍ଡ ଥିଲା ଦୈନିକ ୨.୧୫ଡଲାର(ପାଖାପାଖି ୧୭୫ ଟଙ୍କା)। ଅର୍ଥାତ୍ ଦୈନିକ ୧୭୬ ଟଙ୍କା ରୋଜଗାର କରୁଥିବା ବ୍ୟକ୍ତିଙ୍କୁ ଅତିଦାରିଦ୍ର୍ୟ ତାଲିକାଭୁକ୍ତ କରାଯାଇପାରିବ ନାହିଁ। ଦାରିଦ୍ର୍ୟ ସୀମାରେଖାରେ ଏହି ସଦ୍ୟତମ ସଂଶୋଧନ ବା ସମ୍ପ୍ରସାରଣ ଫଳରେ ଭାରତରେ ଅତିଦାରିଦ୍ର୍ୟଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ଦଶବର୍ଷ ଭିତରେ ୨୭.୧% ରୁ ୫.୩%କୁ ହ୍ରାସ ପାଇଛି। ଅର୍ଥାତ୍ ୨୦୧୧-୧୨ ରେ ବିଶ୍ୱବ୍ୟାଙ୍କର ଏହି ମାନଦଣ୍ଡ ଆଧାରରେ ଭାରତରେ ଅତିଶୟ ଦରିଦ୍ର ସଂଖ୍ୟା ୩୪ କୋଟି ୪୪ ଲକ୍ଷ ୭୦ ହଜାର ଥିବା ବେଳେ ୨୦୨୨-୨୩ରେ ସେହି ସଂଖ୍ୟା ୭କୋଟି ୫୨ ଲକ୍ଷ ୨୪ ହଜାରକୁ ହ୍ରାସ ପାଇଛି। ଅର୍ଥାତ୍ ପ୍ରାୟ ୧୦ ବର୍ଷ ଭିତରେ ପାଖାପାଖି ୨୭ କୋଟି ଲୋକ ଅତିଦାରିଦ୍ର୍ୟ ଅପବାଦରୁ ମୁକ୍ତ ହୋଇଛନ୍ତି। ଭାରତୀୟ ସାମାଜିକ-ଅର୍ଥନୀତି ପାଇଁ ଏହା ନିଶ୍ଚିତ ଏକ ଶୁଭସୂଚନା। କିନ୍ତୁ ଏହାକୁ କେବଳ ଆଳଙ୍କାରିକ ଉପଲବ୍ଧି ବୋଲି କୁହାଯାଇପାରେ। କାରଣ ବିଶ୍ୱବ୍ୟାଙ୍କର ଏହି ନୂତନ ସଂଜ୍ଞା ଭାରତୀୟଙ୍କ ପାଇଁ ଆତ୍ମସନ୍ତୋଷର ଯଥେଷ୍ଟ ଆଧାର ହୋଇ ନ ପାରିବା ପଛରେ ଅନେକ କାରଣ ରହିଛି।

ବିଶ୍ୱବ୍ୟାଙ୍କର ଏହି ସଦ୍ୟତମ ଦାରିଦ୍ର୍ୟ ମାନଦଣ୍ଡ ନିର୍ଦ୍ଧାରଣ ସଂଜ୍ଞାରେ ଦେଶଗୁଡ଼ିକୁ ନିମ୍ନ ଆୟକାରୀ, ନିମ୍ନ-ମଧ୍ୟମ ଆୟକାରୀ ଓ ଉଚ୍ଚ-ମଧ୍ୟମ ଆୟକାରୀ ଏହିଭଳି ତିନିଭାଗରେ ବିଭକ୍ତ କରାଯାଇଛି। ଭାରତର ବର୍ଗୀକରଣ ନିମ୍ନ ଆୟକାରୀ ଦେଶରେ ରହିଛି। ବିଡ଼ମ୍ବନା ଏହା ଯେ ଭାରତ ଏବେ ଜାପାନ୍‌କୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି ହେବାର ଦାବି ଉପସ୍ଥାପନ କରୁଥିବା ବେଳେ ବିଶ୍ୱବ୍ୟାଙ୍କ ଦୃଷ୍ଟିରେ ଏ ପର୍ଯ୍ୟନ୍ତ ନିମ୍ନ ଆୟକାରୀ ବର୍ଗରେ ରହିଛି। ପାଖାପାଖି ୧୪୫ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶର ବିଶାଳ ଜିଡିପି ଆଧାରରେ ଜାପାନ୍ ପରି ସ୍ୱଳ୍ପ ଦେଶର ଅର୍ଥନୀତିକୁ ଟପିଯିବାରେ ଯେତେ ବାହାଦୂରୀ ରହିଛି, ଅର୍ଥନୈତିକ ବୈଷମ୍ୟର ବାସ୍ତବ ଚିତ୍ରକୁ ସ୍ୱୀକାର କରିବା ସେତିକି ଆହ୍ୱାନପୂର୍ଣ୍ଣ ହୋଇଛି। ସଦ୍ୟତମ ଦାରିଦ୍ର୍ୟ ସୀମାରେଖାର ମାନଦଣ୍ଡ ନିମ୍ନ-ମଧ୍ୟମ ଆୟକାରୀ ଦେଶ ପାଇଁ ଦୈନିକ ଆୟ ୩.୬୫ ଡଲାରରୁ ବଢ଼ି ୪.୨୦ ଡଲାର ଏବଂ ଉଚ୍ଚ-ମଧ୍ୟମ ଆୟକାରୀ ଦେଶ ପାଇଁ ଦୈନିକ ୬.୮୫ ଡଲାରରୁ ବଢ଼ି ୮.୪୦ ଡଲାର କରାଯାଇଛି।

ବିଶ୍ୱବ୍ୟାଙ୍କର ଦାରିଦ୍ର୍ୟ ସୀମାରେଖା ମାପଦଣ୍ଡ ବା ସଞ୍ଜ୍ଞା ନିର୍ଦ୍ଧାରଣର ଆଉ ଏକ ବିଡ଼ମ୍ବନା ଏଠାରେ ଦୃଷ୍ଟିଗୋଚର ହୁଏ। ସଦ୍ୟତମ ସଂଜ୍ଞା ସାମ୍ପ୍ରତିକ ମୁଦ୍ରାସ୍ଫୀତି ଆଧାରରେ ନିର୍ଣ୍ଣୟ ହୋଇଥିବା ବିଶ୍ୱବ୍ୟାଙ୍କ କହିଛି। ଅଥଚ ତୁଳନାତ୍ମକ ଚିତ୍ର ୨୦୧୧-୧୨ ଆଧାରରେ ପ୍ରଦର୍ଶିତ ହୋଇଛି। ୨୦୧୧-୨୨ ମଧ୍ୟରେ କ୍ରମବର୍ଦ୍ଧିଷ୍ଣୁ ଦରଦାମ ବିଷୟରେ ଜନସାଧାରଣଙ୍କ ସମେତ ନୀତି ନିର୍ଦ୍ଧାରକମାନେ ମଧ୍ୟ ଜ୍ଞାତ। ତେଣୁ ମାନଦଣ୍ଡ ନିର୍ଦ୍ଧାରଣ ନ୍ୟାୟୋଚିତ ହୋଇନାହିଁ ବୋଲି ଆମର ମତ। ଇତିମଧ୍ୟରେ ବିଶ୍ୱବାସୀଙ୍କ ଦୈନିକ ଆୟ ଦଶବର୍ଷ ତୁଳନାରେ ବଢ଼ିଛି ସତ; କିନ୍ତୁ ତା' ତୁଳନାରେ ଦରଦାମ ମଧ୍ୟ ଯେ ହୁହୁ ହୋଇ ବଢ଼ିଚାଲିଛି ତାହାକୁ ମଧ୍ୟ ଅସ୍ୱୀକାର କରଯାଇପାରିବ ନାହିଁ। ତେଣୁ କ୍ରମବର୍ଦ୍ଧିଷ୍ଣୁ ଦରଦାମ ତୁଳନାରେ ୧୦ ବର୍ଷ ପରେ ଦୈନିକ ମାତ୍ର ୭୫ ଟଙ୍କା ବଢ଼ିଗଲେ ପରିସଂଖ୍ୟାନରେ ଦାରିଦ୍ର୍ୟ ସଂଖ୍ୟା କମିଯାଇପାରେ, କିନ୍ତୁ ସେମାନଙ୍କର ଦୈନନ୍ଦିନ ଜୀବନଚର୍ଯ୍ୟା ବା ଗୁଜୁରାଣ ମେଣ୍ଟାଇବାରେ ତାହା ସହାୟକ ହୋଇ ନ ପାରେ। ଏହାଛଡ଼ା ଇତିମଧ୍ୟରେ ବିଶ୍ୱବ୍ୟାଙ୍କ ସମେତ ଅନ୍ୟାନ୍ୟ ଅନ୍ତର୍ଜାତୀୟ ସଂଗଠନ ନେତୃତ୍ୱରେ ୨୦୧୧-୧୨ ମାନଦଣ୍ଡ ଆଧାରରେ ଯେଉଁସବୁ ଦାରିଦ୍ର୍ୟ ନିରାକରଣ ଯୋଜନା କାର୍ଯ୍ୟକାରୀ ହୋଇଛି ତାହା ବାଟବଣା ହୋଇଥିବାର ଏବଂ ଆଗକୁ ମଧ୍ୟ ହେବାର ଆଶଙ୍କା ଅଧିକ ବୋଲି ଜଣାପଡୁଛି।

ଯୁଦ୍ଧଲିପ୍ତ ବିଶ୍ୱରେ ବିଶ୍ୱବ୍ୟାଙ୍କର ଏହି ସଂଶୋଧିତ ମାନଦଣ୍ଡ ଅତିଶୟ ଦାରିଦ୍ର୍ୟର ସଞ୍ଜ୍ଞା ପରିବର୍ତ୍ତନ କରିପାରେ, କିନ୍ତୁ ଜୀବନଧାରଣ ମାନ ଓ ସମ୍ମାନରେ ଉନ୍ନତି ଆଣିପାରିବ ସେହି ବିଶ୍ୱାସ ହେଉନାହିଁ। ଏବେ ଭାରତୀୟ ସାମାଜିକ-ଅର୍ଥନୈତିକ ପୃଷ୍ଠଭୂମିରେ ବିଶ୍ୱବ୍ୟାଙ୍କ ମାନଦଣ୍ଡ ଆଧାରିତ ଆଉ ଏକ ବିଡ଼ମ୍ବନା ବିଷୟରେ ଦୃଷ୍ଟି ଦିଆଯାଉ। ବିଶ୍ୱବ୍ୟାଙ୍କ ସଂଜ୍ଞା ଅନୁଯାୟୀ ଭାରତରୁ ୨୭କୋଟି ଅତିଦାରିଦ୍ର୍ୟ ସଂଖ୍ୟା ହଟିଛି। ଅଥଚ ସିଏମ୍ଆଇଇ ତଥ୍ୟ କହୁଛି ଯେ ଏ ପର୍ଯ୍ୟନ୍ତ ଭାରତରେ ୬୨ କୋଟି ୧୦ ଲକ୍ଷ ଲୋକ ଅର୍ଥାତ୍ ମୋଟ ଜନସଂଖ୍ୟାର ପାଖାପାଖି ୪୪% ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି। ବିଶ୍ୱ ବୁଭୁକ୍ଷୁ ତାଲିକାରେ ଭାରତର ସ୍ଥାନ ୧୦୫ ଥିବା ବେଳେ ଭାରତର ଅପପୁଷ୍ଟି ଓ ସ୍ୱାସ୍ଥ୍ୟଗତ ବୈଷମ୍ୟ ଶିକାର ଶିଶୁ ସଂଖ୍ୟା ଯଥାକ୍ରମେ ୧୮.୭% ଓ ୩୫.୫%। ବିଶ୍ୱ ଖୁସି ସୂଚକାଙ୍କରେ ଭାରତର ସ୍ଥାନ ୧୧୮। ତେଣୁ ଭାରତରୁ ୨୭ କୋଟି ଦାରିଦ୍ର୍ୟମୁକ୍ତ ସୂଚନା ବାସ୍ତବ ଆଧାରିତ ନୁହେଁ, କେବଳ ପରିସଂଖ୍ୟାନ ଚାତୁରୀ ବୋଲି କହିଲେ ବୋଧହୁଏ ଭୁଲ୍ ହେବ ନାହିଁ।

ବିଶ୍ୱବ୍ୟାଙ୍କ ଦାରିଦ୍ର୍ୟ ସୀମାରେଖା ବା ଗାର ଟାଣିବାର ବ୍ୟବଧାନ ଦେଖାଯାଉ। ପ୍ରଥମେ ୨୦୦୧ରୁ ଆରମ୍ଭ ହୋଇଥିବା ଏହି ମାନଦଣ୍ଡ ନିର୍ଦ୍ଧାରଣ କସରତ ୨୦୦୮, ୨୦୧୫ ଏବଂ ସଦ୍ୟତମ ଉପଲବ୍ଧ ତଥ୍ୟ ୨୦୨୨ ପାଇଁ ହୋଇଛି। ଇତିମଧ୍ୟରେ ପ୍ରାୟ ୩ ବର୍ଷ ବିତିଗଲାଣି। ଜୀବନଧାରଣ ମାନ, ଆୟ ଓ ମୁଦ୍ରାସ୍ଫୀତି ଆଧାରିତ ସାମାଜିକ-ଅର୍ଥନୀତିରେ ଅନେକ ପରିବର୍ତ୍ତନ ଘଟିଛି। ଅଥଚ ସଂଜ୍ଞା ନିର୍ଦ୍ଧାରଣ ଅଧୁନାତନ(ଅପ୍‌ଡେଟ୍) ହୋଇପାରିନାହିଁ। ଜାତିସଂଘର ସହସ୍ରାବ୍ଦ ବିକାଶ ଲକ୍ଷ୍ୟର ଅନ୍ୟତମ ପାହାଚ 'ଦାରିଦ୍ର୍ୟ ଦୂରୀକରଣ ଯୋଜନା'ର ସଫଳତା କେବଳ ରେଖାଙ୍କନ ଚାତୁର୍ଯ୍ୟ ବଳରେ ହାସଲ ହୋଇପାରିବ ନାହିଁ। ଏଥିପାଇଁ ବାସ୍ତବତାକୁ ଗ୍ରହଣ କରିବାକୁ ହେବ। ପ୍ରଥମେ ମାନଦଣ୍ଡ ନିର୍ଦ୍ଧାରଣ ବିରତି ବା ଅନ୍ତରକୁ ଯଥେଷ୍ଟ ହ୍ରାସ କରି ବାର୍ଷିକ କରିବାକୁ ହେବ। ଏଆଇ ଯୁଗରେ ଏହା ବେଶି କଷ୍ଟକର ହେବ ନାହିଁ।

# ଜନଜାତିଙ୍କ ପୋଡୁଚାଷର ବିକଳ୍ପ

ବିଦ୍ୟାଧର ମହାରଣା

ପୋଡୁଚାଷ ଏକ ପୁରାତନ ଚାଷପଦ୍ଧତି, ଯାହା କେଉଁ ଆଦିମ କାଳରୁ ପାହାଡ଼ିଆ ଅଞ୍ଚଳରେ ଅନୁସୂଚିତ ଜନଜାତି ନିଜର ଜୀବନ-ଜୀବିକାର ଏକ ମୁଖ୍ୟ ସାଧନ ଭାବରେ ବ୍ୟବହାର କରୁଛନ୍ତି। ଦକ୍ଷିଣ ଆମେରିକା, କେନ୍ଦ୍ର ଓ ପଶ୍ଚିମ ଆଫ୍ରିକା ଏବଂ ଦକ୍ଷିଣ-ପୂର୍ବ ଏସିଆ ମହାଦେଶରେ ୬୩ ଦେଶର ୩୬ ନିୟୁତ ବର୍ଗ କିଲୋମିଟର ଅଞ୍ଚଳରେ ପୃଥିବୀର ପ୍ରାୟ ୨୦୦ ନିୟୁତ ଲୋକ ଏପ୍ରକାର ଚାଷ ଏବେ ବି ଅନୁସରଣ କରୁଛନ୍ତି। ଭାରତରେ ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ବିହାର, ମେଘାଳୟ, ନାଗାଲାଣ୍ଡ, ଆସାମ, ତ୍ରିପୁରା ଆଦି ରାଜ୍ୟଗୁଡ଼ିକରେ ପ୍ରାୟ ୨/୩ ନିୟୁତ ଆଦିବାସୀ ସମ୍ପ୍ରଦାୟର ଲୋକ ଏହି ଚାଷ ଖ୍ରୀଷ୍ଟପୂର୍ବ ୩୦୦୦୦ଠାରୁ କରିଆସୁଛନ୍ତି। ପୋଡୁ ଚାଷକୁ ଝୁମ୍, ଦାବି, କୋମନ, ଗୁଡ଼ା, ବଗଡ଼, ହାରୂ ବ୍ରିଞ୍ଜା ଇତ୍ୟାଦି କୁହାଯାଏ। ବିଦେଶରେ ଏହାକୁ ସ୍ୱିଡେନ ଚାଷ କୁହାଯାଏ। ଓଡ଼ିଶାରେ ଅବିଭକ୍ତ କୋରାପୁଟ, ସୁନ୍ଦରଗଡ଼, ଫୁଲବାଣୀ, ଗଞ୍ଜାମ, କଳାହାଣ୍ଡି, ସମ୍ବଲପୁର ଓ କେନ୍ଦୁଝର ଜିଲ୍ଲାମାନଙ୍କର ପ୍ରାୟ ୨୨୨୨୭ ବର୍ଗ କିମି ଅଞ୍ଚଳରେ କୋୟା, ପରଜା, ଗଦବା, ବଣ୍ଡା, ଦିଦାୟୀ, କନ୍ଧ, ସଉରା, ଜୁଆଙ୍ଗ ଓ ଭୂୟାଁ ଆଦିବାସୀ ସମ୍ପ୍ରଦାୟର ପ୍ରାୟ ଏକ-ତୃତୀୟାଂଶ ଏହି ଚାଷ ସହିତ ସମ୍ପୃକ୍ତ।

ପୋଡୁଚାଷ ପଦ୍ଧତିରେ ପ୍ରଥମେ ପାହାଡ଼ିଆ ଅଞ୍ଚଳରେ ଏକ ଉପଯୁକ୍ତ ସ୍ଥାନ ଚିହ୍ନଟ କରି ପରିବାର ମଧ୍ୟରେ ବାଣ୍ଟି ଦିଆଯାଏ। ସମସ୍ତେ ମିଳିମିଶି ଚିହ୍ନଟ ହୋଇଥିବା ଜାଗାରୁ ବୁଦା, ଗଛ ଇତ୍ୟାଦି କାଟି ସଫା କରିବା ପରେ ଏକାଠି କରି ପୋଡ଼ି ଦିଅନ୍ତି। ଏଥିରୁ ବାହାରୁଥିବା ପାଉଁଶ ମାଟିରେ ବିଛାଇ ଦିଆଯାଏ। ମୌସୁମୀ ବର୍ଷା ଆସିବା ପୂର୍ବରୁ ସେମାନେ ସପରିବାରେ ଏହି ଜମିରେ ବିଭିନ୍ନ ଫସଲର ବିହନ ଗୋଜିଆ କାଙ୍କ ସାହାଯ୍ୟରେ ବୁଣି ଦିଅନ୍ତି। ସାଧାରଣତଃ ପୁଷ୍ଟି ଶସ୍ୟ, କାନ୍ଦୁଲ, ବିରି, ବରଗୁଡ଼ି, ଭେଣ୍ଡି, ଧାନ, କନ୍ଦମୂଳ, ହଳଦୀ ଇତ୍ୟାଦି ବିହନ ବିଭିନ୍ନ ପଟିରେ ବୁଣାଯାଇଥାଏ। ଏହି ଫସଲଗୁଡ଼ିକ କ୍ରମାନ୍ୱୟରେ ଅଗଷ୍ଟ ଶେଷଠାରୁ ମାର୍ଚ୍ଚ ମଧ୍ୟରେ ଅମଳ ହୋଇଥାଏ। ପ୍ରଥମେ ପୁଷ୍ଟି ଶସ୍ୟ ଓ ଶେଷରେ କାନ୍ଦୁଲ ଅମଳ ହୁଏ। ପରିବାରର ଆବଶ୍ୟକତା ଅନୁସାରେ ଖାଦ୍ୟଶସ୍ୟ, ଡାଲି, ପନିପରିବା ଓ ମସଲା ଏହି ଚାଷରୁ ମିଳିଥାଏ। ଜମି ଅଧିକ ଗଡ଼ାଣିଆ ହୋଇଥିଲେ ପାବଚ୍ଛକ ବା ଟେରେସ ପ୍ରଣାଳୀରେ ଫଳ, ପନିପରିବା, ଧାନ ଓ ମସଲା ଜାତୀୟ ଫସଲ ଚାଷ କରାଯାଏ।

ପୋଡୁଚାଷର ଉଭୟ ଭଲ ଓ ମନ୍ଦ ଦିଗ ରହିଛି। ଏହି ଚାଷ ମୁଖ୍ୟତଃ ଏକ ପ୍ରକାରର ପୁନରୁତ୍ଥାନ କୃଷି ପଦ୍ଧତି। ପୂର୍ବେ ମୃତ୍ତିକାର ସ୍ୱାସ୍ଥ୍ୟ ବୃଦ୍ଧି ଉଦ୍ଦେଶ୍ୟରେ ପୋଡୁଚାଷ କଲା ପରେ ୧୨ ରୁ ୧୫ ବର୍ଷ ପର୍ଯ୍ୟନ୍ତ ଜମି ପଡ଼ିଆ ରଖାଯାଉଥିଲା। ଘାସ ଓ ଅନାବନା ଗଛ ପୋଡ଼ିଯିବା ଫଳରେ ଫସଲରେ ରୋଗପୋକ ଆକ୍ରମଣ ହୁଏ ନାହିଁ, ପାଉଁଶ ମାଟିରେ ମିଶିଲେ ଏଥିରୁ ପୋଟାସିୟମ ମିଳେ। ମିଶ୍ରିତ ଫସଲ ଚାଷ ଯୋଗୁଁ ଜମି ସୁରକ୍ଷିତ ରହେ ଏବଂ ପରିବାରର ବହୁବିଧ ଆବଶ୍ୟକତା ପୂରଣ ହୁଏ। ଏହି ଚାଷ ଯୋଗୁଁ ଗୋଷ୍ଠୀ ସହଭାଗିତା ବୃଦ୍ଧିପାଏ। ଏହି ଚାଷର ମନ୍ଦ ଦିଗଗୁଡ଼ିକ କିନ୍ତୁ ଅଧିକ। ଜନସଂଖ୍ୟା ବୃଦ୍ଧି ଏବଂ ଚାଷ ଜମିର ଅଭାବ ଯୋଗୁଁ ବର୍ଷେ ଛାଡ଼ି ବର୍ଷେ ପୋଡୁଚାଷ କରାଯାଉଛି। କୈଣସି ନୂତନ କୌଶଳ ଅନୁସରଣ କରାଯାଉନି। ଏହାଫଳରେ ମୃତ୍ତିକା ଅବକ୍ଷୟ, ଜୈବ ବିବିଧତା ହ୍ରାସ, ଜଙ୍ଗଲ କ୍ଷୟ, ସବୁଜ ଗୃହ ବାଷ୍ପ ନିର୍ଗମନ ଜନିତ ଜଳବାୟୁ ପରିବର୍ତ୍ତନ, ବୃଷ୍ଟିହାନି, ଜଳ ପ୍ରଦୂଷଣ ଓ ଫସଲ ଅମଳ ହ୍ରାସ ଇତ୍ୟାଦି ସମସ୍ୟା ଦେଖାଦେଉଛି। ଉଭୟ ଦୃଷ୍ଟିରୁ ଦେଖିଲେ ଜମିରେ ବାରମ୍ବାର ପୋଡୁଚାଷ ବହୁ ସମସ୍ୟା ସୃଷ୍ଟିକରେ। ଏହି କାରଣରୁ ବ୍ରିଟିଶ ସରକାର ପୋଡୁଚାଷ ସମ୍ପୂର୍ଣ୍ଣ ନିଷେଧ କରିବାକୁ ପ୍ରୟାସ କରିଥିଲେ ମଧ୍ୟ ସଫଳ ହୋଇ ପାରି ନ ଥିଲେ।

ସ୍ୱାଧୀନତା ପରେ ଭାରତ ସରକାର ପୋଡୁଚାଷ ବନ୍ଦ କରିବା ପାଇଁ ବହୁ ଉଦ୍ୟମ କରିଛନ୍ତି। ବନ ବିଭାଗ ୪୦ ଡିଗ୍ରୀରୁ ଅଧିକ ଗଡ଼ାଣିଆ ଜମିରେ ପୋଡୁଚାଷ ପାଇଁ ଅନୁମତି ଦେଉନାହାନ୍ତି। ଆଦିବାସୀଙ୍କ ଜୀବିକା ଓ ପରିବେଶ ସଂରକ୍ଷଣ ମଧ୍ୟରେ ଏକ ସନ୍ତୁଳନ ଆଣିବା ପାଇଁ ସରକାର ସର୍ବବିଧ ଉଦ୍ୟମ ଜାରି ରଖିଛନ୍ତି। ପୋଡୁଚାଷର ବିକଳ୍ପ ସ୍ୱରୂପ ସ୍ଥାୟୀ କୃଷି, ବନୀକରଣ, ଜଙ୍ଗଲ ଆଧାରିତ ଜୀବିକା ନିର୍ବାହନ ପନ୍ଥା, ଜଙ୍ଗଲ ଅଧିକାର ଆଇନ୍ ୨୦୦୬, ବିକଳ୍ପ ଜୀବିକା ପାଇଁ ସହାୟତା, ଜଳ ବିଭାଜିକା ଉନ୍ନୟନ, ସଂରକ୍ଷଣ କୃଷି ଓ ଗୋଷ୍ଠୀ ସହଭାଗିତା ପାଇଁ ବହୁ ଯୋଜନା କରୁଛନ୍ତି। ଏହା ସତ୍ତ୍ୱେ ପୋଡୁଚାଷ ସେହିଭଳି ଅନୁସରଣ କରାଯାଉଛି। ପରିଣାମ ସ୍ୱରୂପ ଏକଦା ଘଞ୍ଚ ଜଙ୍ଗଲ ପରିପୂର୍ଣ୍ଣ ପାହାଡ଼ ଆଜି ନଣ୍ଡା ପାହାଡ଼ରେ ପରିଣତ ହୋଇଛି। ବସ୍ତୁତଃ ଏହା ଜଳ ବିଭାଜିକା ଯୋଜନାଗୁଡ଼ିକୁ ପ୍ରଭାବିତ କରୁଛି।

ପୋଡୁଚାଷର ବିକଳ୍ପ ପାଇଁ ବହୁ ପରୀକ୍ଷା ନିରୀକ୍ଷା କରାଯାଉଛି। କେତେକ ମଡେଲ ମଧ୍ୟ ସଫଳ ସାବ୍ୟସ୍ତ ହୋଇଛି। ଉଦାହରଣ ସ୍ୱରୂପ ମିଜୋରାମ୍‌ର ବାଉଁଶ କୃଷି ବନୀକରଣ, ନାଗାଲାଣ୍ଡ ଖୋନୋମା ମଡେଲରେ ଜୈବ ବିବିଧତା ସଂରକ୍ଷଣ, ଖାସି ଜୟନ୍ତୀଆ ପାହାଡ଼ିଆ ଅଞ୍ଚଳରେ ଗୋଷ୍ଠୀ ଜଙ୍ଗଲ ଇତ୍ୟାଦି ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ଫିଲିପିନସ୍‌ରେ ଗଡ଼ାଣିଆ କୃଷିଭୂମି ପ୍ରଯୁକ୍ତିବିଦ୍ୟା ବା ସ୍ଲୋପିଙ୍ଗ ଏଗ୍ରିକଲଚର ଲାଣ୍ଡ ଟେକ୍ନୋଲୋଜି ସଲଟ- ୧) ପୋଡୁଚାଷର ସଫଳ ବିକଳ୍ପ ଭାବରେ ପ୍ରଦର୍ଶିତ ହୋଇଛି। ଏହାକୁ ସଂକ୍ଷେପରେ ସଲଟ ଟେକ୍ନୋଲୋଜି କୁହଯାଏ। ସଲଟ ଟେକ୍ନୋଲୋଜି ଚାରି ପ୍ରକାରର। ସଲଟ ୨ ହେଉଛି ସରଳ କୃଷି- ପ୍ରାଣୀପାଳନ ଜମି ଟେକ୍ନୋଲୋଜି। ସଲଟ ୩ ହେଉଛି ପୋଷଣୀୟ କୃଷି-ଜଙ୍ଗଲ ଭୂମି ଟେକ୍ନୋଲୋଜି ଏବଂ ସଲଟ ୪ ହେଉଛି ଛୋଟ କୃଷି-ଫଳ ଜୀବିକା ଟେକ୍ନୋଲୋଜି।

ଏହି ଚାରିପ୍ରକାରର ସଲଟ ମଧ୍ୟରୁ ସଲଟ-୧ ଅଧିକ ଅନୁସରଣ କରାଯାଏ। ଏଥିରେ ଦଶଗୋଟି ସୋପାନ ଅଛି। ପ୍ରଥମେ ଏକ ନିର୍ଦ୍ଦିଷ୍ଟ ବ୍ୟବଧାନରେ ସମପତନ ରେଖା ଗୋଟିଏ ଏ-ଫ୍ରେମ ଦ୍ୱାରା ଚିହ୍ନଟ କରାଯାଏ। ଏହାଉପରେ ଏକ ମିଟର ଚଉଡ଼ାର ହଳ କରି ଓ ସିଆର ଟାଣି ଏଥିରେ ଯବକ୍ଷାରଜାନ ଯୋଗାଉଥିବା ସବୁଜବାଡ଼ ପାଇଁ ମଞ୍ଜି(ସୁବାବୁଲ, ଗ୍ଲିରିସିଡିଆ, ଆଲଫାଲଫା ଇତ୍ୟାଦି) ପୋତାଯାଏ। ଏହି ସବୁଜବାଡ଼ ମୃତ୍ତିକା କ୍ଷୟ ନିରୋଧୀ। ଏକ ମିଟରରୁ ଅଧିକ ଉଚ୍ଚର ଗଛ ହେଲେ ଉପର ଡାଳ କାଟି ମାଟିରେ ମିଶାଇ ଦିଆଯାଏ, ଯାହା ଫଳରେ ଏହା ସବୁଜସାର ଭଳି କାମ କରେ। ପାହାଡ଼ର ଉପର ପଟିରେ ବୃକ୍ଷରୋପଣ ଏବଂ ଏହା ପରେ ଯଥାକ୍ରମେ ଫଳ ଗଛ ରୋପଣ (କମଳା, ଅମୃତଭଣ୍ଡା, କଦଳୀ), ମକା ଚାଷ, କାନ୍ଦୁଲ ଚାଷ, ଜୁଆର, ମାଣ୍ଡିଆ, ଧାନ, ବିରି, ପନିପରିବା, ହଳଦୀ ଇତ୍ୟାଦି ଗୋଟିଏ ପଟି ଛାଡ଼ି ଅନ୍ୟ ପଟିରେ ଚାଷ କରାଯାଏ। ସବୁଜ ବାଡ଼ଗୁଡ଼ିକ ମୃତ୍ତିକାକୁ ଧରି ରଖିବା ଫଳରେ ପଟିଗୁଡ଼ିକ ପାବଚ୍ଛକ ପରି ଦେଖାଯାଏ।

ଫସଲ ପର୍ଯ୍ୟାୟ ଅନୁସରଣ କରାଯାଏ। ସବୁଜ ବାଡ଼ର ରକ୍ଷଣାବେକ୍ଷଣ କରିବାକୁ ହୁଏ। ଏହି ପ୍ରଣାଳୀରେ ଫସଲ ଚାଷ କଲେ ମୃତ୍ତିକା ଓ ଜଳ ସଞ୍ଚିତ ହୋଇରହେ। ଫଳରେ ଫସଲ ଅମଳ ବୃଦ୍ଧିପାଏ। ଅତୀତରେ ଓଡ଼ିଶାରେ ଏପରି ସଲଟ-୧ କୌଶଳ କେତେକ ସ୍ଥାନରେ ପ୍ରଦର୍ଶିତ ହୋଇଥିଲା। ଓଡ଼ିଶାରେ ଟେରେସ ବା ସୋପାନ ଚାଷର ସଫଳତା ଗଜପତି ଜିଲ୍ଲାରେ ଦେଖାଯାଏ। ଚନ୍ଦ୍ରଗିରି ଓ ମହେନ୍ଦ୍ରଗିରି ପାର୍ବତ୍ୟ ଅଞ୍ଚଳରେ କମଳା, ସପୁରୀ ଇତ୍ୟାଦି ଫଳ ଚାଷ ବିଶେଷ ଭାବରେ ଦେଖାଯାଏ। ଗଡ଼ାଣିଆ ଜମିରେ ପଥର ବାଡ଼ ଦେଇ ସୋପାନ ପ୍ରଣାଳୀରେ ଫଳ ଚାଷ କରି ଚାଷୀମାନେ ଅଧିକ ଲାଭବାନ ହୁଅନ୍ତି।

ସାରାଂଶରେ କହିଲେ ପୋଡୁଚାଷ ଆଦିବାସୀଙ୍କ ଜୀବନ ନାଟିକା। ସରକାରଙ୍କ କେତେକ ନୀତି ଯୋଗୁଁ ଏବଂ ସ୍ଥାୟୀ ଚାଷ ପାଇଁ ସହାୟତା ଯୋଗୁଁ ପୋଡୁଚାଷ ପରିମାଣ କିଛି ହ୍ରାସ ପାଉଛି। ଏହାଦ୍ୱାରା ଜଙ୍ଗଲ କ୍ଷୟ ଓ ମୃତ୍ତିକା ଅବକ୍ଷୟ ସତ୍ତ୍ୱେ ଏପରି ଚାଷ ଆଦିବାସୀ ଅଞ୍ଚଳରେ ବନ୍ଦ ହେବନାହିଁ। ପୋଡୁଚାଷ ପ୍ରଣାଳୀ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଭିନ୍ନ ହେଉଥିବାରୁ ଏହାର ନିରାକରଣ ପାଇଁ ଗୋଟିଏ ପନ୍ଥା ସ୍ଥିର କରାଯାଇ ପାରିବ ନାହିଁ। ଜନଜାତିଙ୍କ ଜୀବିକା ନିର୍ବାହ ପନ୍ଥାକୁ ଲକ୍ଷ୍ୟରେ ରଖି ସରକାର ଏହାର ବିକଳ୍ପ ପାଇଁ ସ୍ଥାୟୀ ଚାଷ, ଚାରାରୋପଣ, ପାବଚ୍ଛକ ବା ସୋପାନ ପ୍ରଣାଳୀରେ ଚାଷ ଏବଂ ଆଧୁନିକ ଚାଷ କୌଶଳ ଉପରେ ଗୁରୁତ୍ୱ ଆରୋପ କରୁଛନ୍ତି। ଏହାସହିତ ଗୋଷ୍ଠୀ ଆଧାରିତ ବନ ସୁରକ୍ଷା ପାଇଁ ପ୍ରୋତ୍ସାହନ ଦେଉଛନ୍ତି। ତଥାପି ଆଦିବାସୀଙ୍କ ପାଇଁ କର୍ମନିଯୁକ୍ତି ବ୍ୟବସ୍ଥା ଆବଶ୍ୟକ। କାରଣ ଏହାର ଅଭାବରେ ଆଦିବାସୀମାନେ ବାଧ୍ୟ ହୋଇ ଦେଶାନ୍ତରୀ ଯାଉଛନ୍ତି। ଜଙ୍ଗଲ ସୁରକ୍ଷା ଆଇନ୍ ୨୦୦୬ ଓ ପେସା ଆଇନ୍ ୧୯୯୬ ନିଷ୍ଠାର ସହ ପାଳନକଲେ ପୋଡୁଚାଷର ବିକଳ୍ପ ସୁବିଧାରେ କାର୍ଯ୍ୟକାରୀ ହୋଇପାରିବ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ଏକ ଉଦ୍ଭାବନ: ବରଦାନରୁ ଅଭିଶାପ

ବିମଳ ମିଶ୍ର

ପ୍ଲାଷ୍ଟିକ ଆଧୁନିକ ଜୀବନଶୈଳୀର ଅନିର୍ବାଯ୍ୟ ଅଙ୍ଗ ହୋଇଯାଇଛି। ପୃଥିବୀରେ ପ୍ଲାଷ୍ଟିକର ବାର୍ଷିକ ମୁଣ୍ଡପିଛା ବ୍ୟବହାର ୨୦.୯ କିଗ୍ରା ଏବଂ ଭାରତରେ ୫.୩ କିଗ୍ରା। ଏହାର ସ୍ୱଚ୍ଛତା, ସ୍ୱଳ୍ପ ଓଜନ ବା ଆପେକ୍ଷିକ ଗୁରୁତ୍ୱ, ଜଳ, ବିଦ୍ୟୁତ ଓ ରସାୟନ ପ୍ରତିରୋଧକ କ୍ଷମତା, ନମନୀୟତା, ସ୍ଥାୟିତ୍ୱ ଏବଂ ସର୍ବୋପରି ସୁଲଭ ଓ ସ୍ୱଳ୍ପ ବ୍ୟୟ ବହୁଳତା ଯୋଗୁଁ ଏଥିରେ ନିର୍ମିତ ସାମଗ୍ରୀଗୁଡ଼ିକ ଅତ୍ୟଧିକ ଆଦୃତ ହୋଇଛି। ଆମର ନିତ୍ୟ ବ୍ୟବହାର୍ଯ୍ୟ ବ୍ୟାଗ, ପାଣି ବୋତଲ, ପେନ୍, ପେନସିଲ୍, ପ୍ୟାକିଙ୍ଗ୍ ସାମଗ୍ରୀ, ବ୍ରସ୍, ପ୍ରସାଧନ ସାମଗ୍ରୀ, ପୋଷାକ, ଫୋନ, କମ୍ପ୍ୟୁଟର, ଚୌକି, ଟେବୁଲ୍, ରୋଷେଇ ସାମଗ୍ରୀ, ଖେଳନା, ଛୋଟରୁ ବୃହତ ଯନ୍ତ୍ରାଂଶ, ଯାନ, ବିଦ୍ୟୁତ ତାର ସହ ବିଭିନ୍ନ ନିର୍ମାଣ ଯନ୍ତ୍ରପାତିରେ ଏହାର ଉପଯୋଗ ଦ୍ରୁତଗତିରେ ବଢ଼ି ଚାଲିଛି।

ଉଚ୍ଚ ଉତ୍ତାପ ସହନଶୀଳତା ନ ଥିବା ପରି ପ୍ଲାଷ୍ଟିକର ଗୁଣକୁ ଆଧୁନିକ ବୈଷୟିକ ଜ୍ଞାନକୌଶଳ ଦୂର କରି ଦେବା ଦ୍ୱାରା ଅଧୁନା ଆମ ଚତୁଃପାର୍ଶ୍ୱରେ ଦୃଶ୍ୟମାନ ସମସ୍ତ ଉପଯୋଗୀ ବସ୍ତୁସମୂହରେ ପ୍ଲାଷ୍ଟିକର ବିନିଯୋଗ ଅନିର୍ବାଯ୍ୟ ପ୍ରାୟ। ଜୀବାଶ୍ମ ଇନ୍ଧନରୁ ଏହାର ଉତ୍ପାଦନ। ଧାତବ, ଜୀବଜ ବା ବୃକ୍ଷଜ ପଦାର୍ଥଠାରୁ ଆପେକ୍ଷିକ ସହଜ ହୋଇଥିବାରୁ ଅଧିକ ଉପଯୋଗୀ ହୋଇଯାଉଛି। ପରିବହନ କ୍ଷେତ୍ରରେ ଏହାର ଶକ୍ତ ତଥା ହାଲୁକା ଗୁଣ ସହ ଦୀର୍ଘସ୍ଥାୟିତ୍ୱ ଏହାକୁ ସର୍ବାଧିକ ଗ୍ରହଣୀୟ କରିଛି। ଏହାର ବ୍ୟବହାର ଯୋଗୁଁ ନିଜସ୍ୱ ଓଜନର ଅତ୍ୟଧିକ କ୍ଷୟ ଘଟୁଥିବାରୁ ଆଧୁନିକ ଯାନ ସବୁ ଅଧିକରୁ ଅଧିକ ଇନ୍ଧନକ୍ଷମ କରିପାରୁଛି।



ପୃଥିବୀରେ ବର୍ଷକୁ ୪୨ କୋଟି ଟନ ପ୍ଲାଷ୍ଟିକ ଉତ୍ପାଦନ ହେଉଛି। ସେଥିରୁ ୫.୭ କୋଟି ଟନ୍‌ର ବର୍ଜ୍ୟ ବସ୍ତୁ ନିର୍ଗତ ହେଉଛି। ଭାରତର ପ୍ଲାଷ୍ଟିକ ବର୍ଜ୍ୟ ୦.୯୩ କୋଟି ଟନ୍। କେବଳ ଆମେରିକାରେ ବର୍ଷକୁ ୩୫୦ କୋଟି ପ୍ଲାଷ୍ଟିକ ବୋତଲ ଫୋପଡ଼ା ଯାଉଛି। ଗୋଟିଏ ପ୍ଲାଷ୍ଟିକ ବୋତଲର କ୍ଷୁଦ୍ରାଂଶ ଅବକ୍ଷୟ ପାଇଁ ୫୦୦ ରୁ ୧୦୦୦ ବର୍ଷ ନେଇଥାଏ। ଏହା ଯୋଗୁଁ ସମସ୍ତ ପଶୁ, ପକ୍ଷୀ ଓ କୀଟ ପତଙ୍ଗ ବ୍ୟାପକ କ୍ଷତିଗ୍ରସ୍ତ ହୋଇ ବିଲୀନମୁଖୀ। ଆମ ବ୍ୟର୍ଜ୍ୟବସ୍ତୁର ୧୦ ପ୍ରତିଶତ ହେଉଛି ପ୍ଲାଷ୍ଟିକ। ସେଥିମଧ୍ୟରୁ ଏବେ କେବଳ ୫ ପ୍ରତିଶତ ପୁନଃବିନିଯୋଗ ହୋଇପାରୁଛି। ପ୍ଲାଷ୍ଟିକର ବିଭିନ୍ନ କ୍ଷେତ୍ରରେ ବ୍ୟବହାର କିଛି ଏହିପରି। - ପ୍ୟାକେଜିଂରେ ୩୬%, ନିର୍ମାଣରେ ୧୬%, ବସ୍ତ୍ରରେ ୧୫%, ନିତ୍ୟ ବ୍ୟବହାର୍ଯ୍ୟରେ ୧୦%, ପରିବହନରେ ୭%, ଇଲେକ୍ଟ୍ରୋନିକରେ ୪%, ଶିଳ୍ପରେ ୧%, ଅନ୍ୟାନ୍ୟ ୧୧%।

ପ୍ଲାଷ୍ଟିକ୍‌ଜାତ ସାମଗ୍ରୀର ପ୍ରାକୃତିକ ବା ସ୍ୱାଭାବିକ ଅବକ୍ଷୟ ଅତ୍ୟଧିକ ସମୟସାପେକ୍ଷ ହୋଇଥିବାରୁ ଏହା ମାନବ ସମାଜ ପାଇଁ ଏକ ଅଭିଶାପ ରୂପରେ ଉଭା ହେଲାଣି। ବ୍ୟର୍ଜ୍ୟ ବସ୍ତୁ ପରିଚାଳନାରେ ଏହା ସବୁଠାରୁ ବଡ଼ ଆହ୍ୱାନ ହୋଇଛି। ଉଦାହରଣ ସ୍ୱରୂପ ଏକ କାଠ ଉପକରଣ ପ୍ରାକୃତିକ ପରିବେଶରେ ସଂପୂର୍ଣ୍ଣ କ୍ଷୟ ହେବାକୁ ୧୦ରୁ୨୦ ବର୍ଷ ନେଉଥିବା ବେଳେ ଏକ ପ୍ଲାଷ୍ଟିକ ଉପକରଣ ୨୦୦-୧୦୦୦ ବର୍ଷ ନେଇ ଥାଏ। ତେଣୁ ଏହା ପରିବେଶକୁ ବିଷାକ୍ତ କରିଥାଏ। ପ୍ଲାଷ୍ଟିକ ଉଦ୍ଭାବନଠାରୁ ଆଜି ପର୍ଯ୍ୟନ୍ତ ଏହାର କ୍ଷୟ ହୋଇ ନାହିଁ, ବରଂ ଏହାର କ୍ଷୁଦ୍ରାଂଶ ପରିବେଶକୁ ବିଷମୟ କରି ଚାଲିଛି। ଗତ ଦଶ ବର୍ଷରେ ଆମେ ଏହାର ବ୍ୟବହାର ଏତେ ମାତ୍ରାରେ ବୃଦ୍ଧି କରିଛେ ଯେ ଗତ ଶହେ ବର୍ଷର ଉତ୍ପାଦନଠାରୁ ଅଧିକ।

ବ୍ୟସ୍ତ ବିବ୍ରତ ମାନବ ସମାଜର ଦୁର୍ଦ୍ଦଶା ଲାଘବ କରିବା ପାଇଁ ପ୍ରମୁଖ ରାଷ୍ଟ୍ର ମୁଖ୍ୟଗଣ ଏହାର ପ୍ରତିକାର ପାଇଁ କେତେକ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ୨୦୧୮ ମସିହାର ଉତ୍ପାଦନ ଭିତ୍ତିରେ ୨୦୩୦ ସୁଦ୍ଧା ସର୍ବାଧିକ ବିନିଯୋଗ ହେଉଥିବା ପ୍ୟାକେଜିଂ କ୍ଷେତ୍ରରେ ପ୍ଲାଷ୍ଟିକ ଉତ୍ପାଦ ୧୫% କମ କରାଯିବ। ଏହାର ୫୫% ପୁନଃ ବିନିଯୋଗ ହେବ। ଏତଦ୍‌ବ୍ୟତୀତ ଜୀବାଶ୍ମ ଇନ୍ଧନରୁ ସୃଷ୍ଟ ପ୍ଲାଷ୍ଟିକକୁ ଦ୍ରୁତ ହ୍ରାସ କରି ବାଇଓ-ପ୍ଲାଷ୍ଟିକ (ପଲିଏଥିଲିନ୍) କୁ ଗୁରୁତ୍ୱ ଦିଆଯିବ। ପ୍ଲାଷ୍ଟିକ ପ୍ରଦୂଷଣରୁ ସୁରକ୍ଷା ପାଇଁ ଚତୁର୍ବର୍ଗ ପ୍ରୟାସ ହେବା ନିହାତି ଆବଶ୍ୟକ। ପୁନଃବିନିଯୋଗ (ରିସାଇକେଲ୍), ସାମୟିକ ବନ୍ଦ (ପଜ୍), ବିକଳ୍ପ ବିନିଯୋଗ (ରିପରପସ୍), ବ୍ୟବହାର ସଂକୋଚନ (ରିଡ୍ୟୁସ୍)।

ଆଇନ ଭିତ୍ତିକ କଟକଣା ଅପେକ୍ଷା ମାନବିକ ଉପଲବ୍ଧି ଓ ସଚେତନତା ଏ ସାଂଘାତିକ ପ୍ଲାଷ୍ଟିକ ଜନିତ ପ୍ରଦୂଷଣ ରୂପକ ରାକ୍ଷସଠାରୁ ଆମକୁ ଉଦ୍ଧାର କରିବାରେ ଅଧିକ ସହାୟକ ହେବ। ସମସ୍ତଙ୍କୁ ପ୍ଲାଷ୍ଟିକର ବିନିଯୋଗକୁ କମ କରିବା ପାଇଁ ସଚେତନତା ସୃଷ୍ଟି କରି ଉଦାହରଣ ହେବାକୁ ପଡ଼ିବ। ଏହାର ଭୟାବହ ପରିଣତି ବିଷୟରେ ସମସ୍ତଙ୍କୁ ଅବଗତ କରାଇବା ପାଇଁ ଆମ ସମସ୍ତଙ୍କୁ ଆଗଭର ହେବାକୁ ପଡ଼ିବ। ସରକାର ତାଙ୍କ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ପ୍ଲାଷ୍ଟିକର ବିନିଯୋଗ ତଥା ସୁପରିଚାଳନା ପାଇଁ ଦୀର୍ଘମିଆଦୀ ଯୋଜନା କରିବାକୁ ବାଧ୍ୟ କରିବା ପାଇଁ ଜନଜାଗରଣର ନିତାନ୍ତ ଆବଶ୍ୟକତା ରହିଛି।

ବେଙ୍ଗାଲୁରୁ, ମୋ: ୯୪୩୭୦୬୧୪୮୫

# ଗଜାନନ ବେଶ

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

କର୍ଣ୍ଣାଟକର କାଣିଆରୀ ଗ୍ରାମ ନିବାସୀ ନୈଷ୍ଠିକ ବ୍ରାହ୍ମଣ ଗଣପତି ଭଟ୍ଟ ଗଣପତିଙ୍କୁ ଇଷ୍ଟରୂପେ ଆରାଧନା କରୁଥିଲେ। ବିଭିନ୍ନ ଶାସ୍ତ୍ର ଅଧ୍ୟୟନ କରି ସେ ଜାଣିବାକୁ ପାଇଲେ ଯେ ପରଂବ୍ରହ୍ମ ଜଗନ୍ନାଥ ଦାରୁ ସ୍ୱରୂପରେ ଉତ୍କଳ ଦେଶର ନୀଳାଚଳରେ ବିରାଜମାନ କରୁଛନ୍ତି, ଯାହାଙ୍କୁ ଦର୍ଶନ କଲେ ଜନ୍ମଜନ୍ମାନ୍ତରରୁ ମୁକ୍ତି ମିଳେ। ତେଣୁ ବ୍ରହ୍ମ ଦର୍ଶନ କରି ମୁକ୍ତିଲାଭ ଆଶାକୁ ଚରିତାର୍ଥ କରିବା ଲାଗି ଭଟ୍ଟ ମହାଶୟ ନୀଳଗିରି ଅଭିମୁଖେ ଯାତ୍ରାରମ୍ଭ କଲେ। ଅନେକ କଷ୍ଟ ଏବଂ ଅନେକ ଦିନର ଯାତ୍ରା ପରେ ସେ ପୁରୀ ଉପକଣ୍ଠ ଅଠରନଳାଠାରେ ନୀଳଚକ୍ରକୁ ଦର୍ଶନ କରି ପରମ ସନ୍ତୋଷ ଲାଭ କଲେ। ସନ୍ଧ୍ୟା ହୋଇ ଯାଇଥିବାରୁ ସ ଦିନ ସେ ସେହିଠାରେ ବିଶ୍ରାମ କରୁଥିବା ବେଳେ ଦେଖିଲେ ଯେ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ସାରି ଆନନ୍ଦର ସହ ଫେରୁଛନ୍ତି। ଭଟ୍ଟ ମହାଶୟ ପଚାରି ଜାଣିଲେ ଯେ ମହାପ୍ରଭୁଙ୍କୁ ଦର୍ଶନର ସୌଭାଗ୍ୟ ପ୍ରାପ୍ତ କରିଥିବାରୁ ସେମାନେ ଅତ୍ୟନ୍ତ ଆନନ୍ଦିତ ଥିଲେ। ଭଟ୍ଟ ମହାଶୟ ଦ୍ୱନ୍ଦ୍ୱରେ ପଡ଼ିଗଲେ। ସେ ଜାଣିଥିଲେ ଯେ ଭାଗ୍ୟବଳରେ ଭକ୍ତ ବ୍ରହ୍ମ ଦର୍ଶନ କଲେ ତା'ର ପ୍ରାଣ ବ୍ରହ୍ମଲୀନ ହୋଇ ଯାଏ। କିନ୍ତୁ ଭକ୍ତମାନେ ବ୍ରହ୍ମ ଦର୍ଶନ କରି ସ୍ୱଦେହରେ ଫେରୁ ଥିବାରୁ ସେ ଚିନ୍ତା କଲେ ଯେ ନୀଳାଚଳରେ ବ୍ରହ୍ମ ବିରାଜମାନ କରୁଛନ୍ତି ବୋଲି ପୁରାଣର ବର୍ଣ୍ଣନା ସତ ନୁହେଁ। ତାଙ୍କର ଏତେ ଦିନର କଷ୍ଟସାଧ୍ୟ ଯାତ୍ରା ବିଫଳ ଗଲା ବୋଲି ଜାଣି ସେ ଦୁଃଖିତ ହେଲେ ଏବଂ ଜୀବନ ବିସର୍ଜନ କରି ଦେବା ପାଇଁ ନିଷ୍ପତ୍ତି ନେଲେ।

ଭକ୍ତର ଏ ପ୍ରକାର କଠୋର ନିଷ୍ପତ୍ତି ଦେଖି ଭକ୍ତବତ୍ସଳ ଜଗନ୍ନାଥ ବ୍ରାହ୍ମଣ ବେଶରେ ଭଟ୍ଟଙ୍କ ପାଖକୁ ଯାଇ କାରଣ ପଚାରନ୍ତେ ସେ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କଲେ। ସବୁଶୁଣି ମହାପ୍ରଭୁ ପଚାରିଲେ, 'ବ୍ରହ୍ମ ନାହାନ୍ତି ବୋଲି ଏଥେ, ତା' ତୁମେ ଜାଣିଲ କେମନ୍ତେ?' ଗଣପତି କହିଲେ ଯେ, 'ବ୍ରହ୍ମ ଦର୍ଶନ ପରେ ବ୍ରହ୍ମଲୀନ ହୋଇ ଯିବାକୁ ହୁଏ। କିନ୍ତୁ ଭକ୍ତମାନେ ଜଗନ୍ନାଥଙ୍କୁ ଦର୍ଶନ କରି ସ୍ୱଦେହରେ ଫେରୁଥିବାରୁ ତାଙ୍କର ଭ୍ରମ ସୃଷ୍ଟି ହୋଇଥିଲା।' ବ୍ରାହ୍ମଣବେଶଧାରୀ ମହାପ୍ରଭୁ କହିଲେ, 'ଯେ ଆତ୍ମା କଳ୍ପତରୁ ହରି, ଯେ ଯାହା ମନବାଞ୍ଛା କରି / ତାହାକୁ ସେହି ଫଳ ଦେଇ, ତେଣୁଟି ବାଞ୍ଛାନିଧି ସେହି। ଯେଉଁ ଭକ୍ତ ଦର୍ଶନ ପରେ ଘରସଂସାରକୁ ଫେରିବା ପାଇଁ ଇଚ୍ଛା କରେ ସେ ତାକୁ ସେଥିପାଇଁ ଅନୁମତି ପ୍ରଦାନ କରନ୍ତି। ଯେଉଁ ଭକ୍ତ ମୁକ୍ତି ଲାଭ କରିବା ପାଇଁ ପ୍ରାର୍ଥନା କରେ ସେ ତାକୁ ମୋକ୍ଷ ଦାନ କରିଥା'ନ୍ତି।'

ବ୍ରାହ୍ମଣଙ୍କ କଥାରେ ଗଣପତିଙ୍କ ମନ ପରିବର୍ତ୍ତନ ହେଲା। ତା' ପର ଦିନ ସେ ଠାକୁରଙ୍କୁ ଦର୍ଶନ କରିବା ପାଇଁ ମନ୍ଦିରକୁ ଗଲେ। ସେ ଦିନ ଥିଲା ସ୍ନାନପୂର୍ଣ୍ଣିମା। କିନ୍ତୁ ମହାପ୍ରଭୁଙ୍କ ଦର୍ଶନ ଗଣପତିଙ୍କୁ ଖୁସି କରି ପାରିଲା ନାହିଁ। କାରଣ ସେ ଭାବୁଥିଲେ ଯେ ମହାପ୍ରଭୁ ତାଙ୍କୁ ତାଙ୍କର ଇଷ୍ଟ ଗଜାନନ ସ୍ୱରୂପରେ ଦର୍ଶନ ଦେବେ। 'ଗଜ ବଦନ ନାହିଁ ଏଥେ, ବ୍ରହ୍ମ ନୁହଇ କଦାଚିତେ।' କିନ୍ତୁ ସେଦିନ ରାତିରେ ଜଗନ୍ନାଥ ସ୍ୱପ୍ନରେ ମୁଦିରଥଙ୍କୁ ଆଦେଶ ଦେଲେ କହିଲେ, 'ବୋଇଲେ ଶୁଣ ମୁଦିରଥ, ପଶ୍ଚିମ ଦେଶୁ ମୋ ଭକତ / ଆସିଣ ଅଛି ଅତି ତୋଷେ, ମୋହର ଦରଶନ ଆଶେ / ତେଣୁ ମୋ ଛାମୁକୁ ଆଇଲା, ମୋର ମୁଖକୁ ଚାହିଁ ଦେଲା / ଗଜ ବଦନ ମୋ ନ ଦେଖି, ମନରେ ହୋଇ ମହାଦୁଃଖୀ / ବାହୁଡ଼ି ଯାଉଅଛି ସେହି, ବେଗେ ତୁ ଘେନି ଆସ ଯାଇ / ବୋଲିବୁ କିମ୍ବା ଯାଉ ରୁଷି, ଦର୍ଶନ କର ବ୍ରହ୍ମରାଶୀ / ନିଶ୍ଚଳ କରି ତୋ ନୟନ, ଚାହିଁ ଦେଖିବୁ ଗଜାନନ।'

ମୁଦିରଥ ଭଟ୍ଟ ମହାଶୟଙ୍କୁ ଭେଟି ମହାପ୍ରଭୁଙ୍କ ସ୍ୱପ୍ନାଦେଶ କଥା କହିବାରୁ ସେ ପୁଣି ପ୍ରଭୁଙ୍କ ଦର୍ଶନ ପାଇଁ ଗଲେ। 'ଦେଖିଲା ପ୍ରଭୁ ଭଗବାନ, ହୋଇ ଅଛନ୍ତି ଗଜାନନ / ଲମ୍ବି ଅଛଇଁ ଥୋର ହସ୍ତ, ଶୋଭା ଦିଶଇ ଏକ ଦନ୍ତ / ମହାପ୍ରଭୁଙ୍କୁ ନିଜର ଇଷ୍ଟ ଗଜାନନ ସ୍ୱରୂପରେ ଦର୍ଶନ କରି ଭଟ୍ଟ ଆନନ୍ଦରେ ସ୍ତୁତି କଲେ, 'ନମୋ ନମସ୍ତେ ଗଜାନନ, ନମସ୍ତେ କପିଳ ବଦନ / ନମସ୍ତେ ଦାରୁ ବ୍ରହ୍ମ ରାଶି, ନମୋ ନମସ୍ତେ ବିଶ୍ୱବାସୀ / ତବ ଦର୍ଶନେ ଦାରୁବ୍ରହ୍ମ, ତୁଟିଲା ମୋର ମତିଭ୍ରମ / ତା' ପରେ ସେ ନିଉଛାଳି ହୋଇ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ, 'ଆଜ ଏ ଦେବସ୍ନାନ ଯାତ, ଯେବେ ହୋଇବ ଜଗନ୍ନାଥ / କେବଳ ହସ୍ତୀ ବେଶ ହୋଇ, ବିଜେ କରିବ ଭାବଗ୍ରାହୀ / ଏତେକ ମାତ୍ର ଆଜ୍ଞା ହେଉ, ଏ କଥା ଯୁଗେ ଯୁଗେ ଥାଉ।' ସେହି ଦିନଠାରୁ ମହାପ୍ରଭୁ ସ୍ନାନପୂର୍ଣ୍ଣିମାରେ ଗଜାନନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି। (ଆଧାର:ରାମଦାସ କୃତ ଦାର୍ଢ଼୍ୟତା ଭକ୍ତି)

ମୋ: ୯୯୦୦୦୮୩୪୩୩

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅବଶିଷ୍ଟାଂଶ

## ଲମ୍ବା ଭାଷଣ...

ବିଜେଡିର ଜନ ଜାଗରଣ ଅଭିଯାନରେ ରାଜ୍ୟ କର୍ମକର୍ତ୍ତାଙ୍କୁ ଉଦବୋଧନ ଅବସରେ ନବୀନ କହିଛନ୍ତି ଯେ ଗଣତନ୍ତ୍ରରେ ସାଧାରଣ ଲୋକ ହେଉଛନ୍ତି ମାଲିକ। ଜନାଦେଶ ବଳରେ ଆମେ ଆଜି ବିରୋଧୀ ଦଳରେ ବସିଛନ୍ତି ଓ ବିଜେଡି ଏକ ଦାୟିତ୍ୱ ସମ୍ପନ୍ନ ବିରୋଧୀ ଦଳ ଭାବରେ କାମ କରୁଛି। ବିଜେପି ସରକାର ଓଡ଼ିଶାର ଶାସନ ଦାୟିତ୍ୱ ନେବାର ଏକ ବର୍ଷ ହୋଇଗଲା। ବିଜେପି ସରକାରଙ୍କୁ ଲୋକଙ୍କ ସରକାର ବୋଲି କୁହାଯାଉଛି; କିନ୍ତୁ ଲୋକ କାହାନ୍ତି ? ଆମ ସରକାର ସମୟରେ ଓଡ଼ିଶାର ୯୦ ପ୍ରତିଶତ ଲୋକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରୁ ଉପକାର ପାଉଥିଲେ; ଏବେ ଆରମ୍ଭ ହୋଇଥିବା ଆୟୁଷ୍ମାନ ଭାରତରେ ଲୋକମାନେ ଔଷଧ ପାଉନାହାନ୍ତି। ବିନା ଟଙ୍କାରେ ହସ୍ପିଟାଲରେ ଚିକିତ୍ସା ହୋଇପାରୁ ନାହିଁ । ରାଜ୍ୟର ହଜାର ହଜାର ଲୋକ ଏଥିପାଇଁ ହଇରାଣ ହେଉଛନ୍ତି। ମା'ମାନେ ହଇରାଣ, ବୁଢ଼ାବୁଢ଼ି ହଇରାଣ, କ୍ୟାନ୍ସର ରୋଗୀ ହଇରାଣ ଏବଂ ପିଲାମାନେ ହଇରାଣ ହେଉଛନ୍ତି। ସ୍ୱାସ୍ଥ୍ୟ ବ୍ୟବସ୍ଥା ପୁରା ଭୁଷୁଡ଼ି ପଡିଛି। ୩୦ ଜିଲ୍ଲାରୁ ୧୯ ଜିଲ୍ଲାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପଦବୀ ଖାଲି। ଏହା ହେଉଛି ବର୍ତ୍ତମାନ ସରକାରର ସଫଳତା ବୋଲି ତାତ୍ସଲ୍ୟ କରିଛନ୍ତି ନବୀନ।

ସେ ପୁଣି କହିଛନ୍ତି ଯେ ମିଶନ ଶକ୍ତି ଦ୍ୱାରା ସତୁରି ଲକ୍ଷ ମା'ମାନେ ସଶକ୍ତ ହୋଇଥିଲେ। ମାତ୍ର ଗୋଟିଏ ବର୍ଷ ଭିତରେ ମିଶନ ଶକ୍ତିର ଗତିକୁ ଦୁର୍ବଳ କରିବା ହେଉଛି ଏ ସରକାରର ସଫଳତା। ବ୍ୟାଙ୍କରେ ମା'ମାନେ ହଇରାଣ ହେଉଛନ୍ତି। ସରକାରୀ କାର୍ଯ୍ୟାଳୟରେ ମା'ମାନଙ୍କ କାମ ହେଉନାହିଁ। ଦୁବାଇ ଓ ସିଙ୍ଗାପୁର ଯାଇଥିବା ମା'ମାନେ ଆଜି ଘରେ ବସି ହତାଶ। ସେମାନଙ୍କର ଆତ୍ମବିଶ୍ୱାସ ଭାଙ୍ଗି ଯାଇଛି। ଏହା ହେଉଛି ଏ ସରକାରର ବଡ଼ ସଫଳତା। ଆମ ସରକାର ସମୟରେ ମିଶନ ଶକ୍ତି ଆନ୍ଦୋଳନ ସାରା ଭାରତରେ ରାଜ୍ୟ ପାଇଁ ସୁନାମ ଆଣିଥିଲା। ମା'ମାନଙ୍କ ସଶକ୍ତିକରଣରେ ବାଧା ସୃଷ୍ଟି କରିବା ଏ ସରକାରର ସବୁଠାରୁ ବଡ଼ ଭୁଲ୍। ମା'ମାନେ ଏହାକୁ କେବେ କ୍ଷମା ଦେବେ ନାହିଁ ବୋଲି ନବୀନ ଚେତାଇ ଦେଇଛନ୍ତି।

ରାଜ୍ୟ ବିଜେପି ସରକାରଙ୍କ ଚାଷୀମାରଣ ନୀତିକୁ ସମାଲୋଚନା କରି ନବୀନ କହିଛନ୍ତି ଯେ ନିର୍ବାଚନ ସମୟରେ କୁହାଗଲା କଟନୀଛଟନୀ ବନ୍ଦ ହେବ। ସବୁ ଚାଷୀ ଏମ୍‌ଏସ୍‌ପି ପାଇବେ। ଆମ ଭିତରେ ବହୁ ଚାଷୀ ଭାଇଭଉଣୀ ଅଛନ୍ତି। ଆପଣ କୁହନ୍ତୁ କଟନୀ ଛଟନୀ ବନ୍ଦ ହୋଇଛି କି ? ଲୋକଙ୍କ ସରକାର; କିନ୍ତୁ ଲୋକ ନାରଖାର। ସରକାରଙ୍କୁ ମିଲରଙ୍କର ଭୟ ନାହିଁ, ମିଲରଙ୍କ ଦୟାରେ ଏବେ ଚାଷୀ କାହାକୁ ଗୁହାରି କରିବେ? ଚାଷୀ କୃଷି ଋଣ ପାଇବାରେ ହଇରାଣ ହେଉଛନ୍ତି। ବିଜେଡି ସମୟରେ ରେକର୍ଡ ପରିମାଣରେ ଜଳସେଚନ ହୋଇଥିଲା। ବିଜେପି ସରକାରଙ୍କ ସଫଳତାର ଫର୍ଦ୍ଦ ଏଇଠି ଅଟକୁନାହିଁ; ଚାଲିଥିବା କାମକୁ ଏମାନେ ବନ୍ଦ କରିଦେଲେ। ଲୋକ ଚେତିଲେଣି। ଏହା ସରକାର ବୁଝନ୍ତୁ। ସେ ଆହୁରି ମଧ କହିଛନ୍ତି ଯେ ୨୦୦୦ ମସିହାରେ ବିଜେଡି ସରକାର ଦାୟିତ୍ୱ ନେବା ସମୟରେ ଓଡ଼ିଶାର ଋଣଭାର ୧୮ ହଜାର କୋଟି ଟଙ୍କା ଥିଲା; ଓଭର୍ ଡ୍ରାଫ୍ଟରେ ସରକାର ଚାଲିଥିଲା। ୨୦୨୪ରେ ଆମେ ଦାୟିତ୍ୱ ଛାଡିବାବେଳେ ସରକାରୀ ରାଜକୋଷରେ ଅତିରିକ୍ତ ଥିଲା ୪୫ ହଜାରେ କୋଟି; କିନ୍ତୁ ଏବେ ରେକର୍ଡ ପରିମାଣର ଋଣରେ ସରକାର ଚାଲିଛି । ୨୦୦୫-୦୬ରେ ଓଡ଼ିଶାର ଗରିବୀ ୬୩.୮୩ ପ୍ରତିଶତ ଥିବାବେଳେ ୨୦୨୩ ରେ ଏହା ୧୧.୦୭ ପ୍ରତିଶତକୁ ଆସିଥିଲା। ୧୦୭.୭୮ ଲକ୍ଷ ଲୋକ ଗରିବୀ ସୀମାରେଖା ଉପରକୁ ଉଠିଥିଲେ । ଆଇଏମଆର, ଏମଏମଆର ଆଦି ସବୁ ବିକାଶ ସୂଚକରେ ଆଖିଦୃଶିଆ ସୁଧାର ଆସିଥିଲା ବୋଲି ନବୀନ କହିଛନ୍ତି।

## ପ୍ରତ୍ୟକ୍ଷ ସ୍ନାନ...

ବଳଭଦ୍ର, ମା' ସୁଭଦ୍ରା ଓ ଶେଷରେ ସ୍ନାନବେଦୀକୁ ଆସିବେ ଜଗତରନାଥ ଶ୍ରୀଜଗନ୍ନାଥ। ପ୍ରତିଦିନ ବିମ୍ବ (ଦର୍ପଣ) ସ୍ନାନ କରୁଥିବା ଦାରୁବିଗ୍ରହମାନେ ସ୍ନାନବେଦୀରେ କରିବେ ପ୍ରତ୍ୟକ୍ଷ ସ୍ନାନ। ସୁନା ଗୋସେଇଁ ପରିବାରର ସଦସ୍ୟମାନେ ସୁନାକୂଅରୁ ୧୦୮ ଗଡୁ ଜଳ ଆଣି ଜଳ ଗୃହରେ ରଖିବେ। ଚୁଆ, ଚନ୍ଦନ, କର୍ପୂର ଆଦି ପକାଯାଇ ଜଳକୁ ଅଧିବାସ କରାଯିବ। ଅଧିବାସ ଗୃହରୁ ଗରାବଡୁ ସେବକମାନେ ୧୦୮ ଗଡୁ ଜଳ ନେଇ ୪ଟି ପନ୍ତିରେ ସ୍ନାନବେଦୀରେ ରଖିବେ। ମଧ୍ୟାହ୍ନ ୧୨ଟା ୨୦ରୁ ସ୍ନାନବିଧି ଆରମ୍ଭ କରାଯିବ। ଜଳବିଜେ ଓ ପୂଜା ପରେ ଚତୁର୍ଦ୍ଧାବିଗ୍ରହଙ୍କ ସ୍ନାନ ନୀତି ସମ୍ପନ୍ନ ହେବ। ଶ୍ରୀବଳଭଦ୍ର ୩୩ ଗଡୁ, ସୁଭଦ୍ରା ୨୨ ଗଡୁ, ଶ୍ରୀଜଗନ୍ନାଥ ୩୫ ଗଡୁ ଏବଂ ସୁଦର୍ଶନ ୧୮ ଗଡୁ ଜଳରେ ସ୍ନାନ କରିବେ। ଅପରାହ୍ଣ ସାଢ଼େ ୩ଟାରେ ଛେରାପହଁରା ନୀତି ସମ୍ପନ୍ନ ହେବା ପରେ ଅପରାହ୍ଣ ୪ଟା ୩୦ରେ ମହାପ୍ରଭୁଙ୍କ ଦୁର୍ଲ୍ଲଭ ହାତୀବେଶ ଅନୁଷ୍ଠିତ ହେବ। ଏହି ବେଶ ଥାଇ ଘଣ୍ଟ ଛତା ସକାଳ ଧୂପ ଭୋଗ ସରିବ। ତିନିଠାକୁରଙ୍କ ପହଣ୍ଡି ବିଜେ ସମ୍ପନ୍ନ ହେବା ସାହାଣମେଲା ପୂର୍ବ ପର୍ଯ୍ୟନ୍ତ ସ୍ନାନମଣ୍ଡପ ତଳ ସମ୍ମୁଖ ଭାଗରେ ଥିବା ସ୍ଥାୟୀ ର୍‌ୟାମ୍ପରେ ନିରବଚ୍ଛିନ୍ନ ଭାବେ ଭକ୍ତମାନେ ଦର୍ଶନ କରିପାରିବେ। ସନ୍ଧ୍ୟା ସାଢ଼େ ୭ରୁ ରାତି ସାଢ଼େ ୧୦ଟା ଅର୍ଥାତ୍ ୩ ଘଣ୍ଟା ସାହାଣମେଲା ଦର୍ଶନ ରହିଛି। ଶ୍ରଦ୍ଧାଳୁମାନେ ସ୍ନାନମଣ୍ଡପ ଉପରକୁ ଯାଇ ଦର୍ଶନ କରିବେ କିନ୍ତୁ କେହି ଠାକୁରଙ୍କୁ ସ୍ପର୍ଶ କରିପାରିବେ ନାହିଁ। ରାତି ୧୧ଟାରେ ହାତୀବେଶ ମଇଲମ ହେବ। ଏହାପରେ ପୁଷ୍ପାଞ୍ଜଳି ଓ ଡୋରଲାଗି ସରିବା ପରେ ମହାପ୍ରଭୁ ସ୍ନାନବେଦୀରୁ ଗୋଟିପହଣ୍ଡିରେ ଅଣସର ପିଣ୍ଡିକୁ ବିଜେ କରିବେ। ରାତି ସାଢ଼େ ୧୧ଟାରୁ ୨ଟା ମଧ୍ୟରେ ବାହୁଡ଼ା ପହଣ୍ଡି ଶେଷ କରାଯିବା ଲାଗି ସମୟ ନିର୍ଘଣ୍ଟ ହୋଇଛି। ଏହାପରେ ରାତି ସାଢ଼େ ୨ଟାରେ ସୁନାଚିତା ଓ ରାହୁରେଖା ମଇଲମ ହୋଇ ତାଟି ବନ୍ଧା ଯିବ। ଆରମ୍ଭ ହେବ ଅଣସର ନୀତି। ସ୍ନାନ ପରେ ଜ୍ୱରରେ ପଡ଼ିବେ ମହାପ୍ରଭୁ। ଏହାପରେ ଉପଶମ ପାଇଁ ଚାଲିବ ଉପଚାର। ଦଇତାପତି ସେବକମାନେ ଏହି ଗୁପ୍ତ ସେବା କରିବେ। ମହାପ୍ରଭୁ ସୁସ୍ଥ ହେବା ପରେ ଆସନ୍ତା ୨୭ ତାରିଖରେ ରଥରେ ବସି ଯିବେ ଜନ୍ମବେଦୀକୁ।

ଦେବସ୍ନାନ ପୂର୍ଣ୍ଣିମା ଲାଗି ଚଳଚଞ୍ଚଳ ହୋଇପଡ଼ିଛି ଶ୍ରୀକ୍ଷେତ୍ର। ଅନ୍ୟପକ୍ଷରେ ଘୋଷଯାତ୍ରା ବିଧି ଯୋଗୁଁ ପ୍ରାୟ ମାସେ ପର୍ଯ୍ୟନ୍ତ ରତ୍ନବେଦୀରେ ଆଉ ଦାରୁବିଗ୍ରହଙ୍କ ଦର୍ଶନ ମିଳିବ ନାହିଁ। ତେଣୁ ଶ୍ରୀମନ୍ଦିରରେ ମଙ୍ଗଳବାର ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଅପରପକ୍ଷେ ସୋମବାର ରାତି ୨ଟା ୩୦ରେ ଶ୍ରୀମୁଖ ଖଣ୍ଟୁଆ ଏବଂ ୨ଟା ୪୦ରେ ବାହୁଟ କଣ୍ଠ ହୋଇଥିଲା। ରାତି ୩ଟା ୨୫ରେ କୋଠସୁଆଁସିଆମାନେ ଚାରବନ୍ଧାକୁ ପ୍ରବେଶ କରିଥିଲେ। ମଙ୍ଗଳବାର ସକାଳ ୯ଟାରେ ଚାରବନ୍ଧା ସରିଥିଲା। ଏହାପରେ ଦଇତାପତି ସେବକମାନେ ୯ଟା ୧୫ରେ ସେନାପଟା ଲାଗିକୁ ପ୍ରବେଶ କରିଥିଲେ। ତେଣୁ ମଙ୍ଗଳବାର ଅପରାହ୍ଣ ପ୍ରାୟ ୩ଟା ୪୫ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଏହାପରେ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା।

## ମୋହନଙ୍କ ବର୍ଷେ...

ଅତ୍ୟୁକ୍ତି ହେବନାହିଁ। ଆଦିବାସୀ ବର୍ଗର ଜଣେ ନେତାଙ୍କୁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ମିଳିବା ରାଜ୍ୟବାସୀଙ୍କୁ ଅନେକାଂଶରେ ଚକିତ କରିଥିଲା। ରାଜ୍ୟ ବିଜେପିରେ ଅନେକ ଟାଣୁଆ ନେତା ଥିଲେ ମଧ ମୋହନଙ୍କୁ କାହିଁକି ଶୀର୍ଷ ନେତୃତ୍ୱ ଏତେ ବଡ଼ ଦାୟିତ୍ୱ ଦେଲେ ତାକୁ ନେଇ ସାଧାରଣରେ ବେଶ୍ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଥିଲା। ତେବେ ରାଜ୍ୟ ରାଜନୀତିକୁ ପାଖରୁ ଦେଖିଥିବା ଏବଂ ମୋହନଙ୍କୁ ପରଖିଥିବା ଲୋକେ ଏନେଇ ଭିନ୍ନ ମତ ରଖନ୍ତି। ୪ ଥରର ବିଧାୟକ ଓ ବିରୋଧୀ ଦଳର ମୁଖ୍ୟ ସଚେତକ ଭୂମିକାରେ ବିଧାନସଭାରେ ମୋହନଙ୍କ ପ୍ରଦର୍ଶନକୁ ଶୀର୍ଷ ନେତୃତ୍ୱ ବେଶ୍ ଗମ୍ଭୀରତାର ସହ ପରଖିଛନ୍ତି। ବିଧାନସଭାରେ ସାଥି ବିଧାୟକଙ୍କୁ ସାଙ୍ଗରେ ନେଇ ଚାଲିବା ନେତୃତ୍ୱର କଳା ନିଶ୍ଚିତଭାବେ ଶୀର୍ଷ ନେତୃତ୍ୱଙ୍କୁ ପ୍ରଭାବିତ କରିଥିଲା। ଯାହାଫଳରେ ସବୁ ଆଲୋଚନାକୁ ପଛରେ ପକାଇ ଶୀର୍ଷ ନେତୃତ୍ୱ ମୋହନଙ୍କ ଉପରେ ଭରଷିଲେ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ରଖନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ ନିଜକୁ ମିଳିଥିବା ଗୁରୁଦାୟିତ୍ୱକୁ ବେଶ୍ ଭଲ ଭାବେ ଉପଲବ୍ଧୀ କରିଛନ୍ତି। ଶିକ୍ଷକତା-ସରପଞ୍ଚ-ବିଧାୟକ ଏବଂ ବିଧାୟକରୁ ମୁଖ୍ୟମନ୍ତ୍ରୀ; ଏହି ଲମ୍ବା ରାଜନୈତିକ ଜୀବନର ଅଭିଜ୍ଞତା ହିଁ ମୋର ପୁଞ୍ଜି ଏବଂ ଏହି ପୁଞ୍ଜିକୁ ପାଥେୟ କରି ଲୋକଙ୍କ ସହ ଯୋଡ଼ିହେବାକୁ ମୁଁ ପ୍ରୟାସ ଜାରି ରଖିଛି ବୋଲି ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି। ନିଜ ନମ୍ର ଓ ମେଳାପି ସ୍ୱଭାବ ମୋହନଙ୍କୁ ସାଧାରଣ ଲୋକଙ୍କ ସହ ଯୋଡ଼ିପାରିଛି। ଏହା ମଧ ସରକାରଙ୍କ ଉତ୍ତର ଦାୟିତ୍ୱକୁ ଅଧିକ ବଢ଼ାଇଛି।

ଅପରପକ୍ଷେ ମୋହନଙ୍କ ବ୍ୟକ୍ତିତ୍ୱ, ନେତୃତ୍ୱକୁ ନେଇ ବିଭିନ୍ନ ସମୟରେ ସମାଲୋଚନା ପ୍ରକାଶ ପାଉଥିବା ବେଳେ ସେ ନିଜେ ଏନେଇ ଏକାଧିକ ବାର ସ୍ୱଷ୍ଟତାର ସହ ଉତ୍ତର ରଖିଛନ୍ତି। ମୁଁ ଏକ ସାଧାରଣ ଆଦିବାସୀ ପରିବାରରୁ ରାଜନୀତିକୁ ଆସିଛି। ଲୋକଙ୍କ ଆଶା, ଆକାଂକ୍ଷା ପୂରଣ କରିବା ଦିଗରେ ଯଥାସମ୍ଭବ ଚେଷ୍ଟା କରୁଛି। ତେବେ ମୋ ସରଳତା ପାଇଁ ଆପଣମାନେ ମୋତେ ଦୁର୍ବଳ ବୋଲି ଭାବନ୍ତୁ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଏକାଧିକ ବାର କହିଛନ୍ତି। ତେବେ ଓଡ଼ିଶା ପରି ରାଜ୍ୟର ନେତୃତ୍ୱ ନେବା ଏକ ବଡ଼ ଆହ୍ୱାନ। ବିଶେଷକରି ଗତ ୨୪ ବର୍ଷରେ ନବୀନ ପଟ୍ଟନାୟକ ସାମଗ୍ରିକ ଭାବେ ଓଡ଼ିଶାର ଯେଉଁ ବିକାଶର ନକ୍ସା ପ୍ରସ୍ତୁତ କରି ସେହି ଅନୁଯାୟୀ ଆଗକୁ ବଢ଼ିଥିଲେ। ଏହି ଧାରାକୁ ବଜାୟ ରଖିବା ଏବେ ମୋହନଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ନିଶ୍ଚିତ। ମୁଖ୍ୟମନ୍ତ୍ରୀ ଭାବେ ନବୀନ ରାଜ୍ୟର ପ୍ରତିଟି ବର୍ଗର ଲୋକଙ୍କ କଥା ଚିନ୍ତା କରୁଥିଲେ। ସମାନ ଭାବେ ରାଜ୍ୟର ବିକାଶକୁ ଗୁରୁତ୍ୱ ଦେଉଥିଲେ। ଆସନ୍ତା ୪ ବର୍ଷ ଏହି ଆହ୍ୱାନର ମୋହନ କିପରି ମୁକାବିଲା କରୁଛନ୍ତି, ତାହାକୁ ରାଜ୍ୟବାସୀ ବେଶ୍ ସତର୍କତାର ସହ ପରଖିବେ। ଉନ୍ନତ ଶାସନ, ପ୍ରଶାସନିକ ବ୍ୟବସ୍ଥା ଆଶା କରିବେ। ବିଶେଷକରି ରାଜ୍ୟର ରାଜସ୍ୱ ଅଭିବୃଦ୍ଧି, ଆର୍ଥିକ ମିତବ୍ୟୟିତା ଓ ଯୋଜନା ଅଟକଳକୁ ନେଇ ରାଜ୍ୟର ଆର୍ଥିକ ସ୍ଥିତି ଆଗାମୀ ଦିନରେ ମୋହନଙ୍କ ପାଇଁ ଆହ୍ୱାନ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଜିଡିପିରେ ଆଗୁଆ...

ଆକାର ବିଶାଳ ହୋଇଥିଲେ ବି ମୁଣ୍ଡପିଛା ଆୟରେ ଭାରତ ଅନେକ ଦେଶ ତଳେ ରହିଛି ବୋଲି ସେ କହିଛନ୍ତି। ଭାରତ ଏବଂ ଜାପାନର ଅର୍ଥନୀତିର ତୁଳନାତ୍ମକ ବିଶ୍ଳେଷଣ କରି ସେ କହିଛନ୍ତି ଯେ ଭାରତର ମୁଣ୍ଡପିଛା ଆୟ ବହୁତ ଖରାପ ସ୍ଥିତିରେ ରହିଛି। ଭାରତୀୟଙ୍କ ମୁଣ୍ଡପିଛା ଆୟ ଜାପାନୀଙ୍କ ମୁଣ୍ଡପିଛା ଆୟ ତୁଳନାରେ ଯଥେଷ୍ଟ କମ୍। ଆମେରିକାରେ ମୁଣ୍ଡପିଛା ଆୟ ୮୯୧୦୫ ଡ଼ଲାର ଥିବାବେଳେ ଜର୍ମାନୀରେ ଏହା ୭୨୫୯୯ ଡ଼ଲାର। ଇଂଲଣ୍ଡରେ ଏହା ୬୩୬୬୧ ଡ଼ଲାର, ଫ୍ରାନ୍ସରେ ୬୫୬୭୬ ଡ଼ଲାର, ଇଟାଲୀରେ ୬୩୦୭୬ ଡ଼ଲାର, କାନାଡ଼ାରେ ୬୫୬୦୭ ଡ଼ଲାର, ଜାପାନରେ ମୁଣ୍ଡପିଛା ଆୟ ୫୪୬୭୭ ଡ଼ଲାର, ମାତ୍ର ଭାରତରେ ମୁଣ୍ଡପିଛା ଆୟ ୧୨୧୩୨ ଡ଼ଲାର। ଏପରି ସ୍ଥିତିରେ ଭାରତ ଓ ଜାପାନ ଆର୍ଥିକ ସ୍ଥିତିର ତୁଳନାରେ ଯୌକ୍ତିକତା ନାହିଁ ଓ ଚତୁର୍ଥ ବୃହତ୍ତ ଅର୍ଥନୀତି ହେବାକୁ ନେଇ ଭାରତ ବେଶି ଉତ୍ସାହିତ ହେବାର କୌଣସି କାରଣ ନାହିଁ । ଅର୍ଥନୀତିର ଆକାର ଏକ ଭଲ ସୂଚକାଙ୍କ; କାରଣ ଏହା ବିଶ୍ୱରେ ଭାରତର ଆର୍ଥିକ ସ୍ଥିତିକୁ ମଜବୁତ କରୁଛି। କିନ୍ତୁ ମୁଣ୍ଡପିଛା ଜିଡିପି ଦୃଷ୍ଟିରୁ ଏହା ଭଲ ସୂଚକାଙ୍କ ନୁହେଁ। ଏବେ ବି ଭାରତକୁ ବହୁତ କିଛି କରିବାର ଅଛି। ଦକ୍ଷତା ବିକାଶ ଏବଂ କାର୍ଯ୍ୟବଳକୁ ବୃଦ୍ଧି କରିବାର ଆବଶ୍ୟକତା ରହିଛି। ୭ ଟ୍ରିଲିୟନ ଡଲାର ଅର୍ଥନୀତିର ଲକ୍ଷ୍ୟ ହାସଲ କରିବାକୁ ହେଲେ ଭାରତକୁ ଔଦ୍ୟୋଗିକ କ୍ଷେତ୍ରକୁ ଅଧିକ ମଜବୁତ କରିବାକୁ ପଡ଼ିବ। କ୍ଲାଉଡେ କହିଛନ୍ତି ଯେ ଉତ୍ପାଦନ କ୍ଷେତ୍ରରେ ଭାରତର ଜିଡିପି ଚୀନର ପ୍ରାୟ ଅଧା ରହିଛି। ଭାରତର ଭୌଗୋଳିକ ଆକାର, ଜନସଂଖ୍ୟା ଏବଂ ଆର୍ଥିକ କ୍ଷମତାକୁ ବିଚାରକୁ ନେଇ ଏହି ଅନୁପାତ ପର୍ଯ୍ୟାପ୍ତ ନୁହେଁ । ଉତ୍ପାଦନ କାର୍ଯ୍ୟକଳାପରେ ଯଥେଷ୍ଟ ବୃଦ୍ଧି ନ ହେଲେ ଭାରତ ୭ ଟ୍ରିଲିୟନ ଡଲାର ଅର୍ଥନୀତି ହୋଇପାରିବା କଷ୍ଟସାଧ। ସେହିପରି ଡାଟା ମ୍ୟାନେଜମେଣ୍ଟରେ ମଧ ଭାରତ ଚୀନ୍, ଆମେରିକା, ୟୁରୋପ ମଧ୍ୟରେ ସାମିଲ ରହିଛି। ଏହି କ୍ଷେତ୍ରରେ ଭାରତ ପାଇଁ ଅନେକ ସମ୍ଭାବନା ରହିଛି ବୋଲି ସେ କହିଛନ୍ତି।

## 'ସେକ୍ସ କ୍ୱିନ୍' ଶ୍ୱେତାଙ୍କ...

ରହିଛି ଓ ଶ୍ୱେତା ଅନେକ ସମୟରେ ଅଶ୍ଳୀଳ ଭିଡ଼ିଓ ପ୍ରସ୍ତୁତି ନିମନ୍ତେ ଓଡ଼ିଶାର ବିଭିନ୍ନ ସ୍ଥାନକୁ ଆସିଛନ୍ତି । ଓଡ଼ିଶାରେ ସମ୍ପୃକ୍ତ ବ୍ୟବସାୟୀ ଆତିଥ୍ୟ ପ୍ରଦାନ କରିବା ସହ ଭିଡ଼ିଓ ସୁଟିଂ ପାଇଁ ସବୁ ସହାୟତା ଯୋଗାଇ ଦେଇଥାଆନ୍ତି । ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ଥିଲେ ହେଁ ଏହା ବ୍ୟବସାୟିକ ଥିଲା କି ନାହିଁ ତାହା ଏଯାଏ ସ୍ପଷ୍ଟ ହୋଇ ନାହିଁ । ଅନ୍ୟପକ୍ଷରେ ଗିରଫ ଆଶଙ୍କାରେ ଆତ୍ମଗୋପନ କରିଥିବା ଶ୍ୱେତା ଓଡ଼ିଶା ପଳାଇ ଆସିଥାଇ ପାରନ୍ତି ବୋଲି ମଧ ସନ୍ଦେହ କରାଯାଉଛି । ପଶ୍ଚିମବଙ୍ଗ ପୁଲିସ ମଧ ଏପରି ଆଶଙ୍କାକୁ ଅସ୍ୱୀକାର କରିନାହିଁ । ପଶ୍ଚିମବଙ୍ଗ ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଓଡ଼ିଶାର ଜଣେ ବଡ଼ ବ୍ୟବସାୟୀ ଫୁଲତୁସୀ ଓରଫ୍ ଶ୍ୱେତା ଖାନ୍‌ଙ୍କ ସହ ନିୟମିତ ସମ୍ପର୍କରେ ରହିଛନ୍ତି । ଶ୍ୱେତାଙ୍କ ଅନେକ ଅପକର୍ମରେ ସମ୍ପୃକ୍ତ ବ୍ୟବସାୟୀ ଜଡ଼ିତ ଥିବା ପ୍ରମାଣ ମିଳିଛି । ଏ ସମ୍ପର୍କରେ ଅନୁସନ୍ଧାନ କରାଯାଉଛି ଓ ଖୁବ୍ ଶୀଘ୍ର ଏ ସମ୍ପର୍କରେ ବିସ୍ତୃତ ତଥ୍ୟ ମିଳିବ ବୋଲି ଆଶା କରାଯାଉଛି।

ଅନ୍ୟପକ୍ଷରେ ସେକ୍ସ କ୍ୱିନ୍ ଭାବରେ କୁଖ୍ୟାତି ଅର୍ଜନ କରିଥିବା ଶ୍ୱେତାଙ୍କର ଅନେକ କୁଖ୍ୟାତି ଅପରାଧୀଙ୍କ ସହ ସମ୍ପର୍କ ଥିବା ମଧ ଅଭିଯୋଗ ହୋଇଛି । ୨୦୧୫ରେ ନିଜ ଶ୍ୱଶୁର ଘର ଲୋକଙ୍କ ସମ୍ପତ୍ତି ହଡ଼ପ କରିବା ପାଇଁ ସେ କିଛି ଅପରାଧୀଙ୍କୁ ଧରି ପହଞ୍ଚିଥିଲେ ଓ ଶ୍ୱେତାଙ୍କ ଉପସ୍ଥିତିରେ ସେହି ଗୁଣ୍ଡାମାନେ ଗୁଳି ଫୁଟାଇ ଆତଙ୍କ ସୃଷ୍ଟି କରିଥିଲେ। ସେତେବେଳେ ତାଙ୍କୁ ପୁଲିସ ଗିରଫ କରିଥିଲା।

# ଷ୍ଟିୟରିଂ ଛାଡ଼ ଆନ୍ଦୋଳନକୁ ସମର୍ଥନ କଲା ବସ୍ ଓ ଟ୍ରକ୍ ମାଲିକ ମହାସଂଘ

କଟକ, ୧୦।୬(ସମିସ): ଓଡ଼ିଶା ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଡକରାକୁ ସମର୍ଥନ ଜଣାଇଛନ୍ତି ରାଜ୍ୟ ଘରୋଇ ବସ ମାଲିକ ସଂଘ, ରାଜ୍ୟ ଟ୍ରକ ମାଲିକ ମହାସଂଘ ଏବଂ ଅଲଓଡ଼ିଶା ମିନି ଟ୍ରକ ମାଲିକ ମହାସଂଘ। ଯାନବାହନଗୁଡ଼ିକର ଯାଞ୍ଚ ପାଇଁ ପୁଲିସକୁ ଅଧିକ କ୍ଷମତା ପ୍ରଦାନକୁ ବିରୋଧ କରି ପୂର୍ବରୁ ଡ୍ରାଇଭର ମହାସଂଘ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଡକରା ଦେଇଛି। ଆଉ କେତେକ ପ୍ରମୁଖ ଦାବିଗୁଡ଼ିକ ଆସନ୍ତା ଜୁଲାଇ ୮ ତାରିଖ ପୂର୍ବରୁ ସମାଧାନ ନହେଲେ ଷ୍ଟିଅରିଂ ଛାଡ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି କଟକସ୍ଥିତ ଓଡ଼ିଶା ଟ୍ରକ ମାଲିକ ସଂଘ ଅଫିସ ଗୃହରେ ଅନୁଷ୍ଠିତ ଏକ ମିଳିତ ବୈଠକରେ ନିଷ୍ପତ୍ତି ହୋଇଛି।

ଗାଡ଼ିଗୁଡ଼ିକୁ ଯାଞ୍ଚ ପାଇଁ ପୁଲିସ କ୍ଷମତା ପ୍ରଦାନକୁ ବିରୋଧ ସହ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଏବଂ କର୍ମଚାରୀ କଲ୍ୟାଣ ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ କରିବା, ଡ୍ରାଇଭରଙ୍କର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ, ୬୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ଡ୍ରାଇଭରଙ୍କୁ ଭତ୍ତା ପ୍ରଦାନ, ରାସ୍ତାରେ ଗାଡି ପାର୍କିଙ୍ଗ, ଡ୍ରାଇଭର ମାନଙ୍କର ବିଶ୍ରାମାଗାର ଓ ଶୌଚାଳୟ ପ୍ରତିଷ୍ଠା, ଓଡ଼ିଶା।ର ଖଣି ଖାଦାନରେ ଓଡିଶାର ଡ୍ରାଇଭରଙ୍କୁ ୭୦ ଭାଗ କର୍ମ ଯୋଗାଣ, ସେପ୍ଟେମ୍ବର ୧ତାରିଖକୁ ଡ୍ରାଇଭର ଜାତୀୟ ଦିବସ ପାଳନ କରିବାକୁ ଦାବି କରାଯାଇଛି। ଏ ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ସମେତ ପରିବହନ ଓ ଖଣି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବୈଠକରେ ବସ ମାଲିକ ସଂଘ, ଟ୍ରକ ମାଲିକ ମହାସଂଘ, ଅଲଓଡ଼ିଶା ମିନିଟ୍ରକ ମାଲିକ ମହାସଂଘ ଏବଂ ଓଡ଼ିଶା ଡ୍ରାଇଭର ମହାସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସଚିବାଳୟ ଜୁନିଅର ଜେଡିଇଓ ଗ୍ରେଡେସନ ତାଲିକା ରଦ୍ଦ

କଟକ,୧୦।୬(ସମିସ): ଓଡ଼ିଶା ସଚିବାଳୟର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଜୁନିଅର ଡାଟାଏଣ୍ଟ୍ରି ଅପରେଟର(ଜେଡିଇଓ)ଙ୍କ ଗତ ୨୦୨୦ ସେପ୍ଟେମ୍ବର ୨୪ର ଗ୍ରେଡେସନ ତାଲିକାକୁ ରଦ୍ଦ କରିଛନ୍ତି ହାଇକୋର୍ଟ। ବରିଷ୍ଠତା ଉପେକ୍ଷା କରାଯାଇ ଏହି ଗ୍ରେଡେସନ ତାଲିକା ପ୍ରସ୍ତୁତ କରାଯାଇଥିବା ଅଭିଯୋଗରେ ରୁଜ୍ଜୁ ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ସନାତନ ସାହୁଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ଆବେଦନକାରୀଙ୍କୁ ପ୍ରୋଭିଜିନାଲ ଗ୍ରେଡେସନ ତାଲିକା ଓ ବରିଷ୍ଠତା ଅନୁଯାୟୀ ୩ନମ୍ବରରୁ ୧୮ ନମ୍ବର ପ୍ରତିପକ୍ଷ ପର୍ଯ୍ୟନ୍ତ ଜେଡିଇଓଙ୍କଠାରୁ ଉର୍ଦ୍ଧ୍ୱରେ ସ୍ଥାନିତ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ୨୦୧୧ରେ ଜେଡିଇଓ ଭାବେ ନିୟମିତ ନିଯୁକ୍ତି ପାଇଥିବା ବେଳେ ଅନ୍ୟ ପ୍ରତିପକ୍ଷ ମାନେ ୨୦୧୩ରେ ଏହି ପଦକୁ ପଦୋନ୍ନତି ପାଇଥିଲେ। ତେବେ ପ୍ରଥମେ ୨୦୨୦ଫେବୃଆରୀର ପ୍ରୋଭିଜିନାଲ ଗ୍ରେଡେସନ ତାଲିକାରେ ଆବେଦନକାରୀ ପ୍ରତିପକ୍ଷଙ୍କଠାରୁ ଉର୍ଦ୍ଧ୍ୱରେ ରହିଥିଲେ। ହେଲେ ୦୨୦ସେପ୍ଟେମ୍ବର ୨୪ର ଚୂଡ଼ାନ୍ତ ତାଲିକା ଅନୁସାରେ ଆବେଦନକାରୀ ୧୭ନମ୍ବର ସ୍ଥାନରେ ରହିଥିଲେ। ଯେଉଁ ତାଲିକାରେ ବରିଷ୍ଠତାକୁ ଉପେକ୍ଷା ପୂର୍ବକ ତାଙ୍କ ଉପରେ ଅନ୍ୟ ପ୍ରତିପକ୍ଷ ମାନେ ରହିଥିଲେ। ଏହାକୁ ବିରୋଧ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**LOST**

Lost sale Deed of my Property Plot No-1151, Drawing No-177/85, Mouza- Sikharpur,PS-Chauliaganj, Dist-Cuttack, State-Odisha. Document No-RSD 8033 dt-07.05.1999 and RSD 5032 DT-26.12.1988. NCR is lodge on 10.06.2025 at Chauliaganj PS. Finder may send to : Mr. Sanjay Jena at above address. Ph.No-9853086101

**NOTICE**
**(above 18 years of age)**

By virtue of an affidavit sworn before Executive Magistrate, Badasahi, Mayurbhanj, dated 09-06-2025, I Mamatarani Giri, Address At- Manatri, PO-Manatri, PS- Baisinga, Dist-Mayurbhanj, Odisha, Pin-757017 declare that I have changed my name from Mamata Giri to Mamatarani Giri. Henceforth, I shall be known as Mamatarani Giri for all purposes.
**Mamatarani Giri**

**AFFIDAVIT**

I SAMIM BANO ,W/o MAHAMMAD HUSSAIN, resisdent of NAGARACHI STREET ,Po/Ps - Jeypore, Dt-Koraput, odisha -764 001, Odisha declare by this Affidavit No.2682,Dated - 10/06/2025,that now onwards I shall be known as SHAMEEM BANU for all future purpose.

**AFFIDAVIT**

I, Arun Kumar Sahu, aged about 56 years, S/o: Abhimanyu Sahu, resident of Azadbasti, Joda, Dist.: Keonjhar, Odisha-758034 by this affidavit No.: 1083-04 dated 15.04.2025 declares that my correct name is Arun Kumar Sahu instead of Aruna Kumar Sahu.Hence forth I shall be known as **Arun Kumar Sahu** for all future purposes.

**NOTICE**
**(for Minor)**

By virtue of an affidavit sworn before Executive Magistrate, Baripada, Mayurbhanj dated - 05.06.2025 I, Ray Hembram At - Patharghera PO - Gendapokhari PS - Kuliana, Dist - Mayurbhanj PIN - 757030, Odisha declare that I have changed the name of my son from SADHU HEMBRAM to BABULU HEMBRAM. Henceforth, he shall be known as BABULU HEMBRAM for all purpose.
**Ray Hembram**

**AFFIDAVIT**

By virtue of an affidavit sworn Before the Notary Public, Sunabeda No.-2633, dtd.10.06.2025, I, PRAN KRUSHNA BAIDYA, of Vill.-Lamtaput, PO.- Lamtaput, Dist.- Koraput, Pin- 764081, Odisha declare that, I have changed my daughter name from **SNEHA BAIDYA** to **SNEHA RANI BAIDYA**. Henceforth she shall be known as **SNEHA RANI BAIDYA** for all purpose.

**AFFIDAVIT**

I ANDHAVARAPU SUKANYA ,W/o ANDHAVARAPU PRASAD RAO, resident of RAI BABU STREET, ,Po/Ps - Jeypore, Dt-Koraput, odisha - 764 001, Odisha declare by this Affidavit No.2683,,Dated - 10/06/2025,that now onwards I shall be known as ANDAVARAPU SUKANYA for all future purpose.

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
**Mob.: 9437015112**

**AFFIDAVIT**

I, Sikha Agrawalla, W/o.: Sunil Kumar Agarwal, Resident of Vill: Brahmanideipada, Angul Town, PO./ P.S./Dist.: Angul, Odisha, declare by this affidavit No.: 82 dtd 09.06.2025 that now onwards I shall be known as SHIKHA AGARWAL for all future purposes.

**AFFIDAVIT**

I, Sadasib Dhal, S/o- Bharat Chandra Dhal , Resident of Vill-Gouribelda,Po- Kasida, Ps-Jaleswar, Dist- Balasore, Odisha, declared by affidavit before Executive Magistrate , Balasore No.6683 dtd-02/06/2025 that, My daughter Smitarani Dhal HSC Certificate vide roll no – 201CA0115. And mention Aadhar Card No-5518 2460 8525 Susumita Dhal. I declare that Smitarani Dhal and Susumita Dhal same and one person for all future purpose.
**Sadasib Dhal**

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar dated- 06/06/2025. I, **Sibarpit Swostik Nayak,** Address: Qr No.1R-20, RD No.3, Unit-9, Bhoi Nagar, Bhubaneswar, Dist- Khordha, Odisha, PIN-751022 declare that I have changed my name from **Shiba Arpit Swastik To Sibarpit Swostik Nayak.** Henceforth, I shall be known as **Sibarpit Swostik Nayak** for all future purposes.
**Sibarpit Swostik Nayak**

**AFFIDAVIT**

I, Sunil Kumar Agrawalla, S/o.: Indra Chand Agrawalla, Resident of Vill: Brahmanideipada, Angul Town, PO./P.S./Dist.: Angul, Odisha, declare by this affidavit No.: 82 dtd 09.06.2025 that now onwards I shall be known as SUNIL KUMAR AGARWAL for all future purposes.

**AFFIDAVIT**

I, Niroj Sahu, S/o: Durga Prasanna Sahu, residing At: B-106, Plot No.: 1341-75, Mahanadi Vihar, P.O: Nayabazar, Cuttack, declare by this Affidavit No.: 14454, dt. 10.06.2025 that now onwards my Father's name shall be known as **Durga Prasan Sahu** for all purposes.

**AFFIDAVIT**

By virtue of an affidavit before The Executive Magistrate, Titilagarh, on dated- 10/06/2025. I, **Kapila Rana,** aged about 40 years, S/O Dhanurya Rana, permanent resident of At-Sirekela, PO- Binekela, PS- Titilagarh, Dist- Balangir, (Odisha), PIN- 767033 now residing at the same place affirm that I (father / mother) have changed my minor Son name from **Sauda Rana** (old name) to **Sadanand Rana** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Sadanand Rana** (new name).
**Kapila Rana**

**AFFIDAVIT**

By virtue of an affidavit sworn before the Notary Public Sunabeda, No.- 2631 dtd. 10.06.2025 I Koda Sanai of Vill.- Gatanput, PO- Badel, Dist.- Koraput, Pin- 764041, Odisha declare that I have changed my name from **Koda Sanai**, D/o- Mohan Rao to **Sonadei Gatan**, D/o- Late Sima Gatan. Henceforth I shall be known as **Sonadei Gatan** D/o- Late Sima Gatan for all purpose.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, CF No.- 08 dated 10.06.2025 , I Deepak Kumar Jali, S/o- Pranabandhu Jali, resident of Vill.-Satyabandha, P.O.- Khamar, Ps.- Khamar, Dist.- Angul, PIN-759118, Odisha declare that, in my Aadhaar Card my name has been wrongly recorded as Padia Jali. Hence **DEEPAK KUMAR JALI** and **PADIA JALI** is same and one person, i.e. myself.

**AFFIDAVIT**

I, Mahamadu Khan, aged about 50 years, S/o- Islam Khan, resident of Umerkote, Jagannath Rajapatha, Po- Umarkote, Ps- Umarkote, Dist-Nabarangapur, Odisha, Pin- 764073 declare by this affidavit No. 1156, dtd. 09/06/2025, that now onwards I shall be known as **MD MAHAMUD KHAN** for all future purposes.

**AFFIDAVIT**

I SUBHASMITA SAHU ,W/o PRADIPTA KUMAR SAHU, resident of CHANDAN BADO SAHI, Po/Ps - Jeypore, Dt-Koraput, Odisha -764 001, Odisha declare by this Affidavit No.2684,,Dated - 10/06/2025,that now onwards I shall be known as SUBHASMITA SANTRA for all future purpose.

**AFFIDAVIT**

I, Anita Mittal, W/o.: Santosh Agarwal, resident of At: Plot No.: 1045, Bulding No.: 9, Mahanadivihar, Nuabazar, Cuttack Sadar, Nayabazar, Cuttack, PIN-753004, Odisha, declare by this affidavit No.: 6406, dated-10/06/2025, that now onwards I shall be known as ANITA AGARWAL for all future purposes.

**AFFIDAVIT**

I, Nazia Parveen Mohammed Abdul Quadie Abbasi, D/o- Mohd Ajmeri Ahmed resident of Dewanbazar, P.O- Buxibazar, P.S- Lalbag, Town/Dist- Cuttack Odisha. Declare by this affidavit No. 4690, dated- 10/06/2025 that now onwards I shall be known as **NAZIA PARVEEN** for all future purposes.

**AFFIDAVIT**

I, Shalini bhoot, D/o- Sushil Kumar Bhoot, resident of at - sharma gali, ward no. - 6, PO/PS - Rairangpur, Pin - 757043, Odisha, is legal married wife of Keshav Chandgotia, resident of at -Gandhi park , main road, ward no. - 6, PO/PS - Rairangpur, pin - 757043, Odisha.After my marriage, I have adopted the surname of my husband 'Chandgotia' and after swearing an affidavit before executive magistrate Rairangpur. Henceforth I shall be known as **Shalini Chandgotia** instead of Shalini bhoot for all purposes .

**GOVERNMENT OF ODISHA** A-271
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**POTTERU CANAL DIVISION, M.V-79**
E-mail ID: eepcdhhaha65@gmail.com

**NOTICE INVITING TENDER**

**e-Procurement Notice No.- SE-PCD-MV79-02/ 2025-26**

The Superintending Engineer, Potteru Canal Division, M.V-79 on behalf of Governor of Odisha invites on-line **percentage rate tender (P-1)** through e-procurement in **double cover system for execution of work.**

***Table – 1: Details of Critical Dates, Details of work, Bid Security***

| Sl. No. | Name of works | Approx. Tender Cost | Class of Contractor | Bid Security/ EMD- (online)- (in INR) | Cost of tender document- (online)- (in INR) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of damaged part of C.D at RD.46.980Km, De-silting and strengthening from RD.47.020Km to RD.47.830Km of GMC. | Rs.73,66,255/- (Excluding G.S.T) | 'B' Class | Rs.73,700/- | Rs.10,000/- | 6 (Six) Calendar Months |
| 2 | Repairing of Aqueduct at RD.5.010Km of Tindraspali Minor. | Rs.59,11,329/- (Excluding G.S.T) | 'B' Class | Rs.59,200/- | Rs.10,000/- | 6 (Six) Calendar Months |

***Table – 2: e-Procurement Details***

| Procurement Officer | Bid Identification No. | Availability of tender on-line for bidding | | Date of Seeking tender clarification | Date & Time of opening of tender | | Place of opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Superintending Engineer, Potteru Canal Division, M.V-79 | SE-PCD-MV79-02(1) / 2025-26 | Dt. 16.06.2025 at 10.00A.M. | Dt. 30.06.2025 up to 5.00P.M. | Dt.16.06.2025 to 25.06.2025 at Office during office hours. | Dt. 01.07.2025 at 11.00A.M. | To be intimated after evaluation of Technical Bid. | Office of the Superintending Engineer, Potteru Canal Division, M.V-79 |
| Superintending Engineer, Potteru Canal Division, M.V-79 | SE-PCD-MV79-02(2) / 2025-26 | Dt. 16.06.2025 at 10.00A.M. | Dt. 30.06.2025 up to 5.00P.M. | Dt.16.06.2025 to 25.06.2025 at Office during office hours. | Dt. 01.07.2025 at 11.00A.M. | To be intimated after evaluation of Technical Bid. | Office of the Superintending Engineer, Potteru Canal Division, M.V-79 |

Further details can be seen from the Govt. Web site www.tendersodisha.gov.in
*Other Terms & conditions can be seen from the Government website www.tendersodisha.gov.in
*The Corrigendum/ cancellation of Tender, if any, will be uploaded and can be seen from the above website only.

Superintending Engineer,
Potteru Canal Division, M.V-79

OIPR-32551/11/0003/2526

## ସର୍ବସାଧାରଣ ବିଜ୍ଞପ୍ତି

ମୁଁ ଶ୍ରୀମତୀ ଆଶା ଅଗ୍ରୱାଲ ଓ ଶ୍ରୀ ଗଣେଶ ଅଗ୍ରୱାଲ, ଘର ନମ୍ବର-ବିବିବି-୧୭, ସିଭିଲ ଟାଉନସିପ୍, ରାଉରକେଲା, ଜିଲ୍ଲା-ସୁନ୍ଦରଗଡ, ପିନ୍-୭୬୯୦୦୪, ଓଡିଶା ନିବାସୀ ଘର ନମ୍ବର- ବି୩/୧୭, ପ୍ଲଟ୍ ନମ୍ବର-୬୨/୮୭୦, ୫୫/୮୬୯, ୫୨/୮୬୮, ଖାତା ନମ୍ବର-୬୨/୮୭୦, ମୌଜା-ରାଉରକେଲା ଟାଉନ ୟୁନିଟ୍ ନଂ.୪୨, ରୂପଟୋଲା, ରାଉରକେଲା, କ୍ଷେତ୍ର ଏ-୦.୦୫୫୦ ଡେସିମିଲ୍‌ରେ ଅବସ୍ଥିତ ସମ୍ପତ୍ତିକୁ ଲାମିନେଟେଡ୍ ପୂର୍ବକ ମୂଳ ଉତ୍ସ ଆଧାରରେ ବନ୍ଧକ ରଖିବାକୁ ଇଛା କରୁଅଛି, ଯାହା ତା-୨୬.୦୫.୧୯୬୬ ରିଖରେ ପଞ୍ଜିକୃତ ବିକ୍ରୟ ଦେୟ ନମ୍ବର ୧୧୭୧୧୨୦୦୯୬୭ରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ରାସ୍‌ମେକ୍ ଶାଖା, ସେକ୍ଟର-୧୭, ରାଉରକେଲା, ଓଡିଶା ଶାଖା କୋଡ୍-୧୦୨୭୩ରୁ ସିଧାସଳଖ ଭାବେ ଋଣ ଗ୍ରହଣ କରିପାରିବି। ଯଦି ଉକ୍ତ ସମ୍ପତି ଉପରେ କୌଣସି ପ୍ରକାରର ଦାବି ଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶନର ୧୫ ଦିନ ମଧ୍ୟରେ **ମୁଖ୍ୟ ପରିଚାଳକ, ଏସ୍‌ବିଆଇ, ରାସ୍‌ମେକ୍ ଶାଖା**,ସେକ୍ଟର-୧୭, ରାଉରକେଲାଙ୍କ ନିକଟରେ ଜଣାଇପାରିବେ।

**ଶ୍ରୀମତୀ ଆଶା ଅଗ୍ରୱାଲ ଓ ଶ୍ରୀ ଗଣେଶ ଅଗ୍ରୱାଲ,**
**ଘର ନମ୍ବର ବିବିବି-୧୭, ସିଭିଲ ଟାଉନସିପ୍,**
**ରାଉରକେଲା, ଜିଲ୍ଲା-ସୁନ୍ଦରଗଡ, ଓଡିଶା-୭୬୯୦୦୪**

## ତାଲଡିହିପଡ଼ାକୁ ରାଜସ୍ୱ ଗ୍ରାମ ପାଇଁ ଦାବି

# ବାମରା ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

**କୁଚିଣ୍ଡା, ୧୦।୬(ସମିସ):**



ମଙ୍ଗଳବାର ବାମରା ତହସିଲ ଅନ୍ତର୍ଗତ ବାଉଁଶଲଗା ପଞ୍ଚାୟତ ଗୁର୍ଲା ରାଜସ୍ୱ ଗ୍ରାମର ତାଲଡିହିପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ପାଇଁ ତାଲଡିହିପଡ଼ାବାସୀଙ୍କ ପକ୍ଷରୁ ବାମରା ତହସିଲଦାର ଦିଲୀପ କୁମାର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ରାଜ୍ୟରେ ଥିବା ୨୫୦ରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ପଡ଼ା ଓ ମୂଳ ଗ୍ରାମରୁ ୫୦୦ ମିଟର ଦୂରତାରେ ଥିବା ପଡ଼ାଗ୍ରାମକୁ ଚିହ୍ନଟ କରି ରାଜସ୍ୱ ଗ୍ରାମରେ ପରିଣତ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାପାଳଙ୍କୁ ଆଦେଶ ଦିଆଯାଇଛି। ଏଥିପାଇଁ ତହସିଲଦାରମାନଙ୍କ ଦ୍ୱାରା ତଥ୍ୟ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନିତ କରିବା ପାଇଁ ପଦକ୍ଷେପ ନିଆଯାଉଛି। ଏହି ପରିପ୍ରେକ୍ଷୀରେ ତାଲଡିହିପଡ଼ାବାସୀ ପ୍ରାୟ ୧୫ ଡିସେମ୍ବର ୨୦୨୨ରୁ ତାଲଡିହିକୁପଡ଼ାକୁ ରାଜସ୍ୱ ଗ୍ରାମ ପାଇଁ ବାମରା ତହସିଲରେ ଆବେଦନ କରି ଆସୁଥିଲେ ହେଁ କୌଣସି ସୁଫଳ ମିଳିପାରୁ ନାହିଁ। ପ୍ରକାଶ ଥାଉ କି, ତାଲଡିହିପଡ଼ାଗ୍ରାମର ମୂଳ ଗ୍ରାମ ହେଉଛି ଗୁର୍ଲା ଏବଂ ଏହା ମଧ୍ୟରେ ଦୂରତା ପ୍ରାୟ ୩ କି.ମି। ତାଲଡିହିପଡ଼ା ଗ୍ରାମରେ ଦୁଇଟି ୱାର୍ଡ, ୭ ଓ ୮ ରହିଛି।ଏହି ୱାର୍ଡ ଦ୍ୱୟରେ ପ୍ରାୟ ୩୩୭ ପରିବାରର ପ୍ରାୟ ୧୩୦୦ ଲୋକ ବସବାସ କରୁଛନ୍ତି। ଏହି ତାଲଡିହି ପଡ଼ା ଗ୍ରାମରେ ପ୍ରାୟ ୯୮ ପ୍ରତିଶତ ଗରିବ ଶ୍ରେଣୀ ର ଆଦିବାସୀ ପରିବାର ଅଛନ୍ତି। ପଡ଼ାବାସୀଙ୍କ କହିବାନୁଯାୟୀ ତାଲଡିହି ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିଲେ ଗ୍ରାମକୁ ସ୍ୱତନ୍ତ୍ର ପରିଚୟ ମିଳିବ, ଗ୍ରାମରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଗରୀବ କଲ୍ୟାଣ ଯୋଜନାର ବିଶେଷ ଲାଭ ସୁନିଶ୍ଚିତ ହୋଇପାରିବ, ଗ୍ରାମରେ ଭିତ୍ତିଭୂମିର ବିକାଶ ସମ୍ଭବ ହେବ, ଜମି ସମ୍ବନ୍ଧୀୟ ସଠିକ୍ ତଥ୍ୟ ମିଳିବ, ଭଲ ପ୍ରଶାସନିକ ସେବା ମିଳି ପାରିବ। ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ରାଜସ୍ୱଗ୍ରାମ ପାଇଁ ଯେଉଁ ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଛି ସେଥିରେ ତାଲଡିହି ପଡ଼ା ଯୋଗ୍ୟ ଅଟନ୍ତି। ଏଥିପାଇଁ ପଡ଼ାବାସୀ ପୁନର୍ବାର ବାମରା ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ତ୍ୱରିତ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ତାଲଡିହି ପଡ଼ା ଗ୍ରାମର ବୈଜଷ୍ଠ ବ୍ୟକ୍ତି ମାଙ୍ଗ୍ରା ସାଙ୍ଗା, ୱାର୍ଡ ସଭ୍ୟ ନନ୍ଦ ବାର୍ଲା, ଅନ୍ୟତମ ୱାର୍ଡ ସଭ୍ୟ ମହେଶ୍ୱର କାଣ୍ଡୁଲନା, ପୂର୍ଣ୍ଣଚନ୍ଦ୍ର ମୁଣ୍ଡା, ଠିବୁ ଲୁଗୁନ୍, ସୁଲୋଚନା କାଣ୍ଡୁଲନା, ନିଦ୍ରା ସାଙ୍ଗା ଏବଂ ଲୋକମୁକ୍ତି ସଂଗଠନ ର ସଂଯୋଜକ ଜିନିତ ସାମାଦ ଉପସ୍ଥିତ ଥିଲେ।

## ସହିଦ ଚମ୍ପେଶ୍ୱରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସାରିବାକୁ ଦାବି

ରେଢ଼ାଖୋଲ, ୧୦।୬(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ କଦଳିଗଡ଼ ପଞ୍ଚାୟତର ସହିଦ ଚମ୍ପେଶ୍ୱର ମହାକୁଡ଼ଙ୍କ ସ୍ମୃତି ରକ୍ଷା କମିଟି ପକ୍ଷରୁ ସହିଦଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସ୍ଥାନ ଅସମ୍ପୂର୍ଣ୍ଣ କାର୍ଯ୍ୟ ସପୂର୍ଣ୍ଣ କରିବା ପାଇଁ ରେଢ଼ାଖୋଲ ବିଡିଓ ରାଜେନ୍ଦ୍ର ନାରାୟଣ ସେନାପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୬ ମାସରୁ ଊର୍ଦ୍ଧ୍ୱ ହେବ ସହିଦ ଚମ୍ପେଶ୍ୱରଙ୍କ ପ୍ରତିମୂର୍ତ୍ତି ନିର୍ମାଣ ହୋଇ ପଲିଥିନରେ ଆବୃତ ହୋଇ ରଖାଯାଇଛି। କାରଣ ପ୍ରତିମୂର୍ତ୍ତି ଉପରେ ଏକ ଛାତର ଆବଶ୍ୟକ ସହିତ ଷ୍ଟିଲ ଗ୍ରିଲ୍ ଏବଂ ମାର୍ବଲ କାର୍ଯ୍ୟ ହୋଇ ପାରିନାହିଁ। ସହିଦଙ୍କ ପ୍ରତିମୂର୍ତ୍ତି ନିର୍ମାଣ କାର୍ଯ୍ୟ ସାଧାରଣ ଅନୁଦାନ ଅର୍ଥ ହୋଇଅଛି। ଆଜି ପର୍ଯ୍ୟନ୍ତ କୌଣସି ସରକାରୀ ସହାୟତା ଅର୍ଥ ଅନୁଦାନ ମିଳି ପାରିନାହିଁ। ସହିଦ ସ୍ମୃତି ରକ୍ଷା କମିଟି ସଭାପତି ଧର୍ମେନ୍ଦ୍ର କଁଅର, ସମ୍ପାଦକ ଅଶୋକ କୁମାର ମହାକୁଡ଼, କୋଷାଧ୍ୟକ୍ଷ ସରୋଜ ସେଠୀ, ବିଘ୍ନେଶ୍ୱର ମହାକୁଡ଼, ଉତ୍ତମ ମହାକୁଡ଼, ଶଙ୍କର୍ଷଣ ମହାକୁଡ଼, ବୃଶକେତୁ ପ୍ରଧାନ, ଭୁବନେଶ୍ୱର ପ୍ରଧାନ, କୁନା ଖେତି, ଜଗନ୍ନାଥ କର୍ମୀ ପ୍ରମୁଖ ସମେତ ଅନ୍ୟ ସଦସ୍ୟମାନେ ସାମିଲ ଥିଲେ।

## ହତ୍ୟା ଉଦ୍ୟମ ଅଭିଯୋଗରେ ସ୍ୱାମୀ ଗିରଫ

ସମ୍ବଲପୁର, ୧୦।୬(ସମିସ): ସ୍ତ୍ରୀ ତଣ୍ଟି ଚିପି ହତ୍ୟା ଉଦ୍ୟମ ଅଭିଯୋଗରେ ସଦର ଥାନା ପକ୍ଷରୁ ପୁଲିସ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ଉକ୍ତ ଥାନା ଅନ୍ତର୍ଗତ ହାଲିପାଲି ଗାଁର ପ୍ରମୋଦ ନାଥଙ୍କ ପୁଅ ସୁଦାମ (୨୭)। ଗତ ୨୮ ତାରିଖ ଅଭିଯୁକ୍ତ ସୁଦାମ ଏଭଳି ନାରକୀୟ କାଣ୍ଡ ଭିଆଇଥିଲା। ପୀଡ଼ିତା ମହିଳାଙ୍କ ଅଭିଯୋଗ ପରେ ସଦର ପୁଲିସ ପକ୍ଷରୁ ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ତଦନ୍ତ ପୂର୍ବକ ଅଭିଯୁକ୍ତକୁ କୋର୍ଟଚାଲାଣ କରିଛନ୍ତି।

## ମମତା ବିଶ୍ୱାଳ ଜେଜେବି ସଦସ୍ୟା



ଦେବଗଡ଼, ୧୦।୬(ସମିସ):ରାଜ୍ୟପାଳଙ୍କ ଅନୁମୋଦନ କ୍ରମେ ଦେବଗଡ଼ ଯୁଭେନାଇଲ ଜଷ୍ଟିସ ବୋର୍ଡ(ଜେଜେବି) ପୁର୍ନଗଠିତ ହୋଇଛି। ଗତ ୩ ତାରିଖରେ ନୂତନ ସଦସ୍ୟା ଭାବେ ଆଇନଜୀବୀ ମମତା ବିଶ୍ୱାଳ ଯୋଗ ଦେଇଥିବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ସୂଚନା ଦେଇଛନ୍ତି। ଗତ ୨୦୨୩ ଅଗଷ୍ଟ ୨୯ରେ ଦେବଗଡ଼ ଯୁଭେନାଇଲ ଜଷ୍ଟିସ ବୋର୍ଡର ସଦସ୍ୟ ଭାବେ ଆଇନଜୀବୀ ଗାୟତ୍ରୀ ଦ୍ୱିବେଦୀ ଓ ଡ. ସମୀର ନନ୍ଦ ଯୋଗ ଦେଇଥିଲେ। ଶ୍ରୀ ନନ୍ଦ ଏହି ସଦସ୍ୟ ପଦରୁ ଇସ୍ତଫା ଦେବାପରେ ଗତ ଫେବୃଆରୀ ୧୫ ତାରିଖରୁ ଏହି ପଦବୀ ଖାଲି ପଡ଼ିଥିଲା। ଏହି ପଦବୀକୁ ପୂରଣ କରିବାପାଇଁ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ବିଭାଗକୁ ପତ୍ର ଲେଖିଥିଲେ। ପ୍ରକାଶ ଯେ, ମମତା ବିଶ୍ୱାଳ ୨୦୦୭ରୁ ଜିଲ୍ଲା ନ୍ୟାୟ ପାଳିକାରେ ଆଇନଜୀବୀ ଭାବେ କମ କରି ଆସୁଛନ୍ତି। କିଶୋର ନ୍ୟାୟ ବୋର୍ଡର ସଦସ୍ୟ ହେବା ପରେ ଶ୍ରୀ ବିଶ୍ୱାଳଙ୍କୁ ବିଭିନ୍ନ ମହଲାରୁ ଅଭିନନ୍ଦନର ସୁଅ ଛୁଟିଛି।

## ମୋବାଇଲ ଛଡ଼ାଇ ଫେରାର ଯୁବକ ଧରାପଡ଼ିଲା

ଝାରସୁଗୁଡ଼ା, ୧୦।୬(ସମିସ): ବ୍ରଜରାଜନଗର ଥାନା ଗାନ୍ଧିଛକ ଫାଣ୍ଡି ଅନ୍ତର୍ଗତ ଗାନ୍ଧିଛକର ଏକ ଦୋକାନ ସମ୍ମୁଖରେ ଜଣେ ଯୁବକ ଝଗଡ଼ା କରିବା ସହିତ ଜଣେ ଦୋକାନୀଙ୍କ ମୋବାଇଲ ଛଡାଇ ନେଉଥିବା ଗାନ୍ଧିଛକ ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଗତ ସୋମବାର ଅପରାହ୍ନ ପ୍ରାୟ ୪.୧୫ ସମୟରେ ଭୁତବଙ୍ଗଳାର ପପୁନ ସାହୁ ଗାନ୍ଧିଛକ ପ୍ରେମାନନ୍ଦ ଧ୍ରୁଆ ମାର୍କେଟ କମଲେକ୍ସରେ ଥିବା ନିଜ ଦୋକାନ ଖୋଲିବା ପାଇଁ ପହଞ୍ଚିଥିଲେ। ଏହି ସମୟରେ ଜଣେ ଯୁବକ ସେଠାରେ ଦୋକାନୀ ଓ ଗ୍ରାହକଙ୍କ ସହିତ ଝଗଡ଼ା କରିବା ସହିତ ଭଙ୍ଗା କାଚ ବୋତଲ ଧରି ଭୟଭିତ କରାଉଥିଲେ ଏବଂ ହଠାତ ପପୁନଙ୍କ ନିକଟକୁ ଆସି ତାଙ୍କର ମୋବାଇଲ ଫୋନ ଛଡାଇ ଫେରାର ମାରୁଥିଲେ। ଫେରାର ମାରିବା ସମୟରେ ସ୍ଥାନୀୟ ଲୋକେ ମହାବୀରନଗରର ଅରୁଣ ଯାଦବ ଓରଫ ଛୋଟୁକୁ କାବୁ କରିଥିଲେ ଏବଂ ଗାନ୍ଧିଛକ ଫାଣ୍ଡି ପୁଲିସକୁ ହସ୍ତାନ୍ତର କରିଥିଲେ।

## ଭିନ୍ନକ୍ଷମ ବିଭାଗର ଜିଲ୍ଲାସ୍ତରୀୟ ବୈଠକ

ସମ୍ବଲପୁର, ୧୦।୬(ସମିସ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ (ଏସ୍ଏସ୍ଇପିଡି) ପକ୍ଷରୁ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ କଲେକ୍ଟାରେଟ୍ସ୍ଥିତ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭିନ୍ନକ୍ଷମ ମାନଙ୍କୁ ୟୁଡିଆଇଡି ପ୍ରମାଣପତ୍ର ପ୍ରଦାନ, ୮୦%ରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମଙ୍କୁ ଚିହ୍ନଟିକରଣ, ବିବାହ ପ୍ରୋତ୍ସାହନ ରାଶି ଭିନ୍ନକ୍ଷମ ଦମ୍ପତିଙ୍କ ପାଖରେ ସଠିକ୍ ସମୟରେ ପହଞ୍ଚିବା, ଶଯ୍ୟାଶାୟୀଙ୍କ ଘର ଦ୍ୱାରମୁହଁରେ ଭତ୍ତା ପହଞ୍ଚାଇବା ବ୍ୟବସ୍ଥା କରିବା ଏବଂ ସାମାଜିକ ସୁରକ୍ଷାର ବିଭିନ୍ନ ସରକାରୀ ଯୋଜନା ବିଷୟରେ ଆଲୋଚନା ହୋଇଥିଲା। ଭାରପ୍ରାପ୍ତ ଡିଏସ୍ଏସ୍ଓ ଚେତାବନୀ ବଡ଼ାଇକଙ୍କ ସଭାପତିତ୍ୱରେ ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଅଧିକାରୀ ରବୀନ୍ଦ୍ର ନାଥ ଶତପଥୀ ପରିଚାଳନା କରିଥିଲେ। ଜିଲ୍ଲାର କୁଚିଣ୍ଡା ଓ ରେଢ଼ାଖୋଲର ଉପଖଣ୍ଡୀୟ ଅଧିକାରୀ, ସମସ୍ତ ବ୍ଲକର ବିଏସ୍ଏସ୍ଓ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ।



## ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ରୁଫଟପ୍ ସୋଲାର ପ୍ୟାନେଲ୍ ପାଇଁ ପ୍ରୋସେସିଂ ଫି ଛାଡ଼

**ସମ୍ବଲପୁର, ୧୦।୬(ସମିସ):** ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା (ପିଏମ୍ଏସଜିଏମବିୱାଇ) ଅଧିନରେ ସମଗ୍ର ପଶ୍ଚିମ ଓଡ଼ିଶାରେ ରୁଫଟପ୍ ସୋଲାର୍ ସ୍ଥାପନ ପ୍ରକ୍ରିୟାକୁ ତ୍ୱରାନିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ଗ୍ରାହକଙ୍କ ସୁବିଧା ନିମନ୍ତେ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ପିଏମ୍ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା ଅଧୀନରେ ରୁଫଟପ୍ ସୋଲାର ସିଷ୍ଟମ୍ ସ୍ଥାପନ ପାଇଁ ନେଟ୍ ମିଟରିଂ ପ୍ରକ୍ରିୟାକରଣ (ପ୍ରୋସେସିଂ ଫି) ବାବଦକୁ ଦେୟ ୫୦୦ ଟଙ୍କା ଛାଡ଼ କରି ଦିଆଯାଇଛି। ଏହାଦ୍ୱାରା ପେମେଣ୍ଟ ଗେଟୱେ ମାଧ୍ୟମରେ ଅନଲାଇନ୍ ଡିମାଣ୍ଡ ନୋଟ୍ ଜେନେରେସନ୍ ଏବଂ ପେମେଣ୍ଟର ଆବଶ୍ୟକତାକୁ ଦୂର କରିବା ସହ ଆବେଦନ ପ୍ରକ୍ରିୟାକୁ ଅଧିକ ସହଜ କରାଯାଇଛି। ତେବେ ଏହାକୁ ଟିପିଡବ୍ଲୁଓଡିଏଲ୍ କର୍ତ୍ତୃପକ୍ଷ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ଅନୁଯାଇ ଯେକୌଣସି ବିଦ୍ୟୁତ୍ ଗ୍ରାହକ ଅନଲାଇନ୍ ମାଧ୍ୟମରେ ରୁଫଟଫ୍ ସୋଲାର ସିଷ୍ଟମ ସ୍ଥାପନ ପାଇଁ ଆବେଦନ କଲେ ଆଉ ପ୍ରୋସେସିଂ ଫି ଦେବାକୁ ପଡ଼ିବ ନାହିଁ। ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଟିପିଡବ୍ଲୁଓଡିଏଲ୍ ଗ୍ରାହକ-କେନ୍ଦ୍ରିକ ଉପାୟରେ ସବୁଜ ଶକ୍ତି ଗ୍ରହଣକୁ ଆଗେଇ ନେବା ପାଇଁ ପ୍ରତିବଦ୍ଧ ରହିଛି। ମୂଲ୍ୟ ଏବଂ ପ୍ରକ୍ରିୟାଗତ ପ୍ରତିବନ୍ଧକ ଗୁଡ଼ିକୁ ଦୂର କରି, ଆମେ ଅଧିକ ଗ୍ରାହକଙ୍କୁ ସୌର ଶକ୍ତି ବ୍ୟବହାର କରିବାକୁ ଏବଂ ଏକ ସବୁଜ ଭବିଷ୍ୟତ ପାଇଁ ଯୋଗଦାନ ଦେବା ସହିତ ସେମାନଙ୍କର ମାସିକ ବିଦ୍ୟୁତ୍ ବିଲ୍ ହ୍ରାସ ଘଟାଇବାକୁ ଲକ୍ଷ୍ୟ ରଖିଛୁ ବୋଲି କହିଛନ୍ତି।

● ବଡରମା ଘାଟିରେ ଦୁଇ ଟ୍ରକ୍ ମୁହାଁମୁହିଁ ଧକ୍କା

## ରାସ୍ତା ଜାମ୍ ହଟାଇବାକୁ ୪ଘଣ୍ଟା ଲାଗିଲା



**ଜମନକିରା, ୧୦।୬(ସମିସ):** ଜମନକିରା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୫୩ ବଡ଼ରମା ଘାଟି ଉପରେ ସକାଳେ ୬ଟା ସମୟରେ ଘାଟି ଓଡି-୨୨ଏଏ-୩୫୮୫ ସହ ଓଡ଼ି ୦୯ଜେଡ-୭୧୨୬ ମୁହାଁମୁହିଁ ଧକ୍କା ଫଳରେ ରାସ୍ତା ଜାମ ରହିଥିଲା। ଜଣେ ବ୍ୟକ୍ତିର ଗୋଡ଼ରେ ଗଭୀର ଆଘାତ ଲାଗିଛି। ରାସ୍ତା ଅବରୋଧ କରିବାରୁ ପ୍ରାୟ ୪ ଘଣ୍ଟା ଧରି ରାସ୍ତା ଜାମ ହୋଇ ଥିଲା। ଗୌଡପାଲି ଫାଣ୍ଡି ଅଧିକାରୀ ରାସ୍ତା ପାର କରିଥିଲେ। ସବୁ ବେଳେ ଘାଟି ରାସ୍ତାରେ ଜାମ ରହୁଥିଲେ ବି ଷଣ୍ଢପଥରରୁ ଗୌଡପାଲି ଛକ ପର୍ଯ୍ୟନ୍ତ ଚାରି ଟିକିଆ ରାସ୍ତା ହୋଇପାରୁନାହିଁ। ଯାହାଫଳରେ ଆଗକୁ ଜନ ସାଧାରଣଙ୍କୁ ଆହୁରି ଅସୁବିଧା ଭୋଗିବାକୁ ପଡ଼ିବ। ୧୦ଟାରେ ଛୋଟ ଗାଡ଼ି ଓ ଯାତ୍ରୀବାହୀ ବସ୍ ପ୍ରଥମେ ଛାଡ଼ି ଥିବା ବେଳେ ଅପରାହ୍ନ ୪ଟାରେ ସମସ୍ତ ଟ୍ରକ୍‌ମାନଙ୍କୁ ଛାଡ଼ି ଥିଲେ।

## ଶ୍ରମିକ ନେତା ଅନିତ ଚକ୍ରବର୍ତ୍ତୀଙ୍କ ପରଲୋକ

ଝାରସୁଗୁଡା, ୧୦।୬(ସମିସ): ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ଅଞ୍ଚଳର ଜଣେ ବରିଷ୍ଠ କମ୍ୟୁନିଷ୍ଟ ଶ୍ରମିକ ନେତା ଅନିତ ଚକ୍ରବର୍ତ୍ତୀ (୭୨)ଙ୍କ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ବ୍ରଜରାଜନଗର ଏମସିଏଲ କଲୋନୀ ମହାବୀର ନଗର ଅଞ୍ଚଳର ଏକ କ୍ୱାର୍ଟର୍ସରେ ରହୁଥିବା ବରିଷ୍ଠ କମ୍ୟୁନିଷ୍ଟ ଶ୍ରମିକ ନେତା ତଥା ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ, ଆଇଏନଡବ୍ଲ୍ୟୁଏସ ସହ ସମ୍ପାଦକ, ଏମସିଏଲ ଜେସିସି ସଦସ୍ୟ ସେଫଟି ବୋର୍ଡ ସଦସ୍ୟ ଅନିତ ଚକ୍ରବର୍ତ୍ତୀଙ୍କ ଗତ ୨ ତାରିଖରେ ଦେହ ଅସୁସ୍ଥ ହେବାରୁ ବରଗଡ଼ ବିକାଶ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ଗତ ୨୯ ତାରିଖରେ ତାଙ୍କୁ ଭୁବନେଶ୍ୱର ସମ୍ ଅଲଟିମେଟକୁ ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ଭୋରରେ ତାଙ୍କର ବିୟୋଗ ଘଟିଛି। ମୃତ୍ୟୁ ସମୟରେ ତାଙ୍କର ଏକମାତ୍ର ପୁତ୍ର ସୁକାନ୍ତ ଚକ୍ରବର୍ତ୍ତୀ ଓ ତାଙ୍କର ପୁତୁରା ଉପସ୍ଥିତ ରହିଥିଲେ। ମରଶରୀର ଭୁବନେଶ୍ୱରରୁ ତାଳଚେର ଅଣାଯିବା ପରେ ବ୍ରଜରାଜନଗର ସ୍ଥିତ ବାସଭବନକୁ ଅଣାଯିବ ବୋଲି ସୂଚନା ମିଳିଛି।



## ଓଡ଼ିଶା ମେଟାଲିକ୍ସ କମ୍ପାନୀ ଆଗରେ ଧାରଣା

# ସ୍ଥାନୀୟ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦାବି



**ଝାରସୁଗୁଡା, ୧୦।୬(ସମିସ):** ଝାରସୁଗୁଡା ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଓଡ଼ିଶା ମେଟାଲିକ କମ୍ପାନୀ ସମ୍ମୁଖରେ ମଙ୍ଗଳବାର ସକାଳେ ସ୍ଥାନୀୟ ଯୁବକଯୁବତୀଙ୍କୁ ନିଯୁକ୍ତି ଦାବିରେ ମରାକୁଟା ଗ୍ରାମବାସୀ ଧାରଣା ଦେଇଛନ୍ତି। ଓଡ଼ିଶା ମେଟାଲିକ୍ସ କମ୍ପାନୀ ଦ୍ୱାରା ମରାକୁଟା ଗ୍ରାମ ପଞ୍ଚାୟତବାସୀ ପ୍ରଭାବିତ, କ୍ଷତିଗ୍ରସ୍ତ ଏବଂ ବିସ୍ଥାପିତ ହେଉଥିଲେ ହେଁ ଗ୍ରାମର ଯୁବକଯୁବତୀଙ୍କୁ ନିଯୁକ୍ତି ମିଳୁନାହିଁ। ଏହାସହ ଏହି କମ୍ପାନୀରେ ପୂର୍ବରୁ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ମଧ୍ୟ ପୁନଃ ନିଯୁକ୍ତି ମିଳୁ ନାହିଁ। ଶିଳ୍ପ ପାଇଁ ନିଜ ଘର ଦ୍ୱାର ଭିଟାମାଟି ହରାଇଥିବା ଲୋକେ ଶୋଷଣର ଶିକାର ହେଉଛନ୍ତି। ମରାକୁଟା ଗ୍ରାମବାସୀଙ୍କୁ ନିଯୁକ୍ତି ପ୍ରଦାନ ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ ନିକଟରେ ପୂର୍ବରୁ ମଧ ଦାବି କରିଥିଲେ। ହେଲେ କୌଣସି ସୁଫଳ ନମିଳିବାରୁ ମଙ୍ଗଳବାର ଗ୍ରାମବାସୀ ଓଡ଼ିଶା ମେଟଲିକ୍ସ କମ୍ପାନୀ ସମ୍ମୁଖରେ ଆନ୍ଦୋଳନ କରିଛନ୍ତି। ନିଯୁକ୍ତି ପାଇଁ ଯୋଗ୍ୟ ଥିବା ସମସ୍ତଙ୍କୁ ନିଯୁକ୍ତି ଯୋଗାଇ ଦିଆଯିବା ସହ ଉଚିତ କ୍ଷତିପୂରଣ ପାଇନଥିବା ଲୋକଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଅଞ୍ଚଳବାସୀ ଦାବି କରିଥିଲେ। ନଚେତ ଆଗାମୀ ଦିନରେ ଏହି ଆନ୍ଦୋଳନ ଆହୁରି ବ୍ୟାପକ ହେବ ଓ ମାସ ମାସ ଧରି ଆନ୍ଦୋଳନ ଜାରି ରହିବ ବୋଲି ମରାକୁଠା ଗ୍ରାମବାସୀ ଚେତାଇଥିଲେ। ଏହି ପରିପ୍ରେକ୍ଷୀରେ ପଞ୍ଚାୟତର ବହୁ ଯୁବକଙ୍କୁ ନିଯୁକ୍ତି ଦେଇଥିବା ଓ ଆଗାମୀଦିନରେ ମରାକୁଟାର ବେକାର ଯୁବକଯୁବତୀଙ୍କୁ ନିଯୁକ୍ତି ଦେବା ପାଇଁ କମ୍ପାନୀ ପକ୍ଷରୁ ଚେଷ୍ଟା କରାଯିବ ବୋଲି କୁହାଯାଇଛି।

## ସୋନପୁର-ପୁରୁଣାକଟକ ରେଳ ସେକ୍ସନ ଯାଞ୍ଚ



ସମ୍ବଲପୁର, ୧୦।୬(ସମିସ):ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ମଙ୍ଗଳବାର ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ନୂତନ ଲାଇନର ନିର୍ମାଣାଧୀନ ସୋନପୁର-ପୁରୁଣାକଟକ ରେଳ ସେକ୍ସନ ନିରୀକ୍ଷଣ କରିଛନ୍ତି। ପୂର୍ବତଟ ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀ, ନିର୍ମାଣ ଅଧିକାରୀ ଏବଂ ସମ୍ବଲପୁର ରେଳ ମଣ୍ଡଳର ଅଧିକାରୀମାନେ ନିରୀକ୍ଷଣ ସମୟରେ ମହାପ୍ରବନ୍ଧକଙ୍କୁ ସହଯୋଗ କରିଥିଲେ। ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିବା ସହ ଧାର୍ଯ୍ୟ ସମୟସୀମାରେ ଶେଷ କରିବାପାଇଁ ଧ୍ୟାନ ଦେଇଥିଲା। ମୋଟ ୩୦୧ କିଲୋମିଟର ଦୈର୍ଘ୍ୟ ରେଳପଥ ମଧ୍ୟରୁ ୨୨୬ କିଲୋମିଟର କାର୍ଯ୍ୟକ୍ଷମ ହୋଇସାରିଛି। ଏଥିରେ ଖୋର୍ଦ୍ଧା ରୋଡ୍‌ରୁ ଦଶପଲ୍ଲା-୧୦୬ କିଲୋମିଟର ଏବଂ ବଲାଙ୍ଗୀରରୁ ପୁରୁଣାକଟକ-୧୨୦ କିଲୋମିଟର ଅନ୍ତର୍ଭୁକ୍ତ। ଦଶପଲ୍ଲା ଏବଂ ପୁରୁଣାକଟକ ମଧ୍ୟରେ ଅବଶିଷ୍ଟ ୭୫ କିଲୋମିଟର ଦୈର୍ଘ୍ୟ ରେଳ ମାର୍ଗ ସକ୍ରିୟ ନିର୍ମାଣାଧୀନ ଅଛି ଏବଂ ଡିସେମ୍ବର ୨୦୨୬ ସୁଦ୍ଧା ସମାପ୍ତ ହେବାର ଆଶା କରାଯାଉଛି। ଏହି ରେଳ ମାର୍ଗ ବିଶେଷ ଭାବରେ ସଂରକ୍ଷିତ ଜଙ୍ଗଲ, ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ପାହାଡିଆ ଅଞ୍ଚଳ ଦେଇ ଗତି କରୁଛି। ଏହି ଅଞ୍ଚଳର ପରିବେଶଗତ ଅଖଣ୍ଡତାକୁ ରକ୍ଷା କରିବା ପାଇଁ ପୂର୍ବତଟ ରେଳପଥ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରିଛି। ମୋଟ ୧୨.୭ କିଲୋମିଟର ବିଶିଷ୍ଟ ୭ ଟି ସୁଡ଼ଙ୍ଗ ରହିଛି।ସବୁଠାରୁ ଲମ୍ବା ୪.୧୮ କିଲୋମିଟର ସୁଡ଼ଙ୍ଗ ରହିଛି। ପ୍ରାୟ ୨ ଲକ୍ଷ ଗଛକୁ କଟା ନଯିବା ପାଇଁ ଡିଜାଇନ୍ ହୋଇଛି। ୪.୭୭ କିଲୋମିଟର ଲମ୍ବା ଭାୟାଡକ୍ଟ ବୃତଙ୍ଗ ଜଳସେଚନ ପ୍ରକଳ୍ପ ଜଳଭଣ୍ଡାର ନିକଟରେ ନିର୍ମାଣ କରାଯାଉଛି। ଏହି ରେଳ ମାର୍ଗ ସମାପ୍ତ ହେବା ପରେ ଏହା ଆସାମର ବୋଗିବିଲ ସେତୁ ପରେ ଭାରତର ଦ୍ୱିତୀୟ ଦୀର୍ଘତମ ରେଳ ସେତୁ ହେବ ବୋଲି ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ସୂଚନା ଦିଆଯାଇଛି।

# ଫ୍ଲାଏ ଆସ୍ ପରିବହନରେ ଅନିୟମିତତା

**ଇବଥର୍ମାଲ, ୧୦।୬(ସମିସ):**

ତାପଜ ବିଦ୍ୟୁତ୍ କେନ୍ଦ୍ର କୋଇଲା ଦହନରୁ ନିର୍ଗତ ଫ୍ଲାଏ ଆସ୍ ପରିଚାଳନାର ନିୟମ ଏନ୍‌ଜିଟି ତରଫରୁ ସ୍ୱଷ୍ଟ ଥିଲେ ମଧ୍ୟ ତାପଜ ବିଦ୍ୟୁତ୍ କେନ୍ଦ୍ର ଗୁଡିକ ପକ୍ଷରୁ ଅନିୟମିତତା କରାଯାଉଥିବା ଅଭିଯୋଗ ହୋଇଛି। ଲଖନପୁର ବ୍ଲକ ତୃତୀୟ ଜୋନ୍ ଅଞ୍ଚଳରେ ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି। ଏଠାରେ ଥିବା ଓପିଜିସି ଇବ ତାପଜ ବିଦ୍ୟୁତ କେନ୍ଦ୍ର ଓ ଜେଏସ୍‌ଡବ୍ଲ୍ୟୁ ଏନାର୍ଜି ଲିଃ ସାହାଜବାହାଲ ପକ୍ଷରୁ ହାଇୱା ମାନଙ୍କରେ ତାରପୋଲିନ୍ ଢାଙ୍କି ପ୍ରତ୍ୟେକ ଦିନ ଶହଶହ ଟ୍ରିପ୍ ଫ୍ଲାଇ ଆସ୍ ରମ୍ପେଲା ବ୍ରିଜ୍ ଦେଇ ମୁଖ୍ୟରାସ୍ତାରେ ସମ୍ବଲପୁର ଜିଲ୍ଲା ପଟକୁ ପରିବହନ କରାଯାଉଛି। ଓଭଲୋଡ ପରିବହନ ଯୋଗୁଁ ରାସ୍ତାସାରା ଆସ୍ ପଡୁଛି। ପରିତାପର ବିଷୟ ଏବେ ରାସ୍ତାକଡରେ ମୁଣ୍ଡାପଡ଼ା ଓ ଢୁନଢୁନ ଛକ ମଝିରେ, ନୂଆପଡ଼ା ଲାଇଚନ କଁଟା ନିକଟରେ, ଚାରପାଲି, ବରପାଲି ବିଦେଶି ମଦ ଦୋକାନ ପାଖରେ ତଥା ରାସ୍ତା କଡରେ ଗଦାଗଦା ଫ୍ଲାଇ ଆସ୍ ଡମ୍ପ କରାଯାଇଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ଓଡି



● ପ୍ରତିକାର ଦାବି କଲା ପରିବେଶ କମିଟି

୨୩-ଏସ୍ -୭୫୧୦ ନମ୍ବର ହାଇୱାରେ ଆସ୍ ପରିବହନ ବେଳେ ରାସ୍ତାସାରା ତରଳ ଅବସ୍ଥାରେ ଫ୍ଲାଇ ଆସ୍ ପଡ଼ିବା ଯୋଗୁଁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଫ୍ଲାଇ ଆସ୍ ପରିବହନ ନିୟମର ଖୋଲାଖୋଲି ଉଲଘଂନ ହେଉଥିବାରୁ ମଙ୍ଗଳବାର ତିଲିଆ, ରମ୍ପେଲା, କୁମ୍ଭାରବନ୍ଧ, ପିପିଲିକିନି ଆଦି ୪ ଟି ପଞ୍ଚାୟତକୁ ନେଇ ଗଠିତ ଆଞ୍ଚଳିକ ପରିବେଶ ସୁରକ୍ଷା କମିଟି ପକ୍ଷରୁ ବନହରପାଲି ଥାନାରେ (କୁମ୍ଭାରବନ୍ଧ ଫାଣ୍ଡି ଜରିଆରେ) ଏକ ଲିଖିତ ଅଭିଯୋଗ କରିଥିଲେ। ଏ ସବୁର ପ୍ରିକାର ପାଇଁ ଦାବି କରାଯାଇଛି। ଆଜି ଫାଣ୍ଡି ଅଧିକାରୀ ପ୍ରକାଶ ଦଳେଇଙ୍କୁ ଭେଟି କମିଟି ସଭାପତି ଉମାକାନ୍ତ ପଣ୍ଡା, ସାଧାରଣ ସମ୍ପାଦକ ଭୋନାଥ ବଢେଇ, କୁମ୍ଭାରବନ୍ଧ ସମିତି ସଭ୍ୟ ରମାକାନ୍ତ ମିର୍ଦ୍ଧା, ଆବାହକ ତପନ ପାଟଯୋଷୀ, ଚିତ୍ତରଞ୍ଜନ ପୂଜାରୀ, ମନବୋଦ ପ୍ରଧାନ, ଶୁଭମ ତ୍ରିପାଠୀ, ସଞ୍ଜୀୟ ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ କରି ଏହାର ପ୍ରତିକାର କରିବାକୁ ଦାବି ଜଣାଇଛନ୍ତି।

## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ



**ସମ୍ବଲପୁର,୧୦।୬(ସମିସ):** ସମ୍ବଲପୁର ବଡ଼ସିଙ୍ଘାରିସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓସୁ) ମଙ୍ଗଳବାର ଦଶମ ପ୍ରତିଷ୍ଠା ଦିବସ ପାଳନ କରିଛି। ଅତିଥିଙ୍କୁ ସ୍ୱାଗତ ପରେ ଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିଶ୍ୱବିଦ୍ୟାଳୟର ସଫଳତା, ଅଭିବୃଦ୍ଧି ତଥା ବାର୍ଷିକ ରିପୋର୍ଟକୁ ଓସୁ ରେଜିଷ୍ଟ୍ରାର ଡକ୍ଟର ଚିତ୍ତରଞ୍ଜନ ସାହୁ ଉପସ୍ଥାପନ କରିଥିଲେ। ଅତିଥି ଭାବରେ ବସନ୍ତ କୁମାର ମିଶ୍ର, ସହପ୍ରତିଷ୍ଠାତା, କ୍ରେଷ୍ଟ'ଏକ୍ସଓ, ଏବଂ ପୂର୍ବତନ ସିନିୟର ଭାଇସ ପ୍ରେସିଡେଣ୍ଟ ଏବଂ ୟୁନିଟ୍ ସିଓଓ, ଟେକ୍ ମହିନ୍ଦ୍ରା, ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ, କୁଳପତି, ଓଡ଼ିଶା ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ, ପ୍ରଫେସର ସୁକୁମାର ମିଶ୍ର, ନିର୍ଦ୍ଦେଶକ, ଆଇଆଇଟି (ଆଇଏସଏମ), ଧାନବାଦ ଯୋଗ ଦେଇଥିଲେ। ଓସୁ କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଆଇଆଇଟି ଧାନବାଦ ସହିତ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ଏହି ଚୁକ୍ତି ଗବେଷଣା, ଶିକ୍ଷାଗତ ଆଦାନପ୍ରଦାନ ଏବଂ ସହଭାଗୀ ପଦକ୍ଷେପ ପାଇଁ ନୂତନ ମାର୍ଗ ପ୍ରଦାନ କରିବ। ଓସୁର ପ୍ରତିଷ୍ଠା ଓ ଅଗ୍ରଗତି ପାଇଁ ପୂର୍ବତନ କୁଳପତି, ରେଜିଷ୍ଟ୍ରାର ଏବଂ ଅନ୍ୟାନ ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା। ବସନ୍ତ କୁମାର ମିଶ୍ର ଶିଳ୍ପ ଧାରା ଏବଂ ଶିକ୍ଷା ସହିତ ସଂଯୋଗୀକରଣ ଉପରେ ଦୃଷ୍ଟିକୋଣ ପ୍ରଦାନ କରିଥିଲେ। ପ୍ରଫେସର ବିଭୂତି ଭୂଷଣ ଉଚ୍ଚଶିକ୍ଷାରେ ପ୍ରଯୁକ୍ତିବିଦ୍ୟା ଏବଂ ଗବେଷଣାର ବିକଶିତ ଦୃଶ୍ୟପଟ ଉପରେ ମତାମତ ରଖିଥିଲେ।ଅନୁଷ୍ଠାନର ଛାତ୍ର ହେମନ୍ତ ଦୀପଙ୍କ ଲିଖିତ ଦୁଇଟି ପୁସ୍ତକ ତୁମର ଗଲା ଦିନୁ(ଦ୍ୱିତୀୟ ସଂସ୍କରଣ)" ଏବଂ "ଏକଲା ଏକଲବ୍ୟ ଆନୁଷ୍ଠାନିକ ଭାବରେ ଉନ୍ମୋଚିତ ହୋଇଥିଲା।

### ସମସ୍ୟାରେ ବିସ୍ଥାପିତ ପରିବାର

# ପାଣି, ବିଜୁଳି ଭଳି ମୌଳିକ ସୁବିଧା ନାହିଁ





**ନୂଆପଡ଼ା, ୧୦।୬(ସମିସ):** ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପରେ ବିସ୍ଥାପିତ ପରିବାର ଲୋକଙ୍କ ଥଇଥାନ ସହ ଅସୁବିଧା ବୁଝିବାକୁ ସରକାର ପ୍ରତିଶ୍ରୁତି ବଦ୍ଧ। କିନ୍ତୁ କୋମନା ବ୍ଲକ ବିସ୍ଥାପିତଙ୍କ କ୍ଷେତ୍ରରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ବ୍ଲକ ଅନ୍ତର୍ଗତ ଲର୍କି ଗାଁରେ ବସତି କରି ରହୁଥିବା ୧୫ରୁ ଉର୍ଦ୍ଧ୍ୱ ପରିବାର ଲୋକଙ୍କ ପାଇଁ ପାଣି ଓ ବିଜୁଳୀ ଭଳି ମୌଳିକ ସୁବିଧା ସାତ ସପନ ପାଲଟିଛି। ଲୋକଙ୍କ ପାଇଁ ସ୍ଥାୟୀ ପାନୀୟ ଜଳର ବ୍ୟବସ୍ଥା ନଥିବାରୁ ଗଭୀର ମାଟି କୂଅ ଖୋଳି ପାଣି ସଂଗ୍ରହ କରୁଛନ୍ତି। ସେହିପରି ବିଜୁଳୀ ବ୍ୟବସ୍ଥା ନଥିବାରୁ ଉର୍ଦ୍ଧ୍ୱାରିରେ ବିଜୁଳୀ ତାର ଟାଣି ବିଜୁଳୀ ଆଲୁଅ ପାଉଛନ୍ତି। ପ୍ରକାଶ ଯେ ଲୋୟର ଇନ୍ଦ୍ର ଡ୍ୟାମ୍‌ରେ ବୁଡ଼ି ହୋଇଥିବା ଝାଲକୁସୁମଗାଁର ପରିବାର ଲୋକ ବିସ୍ଥାପିତ ହୋଇ ଆସି ଲର୍କୀଗାଁରେ ବସତି କରି ରହିଛନ୍ତି।ଏମାନଙ୍କ ପାଇଁ ସରକାରଙ୍କ ତରଫରୁ କ୍ଲଷ୍ଟର ଭିଲେଜ ଆଖ୍ୟା ଦେଇ ସମସ୍ତ ପ୍ରକାର ମୌଳିକ ବ୍ୟବସ୍ଥା କରିବା କଥା। ଏହି ପଡ଼ାରେ ଖୋଳାଯାଇଥିବା ଏକ ନଳକୂଅ ସବୁ ବେଳେ ଅଚଳ ହୋଇ ପଡୁଛି। ଫଳରେ ଲୋକେ ପାଣି ପାଇଁ ହ୍ୱହଳ ବିକଳ ହେଉଛନ୍ତି। ଏପରିକି ନିଜ ପରିଶ୍ରମରେ ଏକ ଗଭୀର ମାଟି କୂଅ ଖୋଳି ପାନୀୟ ଜଳ ସଂଗ୍ରହ କରୁଛନ୍ତି। ସ୍ଥାୟୀ ବିଜୁଳୀ ବ୍ୟବସ୍ଥା ନଥିବାରୁ ବାସିନ୍ଦା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବାକୁ କମାଲ ନାଗ, ବୀଜମତି ନାଗ, ରାଧିକା ନାଗ, ଘରମନୀ ନାଗ, କନ୍ୟାଣୀ, ଚଞ୍ଚଳା, ସୁକାନ୍ତି, ବେଂଦେଲ, ଚତୁର, ବାଦଲ, କାଶୀନାଥ ନାଗ, ମୁଖ ସୁନା ପ୍ରମୁଖ ଦାବି କରିଛନ୍ତି।

■ ଜିଲ୍ଲାପାଳ ଅଫିସ ଘେରିଲେ ଆଦିବାସୀ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



**ନୂଆପଡ଼ା, ୧୦।୬(ସମିସ):** ନୂଆପଡ଼ା ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ମଙ୍ଗଳବାର ଦିନ ଜିଲ୍ଲାପାଳ ଅଫିସ ଘେରାଉ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ୨୦ ଦଫା ଦାବିପତ୍ର ପ୍ରଦାନ କରାଯାଇଛି।ନୂଆପଡ଼ା ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁ ପ୍ରତାପ ସିଂ ମାଝୀଙ୍କ ନେତୃତ୍ୱରେ ନୂଆପଡ଼ା ପୁଲିସ ପଡ଼ିଆ ଠାରୁ ଆଦିବାସୀମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ବାହାରିଥିଲେ। ଘାସିରାମ ମାଝୀ ଛକରେ ପୂର୍ବତନ ସ୍ୱର୍ଗତ ମନ୍ତ୍ରୀ ଘାସିରାମ ମାଝୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ସହର ପରିକ୍ରମା କରିଥିଲେ। ପରେ ନୂଆପଡ଼ା ଜିଲ୍ଲାପାଳ ଅଫିସ ଠାରେ ପହଞ୍ଚି ନିଜ ହକ ଦାବିରେ ଆଦିବାସୀମାନେ ଜିଲ୍ଲାପାଳ ଅଫିସକୁ ପଶିବା ପାଇଁ ଉଦ୍ୟମ କରିଥିଲେ। ହେଲେ ପୁଲିସ ଆଦିବାସୀଙ୍କୁ ଅଟକାଇ ଥିବାରୁ ଆଦିବାସୀ ଓ ପୁଲିସ ମଧ୍ୟରେ କିଛି ସମୟ ଧସ୍ତା ଧସ୍ତି ହୋଇଥିଲା। ପରେ ଆଦିବାସୀ ଜିଲ୍ଲାପାଳ ଅଫିସ ଆଗରେ ପ୍ରତିବାଦ ସଭା କରିଥିଲେ। ୩୫୩ ନଂ ଜାତୀୟ ରାଜପଥ ଗୋଟିଏ ପାର୍ଶ୍ୱକୁ ଘଣ୍ଟାଏ ଧରି ଅଟକ ରହିଥିଲେ।ସଭାରେ ରାଜ୍ୟ ଆଦିବାସୀ କଲ୍ୟାଣ ସଂଘ ସଭାପତି ବାଳକୃଷ୍ଣ ଶବର, ଜିଲ୍ଲା ଆଦିବାସୀ ସଂଘର ଉପଦେଷ୍ଟା ହୋମ ସିଂ ମାଝୀ, ଉପସଭାପତି ତେଜରାମ ଶବର, ସାଧାରଣ ସମ୍ପାଦକ ଭକ୍ତବନ୍ଧୁ ଧରୁଆ, କୋମନା ବ୍ଲକ ସଭାପତି ଜ୍ଞାନେଶ୍ୱର ମାଝୀ, ସିନାପାଲି ବ୍ଲକ ସଭାପତି ଯଦୁମଣି ମାଝୀ, ବୋଡେନ ସଭାପତି ଭୁବନେଶ୍ୱର ମାଝୀ, ନୂଆପଡ଼ା ସଭାପତି ନରେଶ ନାଏକ, ଲାଲସିଂ ମାଝୀ, ଇଶ୍ୱର ନାଏକ, ବରିହା ସମାଜ ସଭାପତି ସମରସିଂ ବରିହା ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ଦାବି ଗୁଡିକ ମଧ୍ୟରେ ନୂଆପଡ଼ା ଜିଲ୍ଲା ଶିକ୍ଷା ବିଭାଗ ଓ ଡିପିସି. ଦ୍ୱାରା ଏଫଏଲଏନ ମିଶନ ପାଣ୍ଠିରୁ ହୋଇଥିବା ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଦୁର୍ନୀତିର ଉଚ୍ଚ ସ୍ତରୀୟ ତଦନ୍ତ ପରେ ମଧ୍ୟ ୬ ମାସ ବିତି ଯାଇଥିଲେ ସୁଦ୍ଧା ଦୋଷି ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ତେଣୁ ତାଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା, କାର୍ଯ୍ୟକାରୀ ନ ହୋଇ ଜିଲ୍ଲା ପ୍ରଶାସନ ପାଖରେ ପଡ଼ି ରହିଥିବା ୨୨, ୦୦୦ ଜଙ୍ଗଲ ଜମିର ହିତାଧିକାରୀଙ୍କୁ ଜଙ୍ଗଲ ଜମିର ପଟ୍ଟା ପ୍ରଦାନ କରାଯାଉ। ନୂଆପଡ଼ା ଜିଲ୍ଲା ଚିକିତ୍ସାଳୟକୁ ମେଡିକାଲ କଲେଜର ମାନ୍ୟତା ଦିଆଯାଉ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଖାଲି ଥିବା ପଦ ଯଥାଶିଘ୍ର ପୂରଣ କରାଯାଉ। ଜିଲ୍ଲାରେ ସର୍ବମୋଟ ୨୯୫ଟି ଡାକ୍ତର ପଦବୀ ଅନୁମୋଦନ ହୋଇଥିବା ବେଳେ ମାତ୍ର ୧୨୫ ଜଣ ଡାକ୍ତର କାର୍ଯ୍ୟରତ ଅଛନ୍ତି। ଅବଶିଷ୍ଟ ୧୭୦ଟି ଖାଲିଥିବା ଡାକ୍ତର ପଦବୀର ନିଯୁକ୍ତି କରାଯାଉ। କୋମନା ବ୍ଲକ ଧରମପୁର ଗ୍ରାମରେ ବିଜୁ ସେତୁ ଦ୍ୱାରା ନିର୍ମାଣ ହୋଇଥିବା ବ୍ରିଜ ନିର୍ମାଣରେ ଚାଷିଙ୍କ ଜମି ଯାଇଥିବା ଚାଷିମାନଙ୍କୁ ଜମିର କ୍ଷତିପୂରଣ ପ୍ରଦାନ କରାଯାଉ। ଆରଡିସି. ସମ୍ବଲପୁରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ରାଜସ୍ୱ ଗ୍ରାମ୍ୟ ନୂଆପଡ଼ା ବ୍ଲକ ଅନ୍ତର୍ଗତ ଝିଙ୍କିମୁଣ୍ଡା, ଶବରପଡ଼ା, ରାଣୀଦରହା, ଛିନଟୁଆଁ, ଗଙ୍ଗାଦିଗଡ଼, ଭାଇସାଦରହା, ପାଖାନପଦର ସହିତ ଜିଲ୍ଲାର ୧୭ଟି ଗ୍ରାମକୁ ଜିଲ୍ଲା ପ୍ରଶାସନଦ୍ୱାରା ଯଥାଶିଘ୍ର କାର୍ଯ୍ୟକ୍ଷମ କରାଯାଉ ଇତ୍ୟାଦି ଦାବି ରହିଛି। ଦାବିପତ୍ରକୁ ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର ଗ୍ରହଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା





**ବରଗଡ,୧୦।୬(ସମିସ):** ବରଗଡ ଜିଲ୍ଲା ଝାରବନ୍ଧ ବ୍ଲକ ସଭା ଗୃହରେ ସୁଭଦ୍ରା ଶକ୍ତି "ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା' ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ସାଂସଦ ପ୍ରତିନିଧି ହରିହର ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ବେହେରା, ସିଡିପିଓ ସୁଷମା ପଟେଲ, ଜିପିଡିଓ ସୁଶାନ୍ତ କୁମାର ପାଣି, ରାଜସ୍ୱ ପରିଦର୍ଶକ ନବୀନ ରାଉତ ଉପସ୍ଥିତ ଥିଲେ। ଏଥିରେ ୧୭ଟି ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶ ଗ୍ରହଣ କରି ବିଭିନ୍ନ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା ଯୋଗଦେଇଥିଲେ। ମା' ତାରିଣୀ ସ୍ୱୟଂ ସହାୟିକା ଗୋଷ୍ଠୀ ସାନକୁଞ୍ଜାରୀ ପ୍ରଥମ, କମଳେଶ୍ୱରୀ ସ୍ୱୟଂ ସହାୟିକା ଗୋଷ୍ଠୀ ଝାରବନ୍ଧ ଦ୍ୱିତୀୟ ହୋଇଥିଲେ। ଉଭୟ ସ୍ୱୟଂ ସହାୟିକା ଗୋଷ୍ଠୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ବିପିଏମ୍ ସତ୍ୟ କୁମ୍ଭାର ପରିଚାଳନା କରିଥିବାବେଳେ ବିପିସି ଦୈତାରୀ ବେହେରା ଧନ୍ୟବାଦ ଦେଇଥିଲେ।

**ପାଇକମାଲ :** ପାଇକମାଲ ବ୍ଲକ୍ କାର୍ଯ୍ୟାଳୟର ସଭାଗୃହରେ ଅନୁଷ୍ଠିତ ବ୍ଲକ୍‌ସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବରେ ସାଂସଦ ପ୍ରତିନିଧି ସରୋଜ ସାମଲ, ସମ୍ମାନିତ ଅତିଥି ବ୍ଲକ୍ ଉପାଧ୍ୟକ୍ଷ ସଞ୍ଜୀବ ବରିହା, ଅତିରିକ୍ତ ବିଡ଼ିଓ ଦେବାଶିଷ ସେହ୍ନା, ନିତି ଆୟୋଗ ଅଧିକାରୀ ମଧୁସ୍ମିତା ବେହେରା ଥିଲେ। ପାଇକମାଲ ବିଡିଓ ପ୍ରଫୁଲ୍ଲ କୁମାର ଓଡୁ ସଭା ପରିଚାଳନା କରିଥିଲେ। ଏଥିରେ ୧୧ଟି ସ୍ୱୟଂ ସହାୟକ ଗୋଷ୍ଠୀ ଭାଗନେଇ ବିଭିନ୍ନ ପାରମ୍ପାରିକ ଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶିତ କରିଥିଲେ।ବିଚାରକ ଭାବେ ଶିକ୍ଷୟିତ୍ରୀ ସଙ୍ଗୀତ ସାହୁ, ବିଏସ୍‌ଏସ୍‌ଓ ଭବାନୀ ପଟେଲ, ସିଡିପିଓ ବାସନ୍ତୀ ପୃର୍ତ୍ତି ଥିଲେ। ପାଇକମାଳ ମା' ଗାୟିତ୍ରୀ ଏସଏଚଜି ପ୍ରଥମ ଓ ମା' ଲକ୍ଷ୍ମୀ ଏସଏଚ୍‌ଜି ଦ୍ୱତୀୟ ହୋଇଥିଲେ। ବିଶ୍ୱାମିତ୍ର ତାଣ୍ଡି ଓ ଉମେଶ ବିନ୍ଧାଣି ପରିଚାଳନାରେ ସହଯୋଗ କରିଥଲେ। ବିପିସି ରବିଶଙ୍କର ନାଏକ ଧନ୍ୟବାଦ ଦେଇଥିଲେ।

## ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ



**ଦହିତା,୧୦।୬ (ସମିସ):** ପଦ୍ମପୁର ଉପଖଣ୍ଡ ବୁଢ଼ାମାଳ ପଞ୍ଚାୟତ ଲୁହାଖାଏନଠାରେ ବିଜୁ ଜନତା ଦଳ(ବିଜେଡି)ର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଫୁଲ୍ଲ ମେହେର ସଭାପତିତ୍ୱରେ ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ସରପଞ୍ଚ ଟିକେଶ୍ୱରୀସେଠ, ସମିତି ସଭ୍ୟା ସାବିତ୍ରୀ ଚାନ୍ଦ, ବରିଷ୍ଠ ବିଜେଡି ନେତା ବିଷ୍ଣୁ ପ୍ରସାଦ ବାଜପେୟୀ ଯୋଗଦେଇ ଦଳ ଓ କର୍ମୀମାନଙ୍କ ଏକତା, ସୁବିଧା, ଅସୁବିଧା ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଜେପିର ଗଣେଶ ମେହେର, ଗୋପାଳ ମେହେର, ଡୋଳାମଣି ମେହେର, ଶ୍ୟାମ ମେହେର ପ୍ରମୁଖ ବିଜେଡିରେ ସାମିଲ ହୋଇଥିଲେ। ସମସ୍ତେ ମିଳିମିଶି କାମ କରିବାକୁ ବିଧାୟିକା ପରାମର୍ଶ ଦେଇଥିଲେ। ଶ୍ରୀ ବାଜପେୟୀ ଧନ୍ୟବାଦ ଦେଇଥିଲେ।

## ଚାକିରି ଦେବା ନାଁରେ ଦଣ୍ଡପାଟ ଅଞ୍ଚଳରେ ଠକେଇ

**ଧର୍ମଗଡ଼, ୧୦।୬(ସମିସ):** ସାମାଜିକ ଗଣମାଧ୍ୟମ ଓ କାନ୍ଥବାଡରେ ବିଜ୍ଞାପନ ଦେଖି ଫସୁଛନ୍ତି। ବିଭିନ୍ନ ଚାକିରି ପାଇଁ ଆବେଦନ କରି ମହରଗରେ ପଡୁଛନ୍ତି। ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଞ୍ଚଳର ଯୁବକ, ଯୁବତୀ ଠକେଇର ଶିକାର ହୋଇଛନ୍ତି। ଗତବର୍ଷ ଡିସେମ୍ବରରେ ଦଣ୍ଡପାଟ ଅଞ୍ଚଳର ଅନେକ ସ୍ଥାନରେ ଘର କାନ୍ଥବାଡ଼ ଆଦି ଅନେକ ସ୍ଥାନରେ ଏକ ଚାକିରିର ବିଜ୍ଞାପନ ଦେଖିବାକୁ ମିଳିଥିଲା। ଏଥିରେ ପୁଅଝିଅଙ୍କ ପାଇଁ ଅନେକ ଡାକ୍ତରଖାନାରେ ବିବିନ୍ନ ପଦ ଖାଲି ଥିବା ଦର୍ଶା ଯାଇଥିଲା। ନିଯୁକ୍ତି ପାଇଁ ଯୋଗାଯୋଗ କରିବାକୁ ସୁନୀଲ ପାତ୍ର ନାମକ ଜଣେ ବ୍ୟକ୍ତିଙ୍କ ଫୋନ ନମ୍ବର ଦିଆ ଯାଇଥିଲା। ଦଲାଲ ଲଗାଇ ଅନେକ ଯୁବକଯୁବତୀଙ୍କୁ ଯୋଗାଯୋଗ କରାଯାଇ ପୋଷ୍ଟ ଅନୁଯାୟୀ ଟଙ୍କା ଦେବାକୁ କୁହାଯାଇଥିଲା। ଦଣ୍ଡପାଟ ଅଞ୍ଚଳର ପ୍ରାୟ ୧୬ରୁ ୨୦ଜଣ ଯୁବକଯୁବତୀ ସେହି ନମ୍ବରରେ ଯୋଗାଯୋଗ କରି ଅଗ୍ରୀମ ଟଙ୍କା ମଧ୍ୟ ଦେଇଥିଲେ। ଅନେକ ଠକେଇର ଶିକାର ହୋଇଥିବା ଯୁବକଯୁବତୀଙ୍କ କହିବା ଅନୁଯାୟୀ ୪୦/୫୦ହଜାର ଟଙ୍କା ଅଗ୍ରୀମ ଦେଇଥିଲେ। ବାକି ୩୦/୪୦ହଜାର ନିଯୁକ୍ତି ଆଦେଶ ପାଇବା ପରେ ଦେବାକୁ କଥା ରହିଥିଲା; ହେଲେ ନା ଚାକିରି ପାଇଲେ ନା ଟଙ୍କା ଫେରସ୍ତ ମିଳିଲା। ସେହିଭଳି ଦଣ୍ଡପାଟ ଅଞ୍ଚଳରେ ଥିବା ବିଭିନ୍ନ ସ୍ଥାନର ଆୟୁର୍ବେଦ ଓ ହୋମିଓପ୍ୟାଥିକ ଡାକ୍ତରଖାନାରେ ସିକ୍ୟୁରିଟି ଗାର୍ଡ ନିଯୁକ୍ତି ଦେବା ଆଳରେ ଠକେଇ ହୋଇଥିବା ଅଭିଯୋଗ ଉଠିଛି। ମୁକୁନ୍ଦ ବାଗ ଓ ଜଗନ୍ନାଥ ବାଗ ନାମକ ଦୁଇ ଜଣ ବ୍ୟକ୍ତି ବେହେରାସ୍ଥିତ ସ୍ୱାସ୍ଥ୍ୟ କେନ୍ଦ୍ରର କାର୍ଯ୍ୟରତ ଜଣେ ସିକ୍ୟୁରିଟି ଗାର୍ଡଙ୍କୁ ମାଧ୍ୟମ କରି ଅଞ୍ଚଳର ୬ଜଣ ଯୁବକଙ୍କଠାରୁ ପ୍ରାୟ ୩ଲକ୍ଷ ଟଙ୍କା ନେଇଥିବା ଜଣା ପଡ଼ିଛି। ଏହି ୬ଜଣ ଯୁବକଙ୍କୁ ନିଯୁକ୍ତି ଦେବା ଓ ପ୍ରଲୋଭନ ଦେଖାଇ ଟଙ୍କା ମଗାଯାଇଛି। ତେବେ ସମ୍ପୃକ୍ତ ସିକ୍ୟୁରିଟି ଗାର୍ଡଙ୍କ କହିବା କଥା ୩ଜଣ ୭୦ହଜାର, ଜଣେ ୨୦ହଜାର, ୨ଜଣ ୩୦ ହଜାର ଲେଖାଏ ଦେଇଛନ୍ତି। ସେ ଟଙ୍କା ଗ୍ରହଣ କରି ମୋବାଇଲରୁ ମୁକୁନ୍ଦ ବାଗଙ୍କ ମୋବାଇଲକୁ ସିଧାସଳଖ ଟ୍ରାନ୍ସଫର୍ମ କରିଛନ୍ତି। କିଛି ଟଙ୍କା ହାତାହାତି ଦେଇଥିବା ମଧ୍ୟ ମାନିଛନ୍ତି। ସେହିଭଳି କଳାହାଣ୍ଡି, ରାୟଗଡ଼ା ଓ ମାଲକାନଗିରି ଜିଲ୍ଲା ପାଇଁ କାନ୍ଥବାଡ଼ ତଥା ସାମାଜିକ ଗଣମାଧ୍ୟମରେ ନିଯୁକ୍ତି ବିଜ୍ଞାପନ ବାହାରିଥଲା। ସେଥିରେ ମଧ୍ୟ ଯୋଗାଯୋଗ କରିବାକୁ ଏକ ମୋବାଇଲ ନମ୍ବର ରହିଥିଲା। ବେକାର ଯୁବକଯୁବତୀ ଯୋଗାଯୋଗ କରିବା ପରେ ପଞ୍ଜୀକରଣ ବାବଦକୁ ଅଗ୍ରୀମ ୪ହଜାର ଟଙ୍କା ପଠେଇବାକୁ କୁହାଯାଇଥିଲା। ଏଣୁ ଅନେକ ଯୁବକ ଯୁବତୀ ୪ହଜାର ଟଙ୍କା ପଠାଇଥିଲେ; ହେଲେ ପରବର୍ତ୍ତୀ ସମୟରେ ସେ ଫୋନ୍ ନମ୍ବର ଆଉ ଲାଗୁ ନ ଥିବା ଅଭିଯୋଗ ହୋଇଛି। ଏହିଭଳି ଭାବେ ବାରମ୍ବାର ଅଞ୍ଚଳର ଅନେକ ଯୁବକ, ଯୁବତୀ ଠକାମୀର ଶିକାର ହେଉଛନ୍ତି।

## ଜେଲ୍‌ରେ ଚୁଡାଗୁଡ଼, ଭାତଡାଲମା ଖାଇଲେ ଉପ ଜିଲ୍ଲାପାଳ

**ଭବାନୀପାଟଣା, ୧୦।୬ (ସମିସ):** ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକମା ଲାଞ୍ଚ ନେବା ଅଭିଯୋଗରେ ଜେଲ୍ ଯିବା ଚର୍ଚ୍ଚାର ବିଷୟ ହୋଇଛି। ରାଜ୍ୟରେ ଜଣେ ଯୁବ ଆଇଏଏସ ଅଫିସର ସିଧାସଳଖ ୧୦ଲକ୍ଷ ଟଙ୍କା ଲାଞ୍ଚନେଇ ଭିଜିଲାନ୍ସ ହାତରେ ଧରାପଡ଼ିବା ପ୍ରଥମ ଘଟଣା। ଜଣେ କ୍ରସର ବ୍ୟବସାୟୀଙ୍କଠାରୁ ଗତ ୮ତାରିଖ ରାତିରେ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଇ ସେ ଭିଜିଲାନ୍ସ ଜାଲରେ ପଡ଼ିଥିଲେ। ତାଙ୍କୁ ୯ ତାରିଖ ସୋମବାର ଡାକ୍ତରୀ ପରୀକ୍ଷା ପରେ ଭିଜିଲାନ୍ସ କୋର୍ଟରେ ହାଜର କରିଥିଲା; ହେଲେ ଜାମିନ ନାମଞ୍ଜୁର ପରେ ରାତି ୮ରେ ଜେଲ୍‌କୁ ନିଆଯାଇଥିଲା। ଜେଲ୍ ମାନୁଆଲ ଅନୁସାରେ ପୁନର୍ବାର ତାଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ବିଷର୍ଣ୍ଣ ମନ ଆଉ ଉଦାସ ଚେହେରାର ସେ ଅତ୍ୟଧିକ ମାନସିକ ଚାପରେ ଥିଲେ। ପେଟରେ ସାମାନ୍ୟ ଯନ୍ତ୍ରଣା ହେବା ଯୋଗୁଁ ତାଙ୍କୁ ରାତ୍ରି ଭୋଜନ ଭାବେ ୨୩୨ ଗ୍ରାମର ଚୁଡା ଆଉ ୫୨ଗ୍ରାମର ଗୁଡ଼ ଖାଇବାକୁ ଦିଆଯାଇଥିଲା। ରାତିସାରା ଜେଲର ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଥିଲା। ମଙ୍ଗଳବାର ସମସ୍ତଙ୍କ ଭଳି ସେ ଜେଲର ସାଧାରଣ ୱାର୍ଡରେ ରହିଛନ୍ତି। ସକାଳ ଜଳଖିଆ ଭାବେ ତାଙ୍କୁ ଚୁଡା, ସନ୍ତୁଳା, ଡାଲମା ଆଉ ଚା' ଦିଆଯାଇଥିଲା। ସେହିଭଳି ମଧ୍ୟାହ୍ନ ଭୋଜନରେ ଭାତଡାଲି, ତରକାରୀ ଏବଂ ରୁଟି ଦିଆଯାଇଥିଲା। ସନ୍ଧ୍ୟା ୫ଟାରେ ଭାତଡାଲି ରୁଟି ଓ ତରକାରୀରେ ରାତ୍ର ଭୋଜନ ଶେଷ ହୋଇଥିଲା।

### ପରିବେଶ ଓ ଶିକ୍ଷା ପ୍ରତି ସମର୍ପିତ ବ୍ୟକ୍ତିତ୍ୱ କ୍ଷିତିପତି ପଧାନ

# ଗୋଚ୍ଛାଡେଙ୍ଗେନ ଗାଁର ଶୋଭା ବଢ଼ାଉଛି ଶାଳବଣ



**କର୍ଲାମୁଣ୍ଡା, ୧୦।୬ (ସମିସ):** ବୃତ୍ତି ଥିଲା ଶିକ୍ଷକତା। ନିଶା ଥିଲା ପ୍ରକୃତିର ସୁରକ୍ଷା, ଶିକ୍ଷାର ବିକାଶ, କବିତା ଓ ଗୀତ ଲେଖିବା। ଯୁବ ବୟସରୁ ନିଜକୁ ଏ ସବୁରେ ସମର୍ପିତ କରି ନିଆରା ଆନନ୍ଦ ଅନୁଭବ କରନ୍ତି ସେ। ଏଭଳି ଜଣେ ବ୍ୟକ୍ତିତ୍ୱ ହେଲେ କ୍ଷିତିପତି ପଧାନ। କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ଗୋଚ୍ଛାଡେଙ୍ଗେନର ଏକ ଛୋଟ ଗାଁ ସିକେଲକୁପାରେ ତାଙ୍କ ଜନ୍ମ। ସେ ନିଜ ଜମିରେ ୧୯୬୬ ମସିହାରୁ ଶାଳଗଛ ଲଗାଇବା ସହ ଆଉ ଯାହା ମୂଲ୍ୟବାନ ଗଛ ଥିଲା ତାକୁ ବଞ୍ଚାଇ ଏକ ବିରାଟ ଶାଳବଣ ତିଆରି କରିଥିଲେ। ପରବର୍ତ୍ତୀ ସମୟରେ ପୁଣି ନିଜର ୩ ଏକର ରୟତି ଜମିରେ ଶାଗୁଆନ ଗଛ ଲଗାଇଥିଲେ। ରାସ୍ତା କଡରେ ଥିବା ଏଇ ଗଛ ଗୁଡିକ ଏବେ ବଡ ହୋଇ ଶୋଭାବର୍ଦ୍ଧନ କରୁଛି। ଗ୍ରାମର ପରିବେଶ ମଧ୍ୟ ବେଶ ଲୋଭନୀୟ ହୋଇଛି। ୧୯୯୫ ମସିହାରେ ତତ୍କାଳୀନ କଳାହାଣ୍ଡି ଜିଲ୍ଲାପାଳ ଅଶୋକ ଦଲୱାଇ ଏ ଅଞ୍ଚଳକୁ ଗସ୍ତରେ ଆସି ଏହା ଦେଖିବା ପରେ ଅଭିଭୂତ ହୋଇ ପଡ଼ିଥିଲେ। ହଜାରେରୁ ଅଧିକ ଶାଗୁଆନ ଗଛ ଏବେ ସଗର୍ବେ ଠିଆହୋଇ ଗାଁକୁ ଆସୁଥିବା ଲୋକଙ୍କୁ ସତେ ଯେମିତି ସ୍ୱାଗତ କରୁଛନ୍ତି। କେବଳ ପ୍ରକୃତି ବା ପରିବେଶ ସୁରକ୍ଷା ନୁହଁ; ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ମଧ୍ୟ ତାଙ୍କ ଅବଦାନ କିଛି କମ୍ ନୁହେଁ। ସେ ସମୟରେ ଗୋଚ୍ଛାଡେଙ୍ଗେନ ଏକ ଦୁର୍ଗମ ଅଞ୍ଚଳ ଥିଲା। କେବଳ ମଧ୍ୟ ଇଂରାଜୀ ବିଦ୍ୟାଳୟ ପର୍ଯ୍ୟନ୍ତ ରହିଥିଲା। ସେତେବେଳେ ଅଞ୍ଚଳର ଆର୍ଥିକ ସ୍ୱଚ୍ଛଳ ପରିବାର ଲୋକେ ହିଁ କେବଳ ହାଇସ୍କୁଲ ପଢ଼ିବା ପାଇଁ ରିଷିଡା, ମ.ରାମପୁର ଯାଉଥିଲେ। ଗରିବ ଛାତ୍ରଛାତ୍ରୀ ସପ୍ତମ ଶ୍ରେଣୀରେ ହିଁ ଡୋରୀ ବାନ୍ଧି ଦେଉଥିଲେ। ଶ୍ରୀ ପଧାନ ଗୋଚ୍ଛାଡେଙ୍ଗେନ ମ.ଇ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ବେଳେ ୧୯୮୯ରେ ଏକ ହାଇସ୍କୁଲ ସ୍ଥାପନ ପାଇଁ ଉଦ୍ୟମ କରିଥିଲେ। ଅଞ୍ଚଳର କିଛି ସହଯୋଗୀଙ୍କୁ ଧରି ପଞ୍ଚାୟତର ପ୍ରତ୍ୟେକ ଗାଁକୁ ଯାଇ ଲୋକମାନଙ୍କଠାରୁ ଧାନ, ଟଙ୍କା ଭିକ୍ଷା କରିଥିଲେ। ତାଙ୍କ ଉଦ୍ୟମରେ ଗ୍ରାମର ସ୍ୱର୍ଗତଃ ଧୋବଣୀ ପଧାନ ନାମକ ଜଣେ ମହିଳା ୧ ଏକର ୫୫ ଡିସମିଲ ଓ ରବୀନ୍ଦ୍ର ସା ୨ ଏକର ୫ ଡିସମିଲ ଜମି ସ୍କୁଲ ପାଇଁ ଦାନ କରିଥିଲେ। ସେହି ହାଇସ୍କୁଲରେ ଅଞ୍ଚଳର ୨୦ ଖଣ୍ଡ ଗ୍ରାମର ପିଲା ପାଠ ପଢ଼ିଲେ। ଶ୍ରୀ ପଧାନ ନିଜେ ୪ ଲକ୍ଷ ଟଙ୍କାରେ ବିଦ୍ୟାଳୟରେ ଏକ ଶ୍ରେଣୀ ପ୍ରକୋଷ୍ଠ ନିର୍ମାଣ କରିଦେଲେ। ବିଜେଡି ସରକାର ସମୟରେ ଏହି ବିଦ୍ୟାଳୟ '୫-ଟି' ଯୋଜନାରେ ସାମିଲ ହୋଇ ଅତୀବ ସୁନ୍ଦର ଦିଶୁଛି। ଅନ୍ୟପକ୍ଷେ ଶ୍ରୀ ପଧାନ ପ୍ରତିବର୍ଷ ମାଟ୍ରିକ ଟପରଙ୍କୁ ତାଙ୍କ ସ୍ତ୍ରୀଙ୍କ ସ୍ମୃତିରେ ଆର୍ଥିକ ପୁରସ୍କାର ଦେଇଥାନ୍ତି। ଏତଦ୍ ବ୍ୟତୀତ ସେ ଜଣେ ଉଚ୍ଚକୋଟୀର କବି ଓ ଗୀତିକାର ମଧ୍ୟ। ତେବେ ସେ ନିଜକୁ ପ୍ରଚାର ପ୍ରସାରଠାରୁ ଦୂରରେ ରଖନ୍ତି। ବୟସର ସାୟାହ୍ନରେ ସେ ପହଞ୍ଚିଥିଲେ ସୁଦ୍ଧା ଏବେ ବି କ୍ଳାନ୍ତ ନୁହନ୍ତି।

## ୯ ଗୃହରକ୍ଷୀ ପଦ ପାଇଁ ୮୩୪ ଆବେଦନ

**କେସିଙ୍ଗା, ୧୦।୬(ସମିସ):** କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଥାନାରେ ଗୃହରକ୍ଷୀ ବା ହୋମଗାର୍ଡ ପଦବୀ ପୂରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କିଛି ଦିନ ତଳେ ବିଜ୍ଞପ୍ତି ପ୍ରକାଶ ପାଇଛି। କେସିଙ୍ଗା ଆଦର୍ଶ ଥାନା ପାଇଁ ମୋଟ ୧୦ଟି ପଦବୀ ରହିଛି; ହେଲେ ୮୩୪ ଜଣ ଆବେଦନ କରିଛନ୍ତି। ସେଥି ମଧ୍ୟରୁ ୬୬ ଜଣ ମହିଳା ରହିଛନ୍ତି। ସୂଚନାଯୋଗ୍ୟ, କେବଳ ଲିଖିତ ପରୀକ୍ଷା ସରିଛି।

## ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା



**ମ.ରାମପୁର, ୧୦।୬(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ମିଶନ ଶକ୍ତି ତରଫରୁ ସୁଭଦ୍ରା ଶକ୍ତିମାନଙ୍କୁ ନେଇ ଏକ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେଇଯାଇଛି। ମିଶନ ଶକ୍ତି ସଂଯୋଜକ ବିପିନ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମ.ରାମପୁର ବ୍ଲକର ବିଭିନ୍ନ ପଞ୍ଚାୟତରୁ ୧୫ଟି ମହିଳା ସଂଘର ସଦସ୍ୟା ଯୋଗଦେଇ ବିଭିନ୍ନ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି କରିଥିଲେ। ବିଚାରକ ଭାବରେ ତହସିଲଦାର ସୁଧାକର ରଇତ, କୁଳମଣି ସିଂରାୟ, ଶିକ୍ଷୟିତ୍ରୀ ସୁନାସୁତା ହାତୀ ଯୋଗ ଦେଇଥିଲେ। ସାମ୍ବାଦିକ ହେମନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ।

ରାଜ୍ୟ ବିଜେପି ସରକାରଙ୍କ ପ୍ରଥମ ବର୍ଷପୂର୍ତ୍ତି

# ୨୦୩୬ ସୁଦ୍ଧା ଶ୍ରେଷ୍ଠ ୫ ରାଜ୍ୟ ତାଲିକାରେ ରହିବ ଓଡ଼ିଶା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୬(ସମିସ): ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ବିଜେପି ସରକାରଙ୍କୁ ଶାସନର ପ୍ରଥମ ବର୍ଷ ପୂର୍ତ୍ତି ହେବାକୁ ଯାଉଛି। ଏହାର ଅବ୍ୟବହିତ ପୂର୍ବରୁ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଏକ ସାମ୍ବାଦିକ ସମ୍ମିଳନୀରେ ନିଜ ସରକାରଙ୍କ ସଫଳତା ବଖାଣିଛନ୍ତି। ମୁଖ୍ୟମନ୍ତ୍ରୀ ବିଗତ ଏକବର୍ଷରେ ରାଜ୍ୟ ସରକାରଙ୍କ ସଫଳତା ଓ ୧୧ ବର୍ଷର କେନ୍ଦ୍ର ସରକାରଙ୍କ ସଫଳତା ସମ୍ପର୍କରେ ଉଲ୍ଲେଖ କରିବା ସହ ଆଗାମୀ ଦିନର ରୋଡମ୍ୟାପ ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିଛନ୍ତି। ଆମ ସରକାରର ପ୍ରଥମ ବର୍ଷରେ ମୋଟ ୨୧ଟି ପ୍ରତିଶ୍ରୁତିରୁ ୧୧ଟି ପ୍ରତିଶ୍ରୁତି ପୂରଣ କରିଛୁ। ୨୦୩୬ ସୁଦ୍ଧା ନିଶ୍ଚିତ ଭାବେ ଓଡ଼ିଶା ଦେଶର ସର୍ବଶ୍ରେଷ୍ଠ ୫ଟି ରାଜ୍ୟରେ ସ୍ଥାନ ପାଇବ ଏବଂ ଆମେ ଓଡ଼ିଶାକୁ ଏକ ୫୦୦ ନିୟୁତ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବୁ। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ବିକଶିତ ଭାରତ ଗଢ଼ିବାରେ ଓଡ଼ିଶା ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।



## ୨୦୨୬ ସୁଦ୍ଧା ୯୦% ଲୋକଙ୍କୁ ପାଇପ ଯୋଗେ ପାନୀୟ ଜଳ

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଆମର ସବୁ ପ୍ରମୁଖ ପ୍ରତିଶ୍ରୁତିକୁ ଆମେ ପୂରଣ କରି ପାରିଛୁ। ଆମର ପ୍ରତ୍ୟେକ କାର୍ଯ୍ୟକ୍ରମ ପଛରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାର୍ଗଦର୍ଶନ ରହିଛି। ଏହି ଉଦ୍ୟମ ଗତ ୧୨ ମାସରେ ନିରନ୍ତର ଭାବେ ଜାରି ରହିଛି ଏବଂ ଆମେ ପ୍ରାୟ ସବୁ ମୁଖ୍ୟ ପ୍ରତିଶ୍ରୁତି ପୂରଣ କରିବାରେ ସମର୍ଥ ହୋଇଛୁ। ମହିଳା ସଶକ୍ତିକରଣ ଦିଗରେ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟିକରି ଭାରତ ବର୍ଷରେ ପ୍ରଥମ ହେବା, କୃଷି କ୍ଷେତ୍ରରେ ସମୃଦ୍ଧ କୃଷି ଯୋଜନା ସହିତ ରେକର୍ଡ ୩୭ ହଜାର ୮୩୮ କୋଟି ଟଙ୍କାର ପ୍ରାବଧାନ, ଶିକ୍ଷା କ୍ଷେତ୍ରରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ତଥା ନୂତନ ଶିକ୍ଷା ନୀତିକୁ ଲାଗୁ କରିବା ଏବଂ ଏଥିରେ ଶିଶୁ ବାଟିକାକୁ ଲାଗୁ କରିବା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଆୟୁଷ୍ମାନ ଭାରତ ଯୋଜନାକୁ ଲାଗୁ କରିବା, ଭିତ୍ତିଭୂମି ପାଇଁ ରେକର୍ଡ ୬୫,୧୦୨ କୋଟି ଟଙ୍କାର ପ୍ରାବଧାନ, ଜନଜାତି ଏବଂ ଅନୁସୂଚିତ ଜାତି କଲ୍ୟାଣ ପାଇଁ ୬୮ ହଜାର ୮୮୧ କୋଟି ଟଙ୍କା ପ୍ରାବଧାନ ଆମ ସରକାରଙ୍କ ନୀତି ଓ ନିୟତକୁ ଦର୍ଶାଉଛି। ୨୦୨୬ ସୁଦ୍ଧା ଆମେ ରାଜ୍ୟର ୯୦ ପ୍ରତିଶତ ଲୋକଙ୍କୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇଦେବା ପାଇଁ ଉଦ୍ୟମ ଆରମ୍ଭ କରିଛୁ। ଏଥି ସହିତ ୫ ଲକ୍ଷ ଲୋକଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଗାଇଦେବୁ। ଏକ ବର୍ଷ ମଧ୍ୟରେ ସରକାରୀ ସ୍ତରରେ ପ୍ରାୟ ୨୮ ହଜାର ନିଯୁକ୍ତି ଦେଇଛୁ। ଚଳିତ ବର୍ଷ ଆହୁରି ୪୦ ହଜାର ନିଯୁକ୍ତି ଦେବୁ। ଭିତ୍ତିଭୂମି କ୍ଷେତ୍ରରେ ରେଳ, ଜାତୀୟ ରାଜପଥ ଏବଂ ବିମାନ ସେବା ସବୁଥିରେ ଉନ୍ନତି ଆସିଛି ବୋଲଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅପରପକ୍ଷେ ଖୁବଶୀଘ୍ର ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ସରକାରଙ୍କ ବିଫଳତା ଲୋକଙ୍କୁ ଜଣାଇବ ବିଜେଡି

- ୧୩ରେ ଯାଜପୁରଠାରେ ମହିଳା ସମାବେଶ
- ୧୮ ରେ ପୁରୀଠାରେ ଯୁବ ଓ ଛାତ୍ର ସମ୍ମିଳନୀ

ଭୁବନେଶ୍ୱର,୧୦।୬(ସମିସ): ବିଜୁ ଜନତା ଦଳ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଫଳତାକୁ ରାଜ୍ୟବାସୀଙ୍କ ସମ୍ମୁଖରେ ଦୃଢ଼ ଭାବେ ଉପସ୍ଥାପନ କରିବାକୁ ନିଷ୍ପତ୍ତି ନିଆଯାଇଛି। ବିଜେପି ସରକାରଙ୍କ ଗତ ଏକ ବର୍ଷରେ, ମହିଳା, ଯୁବ ଓ ଛାତ୍ର ମାନଙ୍କ ପ୍ରତି ହୋଇଥିବା ଅନ୍ୟାୟ ଅବିଚାରକୁ ବିରୋଧ କରି ବିଜେଡି ଆସନ୍ତା ୧୩ ତାରିଖରେ ଯାଜପୁରଠାରେ ମହିଳା ଓ ୧୮ ତାରିଖରେ ପୁରୀରେ ଯୁବ-ଛାତ୍ର ସମାବେଶ କରିବ ବୋଲି ଘୋଷଣା କରିଛି ବିଜେଡି।



ଶଙ୍ଖ ଭବନରେ ମଙ୍ଗଳବାର ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପ ସଭାପତି ପ୍ରମିଳା ମଲ୍ଲିକ ଓ ଉପସଭାପତି ସଞ୍ଜୟ ଦାସବର୍ମା ବିଜେପି ସରକାର ମହିଳା, ଯୁବ ଛାତ୍ରଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କହିଛନ୍ତି। ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ମହିଳାମାନଙ୍କ ସଶକ୍ତିକରଣ ପାଇଁ ବିଜୁ ପଟ୍ଟନାୟକ ପ୍ରଥମେ ପଞ୍ଚାୟତ ସ୍ତରରେ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଥିଲେ। ବିଜୁଙ୍କ ସୁପୁତ୍ର ନବୀନ ପଟ୍ଟନାୟକ ପରବର୍ତ୍ତୀ ସମୟରେ ଏହି ସଂରକ୍ଷଣକୁ ୫୦ପ୍ରତିଶତକୁ ବଢ଼ାଇଥିଲେ । ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ନବୀନ ପଟ୍ଟନାୟକ ଆରମ୍ଭ କରିଥିବା ମିଶନ ଶକ୍ତି ମାଧ୍ୟମରେ ରାଜ୍ୟର ପ୍ରାୟ ୭୦ଲକ୍ଷରୁ ଉଦ୍ଧ୍ୱର୍ ମହିଳା ସ୍ୱାବଲମ୍ବୀ କରିଥିଲେ। ରାଜ୍ୟ ସରକାରଙ୍କ ୨୦ଟି ବିଭାଗରେ ସେମାନଙ୍କୁ ବିଭିନ୍ନ କାର୍ଯ୍ୟ କରିବାର ସୁଯୋଗ ମିଳିଥିଲା। ବିଜେପି ସରକାର କ୍ଷମତାକୁ ଆସିବା ପରେ ସେସବୁ କାର୍ଯ୍ୟକୁ ବନ୍ଦ କରିବାକୁ ବସିଛନ୍ତି । ସୁଭଦ୍ରା ଯୋଜନାରେ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ଦୁଇ ବର୍ଷରେ ୫୦ ହଜାର ଟଙ୍କା ଦିଆଯିବ ବୋଲି ବିଜେପିର ପ୍ରତିଶ୍ରୁତି ମିଛ ବୋଲି ପ୍ରମାଣିତ ହୋଇଛି। ତେଣୁ ମହିଳା ମାନଙ୍କ ଉପରେ ଅନ୍ୟାୟ ଅତ୍ୟାଚାର ବିରୋଧରେ, ଆସନ୍ତା ୧୩ ତାରିଖରେ ଯାଜପୁରଠାରେ ଏକ ବିରାଟ ମହିଳା ସମ୍ମିଳନୀ କରାଯିବ ବୋଲି ଶ୍ରୀମତୀ ମଲ୍ଲିକ ସୂଚନା ଦେଇଛନ୍ତି।

ଶ୍ରୀ ଦାସବର୍ମା କହିଛନ୍ତି ଯେ ଏକ ବର୍ଷର ବିଜେପି ସରକାର ପ୍ରତିଶ୍ରୁତି ପୂରଣରେ ବିଫଳ ହୋଇଛି। ରାଜ୍ୟର ୧.୫ ଲକ୍ଷ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବାର ବିଜେପିର ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ଏହି ଏକ ବର୍ଷରେ ରାଜ୍ୟରେ ବିଭିନ୍ନ ପଦବୀ ପାଇଁ ଅନୁଷ୍ଠିତ ହୋଇଥିବା ପରୀକ୍ଷାରେ ବିଭ୍ରାଟ ଦେଖିବାକୁ ମିଳିଛି। ଓଜେଏସ ପରୀକ୍ଷାରେ ପ୍ରଶ୍ନ ପତ୍ର ବିଭ୍ରାଟକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଟିପ୍ପଣୀ ରାଜ୍ୟ ସରକାରଙ୍କ ପାରିବାପଣିଆକୁ କାଠଗଡାରେ ଛିଡ଼ା କରିଛି। ସେହିପରି ଷ୍ଟାଫ ସିଲେକ୍ସନ, ଓପିଏସସିର ପରୀକ୍ଷାରେ ବିଭ୍ରାଟ ଦେଖିବାକୁ ମିଳିଛି।ଯାହା ଫଳରେ ଗତ ଏକ ବର୍ଷ ଭିତରେ ଗୋଟିଏ ବି ପରୀକ୍ଷା ତ୍ରୁଟିଶୂନ୍ୟ ଭାବରେ କରିବାରେ ସରକାର ସକ୍ଷମ ହୋଇ ପାରି ନାହାନ୍ତି। ଅପରପକ୍ଷରେ ଉଚ୍ଚ ଶିକ୍ଷା ପାଇଁ ପୂର୍ବ ସରକାରଙ୍କ ଦ୍ୱାରା ପ୍ରଦାନ କରା ଯାଉଥିବା ନୂଆ ଓ ଛାତ୍ରବୃତ୍ତିକୁ ମଧ୍ୟ ରାଜ୍ୟ ବିଜେପି ସରକାର ବାତିଲ କରି ଦେଇଛନ୍ତି । ରାଜ୍ୟର ଯୁବ ଛାତ୍ର ମାନଙ୍କୁ ନ୍ୟାୟ ପ୍ରଦାନରେ ବିଫଳ ହୋଇଥିବା ରାଜ୍ୟ ସରକାରଙ୍କ ବିରୋଧରେ ଏକ ବିରାଟ ସମ୍ମିଳନୀ ଆସନ୍ତା ୧୮ ତାରିଖରେ ପୁରୀ ଠାରେ ଅନୁଷ୍ଠିତ ହେବ ବୋଲି ଶ୍ରୀ ଦାସବର୍ମା ସୂଚନା ଦେଇଛନ୍ତି।

## ୬୦ ହୋମ୍‌ଗାର୍ଡ ପଦକୁ ୬୪୮୧ ଆବେଦନକାରୀ

କେସିଙ୍ଗା,୧୦।୬(ସମିସ): କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଥାନାରେ ହୋମ୍‌ଗାର୍ଡ ପଦ ପୂରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କିଛି ଦିନ ତଳେ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ୬୦ଟି ପଦ ପାଇଁ ୬୪୮୧ ଆବେଦନ ଆସିଛି। ଭବାନୀପାଟଣା ଟାଉନ୍ ଥାନାରେ ୮ଟି ପଦ ପାଇଁ ୩୭୫, ଭବାନୀପାଟଣା ସଦର ଥାନାରେ ୬ଟି ପଦ ପାଇଁ ୭୯୪, କେସିଙ୍ଗା ଥାନାରେ ୯ଟି ପଦ ପାଇଁ ୮୩୪, ନର୍ଲା ଥାନାରେ ୭ଟି ପଦ ପାଇଁ ୫୬୭, ଲାଞ୍ଜିଗଡ଼ ଥାନାରେ ୩ଟି ପଦ ପାଇଁ ୬୮ ଜଣ ଆବେଦନ କରିଛନ୍ତି। ସେହିପରି ଜୁନାଗଡ଼ ଥାନାରେ ୯ଟି ପଦ ପାଇଁ ସର୍ବାଧିକ ୯୯୦, ଗୋଲାମୁଣ୍ଡା ଥାନାରେ ୨ଟି ପଦ ପାଇଁ ୩୧୩, କେଗାଁଆ ଥାନାରେ ୨ଟି ପଦ ପାଇଁ ୩୭୫, କୋକସରା ଥାନାରେ ଗୋଟିଏ ପଦ ପାଇଁ ୩୫୮, ଜୟପାଟଣା ଥାନାରେ ୫ ପଦ ପାଇଁ ୪୩୯, ଧର୍ମଗଡ଼ ଥାନାରେ ୮ଟି ପଦ ପାଇଁ ୪୬୦ ଜଣ ଆବେଦନ କରିଛନ୍ତି। ଅନ୍ୟପକ୍ଷେ କଲମପୁର ଅଞ୍ଚଳରୁ ୨୧୫, କର୍ଲାପାଟ ଅଞ୍ଚଳରୁ ୧୧, ଥୁଆମୂଳରାମପୁର ଅଞ୍ଚଳରୁ ୧୧୧, ବିଶ୍ୱନାଥପୁର ଅଞ୍ଚଳରୁ ୫୬, ବିଜେପୁର ଅଞ୍ଚଳରୁ ୧୮ ଏବଂ ଆମପାଣି ଅଞ୍ଚଳରୁ ୪୫ ଜଣ ଯୁବକଯୁବତୀ ଆବେଦନ କରିଛନ୍ତି। ଏଥିରେ ସମୁଦାୟ ୬୦୧ ଜଣ ମହିଳା ଆବେଦନକାରୀ ରହିଛନ୍ତି।

## ମଧୁମେହରେ ୫ମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

ବୈପାରିଗଡ଼ା,୧୦।୬(ସମିସ): ବୈପାରିଗୁଡ଼ା ବ୍ଲକ୍ ଅନ୍ତର୍ଗତ ମହୁଲି ପଞ୍ଚାୟତର ତୋଲା ଗ୍ରାମର ଗୋପି ଖିଲଙ୍କ ୧୧ ବର୍ଷିୟା ଝିଅ ଶୁଭଶ୍ରୀ ଖିଲ ମଧୁମେହ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି। ଶୁଭଶ୍ରୀ ତୋଲା ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ୫ମ ଶ୍ରେଣୀରେ ପାଠ ପଢୁଥିଲେ। ଦୀର୍ଘ ୫ ବର୍ଷ ଧରି ସେ ମଧୁମେହ ରୋଗରେ ଆକ୍ରାନ୍ତ ହୋଇ ଜୟପୁର ଜିଲ୍ଲା ହସ୍ପିଟାଲର ଡାକ୍ତରଙ୍କ ପରାମର୍ଶକ୍ରମେ ଘରେ ରହି ଔଷଧ ଖାଉଥିଲେ। ୩ ବର୍ଷ ଔଷଧ ଖାଇବା ପରେ ଔଷଧ କାମ ନ କରିବାରୁ ଦିନକୁ ଦୁଇ ଥର ଇନ୍‌ସୁଲିନ୍ ଇଞ୍ଜେକ୍ସନ ନେବାକୁ ଆରମ୍ଭ କରିଥିଲେ। ଚଳିତ ମାସ ୭ ତାରିଖ ଦିନ ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ବାପା ଗୋପି ଖିଲ ଜୟପୁର ଜିଲ୍ଲା ହସ୍ପିଟାଲକୁ ନେଇ ଚିକିତ୍ସା ପାଇଁ ଭର୍ତ୍ତି କରାଇଥିଲେ। ଡାକ୍ତର ଶୁଭଶ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ତାଙ୍କୁ ବ୍ରହ୍ମପୁର ଡାକ୍ତରଖାନାକୁ ନେବା ପାଇଁ ପରାମର୍ଶ ଦେଇଥିଲେ। ଗୋପି ଜଣେ ଗରିବ ଏବଂ ଦିନ ମଜୁରିଆ ହୋଇଥିବାବେଳେ ଆର୍ଥିକ ଅନାଟନ ଯୋଗୁଁ ବ୍ରହ୍ମପୁର ଡାକ୍ତରଖାନାରେ ଚିକିତ୍ସା କରାଇବା ପାଇଁ ଅସମର୍ଥ ଥିଲେ। ଗୋପି ଝିଅ ଶୁଭଶ୍ରୀଙ୍କୁ କୋରାପୁଟ ମେଡିକାଲ କଲେଜରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। କିନ୍ତୁ ୯ ତାରିଖ ଅପରାହ୍ନ ୩ଟା ବେଳେ ଶୁଭଶ୍ରୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଅଳ୍ପ ବୟସରେ ଏଭଳି ମୃତ୍ୟୁକୁ ନେଇ ତୋଲା ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବିଶ୍ୱ ବାଣିଜ୍ୟ

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୫୮
- ପାଉଣ୍ଡ ୧୧୫.୫୭
- ୟୁରୋ ୯୭.୮୨
- ୟେନ୍ ୦.୫୯


## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୮୯,୫୦୦ (ଭୁବନେଶ୍ୱର)
- ରୁପା : ୧,୧୦,୪୦୦ (କେଜି)

## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୩୯୧.୭୨
- ନିଫ୍ଟି ୨୫,୧୦୪.୨୫



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



ଅର୍ଥମନ୍ତ୍ରୀଙ୍କ ନିର୍ଦ୍ଦେଶ

# ପଡ଼ି ରହିଥିବା ଟଙ୍କା ଶୀଘ୍ର ଫେରାନ୍ତୁ ବ୍ୟାଙ୍କ

ମୁମ୍ବାଇ, ୧୦।୬ (ଏଜେନ୍ସି): ବ୍ୟାଙ୍କରେ ପଡ଼ି ରହିଥିବା ଟଙ୍କାକୁ ସଠିକ୍ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ନିୟାମକ ଏବଂ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ଆର୍ଥିକ ସ୍ଥିରତା ଏବଂ ବିକାଶ ପରିଷଦ (ଏଫଏସଡିସି)ର ୨୯ତମ ବୈଠକରେ ଅର୍ଥମନ୍ତ୍ରୀ ଏହା ଉପରେ ଜୋର ଦେଇଛନ୍ତି। ବ୍ୟାଙ୍କରେ ଥିବା ଜମାରାଶି ଫେରସ୍ତ ଲାଗି ଅର୍ଥମନ୍ତ୍ରୀ ନିୟାମକ ଏବଂ ବିଭାଗଗୁଡ଼ିକୁ ଜିଲ୍ଲାସ୍ତରରେ ସ୍ୱତନ୍ତ୍ର ଶିବିର ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ କୁହାଯାଇଛି ଯେ ଆରବିଆଇ, ସେବି, ଏମସିଏ, ପିଏଫଆରଡିଏ ଏବଂ ଆଇଆରଡିଏ ସହିତ ବ୍ୟାଙ୍କ, ପେନସନ ଏଜେନ୍ସି, ବୀମା କମ୍ପାନୀ ଇତ୍ୟାଦିଙ୍କ ସମନ୍ୱୟରେ ଏହି ଅଭିଯାନ ଚାଲିବ। ଆରବିଆଇର ସଦ୍ୟତମ ବାର୍ଷିକ ରିପୋର୍ଟ ଅନୁଯାୟୀ, ୨୦୨୪ ମାର୍ଚ୍ଚ ସୁଦ୍ଧା ବ୍ୟାଙ୍କଗୁଡ଼ିକରେ ଦାବିହୀନ ଜମା ୨୬ ପ୍ରତିଶତ ବୃଦ୍ଧି ପାଇଛି। ଏହା ୭୮, ୨୧୩ କୋଟିରେ ପହଞ୍ଚି ଯାଇଛି। ସେହି ସମୟରେ ଜମାକାରୀ ଶିକ୍ଷା ଏବଂ ସଚେତନତା ପାଣ୍ଠିର ପରିମାଣ ୬୨, ୨୨୫ କୋଟି ଟଙ୍କା ଥିଲା। ଏହା ସହିତ କେୱାଇସି ପ୍ରକ୍ରିୟାକୁ ଅଧିକ ସରଳ କରିବା ପାଇଁ ଏହି ପରିଷଦକୁ ଅର୍ଥ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସୋମବାର କେନ୍ଦ୍ର ସରକାରଙ୍କୁ ୮ ହଜାର କୋଟି ଟଙ୍କାର ଲାଭାଂଶ ପ୍ରଦାନ କରିଛି।



**ବ୍ୟାଙ୍କରେ ପଡ଼ିରହିଛି ୭୮, ୨୧୩ କୋଟି ଟଙ୍କା**

**କେୱାଇସି ସରଳୀକରଣର ଆବଶ୍ୟକତା ରହିଛି**

● ଝାରସୁଗୁଡ଼ାର ଲକ୍ଷଣପୁର ବ୍ଲକରେ ଭାରତ ମସଲା

# ଚାଷୀଙ୍କଠୁ କିଣିଲା ଦୁଇ ମେଟ୍ରିକ୍ ଟନ୍ ଶୁଖିଲା ଅଦା

କଟକ, ୧୦।୬ (ସମିସ): ଓଡ଼ିଶା ହେଉଛି କୃଷି ପ୍ରଧାନ ରାଜ୍ୟ । ଚାଷୀ ବିଭିନ୍ନ କୃଷିଜାତ ଦ୍ରବ୍ୟ ଉତ୍ପାଦନ କରି ସମୃଦ୍ଧ କରିଛି ରାଜ୍ୟକୁ। କିନ୍ତୁ ଚାଷୀ ଏଠି ପାଏନି ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ।ଲାଭବାନ ହୁଅନ୍ତି ମିଡ଼ିଲ ମ୍ୟାନ। ଏଥିରେ ପରିବର୍ତ୍ତନ ଆଣିବାକୁ ଦେଶ ଓ ବିଦେଶରେ ସୁନାମ ଅର୍ଜନ କରିଥିବା ଭାରତ ମସଲା କମ୍ପାନୀ ସିଧାସଳଖ ପହଞ୍ଚିଥିଲା ଚାଷୀଙ୍କ ନିକଟରେ । କୃଷିକୁ ପ୍ରାଧାନ୍ୟ ଦେଇ କୃଷିଜାତ ଦ୍ରବ୍ୟକୁ ସିଧାସଳଖ କୃଷକ ମାନଙ୍କ ଠାରୁ କ୍ରୟ କରି ପରୋକ୍ଷରେ ପୂର୍ବରୁ ସେମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଆସୁଛି। ଏହି ପରିପ୍ରେକ୍ଷୀରେ ଭାରତ ମସଲା କମ୍ପାନୀ ଶୁଖିଲା ଅଦା ସଂଗ୍ରହ ପାଇଁ ଝାରସୁଗଡା ଜିଲ୍ଲା ଲକ୍ଷଣ ପୁର ବ୍ଲକ ଚାଷୀଙ୍କୁ କରିଥିଲା ଉତ୍ସାହିତ। ଭାରତ ମସଲା ସହ ଚୁକ୍ତିନାମା ଅନୁଯାୟୀ ଓରମାସ ମଧ୍ୟ ଏଥିରେ କରିଥିଲା ସହଯୋଗ । କୋଇଲି ଗୁଗୁର ଫାର୍ମର ସଂସ୍ଥାକୁ ଏଫପିଓ ମାଧ୍ୟମରେ ବୈଷୟିକ ତାଲିମ୍ ଦେଇ ଉନ୍ନତ ମାନର ଶୁଖିଲା ଅଦା(ଜିଞ୍ଜର ଚିପସ) ଉତ୍ପାଦନ କରିବାରେ ସହାୟତା ପ୍ରଦାନ କରିଥିଲା ଓର୍ମାସ। ଫଳରେ ଚାଷୀମାନେ ପୂର୍ବରୁ ବିନା ପ୍ରକ୍ରିୟା ରେ ଅଦା କେଜି ପ୍ରତି ମାତ୍ର ୪୦ ଟଙ୍କାରେ ବିକ୍ରି କରୁଥିବାବେ ବେଳେ ଏବେ ନୂତନ ପ୍ରକ୍ରିୟାରେ ବହୁ ଅଧିକ ମୂଲ୍ୟରେ ଭାରତ ମସଲା କମ୍ପାନୀକୁ ଏହାକୁ ବିକ୍ରି କରୁଛନ୍ତି। ପ୍ରଥମ ଥର ପାଇଁ ଚାଷୀ ମାନଙ୍କ ଠାରୁ ଦୁଇ ମେଟ୍ରିକ ଟନ ଶୁଖିଲା ଅଦା ଭାରତ ମସଲା ଆଜି କମ୍ପାନୀ କ୍ରୟ କରିଛି। ତେବେ ଆଗକୁ ଶୁଖିଲା ଅଦା ୫୦ ମେଟ୍ରିକ୍ ଟନ୍ କ୍ରୟ କରି ଚାଷୀମାନଙ୍କୁ ଅଧିକ ଅଦା ଚାଷ କରିବାକୁ ପ୍ରୋତ୍ସାହନ ଯୋଗାଇଦେବ ବୋଲି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା କହିଛନ୍ତି। ପୂର୍ବରୁ ବାମଡ଼ା, କୁଚିଣ୍ଡା,ଦେବଗଡ଼, ଗଞ୍ଜାମ ଅଞ୍ଚଳରୁ ଶୁଖିଲା ଲଙ୍କା ସଂଗ୍ରହ କରୁଥିବା ଭାରତ ମସଲା କମ୍ପାନୀ ମଧ୍ୟ ଟମାଟୋ ସଂଗ୍ରହ କରି ଚାଷୀମାନଙ୍କୁ ମିଡିଲ ମ୍ୟାନଙ୍କ ଶୋଷଣ ଦାଉରୁ ରକ୍ଷା କରିବାରେ ପରୋକ୍ଷ ସହଯୋଗ କରିଆସୁଛି। ଏହି ଅବସରରେ ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ, ଓରମାସ ଝାରସୁଗୁଡ଼ା ବିଜିନେସ ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ ।



## ସ୍ଥାୟୀ ଜଳ ପରିଚାଳନାକୁ ପ୍ରୋତ୍ସାହନ ଦେଉଛି ବେଦାନ୍ତ ଆଲୁମିନିୟମ୍

ଭୁବନେଶ୍ୱର, ୧୦।୬ (ସମିସ): ଏକବିଂଶ ଶତାବ୍ଦୀରେ ଜଳ ଦ୍ରୁତ ଗତିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ମଧ୍ୟରୁ ଗୋଟିଏ ହେବାକୁ ଯାଉଛି। ଜଳବାୟୁ ପରିବର୍ତ୍ତନ ତୀବ୍ର ହେବା ଏବଂ ଜଳ ସମ୍ପଦ ଅଧିକ ସୀମିତ ହେବା ସହିତ, ଦାୟିତ୍ୱପୂର୍ଣ୍ଣ ଜଳ ପରିଚାଳନାର ଆବଶ୍ୟକତା କେବେ ଏତେ ଜରୁରୀ ହୋଇନାହିଁ। ଆଜି ଶିଳ୍ପ ନେତାମାନେ କେବଳ ବ୍ୟବହାର ହ୍ରାସ କରିବା ପାଇଁ ନୁହେଁ ବରଂ ସେମାନେ କାର୍ଯ୍ୟ କରୁଥିବା ଇକୋସିଷ୍ଟମରେ ସକାରାତ୍ମକ ଯୋଗଦାନ ଦେବା ପାଇଁ ସକ୍ରିୟ ଭାବରେ ଉପାୟ ଅନୁସନ୍ଧାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ, ବେଦାନ୍ତ ଆଲୁମିନିୟମ - ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ - ସ୍ଥାୟୀ ଜଳ ପରିଚାଳନାରେ ଏକ ନେତା ଭାବରେ ଉଭା ହେଉଛି। ୨୦୩୦ ସୁଦ୍ଧା ଜଳ ସକାରାତ୍ମକ ହେବାର ଦୃଷ୍ଟିକୋଣ ସହିତ, କମ୍ପାନୀ କିପରି ବ୍ୟବସାୟିକ ଅଭିବୃଦ୍ଧି ପରିବେଶଗତ ଦାୟିତ୍ୱ ସହିତ ଘନିଷ୍ଠ ଭାବରେ ସମନ୍ୱିତ ହୋଇପାରିବ ତାହା ପୁନଃପରିଭାଷିତ କରୁଛି।



ବେଦାନ୍ତ ଆଲୁମିନିୟମ ଭାରତର ଆଧୁନିକ ଶିଳ୍ପ ଦୃଶ୍ୟପଟରେ ସବୁଠାରୁ ପ୍ରଭାବଶାଳୀ ଜଳ ପରିଚାଳନା କାର୍ଯ୍ୟକ୍ରମ ମଧ୍ୟରେ ନିୟୋଜିତ କରିଛି, ଜଳ ପରିଚାଳନାକୁ ଏହାର ସ୍ଥାୟୀତ୍ୱ ଯାତ୍ରାର ମୂଳକୁ ପଥେୟ କରି - କେବଳ ଆର୍ଥିକ ବର୍ଷ୨୫ ରେ ଏହାର କାର୍ଯ୍ୟରେ ୧୬ ବିଲିୟନ ଲିଟରରୁ ଅଧିକ ପାଣିର ପୁନଃଚକ୍ରଣ କରିଛି। ଏହା ପ୍ରାୟ ୬,୪୦୦ ଅଲିମ୍ପିକ୍-ଆକାରର ସୁଇମିଂ ପୁଲର ପରିମାଣ ସହିତ ସମାନ। ୧୫% ପୁନଃବ୍ୟବହାର ହାର ସହିତ, ବେଦାନ୍ତ ଦୀର୍ଘକାଳୀନ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଅଭିନବ ପ୍ରଯୁକ୍ତିବିଦ୍ୟା ଏବଂ ପ୍ରକ୍ରିୟାଗୁଡ଼ିକୁ ନିୟୋଜିତ କରି ଜଳ ଦକ୍ଷତାରେ ନୂତନ ମାନଦଣ୍ଡ ସ୍ଥାପନ କରୁଛି।

କମ୍ପାନୀର ରଣନୀତି ଚାରୋଟି ସ୍ତମ୍ଭ ଉପରେ ନିର୍ଭର କରେ - କଠୋର ଜଳ ନିରୀକ୍ଷଣ, ସର୍ବାଧିକ ପୁନଃବ୍ୟବହାର, ସମ୍ପ୍ରଦାୟ ପ୍ରବେଶ ଏବଂ ଶୂନ୍ୟ ନିର୍ଗମନ। କମ୍ପାନୀ ଏହାର ଶୂନ୍ୟ ତରଳ ନିର୍ଗମନ (ଜେଡଏଲଡି) ପଦ୍ଧତିର ଅଂଶ ଭାବରେ ଏହାର ଝାରସୁଗୁଡା ପ୍ଲାଂଟରେ ଓଡ଼ିଶାର ସର୍ବବୃହତ ଶିଳ୍ପ ରିଭର୍ସ ଅସମୋସିସ୍ (ଆରଓ) ପ୍ଲାଂଟ ପରିଚାଳନା କରେ।

## ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ଟାଟା ଷ୍ଟିଲ୍‌ର ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୦।୬(ସମିସ): ମାଟ୍ରିକ ପରୀକ୍ଷାରେ ଉତ୍କର୍ଷ ପ୍ରଦର୍ଶନ କରିଥିବା କେଉଁଝର ଜିଲ୍ଲା ଯୋଡା ବ୍ଲକ ଅନ୍ତର୍ଗତ ଗୁଆଲି ଏବଂ ଲୋଇଡାପଡା ପଞ୍ଚାୟତର ମେଧାବୀ ଛାତ୍ରଛାତ୍ରୀଙ୍କୁ ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମାରୋହରେ ଟାଟା ଷ୍ଟିଲ୍ ଜେନେରାଲ ମ୍ୟାନେଜର ଅତୁଲ ଭଟ୍ଟନାଗର, ଯୋଡା ବ୍ଲକ ଅଧ୍ୟକ୍ଷ କବିନ୍ଦ୍ର ନାୟକ, ସାମାଜିକ କର୍ମୀ ବିଦ୍ୟାଧର ନାୟକ, ଖୁସା ଆପଟ, ଡବରା ମୁଣ୍ଡା ଏବଂ ଝୁରିଆ ମୁଣ୍ଡା ପ୍ରମୁଖ ଅତିଥି ଭାବେ ସାମିଲ ହୋଇ କୃତୀ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରିଥିଲେ। ସମ୍ମାନୀତ ହୋଇଥିବା ୯ ଜଣ ମେଧାବୀଙ୍କ ମଧ୍ୟରୁ ଗୁଆଲିର ଝରଣା ମହାନ୍ତି ୬୮% ନମ୍ବର ରଖିଥିବାବେଳେ ସୁମନ ମୁଣ୍ଡା ୭୦%, ସ୍ନେହାରାଣୀ ପାତ୍ର ୬୨% ଏବଂ ସୁନାମ ମୁଣ୍ଡା ୬୫% ମାର୍କ ରଖିଛନ୍ତି । ସେହିପରି ଲୋଇଡାପଡାର ସ୍ୱପ୍ନା ଆପଟ ୭୩% ଏବଂ ଦେବାଶିଷ ବାରିକ ୬୦%, ଟୋପାଡିହିର ଦୋଳଗୋବିନ୍ଦ ନାହାକ ୬୧%, ବରପଦାର ପ୍ରତିମା ନାଏକ ୬୦% ଏବଂ କମାରପୋଷର ରେମା ମୁଣ୍ଡା ୬୮% ମାର୍କ ରଖିଛନ୍ତି । ସେମାନଙ୍କ ମଧ୍ୟରୁ ସ୍ନେହାରାଣୀ ପାତ୍ର, ଦୋଳଗୋବିନ୍ଦ ନାହାକ ଏବଂ ରେମା ମୁଣ୍ଡା ଟାଟା ଷ୍ଟିଲ ଫାଉଣ୍ଡେସନର ଜ୍ୟୋତି ଫେଲୋସିପ୍ ପାଉଛନ୍ତି।




## ସ୍ଥପତି ସଂଘର ପ୍ରସ୍ତାବ: ସରଳୀକରଣ ହେଉ ବିଲ୍ଡିଂ ପ୍ଲାନ୍ ଆପ୍ରୁଭାଲ୍

ଭୁବନେଶ୍ୱର, ୧୦।୬ (ସମିସ): ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଆର୍କିଟେକ୍ଟସ୍ (ଆଇଆଇଏ) ଓଡ଼ିଶା ଚାପ୍ଟରର ଅଧ୍ୟକ୍ଷା ସ୍ୱପ୍ନଦତ୍ତା ମହାନ୍ତିଙ୍କ ନେତୃତ୍ୱରେ ପ୍ରସ୍ତାବିତ ଚିଠା ଓଡ଼ିଶା ବିକାଶ ପ୍ରାଧିକରଣ (ପ୍ଲାନିଂ ଓ ନିର୍ମାଣ ମାନକ ନିୟମ) ୨୦୨୫, ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଏବଂ ସହରାଞ୍ଚଳ ବିକାଶର ପ୍ରମୁଖ ଶାସନ ସଚିବ ଉଷା ପାଢୀ ପ୍ରଦାନ କରିଛି । କ୍ରେଡାଇ ଓଡ଼ିଶା, କ୍ରେଡାଇ ଭୁବନେଶ୍ୱର, ଆଫର୍ଡ ଏବଂ ନରେଡକୋ ଓଡ଼ିଶା ସମେତ ପ୍ରମୁଖ ଅଂଶୀଦାରଙ୍କ ସହିତ ବ୍ୟାପକ ଆଲୋଚନା ପରେ ଏହା ପ୍ରଦାନ କରାଯାଇଛି। ଚିଠା ପ୍ରସ୍ତାବ ଯେଭଳି ସମାବେଶୀ ଏବଂ ବାସ୍ତବବାଦୀ ହେବ ତାହା ସୁନିଶ୍ଚିତ କରିବାକୁ ଜନସାଧାରଣଙ୍କ ମତାମତକୁ ମଧ୍ୟ ବିଚାରକୁ ନିଆଯାଇଛି । ଆଇନକୁ କମ୍ ଜଟିଳ ଏବଂ ଅଧିକ ଲୋକାଭିମୁଖୀ କରି ଗଢିତୋଳିବା ଏବଂ ପରିଶେଷରେ ସାଧାରଣ ଲୋକଙ୍କୁ ଫାଇଦା ଦେବା ଲକ୍ଷ୍ୟରେ ଶ୍ରୀମତୀ ପାଢୀଙ୍କ ମାର୍ଗଦର୍ଶନରେ ଏହି ପ୍ରୟାସ ହାତକୁ ନିଆଯାଇଥିଲା। ପ୍ରସ୍ତାବିତ ନିୟମାବଳୀଗୁଡିକ ଲୋକାଭିମୁଖୀ ଏବଂ ଏହା ସାଧାରଣ ଜନତା ପ୍ଲାନିଂ ଏବଂ ବିକାଶ ପ୍ରକ୍ରିୟାରେ ସମ୍ମୁଖୀନ ହେଉଥିବା ପଦ୍ଧତିଗତ ପ୍ରତିବନ୍ଧକଗୁଡିକୁ ସହଜ କରିବା ଲକ୍ଷ୍ୟରେ ପ୍ରସ୍ତୁତ କରାଯାଇଛି। ନିୟମଗୁଡିକ କୋଠାବାଡି ଅନୁମୋଦନ ପ୍ରକ୍ରିୟାକୁ ସୁଗମ କରିବା ଦ୍ୱାରା ଜନସାଧାରଣଙ୍କ ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡିକର ସମାଧାନ କରିବା ନିମନ୍ତେ ପ୍ରସ୍ତୁତ କରାଯାଇଛି। ବହୁସ୍ତରୀୟ କଟକଣାଯୁକ୍ତ ନିୟମାବଳୀକୁ ନେଇ ନାଗରିକମାନଙ୍କୁ ଭାରାକ୍ରାନ୍ତ କରିବା ପରିବର୍ତ୍ତେ ଏହି ନିୟମଗୁଡିକ ସେମାନଙ୍କୁ ସରଳୀକୃତ ଏବଂ ସହଜ ପଦ୍ଧତିଗୁଡିକ ଜରିଆରେ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି । କମ୍ ଆପଦଯୁକ୍ତ କୋଠାବାଡିଗୁଡିକର ଅନୁମୋଦନ ପଦ୍ଧତି ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ଏହା ଅର୍ଥ ଆକାରରେ ୫୫୦୦ ବର୍ଗଫୁଟ ପର୍ଯ୍ୟନ୍ତ ପ୍ଲଟ ଏବଂ ତିନି ମହଲା ପର୍ଯ୍ୟନ୍ତ କୋଠାଗୁଡିକୁ ସିଙ୍ଗଲ ୱିଣ୍ଡୋ ସେବା ଜରିଆରେ ପଞ୍ଜିକୃତ ସ୍ଥପତିଙ୍କ ଦ୍ୱାରା ଅନୁମୋଦନ କରାଯାଇପାରିବ। ଦିଆଯାଇଥିବା ପ୍ରସ୍ତାବରେ ମଧ୍ୟ କୋଠାବାଡିର ପ୍ରକାର, ପ୍ଲିନ୍ଥ ଉଚ୍ଚତା, ଷ୍ଟିଲ୍ଟ ପାର୍କିଂ ଉଚ୍ଚତା, କୋଠାର ଉଚ୍ଚତା, ଭୂମି ବ୍ୟବହାର ଜୋନ୍, ପହଞ୍ଚିବାର ଉପାୟ, ସଡ଼କର ଓସାର ଏବଂ ସ୍ୱଷ୍ଟତାର ଅଭାବ ରହିଥିବା ଏହିଭଳି ଅନେକ ବିଷୟର ସଂଜ୍ଞାକୁ ଯେଭଳି ଦ୍ୱିଅର୍ଥ ବୋଧକ କରାଯାଉଛି ତାହାର ଦୂର କରାଯିବା ଅନ୍ତର୍ଭୁକ୍ତ। ଆପ୍ରୁଭାଲ୍‌ର ବୈଧତା ପାଞ୍ଚବର୍ଷ ପାଇଁ ବୃଦ୍ଧି କରାଯିବା ଏବଂ ସହଜ ନବୀକରଣ ପଦ୍ଧତି କାର୍ଯ୍ୟକାରୀ କରିବାକୁ ମଧ୍ୟ ପ୍ରସ୍ତାବ ଦିଆଯାଇଛି।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଲାଭଜନକ ରହିବ। ଘରକୁ ଅତିଥିଙ୍କ ଆଗମନ ହେବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ପରିବାରର ସହଯୋଗ ମିଳିବ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ଦିନଟି ଯନ୍ତ୍ରଣାଦାୟକ ରହିପାରେ। କଠିନ ପରିଶ୍ରମ ସତ୍ତ୍ୱେ ଆଶାଜନକ ଫଳ ମିଳିବ ନାହିଁ। ଅର୍ଥ ନିବେଶ ଲାଗି ଉପଯୁକ୍ତ ସମୟ। କୌଣସି କାମ ସମସ୍ୟା ସୃଷ୍ଟି କରିବ। ଧାର କରଜରୁ ନିବୃତ୍ତ ରହିବେ।

**ମିଥୁନ:** ଜୀବନସାଥୀଙ୍କ ପାଇଁ କୌଣସି ନୂଆ ଜିନିଷ କିଣିବେ। ବନ୍ଧୁଙ୍କ ସହ ବ୍ୟବସାୟ ସମ୍ବନ୍ଧୀୟ ଆଲୋଚନା କରନ୍ତୁ ନାହିଁ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**କର୍କଟ:** ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଘର କିମ୍ବା ଜାଗାବାଡ଼ି କିଣିବା ପୂର୍ବରୁ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ।

**ସିଂହ:** ଦିନଟି ସକାରାତ୍ମକ ଫଳ ପ୍ରଦାନ କରିବ। ଅଫିସ୍‌ରେ ପରିଶ୍ରମ ଅନୁସାରେ ଫଳ ମିଳିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ ରହିବ। ଆଶା କରିଥିବା ଦିଗରୁ ଧନ ମିଳିପାରେ। ଆୟ ଓ ବ୍ୟୟ ସମାନ ରହିବ।

**କନ୍ୟା:** ସମସ୍ୟାର ସମାଧାନ ପାଇଁ ଦିନଟି ଅତ୍ୟନ୍ତ ଶୁଭଙ୍କର। ଚାକିରିଆଙ୍କୁ ଶୁଭ ଖବର ମିଳିପାରେ। ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ନେଇ ଅଫିସ୍ ସମସ୍ୟାର ସମାଧାନ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ତୁଳା:** ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଉଧାର ଅର୍ଥ ଫେରି ପାଇପାରନ୍ତି। ବନ୍ଧୁଙ୍କ ସହାୟତାରେ କୌଣସି ନୂଆ କାମ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ସୃଷ୍ଟି ହୋଇପାରେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବିଛା:** ଦିନଟି ବ୍ୟସ୍ତତା ଭିତରେ କଟିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍ କାର୍ଯ୍ୟରେ ପରିବର୍ତ୍ତନ ଆସିପାରେ। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି। କୌଣସି କଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ଧନୁ:** କଠିନ ପରିଶ୍ରମ ସହ କାର୍ଯ୍ୟ କରିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଏକସଙ୍ଗରେ ଅନେକ କାର୍ଯ୍ୟ କରିବାର ସୁଯୋଗ ମିଳିବ। ପାରିବାରିକ ସମସ୍ୟା ଦୂର ହେବ। ସଙ୍ଗୀତପ୍ରତି ରୁଚି ବଢ଼ିବ।

**ମକର:** ନୂଆ ଯୋଜନାକୁ ନେଇ ବାପାଙ୍କ ସହ ଆଲୋଚନା କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ସରକାରୀ ଚାକିରିଆଙ୍କୁ ଶୁଭ ଖବର ମିଳିବ। ଘରେ ଭୋଜିଭାତର ଆୟୋଜନ କରିବେ।

**କୁମ୍ଭ:** ଯୁକ୍ତିତର୍କରୁ ଦୂରେଇ ରୁହନ୍ତୁ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ସମାଜସେବା ଦ୍ୱାରା ପ୍ରତିଷ୍ଠା ବଢ଼ିବ। ପୈତୃକ ସମ୍ପତ୍ତିରୁ ଧନ ଲାଭ ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ।

**ମୀନ:** ରାଜନୈତିକ କ୍ଷେତ୍ରରେ ମାନ ସମ୍ମାନ ବଢ଼ିବ। ଅଫିସ୍‌ରେ ଦାୟିତ୍ୱର ସହ କାର୍ଯ୍ୟ ତୁଲାଇବେ। ବିଦ୍ୟାର୍ଥୀମାନେ ଉଚ୍ଚଶିକ୍ଷା ସମ୍ପର୍କରେ ଶିକ୍ଷକଙ୍କ ସହ ଆଲୋଚନା କରିବେ। ପରିଶ୍ରମର ଉଚିତ ଫଳ ମିଳିବ।

## ଆଜିର ଇତିହାସ

- ୧୭୭୦: କ୍ୟାପ୍ଟେନ୍ ଜେମ୍ସ କୁକ୍ ଅଷ୍ଟ୍ରେଲିଆର 'ଗ୍ରେଟ୍ ବ୍ୟାରିୟର୍ ରିଫ୍'କୁ ଠାବ କରିଥିଲେ।
- ୧୮୬୬: ଆହ୍ଲାବାଦ୍ ଉଚ୍ଚ ନ୍ୟାୟାଳୟର ସ୍ଥାପନା।
- ୧୯୨୧: ବ୍ରାଜିଲ୍‌ରେ ମହିଳାଙ୍କୁ ମତଦାନ ଅଧିକାର ମିଳିଲା।
- ୧୯୪୦- ଇଟାଲୀ ମିତ୍ରରାଷ୍ଟ୍ରଙ୍କ ବିପକ୍ଷରେ ଯୁଦ୍ଧ ଘୋଷଣା କଲା।
- ୨୦୦୮: ବ୍ରହ୍ମୋସ୍ ସୁପରସୋନିକ୍ ମିସାଇଲ୍‌କୁ ଭାରତୀୟ ବାୟୁସେନାରେ ସାମିଲ କରାଗଲା।

## ମହାନ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତ



ଆଜି ବାହୁଡ଼ିଥିଲେ

ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର (ପଠାଣି ସାମନ୍ତ) ଜଣେ ଅସାଧାରଣ ଜ୍ୟୋତିର୍ବିଜ୍ଞାନୀ ଏବଂ ପଣ୍ଡିତ ଥିଲେ। ସେ ଆଧୁନିକ ଯନ୍ତ୍ରପାତି ବିନା ନିର୍ଭୁଲ୍ ବୈଜ୍ଞାନିକ ଗଣନା କରି ସାରା ବିଶ୍ୱର ଧ୍ୟାନ ଆକର୍ଷଣ କରିପାରିଥିଲେ। ପଠାଣି ସାମନ୍ତ ୧୮୩୫ ମସିହା ଡିସେମ୍ବର ୧୩ ତାରିଖ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ନୟାଗଡ଼ର ଖଣ୍ଡପଡ଼ା ରାଜବଂଶରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପାଙ୍କ ନାମ ଶ୍ୟାମବନ୍ଧୁ ସିଂହ ଓ ମାତାଙ୍କ ନାମ ବିଷ୍ଣୁମାଳୀ ଦେବୀ ଥିଲା। ଖଣ୍ଡପଡ଼ା ନିକଟସ୍ଥ ଖୁଣ୍ଟୁପଡ଼ା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଙ୍କ କୃପାରୁ ସେ ଜନ୍ମଗ୍ରହଣ କରିଥିବା ବିଶ୍ୱାସ କରି, ବାପାମାଆ ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ତାଙ୍କ ଆଗରୁ ଦୁଇଟି ଝିଅ ଓ ଗୋଟିଏ ପୁଅ ମରିଯାଇଥିବାରୁ ତାଙ୍କର ଅପର୍ତ୍ତ୍ୟାଣି ନାମ ପଠାଣି ରଖାଯାଇଥିଲା। ତୁଳସୀ ଦୁଇ ପତ୍ରରୁ ବାସିବା ଭଳି ପଠାଣି ସାମନ୍ତଙ୍କ ପ୍ରତିଭାର ଉନ୍ମେଷ ବାଲ୍ୟକାଳରୁ ହିଁ ଘଟିଥିଲା। ପିଲାଦିନେ ସେ ଗଛ ଛାଇ ମାପୁଥିଲେ। ମାତ୍ର ୯ ବର୍ଷ ବୟସରେ ସେ ନକ୍ଷତ୍ରମାନଙ୍କର ଗତିବିଧି ଲକ୍ଷ୍ୟ କରୁଥିଲେ। ଦଶବର୍ଷ ବୟସ ବେଳେ ଚନ୍ଦ୍ରଶେଖର ପିତା ଶ୍ୟାମବନ୍ଧୁଙ୍କଠାରୁ ଫଳିତ ଜ୍ୟୋତିଷ ଶିକ୍ଷା ଆରମ୍ଭ କରିଥିଲେ। କ୍ରମେ ଜ୍ୟୋତିର୍ବିଜ୍ଞାନ ପ୍ରତି ତାଙ୍କର ଆଗ୍ରହ ବଢ଼ିବାକୁ ଲାଗିଲା। ସେ ଆକାଶରେ ନକ୍ଷତ୍ରମାନଙ୍କର ସ୍ଥାନ ପରିବର୍ତ୍ତନ ଓ ଗତିବିଧି ନିରୂପଣ ପାଇଁ ମନ ନିବେଶ କଲେ। ଦୁଇଗୋଟି ବାଉଁଶନଳୀ ସାହାଯ୍ୟରେ ଦୂରଦୂରାନ୍ତର ଗ୍ରହ ମଣ୍ଡଳର ନକ୍ଷତ୍ରମାନଙ୍କର ଗତି ଅବଲୋକନ କରି ସେ ଯେଉଁ ସିଦ୍ଧାନ୍ତରେ ଉପନୀତ ହେଲେ ତାହା ପୁରାତନ ସଂସ୍କୃତ ଜ୍ୟୋତିଷ ଶାସ୍ତ୍ରର ସିଦ୍ଧାନ୍ତ ସହିତ ଅମେଳ ଥିଲା। ତାଙ୍କର ନିଜ ସିଦ୍ଧାନ୍ତରୁ ପ୍ରମାଣିତ ହେଲା ଯେ, ପୁରାତନ ଭାରତୀୟ ଜ୍ୟୋତିର୍ବିଦମାନଙ୍କ ଗଣନା ଦିବସରୁ ନକ୍ଷତ୍ର ଜଗତର ସ୍ଥିତିଗତି ବଦଳିଯାଇଛି। ଦୀର୍ଘ ବର୍ଷର ଅନୁଶୀଳନ ପରେ ସେ ରଚନା କରିଥିଲେ 'ସିଦ୍ଧାନ୍ତ ଦର୍ପଣ'। ଏହି ରଚନା ପାଇଁ ସେ ଆନ୍ତର୍ଜାତିକ ସ୍ତରରେ ସଫଳତା ସାଉଣ୍ଟିଥିଲେ। ସିଦ୍ଧାନ୍ତ ଦର୍ପଣ ପ୍ରକାଶ ପାଇଲା ୧୮୯୯ ମସିହାରେ। ଫଳିତ ଜ୍ୟୋତିଷଶାସ୍ତ୍ରର ନିର୍ଭୁଲ ଗଣନା ପାଇଁ ତାଙ୍କୁ ୧୮୯୩ ମସିହାରେ ମହାମହୋପାଧ୍ୟାୟ ଉପାଧିରେ ଭୂଷିତ କରାଯାଇଥିଲା। ଶଙ୍କୁ, ସୂର୍ଯ୍ୟଘଡ଼ି, ଗୋଳଯନ୍ତ୍ର, ମାନଯନ୍ତ୍ର, ଧନୁଯନ୍ତ୍ର ଇତ୍ୟାଦି ଦେଶୀ ମାଧ୍ୟମ ବ୍ୟବହାର କରି ମହାକାଶର ଜଟିଳ ସିଦ୍ଧାନ୍ତକୁ ସେ ଲିପିବଦ୍ଧ କରୁଥିଲେ। ୧୯୦୪ ମସିହା ଆଜିର ଦିନରେ ସେ ଇହଲୀଳା ସମ୍ବରଣ କରିଥିଲେ।




## ବିସ୍କୁଟ୍ ମାଧ୍ୟମରେ କର୍କଟ ସଚେତନତା ବାର୍ତ୍ତା

ଧୂମପାନ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଏହା କର୍କଟ ଭଳି ମାରାତ୍ମକ ରୋଗର କାରଣ ହୋଇଥାଏ। ଏହାସତ୍ତ୍ୱେ ମଧ୍ୟ ଲୋକେ ଧୂମପାନଠାରୁ ନିବୃତ୍ତ ରହିନଥାନ୍ତି। ଏହି କ୍ରମରେ ଭାରତୀୟ କ୍ୟାନ୍ସର ସୋସାଇଟି ପକ୍ଷରୁ ଏକ ଲଘୁ ଫିଲ୍ମ ମାଧ୍ୟମରେ ରିସ୍କି ନାମକ ଏକ ବିସ୍କୁଟ୍ ବ୍ରାଣ୍ଡର କାଳ୍ପନିକ ଲଞ୍ଚ ମାଧ୍ୟମରେ କର୍କଟ ପ୍ରତି ଲୋକଙ୍କୁ ନିଆରା ଶୈଳୀରେ ସଚେତନ କରାଯାଇଛି। ସାମାଜିକ ଗଣମାଧ୍ୟମରେ ଏହି ଭିଡିଓକୁ ବଲିଉଡ୍‌ର ମହାନ୍ ଅଭିନେତା ଅମିତାଭ ବଚ୍ଚନ ସେୟାର୍ କରିଛନ୍ତି। ଏଥିରେ ଦେଖିବାକୁ ମିଳିଛି, ଜଣେ ଯୁବକ ସିଗାରେଟ୍ ତଥା ଗୁଟ୍‌ଖା ଦୋକାନ ପାଖରେ ବିସ୍କୁଟ୍ ବିକ୍ରି କରୁଛନ୍ତି। ସେ ସିଗାରେଟ୍ ପିଉଥିବା ଲୋକଙ୍କୁ ନୂଆ ବିସ୍କୁଟ୍ ଲଞ୍ଚ କରିଥିବା କହୁଛନ୍ତି। ଏହାକୁ ଖାଇ ସ୍ୱାଦ ବାବଦରେ ପ୍ରତିକ୍ରିୟା ଦେବା ପାଇଁ ସେ ଲୋକଙ୍କୁ କହନ୍ତି। କିଛି ଲୋକ ବିସ୍କୁଟ୍ ଖାଇ ଏହାକୁ ଥୁ ଥୁ କରୁଥିବା ବେଳେ ଆଉ କେତେଜଣ ଏହାକୁ ଖାଇବାକୁ ମନା କରି ଦେଇଛନ୍ତି। ତେବେ ଏହି ବିସ୍କୁଟ୍ ପ୍ୟାକେଟ୍‌ରେ ଚେତାବନୀ ଲେଖାଯାଇଛି ଯେ, ଏହାକୁ ଖାଇଲେ କର୍କଟ ହେବ। ହେଲେ ବିସ୍କୁଟ୍ ବିକ୍ରି କରୁଥିବା ବ୍ୟକ୍ତି ଜଣକ କର୍କଟ ନ ହେବା କହିଛନ୍ତି। ତେବେ କିଛି ଲୋକ ଏହାକୁ ଖାଇଲେ କର୍କଟ ହେବା କହି ମନା କରି ଦେଉଥିବାବେଳେ ବିସ୍କୁଟ୍ ବିକ୍ରି କରୁଥିବା ବ୍ୟକ୍ତି ସେମାନଙ୍କୁ ପାଲଟା ପ୍ରଶ୍ନ କରିଛନ୍ତି। ସିଗାରେଟ୍ ପ୍ୟାକେଟ୍‌ରେ କର୍କଟ ହେବା ଚେତାବନୀ ଲେଖାଯାଇଥିବା ଜାଣି ଏହାକୁ କିଭଳି ବ୍ୟବହାର କରୁଥିବା ସେ ପ୍ରଶ୍ନ କରିଛନ୍ତି। ଏହି ଚିନ୍ତାଧାରା ଅମିତାଭଙ୍କୁ ଏତେ ବେଶି ପସନ୍ଦ ଆସିଲା, ସେ ଏହି ଭିଡିଓଟିକୁ ସେୟାର୍ କରିଛନ୍ତି। ଏହି ଭିଡିଓଟିକୁ ଲୋକେ ମଧ୍ୟ ଖୁବ୍ ପସନ୍ଦ କରିଛନ୍ତି।

## 'କଲ୍‌କି ୨୮୯୮ ଏଡି-୨'ରୁ ହଟିବେନି ଦୀପିକା



ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍‌ଙ୍କୁ ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ନିର୍ଦ୍ଦେଶିତ 'ସ୍ପିରିଟ୍' ଫିଲ୍ମରୁ ବାଦ୍ ଦିଆଯିବା ପରେ ଏହାକୁ ନେଇ ଅନେକ ତୁମ୍ବିତୋଫାନ ହୋଇଥିଲା। ତେବେ ଦୀପିକା ସେଟ୍‌ରେ ଆଠଘଣ୍ଟା କାମ କରିବା ସହ ଆଉ କିଛି ସର୍ତ୍ତ ସନ୍ଦୀପଙ୍କ ସମ୍ମୁଖରେ ରଖିବାରୁ ତାଙ୍କୁ ଫିଲ୍ମରୁ ବାଦ୍ ଦିଆଗଲା ବୋଲି କୁହାଯାଉଛି। ତେବେ କାମକୁ ନେଇ ଦୀପିକା ଯେଉଁ ସର୍ତ୍ତ ରଖିଛନ୍ତି ସେଥିପାଇଁ 'ସ୍ପିରିଟ୍' ପରେ 'କଲ୍‌କି ୨୮୯୮ ଏଡି-୨'ରୁ ମଧ୍ୟ ତାଙ୍କୁ ବାଦ୍ ଦିଆଗଲା ବୋଲି ନିକଟରେ କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। କିନ୍ତୁ ଏବେ ଏହାକୁ ନେଇ ଖବର ଆସିଛି। ନିକଟରେ ଏକ ରିପୋର୍ଟରେ ପ୍ରକାଶ ପାଇଛି ଯେ, 'କଲ୍‌କି ୨୮୯୮ ଏଡି-୨'ର ସୁଟିଂ ଏଯାଏଁ ଆରମ୍ଭ ହୋଇ ନାହିଁ, ଦୀପିକାଙ୍କୁ ବାଦ୍ ଦିଆଗଲା କେମିତି? ପ୍ରଭାସ ସମୟ ଦେଇ ପାରୁ ନ ଥିବାରୁ ଏହାର ସୁଟିଂ ବର୍ଷେ ପରେ ହେବ। ଏହାର ପ୍ରଥମ ପାର୍ଟରେ ଦୀପିକା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଥିଲେ। ସିକ୍ୱେଲରେ ବି ତାଙ୍କ ଭୂମିକା ସେହିଭଳି ରହିବ।' ଏଥିରୁ ଦୀପିକା ଫିଲ୍ମରୁ ବାଦ୍ ପଡୁନାହାନ୍ତି ବୋଲି ଏକପ୍ରକାର ସ୍ପଷ୍ଟ ହୋଇ ଯାଇଛି।

---

## ସମ୍ଭାବନା



## କେଉଁ ଡିଗ୍ରୀର ଚାହିଦା ବେଶି

ଆଜିକାଲି ଯୁବକଯୁବତୀମାନେ ଗୋଟିଏ ଡିଗ୍ରୀରେ ସନ୍ତୁଷ୍ଟି ଲାଭ କରୁନାହାନ୍ତି। ବିଭିନ୍ନ ଡିଗ୍ରୀ ପାଖରେ ଥିଲେ ଚାକିରି ମିଳିବା ସହଜ ହେଉଛି ବୋଲି ଏକାଧିକ ଡିଗ୍ରୀ ହାସଲ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ କେଉଁ ଡିଗ୍ରୀର ଲୋକପ୍ରିୟତା ବେଶି, ଜାଣିବା ସେ ସମ୍ପର୍କରେ।



**କମ୍ପ୍ୟୁଟର ସାଇନ୍ସ ଏବଂ ଇନଫରମେସନ ଟେକ୍ନୋଲୋଜି:** ଆଜିର ଡିଜିଟାଲ ଯୁଗରେ କମ୍ପ୍ୟୁଟର ସାଇନ୍ସ ଏବଂ ଇନଫରମେସନ ଟେକ୍ନୋଲୋଜି ଡିଗ୍ରୀର ଚାହିଦା ବେଶି। ଏହି କ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଡାଟା ସାଇନ୍ସ ଏବଂ ସାଇବର ସୁରକ୍ଷା ସାମିଲ ଅଛି।

**ବିଜନେସ ଆଣ୍ଡ ମ୍ୟାନେଜମେଣ୍ଟ:** ଅନେକ ଛାତ୍ର ଛାତ୍ରୀଙ୍କୁ ଏହି ଡିଗ୍ରୀ ଆକର୍ଷିତ କରିଥାଏ। ଏହା କ୍ୟାରିୟରରେ ସଫଳ ହେବା ଲାଗି ଜରୁରି କଳା କୌଶଳ ପ୍ରଦାନ କରେ। ଡିଜିଟାଲ ମାର୍କେଟିଂ ଏବଂ ସପ୍ଲାଏ ଚେନ୍ ମ୍ୟାନେଜମେଣ୍ଟ ହେଉଛି ସବୁଠୁ ଲୋକପ୍ରିୟ କ୍ଷେତ୍ର।

**ହେଲଥ୍ କେୟାର:** କୋଭିଡ୍ ମହାମାରୀ ପରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଲୋକଙ୍କ ଚାହିଦା ସବୁଠୁ ଅଧିକ ବଢ଼ିଛି। ମେଡିକାଲ, ନର୍ସ ଏବଂ ପବ୍ଲିକ୍ ହେଲଥ୍ କେୟାରରେ ଡିଗ୍ରୀ ରଖିଥିବା ଲୋକଙ୍କ ଚାହିଦା ବେଶି। ଆମେରିକା, କାନାଡ଼ା, ବ୍ରିଟେନରେ ନିଯୁକ୍ତିର ଭଲ ସୁଯୋଗ ଅଛି।

**ଇଞ୍ଜିନିୟରିଂ:** ଇଞ୍ଜିନିୟରିଂ ଡିଗ୍ରୀର ଆବଶ୍ୟକତା ସବୁବେଳେ ରହି ଆସିଛି। ପୋଲ ନିର୍ମାଣ, ରୋବଟିକ୍ ଡିଜାଇନ ଭଳି ଅନ୍ୟ ନୂତନ ଇନୋଭେସନ ଲାଗି ଏହା ଜରୁରି।

**ଡାଟା ସାଇନ୍ସ ଏବଂ ଆନାଲିଟିକ୍ସ:** ଏବେ ଡାଟା ସାଇନ୍ସ ଏବଂ ଆନାଲିଟିକ୍ସ ବ୍ୟବସାୟ ପାଇଁ ଜରୁରି ହୋଇପଡ଼ିଛି। ଏଣୁ ତଥ୍ୟର ବ୍ୟାଖ୍ୟା କରୁଥିବା ଏକ୍ସପର୍ଟଙ୍କ ଚାହିଦା ବେଶି। ସେମାନେ ଗ୍ରାହକଙ୍କ ବ୍ୟବହାର ବୁଝିବା ଏବଂ ଉତ୍ପାଦକୁ ଅଧିକ ଉନ୍ନତମାନରେ କରିବା ଦିଗରେ ସାହାଯ୍ୟ କରନ୍ତି।


## କଲେଜ ଫେଷ୍ଟରୁ ଆତ୍ମବିଶ୍ୱାସ ବୃଦ୍ଧି



କଲେଜ ଫେଷ୍ଟ ବିଦ୍ୟାର୍ଥୀଙ୍କୁ ନିଜ କଲେଜ ବାଦ୍ ଅନ୍ୟ କଲେଜ ଛାତ୍ରଛାତ୍ରୀଙ୍କ ସହିତ ଯୋଡ଼ିବାର ସୁଯୋଗ ପ୍ରଦାନ କରେ। କଲେଜ ଫେଷ୍ଟ ମାଧ୍ୟମରେ ନୂଆ ସାଙ୍ଗ, ନୂଆ ଲୋକଙ୍କ ସହିତ ପରିଚିତ ହେବାର ସୁଯୋଗ ମିଳେ। ଯାହାକି ଭବିଷ୍ୟତରେ କାମ ଆସେ। କଲେଜ ଫେଷ୍ଟରେ ଗୀତ, ନାଚ, ନାଟକ, ବିତର୍କ ଭଳି ଅନେକ ପ୍ରତିଯୋଗିତା ରହିଥାଏ। ଏଥିରେ ଭାଗ ନେଇ ଜଣେ ନିଜର ଦକ୍ଷତା ପ୍ରତିପାଦନ କରିଥାନ୍ତି। ଏହାସହ ଏହି ମଞ୍ଚ ବିଦ୍ୟାର୍ଥୀଙ୍କ ପ୍ରତିଭାକୁ ଅଧିକ ବିକଶିତ କରିବାରେ ସାହାଯ୍ୟ କରେ। ଅନ୍ୟପଟେ ବହୁ ପିଲା ଷ୍ଟେଜକୁ ଯିବାକୁ ଭୟ କରନ୍ତି। ହେଲେ ଫେଷ୍ଟରେ ଭାଗ ନେବା ଦ୍ୱାରା ମଞ୍ଚ ଭୟ ଦୂର ହୁଏ ଏବଂ ଆତ୍ମବିଶ୍ୱାସ ବୃଦ୍ଧି ପାଏ। ଫେଷ୍ଟରେ ସାମିଲ ଥିବା ଅନେକ ଇଭେଣ୍ଟରେ ବିଦ୍ୟାର୍ଥୀଙ୍କୁ ଭିନ୍ନ ଭିନ୍ନ ଟିମ୍ ସହ ମିଶି କାମ କରିବାକୁ ପଡ଼େ। ଏହାଦ୍ୱାରା ସବୁ ଲୋକଙ୍କ ସହ ମିଶିବା କଳା ନିଜ ଭିତରେ ବିକଶିତ ହୁଏ।

ତେବେ କଲେଜ ଜୀବନରେ ପଢ଼ାର ଚାପ ଥାଏ। ତେଣୁ ଏହା ହେଉଛି ଚାପ କମ୍ କରିବା ଏବଂ ମନୋରଞ୍ଜନର ଏକ ନୂଆ ଉପାୟ। ଏହା ବ୍ୟକ୍ତିତ୍ୱ ବିକାଶରେ ସହାୟକ ହୁଏ। ଫେଷ୍ଟରେ ସାହାଯ୍ୟ କରୁଥିଲେ ଇଭେଣ୍ଟ ମ୍ୟାନେଜମେଣ୍ଟ, ପ୍ଲାନିଂ ଏବଂ ଏଗଜିକ୍ୟୁସନ କଳାର ବିକାଶ ଘଟେ। ଏହି କଳା ଭବିଷ୍ୟତ ଲାଗି ସହାୟକ ହୁଏ। ଏକ ଅଭୁଲା ସ୍ମୃତି ପ୍ରଦାନ କରେ କଲେଜ ଫେଷ୍ଟ। ଏହା କଲେଜ ଜୀବନକୁ ଅଧିକ ମଜାଦାର ଓ ରୋମାଞ୍ଚକ ଅନୁଭବ ଦେଇଥାଏ।


## 'ୱାର୍କହଲିକ୍'ଙ୍କ ଜୀବନ



ଆଜିକାଲି ଲୋକେ କାମରେ ବହୁତ ବ୍ୟସ୍ତ ରହୁଛନ୍ତି। ତେବେ ଲଗାତାର ଦୀର୍ଘ ସମୟ ପର୍ଯ୍ୟନ୍ତ ବସି କାମ କରିବା ନିଶାକୁ 'ୱାର୍କହଲିକ୍' କୁହାଯାଏ। ହେଲେ କାମର ଏଭଳି ନିଶା ସ୍ୱାସ୍ଥ୍ୟ ପାଇଁ ଏକ ଗମ୍ଭୀର ସମସ୍ୟା ପାଲଟିଛି। ଏହା ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ। ସେହିପରି କାମ ନ ଥିଲେ ବି ଲଗାତାର କାମ ସହ ଜଡ଼ିତ ବିଚାରଧାରା ମନରେ ଚାଲେ। ସେହିପରି ଯେଉଁମାନେ ୱାର୍କହଲିକ୍, ସେମାନେ ଛୁଟି କି ପରିବାର ସହିତ ଥିଲେ ବି ସେମାନଙ୍କ ଧ୍ୟାନ ସବୁବେଳେ କାମ ଉପରେ ରହିଥାଏ। ଅବଶ୍ୟ ଏହି କାମ ଯୋଗୁଁ ସେମାନେ ପରିବାର କିମ୍ବା ସାଙ୍ଗସାଥୀଙ୍କ ସହିତ ସମୟ ବାହାର କରିପାରନ୍ତି ନାହିଁ। ପାର୍ଟି, ଇଭେଣ୍ଟ ଆଦିରେ ସାମିଲ ହେବାରୁ ରକ୍ଷା ପାଆନ୍ତି। କାରଣ ଏଭଳି ଲୋକଙ୍କୁ ଲାଗେ, କାମ ବହୁତ ଜରୁରି।

ସେହିପରି ଘଣ୍ଟା ଘଣ୍ଟା ଧରି ବିନା ବ୍ରେକ୍‌ରେ ଡେସ୍କରେ ବସି ରହି କାମ କରିବା ଦ୍ୱାରା ଶରୀର ଉପରେ ଖରାପ ପ୍ରଭାବ ପଡ଼ିଥାଏ। କାମର ଏହି ନିଶା ଯୋଗୁଁ ନିଦ ବାଧାପ୍ରାପ୍ତ ହୁଏ। ସେହିପରି ଠିକ୍ ଭାବେ ନ ଶୋଇବା ଦ୍ୱାରା ଲଗାତାର ଥକ୍କା ଓ ଶକ୍ତିହୀନ ଲାଗେ। ସେମାନେ କାମ ଚାପ ଯୋଗୁଁ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ନେଇପାରନ୍ତି ନାହିଁ। ସ୍ୱାସ୍ଥ୍ୟକର ଖାଦ୍ୟ ନ ଖାଇବା, ବ୍ୟାୟାମ ନ କରିବା, ବ୍ୟସ୍ତ ଓ ଚିଡଚିଡ ହେବା ସେମାନଙ୍କଠାରେ ସାଧାରଣ କଥା ପାଲଟିଯାଏ। ସେହିପରି କାମର ଏହି ନିଶା ଯୋଗୁଁ ସମ୍ପର୍କରେ ଫାଟ ବି ସୃଷ୍ଟି ହୁଏ।

## ହ୍ୱାଟ୍ସଆପ୍‌ରେ 'ଡିଜିଟାଲ ସାଙ୍ଗ'




ହ୍ୱାଟ୍ସଆପ୍‌ରେ କଥା ହେବାକୁ କେହି ନ ଥିଲେ ଏଣିକି ଆଉ ଚିନ୍ତା କରିବାକୁ ପଡ଼ିବନି। ହ୍ୱାଟ୍ସଆପ୍‌ରେ ଖୁବ୍‌ଶୀଘ୍ର ବ୍ୟବହାରକାରୀ ନିଜସ୍ୱ ଏଆଇ ଚାଟ୍‌ବଟ୍ ତିଆରି କରିପାରିବେ। ଏହି ଫିଚର୍‌ର ନାଁ 'କ୍ରିଏଟ୍ ଆନ୍ ଏଆଇ'। ଏହି ଚାଟ୍‌ବଟ୍ ସହିତ ଜଣେ ନିଜର ଅସଲ ସାଙ୍ଗ ଭଳି କଥାବାର୍ତ୍ତା କରିପାରିବେ। ହେବେ ଏହି ଚାଟ୍‌ବଟ୍ ଭର୍ଚୁଆଲ ସାଥୀ ହେବ। ବ୍ୟବହାରକାରୀ ପ୍ରଦାନ କରୁଥିବା ତଥ୍ୟ ଆଧାରରେ ଉକ୍ତ ଚାଟ୍‌ବଟ୍ କଥାବାର୍ତ୍ତା କରିବ। ଏହି ଚାଟ୍‌ବଟ୍‌ର ସ୍ୱଭାବ, କଥାବାର୍ତ୍ତାର ତରିକା, ଅବତାର ନିଜ ପସନ୍ଦ ଅନୁସାରେ ବ୍ୟବହାରକାରୀ ସ୍ଥିର କରିପାରିବେ। ଏହି ଏଆଇ ସାଙ୍ଗ ମେଣ୍ଟାଲ ହେଲଥ୍ କୋଚ୍, ଷ୍ଟଡି ପାର୍ଟନର, ପ୍ରଡକଟିଭିଟି ଆସିଷ୍ଟାଣ୍ଟ କିମ୍ବା ସମୟ ଅତିବାହିତ କରୁଥିବା ଚାର୍ଟ ପାର୍ଟନର ମଧ୍ୟ ହୋଇପାରେ। ତେବେ ଥରେ ଏହି ଏଆଇ ଚାଟ୍‌ବଟ୍ ତିଆରି ହୋଇଯିବା ପରେ ବ୍ୟବହାରକାରୀ ଏହାକୁ ନିଜର ପର୍ସନାଲ ଚାଟ୍ ଭାବେ ବ୍ୟବହାର କରିପାରିବେ। ଏବେ ଏହାକୁ ଆଣ୍ଡ୍ରଏଡ୍‌ର କିଛି ବ୍ୟବହାରକାରୀଙ୍କ ବିଟା ଭର୍ସନରେ ଟ୍ରାଏ କରିବାର ସୁବିଧା ମିଳିବ। ଆଗାମୀ ଦିନରେ ଏହା ସମସ୍ତଙ୍କ ପାଇଁ ଉପଲବ୍ଧ ହେବ।

# ୨୯ ବର୍ଷରେ କ୍ରିକେଟ୍ ଛାଡ଼ିଲେ ପୂରନ



ଜାମାଇକା, ୧୦।୬ (ଏଜେନ୍ସି): ୱେଷ୍ଟଇଣ୍ଡିଜ କ୍ରିକେଟ୍ ଦଳର ବିସ୍ଫୋରକ ବ୍ୟାଟର୍ ନିକୋଲସ ପୂରନ ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟ୍‌ର ସମସ୍ତ ଫର୍ମାଟ୍‌ରୁ ଅବସର ଘୋଷଣା କରିଛନ୍ତି। ମାତ୍ର ୨୯ ବର୍ଷ ବୟସରେ ଅଚାନକ କ୍ରିକେଟ୍‌କୁ ଅଲ୍‌ବିଦା କହି ଏହି କାରବୀୟ ବ୍ୟାଟର୍ ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ପୂରନ ଏହି ସୂଚନା ଦେଇଛନ୍ତି। 'ବହୁ ଚିନ୍ତା ଓ ବିଚାର ପରେ ମୁଁ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି। ଏହି ଖେଳ ମୋତେ ବହୁତ କିଛି ଦେଇଛି। ଆନନ୍ଦ, ଅବିସ୍ମରଣୀୟ ସ୍ମୃତି ଓ ମେରୁନ ପୋଷାକ ପିନ୍ଧି ୱେଷ୍ଟଇଣ୍ଡିଜ ଲୋକଙ୍କୁ ପ୍ରତିନିଧିତ୍ୱ କରିବାର ସୁଯୋଗ। ମୋର ଅନ୍ତର୍ଜାତୀୟ କ୍ୟାରିୟରର ଅଧ୍ୟାୟ ଶେଷ ହୋଇଯାଇଛି, କିନ୍ତୁ ୱେଷ୍ଟଇଣ୍ଡିଜ କ୍ରିକେଟ୍‌କୁ ଭଲପାଇବା କେବେ ମଧ୍ୟ କ୍ଷୀଣ ହେବ ନାହିଁ ବୋଲି ପୂରନ ତାଙ୍କ ଅବସର ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। କ୍ରିକେଟ୍ ୱେଷ୍ଟଇଣ୍ଡିଜ (ସିଡବ୍ଲ୍ୟୁଆଇ) ମଧ୍ୟ ପୂରନଙ୍କୁ ଜଣେ ବିଶ୍ୱସ୍ତରୀୟ ଖେଳାଳି ଓ ଗେମ୍ ଚେଞ୍ଜର ବୋଲି ଅଭିହିତ କରିଛି।

୨୦୧୬ରେ ପାକିସ୍ତାନ ବିପକ୍ଷ ଟି-୨୦ ଖେଳି ପୂରନ ୨୦ ବର୍ଷ ବୟସରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିଥିଲେ। ସ୍ୱଳ୍ପ ଅବଧିର କ୍ୟାରିୟରରେ ଏହି ବାମହାତୀ ବ୍ୟାଟର୍ ୱେଷ୍ଟଇଣ୍ଡିଜ ପାଇଁ ୬୧ ଏକଦିବସୀୟ ଓ ୧୦୬ ଟି-୨୦ ମ୍ୟାଚରେ ଖେଳି ମୋଟ୍ ଉପରେ ୪୨୫୮ ରନ ସଂଗ୍ରହ କରିଛନ୍ତି। ଟେଷ୍ଟ ଫର୍ମାଟ୍‌ରେ କିନ୍ତୁ ସେ ଖେଳିବାର ସୁଯୋଗ ପାଇ ନ ଥିଲେ। ସେ ମଧ୍ୟ ସୀମିତ ଓଭର ଫର୍ମାଟ୍‌ରେ କାରବୀୟ ଦଳର ନେତୃତ୍ୱ ନେବାର ସୁଯୋଗ ପାଇଥିଲେ। ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇଥିଲେ ମଧ୍ୟ ପୂରନ ବିଭିନ୍ନ ଦେଶରେ ଅନୁଷ୍ଠିତ ଟି-୨୦ ଲିଗ୍‌ରେ ଖେଳ ଜାରି ରଖିବେ। ଗତ ଆଇପିଏଲ୍‌ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ ତାଙ୍କୁ ୨୧ କୋଟି ଟଙ୍କା ବ୍ୟୟରେ କ୍ରୟ କରିଥିଲା।

**ସଂକ୍ଷେପରେ ଅନ୍ତର୍ଜାତୀୟ କ୍ୟାରିୟର**

| ଫର୍ମାଟ୍ | ମ୍ୟାଚ୍ | ରନ | ହାରାହାରି | ୧୦୦/୫୦ |
|---|---|---|---|---|
| ଦିନିକିଆ | ୬୧ | ୧୯୮୩ | ୩୯.୬୬ | ୩/୧୧ |
| ଟି-୨୦ | ୧୦୬ | ୨୨୭୫ | ୨୬.୧୪ | ୦/୧୩ |

# ମ୍ୟୁନିକ ସୁଟିଂ ବିଶ୍ୱକପ୍: ଏଲାଭେନିଲଙ୍କୁ କାଂସ୍ୟ



ମ୍ୟୁନିକ, ୧୦।୬ (ଏଜେନ୍ସି): ଜର୍ମାନୀରେ ଅନୁଷ୍ଠିତ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ଭାରତର ଉଦୀୟମାନ ସୁଟର୍ ଏଲାଭେନିଲ ଭାଲାରିଭାନ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ମହିଳା ୧୦ ମିଟର ଏୟାର ରାଇଫଲ୍ ଇଭେଣ୍ଟରେ ସେ ଏହି ସଫଳତା ପାଇଛନ୍ତି। ଫାଇନାଲରେ ସେ ୨୩୧.୨ ସ୍କୋର କରି ପୋଡିୟମର ୩ୟ ସ୍ଥାନରେ ରହିଥିଲେ। ଚାଇନାର ୱାଙ୍ଗ୍ ଜିଫେଇ (୨୫୨.୭) ଓ କୋରିଆର କ୍ୱୋନ ଏଉଞ୍ଜି (୨୫୨.୬) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟପଦକ ବିଜୟୀ ହୋଇଥିଲେ। ଏହି ବିଶ୍ୱକପ୍‌ରେ ଭାରତର ଏହା ପ୍ରଥମ ପଦକ ହୋଇଛି। ୨୦୧୮ରେ ଏହି ବିଶ୍ୱକପ୍‌ରେ ଏଲାଭେନିଲ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ। ଏଥର କିନ୍ତୁ ସେ ପୋଡିୟମ ଫିନିଶ କରିବାରେ ସଫଳ ହୋଇଛନ୍ତି। ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟରେ ଏଲଭେନିଲ ୬୩୯.୯ ସ୍କୋର କରି ଫାଇନାଲକୁ ଉନ୍ନିତ ହୋଇଥିଲେ। ଯାହାକି ନୂଆ ଜାତୀୟ ରେକର୍ଡ ମଧ୍ୟ ପ୍ରତିଷ୍ଠା ହୋଇଛି। ପୂର୍ବରୁ ମହିଳା ୧୦ ମିଟର ଏୟାର ରାଇଫଲ୍‌ରେ ଜାତୀୟ ରେକର୍ଡ ନାନ୍ସି (୬୩୪.୭)ଙ୍କ ନାମରେ ରହିଥିଲା।

**ଆଜିଠାରୁ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ**

# ଅଷ୍ଟ୍ରେଲିଆକୁ ଟକ୍କର ଦେବ ଦକ୍ଷିଣ ଆଫ୍ରିକା





ଲର୍ଡ୍ସ,୧୦।୬ (ଏଜେନ୍ସି)

ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ର ତୃତୀୟ ସଂସ୍କରଣର ଫାଇନାଲ ମୁକାବିଲା ଐତିହାସିକ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଆସନ୍ତାକାଲି ଖେଳାଯିବ। ଏହି ଫାଇନାଲ ମୁକାବିଲାକୁ ବିଶ୍ୱ କ୍ରିକେଟ ପ୍ରେମୀ ଉତ୍କଣ୍ଠାର ସହ ଅପେକ୍ଷା କରିଥିଲେ ମଧ୍ୟ ଅଷ୍ଟ୍ରେଲିଆର ଦକ୍ଷତା, ଅଭିଜ୍ଞତା ଓ ଫର୍ମ ସତ୍ତ୍ୱେ ଦକ୍ଷିଣ ଆଫ୍ରିକା ଟକ୍କର ଦେବ ବୋଲି ପୂର୍ବାନୁମାନ କରାଯାଉଛି। ଦକ୍ଷିଣ ଆଫ୍ରିକା କ୍ରମାଗତ ୭ଟି ଟେଷ୍ଟ ଜିତି ଏହି ଫାଇନାଲରେ ପ୍ରବେଶ କରିଛି, କିନ୍ତୁ ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ଖେଳିନାହିଁ। ଏଣୁ ୧୯୧୨ରେ ଅଷ୍ଟ୍ରେଲିଆ ସହ ହୋଇଥିବା ତ୍ରିରାଷ୍ଟ୍ରୀୟ ଟେଷ୍ଟ ମୁକାବିଲାରେ ଦକ୍ଷିଣ ଆଫ୍ରିକା ଏଠାରେ ୧୦ ୱିକେଟରେ ହାରିଥିଲା। ଏଥର ପରାଜୟର ପ୍ରତିଶୋଧ ନେବା ଏହି ଦଳର ଦକ୍ଷତାର ବାହାରେ। ତେମ୍ବା ବଭୂମାଙ୍କ ଦକ୍ଷିଣ ଆଫ୍ରିକା ଦଳ ଇତିହାସ ବିପକ୍ଷରେ ମୁକାବିଲା କରିବାକୁ ଯାଉଛି ବୋଲି କୁହାଯାଉଛି। ଏହି ମୁକାବିଲାରେ ପ୍ୟାଟ କମିନ୍ସଙ୍କ ନେତୃତ୍ୱରେ ଗଠିତ ଅଷ୍ଟ୍ରେଲିଆ ଦଳ ସବୁଥିରେ ଦକ୍ଷିଣ ଆଫ୍ରିକାଠାରୁ ବହୁ ଆଗରେ। ଗତ ୪ ବର୍ଷରେ ଅଷ୍ଟ୍ରେଲିଆ ଭିନ୍ନ ଭିନ୍ନ ଫର୍ମାଟରେ ୩ଟି ଟାଇଟଲ ଜିତିଛି। ଏହି ଦଳର କୋର ବ୍ୟାଟର ଏବେ ମଧ୍ୟ ଦଳରେ ରହିଛନ୍ତି। କେବଳ ଓପନିଂରେ ମାର୍ନସ ଲାବୁସେନ୍ ସାଥିଖେଳାଳି ଉସ୍‌ମାନ ଖ୍ୱାଜାଙ୍କ ଗତ ୯ଟି ଟେଷ୍ଟରେ ୫ମ ପାର୍ଟନର ହେବେ। ଆହତ ସମସ୍ୟାରୁ ମୁକୁଳିଥିବା କାମେରନ ଗ୍ରୀନ୍ ନଂ-୩ରେ ଖେଳିବେ। ବିଶ୍ୱବିଖ୍ୟାତ ବ୍ୟାଟର ଷ୍ଟିଭେନ ସ୍ମିଥଙ୍କ ପରି ଖେଳାଳି ରହିଛନ୍ତି। ଅଷ୍ଟ୍ରେଲିଆ ଚାମ୍ପିଅନ ହୋଇଥିବା ଗତ ଦୁଇଟି ବିଶ୍ୱକପ୍ ଫାଇନାଲରେ ଟ୍ରାଭିସ ହେଡ ଶତକ ହାସଲ କରିଛନ୍ତି। ଏଣୁ ବ୍ୟାଟିଂରେ ଅଷ୍ଟ୍ରେଲିଆକୁ ଟକ୍କର ଦେବା ଏତେଟା ସହଜ ନୁହେଁ। ଏହି ଦଳ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ତେମ୍ବା ବଭୂମା ଓ ଆଇଡେନ୍ ମାର୍କରାମଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଖେଳାଳିଙ୍କର ଖେଳିବା ଅଭିଜ୍ଞତା ନାହିଁ। ଟ୍ରିଷ୍ଟାନ ଷ୍ଟବ୍ସ ଓ ରିୟାନ ରିକ୍ଲେଟନ ଆଇପିଏଲ୍‌ରେ ଅଷ୍ଟ୍ରେଲିଆର ଖେଳାଳିଙ୍କ ସହ ଓ ବିପକ୍ଷରେ ଖେଳିଛନ୍ତି। ଯେଉଁ ଖେଳାଳିମାନଙ୍କୁ ନେଇ ଦକ୍ଷିଣ ଆଫ୍ରିକା କ୍ରମାଗତ ୭ଟି ଟେଷ୍ଟରେ ବିଜୟୀ ହୋଇଛି, ସେ ସମସ୍ତ ଖେଳାଳିଙ୍କୁ ଦଳରେ ସାମିଲ କରାଯାଇଛି।

**ଖେଳାଳି ଦଳ**

**ଅଷ୍ଟ୍ରେଲିଆ** : ଉସ୍‌ମାନ ଖ୍ୱାଜା, ମାର୍ନସ ଲାବୁସେନ, କାମେରନ ଗ୍ରୀନ୍, ଷ୍ଟିଭେନ ସ୍ମିଥ, ଟ୍ରାଭିସ୍ ହେଡ୍, ବିଉ ୱେବ୍‌ଷ୍ଟର, ଆଲେକ୍ସ କାରୀ (ୱିକେଟ ରକ୍ଷକ), ପ୍ୟାଟ କମିନ୍ସ (ଅଧିନାୟକ), ମିଚେଲ ଷ୍ଟାର୍କ, ଜୋଶ ହାଜ୍‌ଲେଉଡ୍, ନାଥାନ ଲାୟନ।

**ଦକ୍ଷିଣ ଆଫ୍ରିକା** : ଆଇଡେନ୍ ମାର୍କରାମ, ରିୟାନ ରିକେଲଟନ, ୱିଆନ ମୁଲ୍ଡର, ତେମ୍ବା ବଭୂମା (ଅଧିନାୟକ), ଟ୍ରିଷ୍ଟାନ ଷ୍ଟବ୍ସ, ଡେଭିଡ ବେଡିଂହାମ୍, କାଏଲ ଭେରିନ୍ (ୱିକେଟରକ୍ଷକ), ମାର୍କୋ ଜାନସେନ, କେଶବ ମହାରାଜ, କାଗିସୋ ରାବାଡା, ଲୁଙ୍ଗି ନିଗିଡି।

**ଖେଳ ଆରମ୍ଭ** : ଅପରାହ୍ଣ ୩ଟା
**ପ୍ରସାରଣ** : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

**ଚତୁଃରାଷ୍ଟ୍ରୀୟ ହକି ଲାଗି ଭାରତୀୟ କନିଷ୍ଠ ଦଳ ଘୋଷଣା**

# ଓଡ଼ିଶାରୁ ୫ ଖେଳାଳି ସାମିଲ

ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି): ଜର୍ମାନୀର ରାଜଧାନୀ ବର୍ଲିନ୍‌ରେ ଚଳିତମାସ ୨୧ରୁ ୨୫ ତାରିଖଯାଏ ଚତୁଃରାଷ୍ଟ୍ରୀୟ କନିଷ୍ଠ ହକି ଖେଳାଯିବ। ଏଥିରେ ଆୟୋଜକ ଜର୍ମାନୀ ସହ ସ୍ପେନ୍ ଓ ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳ ସହ ଖେଳିବ ଭାରତ। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ଲାଗି ଫରୱାର୍ଡ ଖେଳାଳି ଅରାଇଜିତ ସିଂହ ହୁଣ୍ଡାଲଙ୍କ ନେତୃତ୍ୱରେ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଓଡ଼ିଶାରୁ ୫ଜଣ ଖେଳାଳି ସାମିଲ ହୋଇଥିଲାବେଳେ ଜଣେ ଖେଳାଳି ପ୍ରଶାନ୍ତ ବାର୍ଲାଙ୍କୁ ଷ୍ଟାଣ୍ଡବାଇରେ ରଖାଯାଇଛି। ଦଳରେ ସାମିଲ ହୋଇଥିବା ଖେଳାଳିମାନେ ହେଲେ ଗୋଲରକ୍ଷକ ବିବେକ ଲାକ୍ରା, ଡିଫେଣ୍ଡର ଅନ୍‌ମୋଲ ଏକ୍କା, ମିଡ୍‌ଫିଲ୍ଡର ରୋଶନ କୁଜୁର, ରୋହିତ କୁଲୁ ଓ ଆଡ୍ରୋହିତ ଏକ୍କା। ଦୀର୍ଘଦିନ ପରେ ଯେ କୌଣସି ଭାରତୀୟ ଦଳରେ ଏତେ ସଂଖ୍ୟକ ଓଡ଼ିଶାର କିମ୍ବା ଓଡ଼ିଆ ଖେଳାଳି ସାମିଲ ହେବା ହକି ପ୍ରେମୀଙ୍କ ମନରେ ଆନନ୍ଦ ଆଣିଛି। ଚଳିତବର୍ଷ ଭାରତର ଚେନ୍ନାଇ ଓ ମଦୁରାଇରେ କନିଷ୍ଠ ପୁରୁଷ ବିଶ୍ୱକପ୍ ହକି ପ୍ରତିଯୋଗିତା ଆୟୋଜିତ ହେବ। ଜର୍ମାନୀରେ ଖେଳାଯିବାକୁ ଥିବା ଶକ୍ତିଶାଳୀ ଟୁର୍ଣ୍ଣାମେଣ୍ଟ ଭାରତର ପ୍ରସ୍ତୁତିରେ ବେଶ ସହାୟକ ହେବ ବୋଲି କୋଚ୍ ପିଆର ଶ୍ରୀଜେଶ କହିଛନ୍ତି। ଉଲ୍ଲେଖଯୋଗ୍ୟ ଓଡ଼ିଶାର ଅଲିମ୍ପିଆନ ବୀରେନ୍ଦ୍ର ଲାକ୍ରାଙ୍କୁ ନିକଟରେ ଜୁନିଅର ଦଳର ସହାୟକ ପ୍ରଶିକ୍ଷକ ନିଯୁକ୍ତ କରାଯାଇଥିଲା।

**୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ**

# କ୍ରିଷ୍ଟାଙ୍କୁ ୪ ୱିକେଟ; କେନ୍ଦ୍ରାପଡ଼ା ବିଜୟୀ



ଆୟୁଷ ମନ୍ତ୍ରୀ

କଟକ,୧୦।୬(ସମିସ): ଓସିଏ ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ରେଭେନ୍ସା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ମ୍ୟାଚ୍‌ରେ କେନ୍ଦ୍ରାପଡ଼ା ୪ ୱିକେଟରେ ଦେବଗଡ଼କୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦେବଗଡ଼ ୯ ୱିକେଟ ହରାଇ ୧୩୯ ରନ ସଂଗ୍ରହ କରିଥିଲା। ଆରିକ ଆୟାନ ଅପରାଜିତ ୩୨ରନ କରିଥିଲେ। କେନ୍ଦ୍ରାପଡ଼ାର କ୍ରିଷ୍ଟା ମହାନ୍ତି ୨୫ରନ ବ୍ୟୟ କରି ୪ଟି ୱିକେଟ ଦଖଲ କରିଥିଲେ। ଜବାବରେ ୩୨ତମ ଓଭରରେ ୬ ୱିକେଟ ହରାଇ କେନ୍ଦ୍ରାପଡା ବିଜୟ ଲକ୍ଷ୍ୟ ହାସଲ କରିଥିଲା। ମୋହନରାଜ ରାଉତ ୬୩ ରନର ମ୍ୟାଚ ବିଜୟୀ ପାଳି ଖେଳିଥିଲେ। କ୍ରିଷ୍ଟାଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ରେଭେନ୍ସା ଗ୍ରାଉଣ୍ଡ-୨ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ କୋରାପୁଟ ୬ ୱିକେଟରେ ଅନୁଗୋଳକୁ ପରାସ୍ତ କରିଛି। ବିଜୟୀ ଦଳର ସନଶ୍ରୟ ସାହା ୩୧ରନ ବ୍ୟୟରେ ୪ଟି ୱିକେଟ ଦଖଲ କରିବା ସହ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କଟକ-ବି ଦଳ ବିଜୟ ଧାରା ଜାରି ରଖିଛି। ଆଜି ସନସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ କଟକ-ବି ଦଳ ୧୫୭ରନରେ ଜଗତସିଂହପୁରକୁ ହରାଇଥିଲା। ବିଜୟୀ ଦଳର ଆୟୁଷ ମନ୍ତ୍ରୀ ୬୧ବଲରୁ ଦ୍ରୁତ ୯୮ରନର ପାଳି ଖେଳିଥିଲେ।

**ଆନ୍ତଃରାଜ୍ୟ ଦୃଷ୍ଟିହୀନ ମହିଳା କ୍ରିକେଟ**

# ଓଡ଼ିଶା-ଆନ୍ଧ୍ର ଫାଇନାଲ

ଭୁବନେଶ୍ୱର, ୧୦।୬ (ସମିସ): ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଏନ୍‌ଟିପିସି ଇଏମ୍ ପାୱାର ଆନ୍ତଃରାଜ୍ୟ ଟି-୨୦ ମହିଳା ଦୃଷ୍ଟିହୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ହେବ। ବିଶାଖାପାଟଣାରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ଟି ବର୍ଷା ଯୋଗୁଁ ବାତିଲ କରିବାକୁ ପଡ଼ିଥିଲା। ଫଳରେ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଦିଲ୍ଲୀ ଓ କେରଳ ବିପକ୍ଷରେ ଉଭୟ ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲେ। ଆସନ୍ତାକାଲି ବିଶାଖାପାଟଣାର ଉକ୍କୁ ଷ୍ଟାଡିୟମ୍‌ରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଓଡ଼ିଶା ସିଏବିଆଇର ସଭାପତି ମହମ୍ମଦ୍ ଜାଫର ଇକବାଲ ଜଣାଇଛନ୍ତି।

# ହଂକଂଠୁ ହାରିଲା ଭାରତ

ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି): ଏଏଫ୍‌ସି ଏସିଆନ କପ୍ ଯୋଗ୍ୟତା ପର୍ଯ୍ୟାୟରେ ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ଭାରତୀୟ ପୁରୁଷ ଫୁଟ୍‌ବଲ ଦଳ ୧-୦ ଗୋଲରେ ଘରୋଇ ହଂକଂ ନିକଟରୁ ପରାସ୍ତ ହୋଇଛି। ଗ୍ରୁପ୍-ସି'ରେ ସ୍ଥାନ ପାଇଥିବା ଭାରତ ପୂର୍ବରୁ ବାଂଲାଦେଶ ବିପକ୍ଷରେ ମ୍ୟାଚ୍ ଡ୍ର ରଖିଥିଲା। ଫଳରେ ୨ଟି ମ୍ୟାଚରୁ ମାତ୍ର ୧ ପଏଣ୍ଟ ପାଇ ଭାରତ ସର୍ବନିମ୍ନ ୪ର୍ଥ ସ୍ଥାନରେ ରହିଛି। ଉଲ୍ଲେଖଯୋଗ୍ୟ, ହଂକଂକୁ ପରାସ୍ତ କଲେ ଭାରତୀୟ ଦଳକୁ ୪୩ ଲକ୍ଷ ଟଙ୍କା ବୋନସ ପୁରସ୍କାର ରାଶି ପ୍ରଦାନ କରିବାକୁ ଭାରତର ସର୍ବୋଚ୍ଚ ଫୁଟ୍‌ବଲ ସଂସ୍ଥା ଏଆଇଏଫ୍‌ଏଫ୍ ଘୋଷଣା କରିଥିଲା।



ଦକ୍ଷିଣ କୋରିଆରେ ଅନୁଷ୍ଠିତ ଏସିଆନ୍ ଆଥଲେଟିକ ଚାମ୍ପିଅନସିପ୍‌ର ରୌପ୍ୟ ପଦକ ଜିତି ଓଡ଼ିଶା ଫେରିବା ପରେ ଭୁବନେଶ୍ୱର ବିମାନ ବନ୍ଦରରେ ମଙ୍ଗଳବାର ଶ୍ରାବଣୀ ନନ୍ଦଙ୍କୁ ସମ୍ବର୍ଦ୍ଧନା।

**ରାଜ୍ୟ ୧୫ ବର୍ଷରୁ କମ୍ ଚେସ୍**


# ବାଳିକାରେ ଜୋତିକା ଏକକ ଅଗ୍ରଣୀ



ଭୁବନେଶ୍ୱର,୧୦।୬ (ସମିସ)

କଟକର ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ଚାଲିଥିବା ରାଜ୍ୟ ୧୫ ବର୍ଷରୁ କମ୍ ଉପକନିଷ୍ଠ ଚେସ୍‌ର ଷଷ୍ଠ ରାଉଣ୍ଡ ଶେଷସୁଦ୍ଧା ବାଳିକା ବିଭାଗରେ ଜୋତିକା ସାହୁ ଏକକ ଅଗ୍ରଣୀ ନେଇ ପ୍ରଥମ ସ୍ଥାନରେ ରହିଛନ୍ତି। ସେ ୬ ରାଉଣ୍ଡରୁ ୬ ପଏଣ୍ଟ ପାଇଛନ୍ତି। ଷଷ୍ଠ ରାଉଣ୍ଡରେ ସେ ସୃଷ୍ଟି ଶ୍ରେୟସୀଙ୍କୁ ପରାସ୍ତ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କ ପଛକୁ ଟପ୍ ସିଡ୍ ଶ୍ରଦ୍ଧା ସ୍ମରଣିକା ନନ୍ଦ, ସୃଷ୍ଟି, ଇ ରାଗିଣୀ, ଅମୃତି ପ୍ରିୟଲକ୍ଷ୍ମୀ ଓ ପ୍ରୀତିଷା ମିଶ୍ର ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

ଓପନ (ବାଳକ ଓ ବାଳିକା) ବିଭାଗରେ ହିମାଂଶୁ ନାୟକ, ବିଶ୍ୱପ୍ରୀତ୍ ରାୟ, ଟପ୍ ସିଡ ଲଳିତରଞ୍ଜନ ସାହୁ, ସାତ୍ତ୍ୱିକ ସ୍ୱାଇଁ ଓ ସାଇଶକ୍ତି ପଣ୍ଡା ୫.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ଏମାନଙ୍କ ପଛକୁ ଉଦୟକାନ୍ତ ନାୟକ, ସାର୍ଥକ ମହାନ୍ତି, ଆଦିତ୍ୟ ଜେନା, ପ୍ରିୟଦର୍ଶନ ରାୟ, ସୌଭିକ୍ ପାଢ଼ୀ, ମନୀଷ ମିଶ୍ର ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଆସନ୍ତାକାଲି ଆଉ ୨ ରାଉଣ୍ଡ ଖେଳ ସହ ଏହି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହେବ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS